ଇତିହାସ ରଚିଲେ ଯଶସ୍ୱୀ ଜୈସ୍‌ୱାଲ ପୃଷ୍ଠା ୬



# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 212 | ଭାଗ ୩୨ | ସଂଖ୍ୟା ୨୧୨ Bhubaneswar | Saturday 26 October 2024 | Page 8 Rs. 4.00 ଭୁବନେଶ୍ୱର | ଶନିବାର ୨୬ ଅକ୍ଟୋବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ଶିବାନୀଙ୍କୁ ସାବାସୀ



ଭୁବନେଶ୍ୱର,୨୫।୧୦ (ସଂଚାର ବ୍ୟୁରୋ): ବାତ୍ୟା ଦାନା ବେଳେ ୭ ବୃଦ୍ଧାଙ୍କୁ ପିଠିରେ ବୁହାଇ ଆଶ୍ରୟସ୍ଥଳୀକୁ ନେଇଥିବା କେନ୍ଦ୍ରାପଡ଼ାର ରାଜନଗର ଅଞ୍ଚଳର ଆଶାଦିଦି ଶିବାନୀ ମଣ୍ଡଳଙ୍କ ସହ କଥା ହୋଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବାତ୍ୟା ସମୟରେ ସେ ଯେଉଁ ମାନବିକତା ଦେଖାଇଛନ୍ତି ସେଥିପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ଧନ୍ୟବାଦ ଦେବା ସହ ପ୍ରଶଂସା ବି କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶୁକ୍ରବାର ଅପରାହ୍ଣରେ ଟେଲିଫୋନ୍ ମାଧ୍ୟମରେ ଶିବାନୀ ଦିଦିଙ୍କ ସହ କଥା ହୋଇଥିଲେ । କଥାବାର୍ତ୍ତାବେଳେ ଜାଣିବାକୁ ପାଇଥିଲେ ଯେ, ଶିବାନୀ ଦିଦି ମୋଟ ୭ଜଣ ବୟସ୍କ ଓ ୨ଜଣ ପ୍ରସୂତିଙ୍କୁ ପିଠିରେ ବୋହି ➪ପୃଷ୍ଠା-୬

# ଟିମ୍‌ୱାର୍କର ଶ୍ରେଷ୍ଠ ପ୍ରଦର୍ଶନ

- ଜିରୋ କାଜୁଆଲ୍‌ଟି ଲକ୍ଷ୍ୟ ହାସଲ
- ସବୁ ଜରୁରୀ ସେବା ପୁନଃକ୍ଷମ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୨୫।୧୦ (ସଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସନ୍ଧ୍ୟାରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ବାତ୍ୟା ପରିସ୍ଥିତି ଓ ପୁନରୁଦ୍ଧାର କାମର ସମୀକ୍ଷା କରିଛନ୍ତି। ସମୀକ୍ଷା ପରେ ଗଣ ମାଧ୍ୟମ ଆଗରେ ନିଜର ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ କହିଲେ ଯେ ମହାପ୍ରଭୁଙ୍କ ଆଶୀର୍ବାଦ ଓ ଜନସାଧାରଣଙ୍କ ସହଯୋଗ ପାଇଁ ଆମେ ବାତ୍ୟା ମୁକାବିଲାରେ ସଫଳ ହୋଇଛୁ। ଆମେ ଆମର ଜିରୋ କାଜୁଆଲଟି ଲକ୍ଷ୍ୟ ହାସଲ କରି ପାରିଛୁ। ସେଥିପାଇଁ ମୁଖ୍ୟମନ୍ତ୍ରୀ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଥିଲେ। ଗଣ ମାଧ୍ୟମ ମଧ୍ୟ ପ୍ରତି ମୁହୂର୍ତ୍ତରେ ଖବର ଦେଇ




ଜନ ସାଧାରଣଙ୍କୁ ସତର୍କ ଓ ସରକାରଙ୍କୁ ପଦକ୍ଷେପ ନେବାକୁ ସହାୟତା କରିଥିବାରୁ ମୁଖ୍ୟମନ୍ତ୍ରୀ ଗଣ ମାଧ୍ୟମକୁ ମଧ୍ୟ ଧନ୍ୟବାଦ୍ ଦେଇଥିଲେ।

କର୍ମଚାରୀ ମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ସେମାନେ କଠିନ ପରିଶ୍ରମ କରି ମୁକାବିଲା କାର୍ଯ୍ୟକୁ ସଫଳ କରିଛନ୍ତି। ଆଉ ୨୪ ରୁ ୪୮ ଘଣ୍ଟା ପରିଶ୍ରମ କଲେ ଆମର ପୁନରୁଦ୍ଧାର କାର୍ଯ୍ୟ ମଧ୍ୟ ସଂପୂର୍ଣ୍ଣ ସଫଳ ହେବ ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଲେ ଯେ ଗତ କାଲି ସନ୍ଧ୍ୟା ସୁଦ୍ଧା ଆମର ଆଶ୍ରୟ ସ୍ଥଳୀଗୁଡ଼ିକୁ ପ୍ରାୟ ୫ ଲକ୍ଷ ଲୋକ ଆସି ସୁରକ୍ଷିତ ଭାବରେ ରହିଥିଲେ । ପୁନରୁଦ୍ଧାର କାର୍ଯ୍ୟ ଉପରେ ସୂଚନା ଦେଇ ସେ କହିଲେ ଯେ, ତଥ୍ୟ ଅନୁଯାୟୀ ସବୁ ପ୍ରମୁଖ ରାସ୍ତା ଗୁଡ଼ିକ ଅବରୋଧ ହଟାଯାଇ ଗମନାଗମନ ଉପଯୋଗୀ କରାଯାଇଅଛି। ବିଦ୍ୟୁତ୍ ସରବରାହ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପ୍ରକ୍ରିୟା ଜାରି ରହିଛି । ସମୁଦାୟ ୨୨.୪୩ ଲକ୍ଷ ଘରେ ବିଜୁଳି ବାଧାପ୍ରାପ୍ତ ହୋଇଥିଲା । ତନ୍ମଧ୍ୟରୁ ୧୪.୮୦ ଲକ୍ଷ ଘରକୁ ଆଜି ସନ୍ଧ୍ୟା ୬ ଟା ସୁଦ୍ଧା ବିଜୁଳି ଯୋଗାଣ କରାଯାଇସାରିଛି। ଏବେ ମଧ୍ୟ ବିଦ୍ୟୁତ୍ ବ୍ୟବସ୍ଥା ପୁନକ୍ଷମ କାର୍ଯ୍ୟ ଚାଲୁରହିଛି । ଯେଉଁ ଅଞ୍ଚଳରେ ବର୍ଷା ଲାଗି ରହିଛି ➪ପୃଷ୍ଠା-୬

## ରାଜନଗରରେ 'ଦାନା' ତାଣ୍ଡବ

### ଗଛ ଭାଙ୍ଗିଲା, ମାଟିରେ ମିଶିଲା ଘର, ଅସୁସ୍ଥ ହୋଇ ୩ ମୃତ
### କେନ୍ଦ୍ରାପଡ଼ାରେ ସର୍ବାଧିକ କ୍ଷତି
### ସାତଭାୟା ଆଶ୍ରୟସ୍ଥଳୀ ଜଳାର୍ଣ୍ଣବ

ରାଜନଗର, ୨୫।୧୦ (ସଂଚାର ବ୍ୟୁରୋ): ଦାନା ଭିତରକନିକା ଜାତୀୟ ଉଦ୍ୟାନର ହବାଲିଖଟି ନିକଟରେ ସ୍ଥଳଭାଗ ଛୁଇଁବା ପରେ ବାତ୍ୟା ରାଜନଗରରେ ତାଣ୍ଡବ ରଚିଛି। ଗତ ରାତି ପ୍ରାୟ ସାଢ଼େ ୧୨ଟାରେ ବାତ୍ୟା ସ୍ଥଳଭାଗ ଛୁଇଁବା ପରେ ଭିତରକନିକା ଜଙ୍ଗଲରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ରାତି ସାଢ଼େ ୧୨ଟା ରୁ ସକାଳ ୬ଟା ଯାଏଁ ୬ ଘଂଟା ଯୋରରେ ପବନ ବହିବା ସହିତ ବର୍ଷା ଲାଗି ରହିଥିଲା। ମଝିରେ ମଝିରେ ପବନର ଝୁଙ୍କ ଗଛ ଉପାଡିଥିଲା। ରାଜନଗର ବ୍ଲକର ୨୯ଟି ପଂଚାୟତରେ କ୍ଷୟକ୍ଷତି ହୋଇଛି। ହଜାର ହଜାର ଗଛ ଉପୁଡି ପଡ଼ିଥିବା ବେଳେ ଶତାଧିକ କଚ୍ଚା ଓ ଆଜବେଷ୍ଟସ ଘର ଭାଙ୍ଗିଯାଇଛି। ଦାନା ତାଣ୍ଡବ ରଚୁଥିବା ବେଳେ ରାଜନଗର ବ୍ଲକରେ ୩ ଜଣଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି।

ସ୍ଥଳଭାଗ ଛୁଇଁବା ପରେ ହଠାତ୍ ପବନର ଗତି ବଢ଼ିବା ସହିତ ପ୍ରବଳ ବର୍ଷା ଏବଂ ସମୁଦ୍ରରୁ ଜୁଆର ଉଠିଥିଲା। ତାଳଚୁଆ ବଜାରରେ ଜୁଆର ପାଣି ପଶି ଗଂଗାମାତା ମନ୍ଦିରକୁ ଘେରି ରହିଛି। ଭିତରକନିକା ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟରେ ହଜାର ହଜାର ସଂଖ୍ୟାରେ ଗଛ ଭାଙ୍ଗି ପଡ଼ିଛି। ରାଜନଗର-ତାଳଚୁଆ, ରାଜନଗର-ଗୁପ୍ତି, ଡାଙ୍ଗମାଳ-ଡାଲଖାଇ, ଟିକାୟତନଗର-ଶୈଳେନ୍ଦ୍ରନଗର, ଡାଲଖାଇ-ରଂଗଣୀ, ଗଦାଧରପୁର ରାସ୍ତା ସମେତ ସବୁ ରାସ୍ତାର ରାସ୍ତାକଡରେ ଥିବା ହଜାର ହଜାର ସଂଖ୍ୟାରେ ଗଛ ଭାଙ୍ଗି ପଡ଼ିଥିଲା। ତାଳଚୁଆ, ବାଘମାରି, କେରୁଆଁପାଳ, ରଂଗଣୀ, ଡାଙ୍ଗମାଳ, ➪ପୃଷ୍ଠା-୬



## 'ଦାନା'କୁ ଦୁର୍ବଳ କଲା ଆଣ୍ଟି ସାଇକ୍ଲୋନିକ୍ ସର୍କୁଲେସନ

ଭୁବନେଶ୍ୱର,୨୫।୧୦ (ସଂଚାର ବ୍ୟୁରୋ): ଦାନା ଭୟାନକ ରୂପ ନେବବୋଲି ପ୍ରାରମ୍ଭିକ ଆକଳନ କରାଯାଇଥିଲା। କିନ୍ତୁ ଏହା ହଠାତ ଦୁର୍ବଳ ହୋଇଗଲା ଓ ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ବିଳମ୍ବ ହେଲା। ଏହାର କାରଣ ଦର୍ଶାଇଛନ୍ତି ପାଣିପାଗ ବିଜ୍ଞାନୀ। ଭୁବନେଶ୍ୱର ମନୋରମା ମହାନ୍ତି କହିଛନ୍ତି, ବାତ୍ୟା ଲ୍ୟାଣ୍ଡଫଲ ପ୍ରକ୍ରିୟା ସାଧାରଣତଃ ୫ରୁ୬ ଘଣ୍ଟା ଲାଗିଥାଏ। ହେଲେ ବାତ୍ୟା 'ଦାନା'ର ଲ୍ୟାଣ୍ଡଫଲ ପ୍ରକ୍ରିୟା ପ୍ରାୟ ସାଢେ ୮ ଘଣ୍ଟା ଚାଲିଥିଲା। ଗତ ରାତି ୧୨ଟାରେ ଭିତରକନିକାର ହବାଲିଖଟି ନେଚରକ୍ୟାମ୍ପ ନିକଟରେ ଏହା ଲ୍ୟାଣ୍ଡଫଲ୍ କରିଥିବା ବେଳେ ସକାଳ ସାଢେ ୮ଟାରେ ସରିଥିଲା ପ୍ରକ୍ରିୟା।

ଶ୍ରୀମତୀ ମହାନ୍ତିଙ୍କ ସୂଚନା ଅନୁଯାୟୀ, ଦୁଇଟି ଆଣ୍ଟି ସାଇକ୍ଲୋନିକ ସର୍କୁଲେସନ ବା ଗୁରୁଚାପ ବାତ୍ୟାକୁ ଶକ୍ତିହୀନ କରିଦେଇଥିଲା। ଫଳରେ ଲ୍ୟାଣ୍ଡଫଲ ବେଳକୁ ଏହା ଦୁର୍ବଳ ଏବଂ ଅସଙ୍ଗଠିତ ଅବସ୍ଥାରେ ସ୍ଥଳଭାଗରେ ପ୍ରବେଶ କରିଦେଇଥିଲା। ୨୩ ତାରିଖ ପର୍ଯ୍ୟନ୍ତ ବାତ୍ୟା କେନ୍ଦ୍ରୀୟ ବଙ୍ଗୋପସାଗରରେ ଅନୁକୂଳ ପରିବେଶରେ ଥିଲା। ଏହା ଉତ୍ତର ପଶ୍ଚିମ ଦିଗକୁ ଗତି କରୁଥିଲା। ଏହା ପରେ ଯେତେବେଳେ ପଶ୍ଚିମ ବଙ୍ଗୋପ ସାଗରକୁ ଆସିଲା ସେତେବେଳେ ବିପରୀତ ଏବଂ ପ୍ରତିକୂଳ ପରିବଶର ସାମ୍ନା ➪ପୃଷ୍ଠା-୬

## ଲୋକଙ୍କ ପାଖରେ ଛିଡ଼ାହେଲେ ନେତା

- ବିପନ୍ନ ଜନତାଙ୍କୁ ବଳଦେଲେ
- ଗ୍ରାଉଣ୍ଡ୍ ଜିରୋରେ ମନ୍ତ୍ରୀ ଓ ବିଧାୟକ

ଭୁବନେଶ୍ୱର,୨୫।୧୦ (ସଂଚାର ବ୍ୟୁରୋ): ବାତ୍ୟା ଦାନା ଆସି କେନ୍ଦ୍ରାପଡାର ଓ ଭଦ୍ରକ ଜିଲ୍ଲାର କେତେକ ଅଞ୍ଚଳରେ ତାଣ୍ଡବ ରଚି ଯାଇଛି । ପବନ ସାଙ୍ଗକୁ ବର୍ଷା ବି ହୋଇଛି । ଘର ଭାଙ୍ଗିଛି, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଛି । ହେଲେ ଲୋକେ ପୂର୍ବରୁ ଯେଭଳି ଭୟଭୀତ ହେଉଥିଲେ ସେଭଳି ହୋଇନାହାନ୍ତି । ସାହସର ସହିତ ବାତ୍ୟାକୁ ସାମ୍ନା କରିଛନ୍ତି । ଏହା ସମ୍ଭବ ହୋଇଛି, କାରଣ ଦୀର୍ଘଦିନ ପରେ ବିପଦ ସମୟରେ ନିଜ ଲୋକ ପ୍ରତିନିଧିଙ୍କୁ ସେମାନେ ପାଖରେ ପାଇଥିଲେ।



ବାତ୍ୟା ଆସିବାର ଖବର ମିଳିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ନିଜେ ବାତ୍ୟା ମୁକାବିଲାର ମଙ୍ଗ ଧରିଥିବାବେଳେ ନିଜର ସହଯୋଗୀ ମନ୍ତ୍ରୀ ଓ ବିଧାୟକମାନଙ୍କୁ ଲୋକଙ୍କ ପାଖରେ ଛିଡା ହେବାକୁ କହିଥିଲେ । ଲୋକଙ୍କୁ ଦମ୍ଭ ଦେବାକୁ କହିଥିଲେ। କେବଳ ମନ୍ତ୍ରୀ ଓ ବିଧାୟକ ନୁହେଁ, ବରିଷ୍ଠ ଆଇଏଏସ୍ ଅଫିସରମାନଙ୍କୁ ବି ବାତ୍ୟାଞ୍ଚଳକୁ ତୁରନ୍ତ ପଠାଇଥିଲେ। ମନ୍ତ୍ରୀ ଓ ➪ପୃଷ୍ଠା-୬

## ଘାୟଲ ଫିଲ୍ମ ଷ୍ଟାଇଲରେ ଜେଲରଙ୍କୁ ମାଡ଼

### ସର୍ବସମ୍ମୁଖରେ ନିର୍ଘାତ ପିଟିଲେ
### ଭିତରେ ବୁଲୁଛି ଖଣ୍ଡା, ଭୁଜାଲି



ଭୁବନେଶ୍ୱର,୨୫।୧୦ (ସଂଚାର ବ୍ୟୁରୋ): ପ୍ରଚେଷ୍ଟା ଚାଲିଥିଲା ଅପରାଧୀଙ୍କୁ ସୁଧାରିବା ପାଇଁ । କାଳକୋଠରି ନୁହେଁ, ବରଂ ସୁଧାରଗୃହରେ ରଖିବା ପାଇଁ । କିନ୍ତୁ ବଡ଼କଥା ହେଉଛି ସୁଧୁରିବା ବଦଳରେ ବାରମ୍ବାର ଉଗ୍ର ରୂପ ନେଉଛି ଏହି ସୁଧାରଗୃହ । ଆମେ କହୁଛୁ ଭୁବନେଶ୍ୱରରେ ଥିବା ଝାରପଡା ସ୍ପେଶାଲ ଜେଲ କଥା। ଏକଦା ଅନ୍ୟ ଜେଲ ପାଇଁ ଆଦର୍ଶ ପାଲଟିଥିବା ଏହି ଜେଲରେ ଅନ୍ତେବାସୀ ବା ବିଚାରାଧୀନ ବନ୍ଦୀ ନୁହେଁ ବରଂ ଖୋଦ ଜେଲର ଓ ସୁପରିଟେଣ୍ଡେଣ୍ଟ ଏବେ ଅସୁରକ୍ଷିତ।

ଶୁକ୍ରବାର ସକାଳ ପ୍ରାୟ ସାଢ଼େ ୯ ଟା ରୁ ୧୦ ଟା । ହଠାତ୍ ବାଜି ଉଠିଥିଲା ଝାରପଡା ଜେଲର ସିକ୍ୟୁରିଟି ଆଲାର୍ମ ବା ସାଇରନ। ଖବର ପାଇ ଜେଲ କର୍ତ୍ତୃପକ୍ଷ ଏକତ୍ରିତ ହୋଇ ପହଂଚିବା ବେଳକୁ ଜେଲର ପ୍ରସନ୍ନ ସାହୁ ଓ ଅନ୍ୟ ୱାର୍ଡର ଙ୍କୁ କିଛି ଅନ୍ତେବାସୀ ମାଡ଼ ମାରି ଲହୁଲୁହାଣ କରିଥିବା ଦେଖିବାକୁ ପାଇଥିଲେ । ତୁରନ୍ତ ଲକ୍ଷ୍ମୀସାଗର ଥାନା ପୋଲିସ ସହାୟତାରେ ମାଡ଼ ମାରୁଥିବା ମୁଖ୍ୟ ଅଭିଯୁକ୍ତ ଅଜୟ ନାୟକ ଓରଫ ନନ୍ଦୁ ,ନାରଣ ମହାନ୍ତି, ତାପ୍ପା ସନ୍ତୋଷ, ଲିଙ୍ଗରାଜ ➪ପୃଷ୍ଠା-୬

## ୭ଦିନରେ କ୍ଷୟକ୍ଷତି ରିପୋର୍ଟ



- ଘର ଭାଙ୍ଗିଥିବା ଲୋକଙ୍କୁ ପକ୍କାଘର
- ପାଗ ଭଲ ରହିଲେ ଶନିବାର ଏରିଏଲ୍ ସର୍ଭେ
- ଭଦ୍ରକ, କେନ୍ଦ୍ରାପଡା ଅଧିକ ଓ ଜଗତ୍ସିଂହପୁର ଆଂଶିକ କ୍ଷତିଗ୍ରସ୍ତ

ଭୁବନେଶ୍ୱର,୨୫।୧୦ (ସଂଚାର ବ୍ୟୁରୋ): ବାତ୍ୟା ମୁକାବିଲା ଓ ବିପନ୍ନଙ୍କୁ ସହାୟତା କରିବା ଦାୟିତ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଭାବେ ମୋ' ଉପରେ ନ୍ୟସ୍ତ। ଏହା ଏକ ନିଆରା ଅନୁଭୂତି। ସମସ୍ତ ଙ୍କ ସହ ବୈଠକ କରିଛି। ଚାପମୁକ୍ତ ହୋଇଛି। ଓଡ଼ିଶାବାସୀଙ୍କ ବିଜୟ ହେଲା। ବିରୋଧୀ ଦଳ ଭାବରେ ଓଡ଼ିଶା ପୋଲିସର ଚେହେରା ଦେଖିଥିଲି, ଏବେ ପୋଲିସର ସମ୍ବେଦନଶୀଳ ମଣିଷପ୍ରେମୀ ଚେହେରା ଦେଖିଲି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଦାନା ଦୁର୍ବଳ ହେବାରେ ଲାଗିଛି। ବିପନ୍ନ ଅଞ୍ଚଳରେ ରାସ୍ତା ଘାଟ ୪ ଘଣ୍ଟା ଭିତରେ ସଫା ସରିଲା। ଟେଲିକମ ସେବା ଉପରେ କୌଣସି ଅଭିଯୋଗ ଆସିନାହିଁ। କିଛି ଜାଗାରେ ତାର ଛିଣ୍ଡିଯିବା ଯୋଗ୍ୟ ବିଦ୍ୟୁତ୍ ବ୍ୟାହତ ହେଇଛି।ଖୁବ୍ ଶୀଘ୍ର ବିଦ୍ୟୁତ ସଂଯୋଗ ହେବ। ➪ପୃଷ୍ଠା-୬

## ତରଳିଲା ନାହିଁ ସନ୍ୟାସୀଙ୍କ ହୃଦୟ...



ରାଜ୍ୟର କିଛି ଲୋକ ଏବେ ବି ସନ୍ୟାସୀଙ୍କୁ ଝୁରୁଥିବାବେଳେ ବାତ୍ୟା ସମୟରେ କିନ୍ତୁ ତାଙ୍କ ହୃଦୟ ତରିଳିଲା ନାହିଁ । ଏପରିକି ଯେଉଁମାନେ ତାଙ୍କ ମିଠା କଥା ଶୁଣି ବିଜେଡିକୁ ୨ଲକ୍ଷ ଅଧିକ ଭୋଟ ବାଢ଼େଇଥିଲେ ସେମାନଙ୍କୁ ବାତ୍ୟା ସମୟରେ ଆହା ପଦେ କହିଲେ ନାହିଁ । ବାତ୍ୟା ଓଡ଼ିଶା ମୁହାଁ ହୋଇ ଡରାଇବା ଆରମ୍ଭ ମାତ୍ରେ ବିରୋଧିଦଳ ନେତା ନବୀନ ପଟ୍ଟନାୟକ ତାଙ୍କର ଆଶ୍ୱାସନାର ଭିଡିଓ ଜାରି କରିଥିଲେ । ପରେ ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ଠାରୁ ଆରମ୍ଭ କରି ଅନ୍ୟ ବହୁ ନେତା ଲୋକଙ୍କୁ ସାହସ ଦେଇଥିଲେ । ହେଲେ ସନ୍ୟାସୀଙ୍କ ଭକ୍ତମାନେ ଅନେଇଥିଲେ କିଛି ନହେଲେ ବି ସନ୍ୟାସୀ ସୋସିଆଲ ମିଡିଆରେ ବାର୍ତ୍ତାଟିଏ ଛାଡିବେ । ତାଙ୍କ ବାର୍ତ୍ତା ପଢି ଅନେକ ସାହସ ପାଇବେ । ହେଲେ ବାତ୍ୟା ପଳେଇଲା ପରେ ସନ୍ୟାସୀଙ୍କ ଠାରୁ କିନ୍ତୁ ସାହସ ଟିକିଏ ପାଇଲେ ନାହିଁ। ଏଥିରେ ମନମରା ହୋଇ କିଛି ଭକ୍ତ କହୁଛନ୍ତି ଯେ ସନ୍ୟାସୀ କ'ଣ ସତରେ ନିବାସରେ ଧ୍ୟାନମଗ୍ନ ହୋଇଛନ୍ତି ନା ଆଉ କିଛି କାମରେ ବ୍ୟସ୍ତ ଅଛନ୍ତି? ଯଦି ଧ୍ୟାନରେ ରହିଛନ୍ତି ତେବେ କ'ଣ ସବୁକିଛି ସରିଗଲା ପରେ ଆଖି ଖୋଲିବେ? ଏଭଳି ପ୍ରଶ୍ନର ଉତ୍ତର କେବଳ ସନ୍ୟାସୀଙ୍କ ପାଖରେ ଥିବାରୁ ଅନ୍ୟମାନେ ଚୁପ୍ ହୋଇ ରହୁଛନ୍ତି।

## ଟ୍ରେଣ୍ଡିଂ ନ୍ୟୁଜ୍

- ବଲିଉଡ୍ ଅଭିନେତା ସୁଶାନ୍ତ ସିଂହ ରାଜପୁତ ମୃତ୍ୟୁ ମାମଲାରେ ରିୟା ଚକ୍ରବର୍ତ୍ତୀଙ୍କ ବିରୋଧରେ ସିବିଆଇର ଲୁକ୍‌ଆଉଟ୍ ସର୍କୁଲାରକୁ ରଦ୍ଦ କଲେ ସୁପ୍ରିମକୋର୍ଟ।
- ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ମୋଷ୍ଟ୍-ୱାଣ୍ଟେଡ୍ ତାଲିକାରେ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇର ଭାଇ ଅନମୋଲ ବିଷ୍ଣୋଇ। ଅନମୋଲକୁ ଧରାଇ ଦେଲେ ୧୦ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଛି ତଦନ୍ତକାରୀ ସଂସ୍ଥା।
- ଅଜିତ ପାୱାରଙ୍କ ଟିମରେ ସାମିଲ ହୋଇଛନ୍ତି ଦିବଂଗତ ଏନସିପି ନେତା ବାବା ସିଦ୍ଦିକିଙ୍କ ପୁଅ ଜିଶାନ ସିଦ୍ଦିକି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ମଧ୍ୟରେ କଂଗ୍ରେସ ଛାଡ଼ିଛନ୍ତି।
- ଲଦାଖର ଡିପସାଙ୍ଗ ଓ ଡେମଚୋକ ଅଞ୍ଚଳରେ ଲାଗି ରହିଥିବା ବିବାଦର ଅନ୍ତ ଘଟିବାକୁ ଯାଉଛି। ଏହି ଦୁଇ ସୀମାନ୍ତ ଅଞ୍ଚଳରୁ ଭାରତ ଓ ଚୀନ ସେନା ପ୍ରତ୍ୟାହାର ଆରମ୍ଭ କରିଛନ୍ତି। ମଙ୍ଗଳବାର ସୁଦ୍ଧା ଏହା ଶେଷ ହେବ।
- ଜମ୍ମୁ-କାଶ୍ମୀରରେ ଓମର ଅବଦୁଲ୍ଲାଙ୍କ ନେତୃତ୍ୱରେ ନୂଆ ସରକାର ଗଠନ ହେବା ପରେ ଗତ ଦୁଇ ସପ୍ତାହ ମଧ୍ୟରେ ଆତଙ୍କବାଦୀ ଆକ୍ରମଣରେ ୧୯ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା।

## ଝାଡ଼ଖଣ୍ଡରେ ମୋହନ ହେବେ ଗେମ୍ ଚେଞ୍ଜର

ଭୁବନେଶ୍ୱର, ୨୫।୧୦ (ସଂଚାର ବ୍ୟୁରୋ): ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ଅନ୍ୟତମ ଆକର୍ଷଣ ସାଜିବେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୋହନଙ୍କୁ ନେଇ ମାଷ୍ଟରଷ୍ଟ୍ରୋକ ଖେଳିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଅମିତ ଶାହ। ଝାଡ଼ଖଣ୍ଡ ନିର୍ବାଚନ ପାଇଁ ପ୍ରକାଶ ପାଇଥିବା ଷ୍ଟାର ପ୍ରଚାରକ ତାଲିକାରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ସାମିଲ କରାଯାଇଛି। ୮୧ ଆସନ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ମୋହନ ମାଝୀଙ୍କୁ କାହିଁକି ଷ୍ଟାର ପ୍ରଚାରକ ତାଲିକାରେ ଯୋଡା ଯାଇଛି ତାକୁ ନେଇ ରାଜନୈକ ସମୀକ୍ଷକମାନେ ଆକଳନ କରୁଥିବା ବେଳେ ମୋଦି କିନ୍ତୁ ବିଜେପିର ବିଜୟ ସମ୍ଭାବନାକୁ ସୁନିଶ୍ଚିତ କରିବାକୁ ନିଜ ଟିମରେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କୁ ସାମିଲ କରିଛନ୍ତି।



୮୧ ଆସନ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭାରେ ଅନୁସୂଚିତ ଜାନଜାତୀଙ୍କ ପାଇଁ ୨୮ ଓ ଅନୁସୂଚିତ ଜାତି ପାଇଁ ୧୦ଟି ଆସନ ସଂରକ୍ଷିତ। ଏଥିସହିତ ଝାଡ଼ଖଣ୍ଡର ୧୦ଟି ବିଧାନସଭା ଆସନ ଓଡ଼ିଶା ସୀମାବର୍ତ୍ତୀ। ଏହିସବୁ ଆସନଗୁଡିକ ମୁଖ୍ୟତଃ ସୁନ୍ଦରଗଡ, କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାର ସୀମାକୁ ଛୁଇଁଛି । ଏଥିସହିତ ଏହିସବୁ ଜିଲ୍ଲାର ଲୋକେ ନିଜର ଦୈନନ୍ଦିନ ବ୍ୟବସାୟୀକ କାରବାର ପାଇଁ ଝାଡ଼ଖଣ୍ଡ ସହ ସମ୍ପର୍କରେ ରୁହନ୍ତି। ସବୁଠୁ ବଡକଥା ହେଉଛି ଝାଡ଼ଖଣ୍ଡ ସୀମାବର୍ତ୍ତୀ ଜିଲ୍ଲାଗୁଡିକରେ ଗତ ସାଧାରଣ ନିର୍ବାଚନରେ ବିଜେପି ଅଧିକ ପ୍ରଭାବଶାଳୀ ହୋଇଛି। ଏପଟେ ମୋହନ ମାଝୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବା ପରେ ସେ ସାରା ଦେଶ ପାଇଁ ଏକ ରୋଲ ମଡେଲ ହୋଇଛନ୍ତି। ଓଡ଼ିଶାରୁ ଜଣେ ଆଦିବାସୀ ଯୁବକ ମୁଖ୍ୟମନ୍ତ୍ରୀ ହେବା ରାଜ୍ୟର ରାଜନୈତିକ ଇତିହାସରେ ଏକ ବଡ କଥା। କାରଣ ହେମାନନ୍ଦ ବିଶ୍ୱାଳ ଓ ଗିରିଧାରୀ ଗମାଙ୍ଗ ପରେ ଆଉ କୌଣସି ଆଦିବାସୀନେତା ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇନାହାଁନ୍ତି। ଆଦିବାସୀ ଭୋଟରଙ୍କୁ ପ୍ରଭାବିତ କରିବାରେ ଏହି ସ୍ଲୋଗାନ ବେଶ କାମ ଦେବ।

ଗତ ନିର୍ବାଚନରେ ଝାଡ଼ଖଣ୍ଡରେ ବିଜେପି ଏକାକି ୨୫ଟି ଆସନରୁ ଜିତିଥିଲା। ଏନଡିଏ ମେଣ୍ଟର ଅନ୍ୟ ଅଂଶିଦାର ଝାଡ଼ଖଣ୍ଡ ବିକାଶ ମୋର୍ଚ୍ଚାକୁ ୩ ଓ ଝାଡ଼ଖଣ୍ଡ ଷ୍ଟୁଡେଣ୍ଟସ ୟୁନିୟନକୁ ଦୁଇଟି ଆସନ ମିଳିଥିଲା। ସେପଟେ ୟୁପିଏ ମେଣ୍ଟରେ ଜେଏମଏମକୁ ୩୦, କଂଗ୍ରେସକୁ ୧୬ ଏବଂ ରାଷ୍ଟ୍ରୀୟ ଜନତା ଦଳକୁ ଗୋଟିଏ ଆସନ ମିଳିଥିଲା। ୟୁପିଏ ମେଣ୍ଟ ସରକାର ଗଠନ କରିଥିଲେ ମଧ୍ୟ ସାମଗ୍ରୀକ ଭାବେ ବିଜେପିକୁ ଗତ ନିର୍ବାଚନରେ ସର୍ବାଧିକ ୩୩.୩୭ ପ୍ରତିଶତ, ଜେଏମଏମକୁ ୧୮.୭୨ ପ୍ରତିଶତ ଓ କଂଗ୍ରେସକୁ ୧୩.୮୮ ପ୍ରତିଶତ ଭୋଟ ମିଳିଥିଲା।

ଏମିତି କିଛି ରାଜନୈତିକ ବିଶ୍ଳେଷଣରୁ ଆକଳନ କରାଯାଉଛି ଯେ ଝାଡ଼ଖଣ୍ଡର ୨୬ ପ୍ରତିଶତରୁ ଅଧିକ ଆଦିବାସୀ ଭୋଟର ସରକାର ଗଠନରେ ଏକ ନିର୍ଣ୍ଣାୟକ ଭୂମୀକା ନେବେ। ଯେଉଁଥିପାଇଁ ମୋଦୀ ଓ ଶାହ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କୁ ଝାଡ଼ଖଣ୍ଡର ଷ୍ଟାର ପ୍ରଚାରକ କରିଛନ୍ତି। ଓଡ଼ିଶାରେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ରାଜ୍ୟ ବିକାଶରେ କିଭଳି ରୋଲ ମଡେଲ ସାଜିଛନ୍ତି ତାହା ଝାଡ଼ଖଣ୍ଡର ଭୋଟଙ୍କୁ ଆକୃଷ୍ଟ କରିପାରିବ। ଏଥିସହିତ ଓଡ଼ିଶା ସୀମାବର୍ତ୍ତୀ ଆସନଗୁଡ଼ିକରେ ➪ପୃଷ୍ଠା-୬

## ୨୬, ୨୭ ଅଫିସ ଖୋଲା

ଭୁବନେଶ୍ୱର,୨୫।୧୦ (ସଂଚାର ବ୍ୟୁରୋ): ବାତ୍ୟା 'ଦାନା' ପ୍ରଭାବରେ କ୍ଷତିଗ୍ରସ୍ତ ଅଂଚଳରେ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଶନିବାର ଓ ରବିବାର ଦୁଇଦିନ ସରକାରୀ ଛୁଟି ବାତିଲ କରିଛନ୍ତି। ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂ ଶୁକ୍ରବାର ସମସ୍ତ ବିଭାଗକୁ ଚିଠି ଲେଖି 'ଦାନା' ପରବର୍ତ୍ତୀ ବିପର୍ଯ୍ୟୟ ପରିଚାଳନା ଓ ଅନ୍ୟାନ୍ୟ ଗତିବିଧି ପ୍ରାଥମିକତା ଭିତ୍ତିରେ ସମ୍ପାଦନ କରାଯିବାର ଆବଶ୍ୟକତା ଥିବାରୁ ରାଜ୍ୟ ସରକାର ସମସ୍ତ ବିଭାଗୀୟ ଅଫିସ୍ ଖୋଲା ରଖିବାକୁ ଘୋଷଣା କରିଛନ୍ତି । ରାଜ୍ୟ ସରକାରଙ୍କ ଅଫିସ୍ ଅକ୍ଟୋବର ୨୬ ଶନିବାର ଓ ୨୭ ରବିବାର ଦୁଇଦିନ ଖୋଲା ରହିବ । ପ୍ରଶାସନିକ ବିଭାଗଗୁଡ଼ିକ ଏଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସେ କହିଛନ୍ତି। ଏସଆରସିଙ୍କ ନିର୍ଦ୍ଦେଶ ପରେ ବିଭିନ୍ନ ବିଭାଗ ମଧ୍ୟ ନିଜର ରାଜ୍ୟସ୍ତରଠୁ ଆରମ୍ଭ କରି ବାତ୍ୟା ପ୍ରଭାବିତ ଜିଲ୍ଲାସ୍ତର ପର୍ଯ୍ୟନ୍ତ ଅଫିସଗୁଡ଼ିକ ଏହି ଦୁଇଦିନ ଖୋଲା ରହିବ ବୋଲି ନିର୍ଦ୍ଦେଶନାମା ଜାରି କରିଛନ୍ତି। ପ୍ରଭାବିତ ଜିଲ୍ଲାରେ ଥିବା ବିଭାଗୀୟ କର୍ମଚାରୀ ଓ ଅଫିସରମାନେ ହେଡକ୍ୱାର୍ଟର ନ ଛାଡ଼ିବାକୁ ତାଗିଦ କରାଯାଇଛି।

## ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ସୂର୍ଯ୍ୟକାନ୍ତ କୃତକାର୍ଯ୍ୟ



**ଜଗତସିଂହପୁର, ୨୫।୧୦ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ଚକ୍ରଧରପୁର ଗ୍ରାମରେ ସୂର୍ଯ୍ୟକାନ୍ତ ଦଳେଇ ୨୪ବର୍ଷ ବୟସରେ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ନିଜର ପ୍ରଥମ ପ୍ରୟାସରେ ୪୫୮ ରାଙ୍କ ସହ କୃତକାର୍ଯ୍ୟ ହୋଇଛନ୍ତି। ତାଙ୍କ ବାପା ରମେଶ ଚନ୍ଦ୍ର ଦଳେଇ ପାରାଦ୍ୱୀପର ବିଜୁ ମେମୋରିଆଲ ହସ୍ପିଟାଲରେ କାର୍ଯ୍ୟ କରୁଥିବା ବେଳେ ମା ସଂଯୁକ୍ତା ଦଳେଇ ଗୃହିଣୀ ଅଟନ୍ତି। ସ୍ଥାନୀୟ ଚକ୍ରଧରପୁର ହାଇସ୍କୁଲରୁ ପ୍ରଥମ ଶ୍ରେଣୀରେ ମାଟ୍ରିକ ପାସ କଲା ପରେ ରେଭେନ୍ସା ଜୁନିଅର କଲେଜରୁ ବିଜ୍ଞାନରେ ଯୁକ୍ତ ଦୁଇ ଓ ବାଙ୍କି ମହାବିଦ୍ୟାଳୟ ରୁ ବିଜ୍ଞାନ ରେ ଯୁକ୍ତ ତିନି ପାସ୍ କଲାପରେ ବନାରସ୍ ହିନ୍ଦୁ ୟୁନିଭର୍ସିଟିରୁ ଜିଓଲୋଜିରେ ଏମ୍. ଏସ୍. ସି କରିଛନ୍ତି।

ଏଠାରେ ସୁଚନା ଯୋଗ୍ୟ ସୂର୍ଯ୍ୟକାନ୍ତ ବିନା କୋଚିଙ୍ଗରେ ପ୍ରଥମ ପ୍ରୟାସରେ ଏହି ସଫଳତା ହାସଲ କରିଥିବା ବେଳେ ବର୍ତମାନ ସେ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ପରିବାର ସହ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳୁଛି।

# 'ଦାନା' ଉଜାଡ଼ିଦେଲା ଚାଷୀର ଦାନା

### କେନ୍ଦ୍ରାପଡ଼ା ଜିଲ୍ଲାର ଅଧିକାଂଶ ଧାନ ଫସଲ ନଷ୍ଟ
### ଆଉ ଦିନ କେଇଟା ପରେ ଅମଳ କରିଥାନ୍ତା ଚାଷୀ

**କେନ୍ଦ୍ରାପଡ଼ା, ୨୫।୧୦ (ସଂଚାର ବ୍ୟୁରୋ):** ମାସ ମାସ ଧରି ଜମିରେ ଧାନ ଚାଷ କରିଥିବା ଚାଷୀ ଆଜି ନିଜ ଜମିର ଧାନ କ୍ଷେତ ଦେଖିବା ପରେ ମୁଣ୍ଡରେ ହାତ ଦେଇ ବସିଛି । ବିଲରେ ପରିଶ୍ରମ ସହିତ ପାଣି କାଦୁଅ ହୋଇ ଭଲ ଅମଳ ଆଶା ରଖିଥିବା ଚାଷୀ ଆସିଥିବା ବାତ୍ୟା 'ଦାନା' ପାଇଁ ସବୁ ଆଶା ନିରାଶାରେ ପରିଣତ ହୋଇଛି । ଆଉ ମାତ୍ର କିଛିଟା ଦିନ ପରେ ଅମଳ କରି ଚାଷୀ ତାର ପରିବାର ପ୍ରତିପୋଷଣ କରିଥାନ୍ତା ହେଲେ ଆସିଥିବା ବାତ୍ୟା ଧାନ ଫସଲକୁ ନଷ୍ଟ କରିଦେଇଛି । କେନ୍ଦ୍ରାପଡ଼ା ଜିଲ୍ଲାର ହଜାର ହଜାର ହେକ୍ଟର ଜମିରେ ଧାନ ବର୍ଷା ପବନ ଯୋଗୁଁ କ୍ଷତି ହୋଇଥିବା ଦେଖିବାକୁ ମିଳିଛି। 'ଦାନା'ର ପ୍ରଭାବ କିଛିକା ଅଂଶରେ ପ୍ରଭାବ କମ୍ ହେବାପରେ ଓଡ଼ିଶା ଉପରୁ ବଡ଼ ବାତ୍ୟା ଭୟ ସିନା ଟଳିଗଲା, ହେଲେ ଏହା ପ୍ରଭାବରେ ଉପକୂଳ ଜିଲ୍ଲାଗୁଡ଼ିକରେ ଯେଉଁ ବର୍ଷା ସହ ପବନ ହୋଇଛି ତାହା ଚାଷୀର ବର୍ଷକର ଫସଲକୁ ଉଜାଡ଼ି ଦେଲା।

କେନ୍ଦ୍ରାପଡ଼ା ଜିଲ୍ଲାର ହଜାର ହଜାର ହେକ୍ଟର ଚାଷଜମି ଧାନ ପବନ ମାଡ଼ରେ ତଳେ ପଡ଼ିବା ସହିତ ଅଧିକାଂଶ ସ୍ଥାନରେ ପାଣି ଜମି ଧାନ ବୁଡ଼ି ନଷ୍ଟ ହେବାକୁ ବସିଛି । ସ୍ଥିତି ଏପରି ହୋଇଛି, ଅଧିକାଂଶ ଧାନ ଏବେ ଫୁଲ ଉଡ଼ାଉଥିବା ସମୟ ହୋଇଥିବା ବେଳେ ବାତ୍ୟା ମାଡ଼ ଯୋଗୁଁ ଧାନ ଶସ୍ୟ ଧରିବା ସମ୍ଭାବନା ଖୁବ୍ କମ୍ ବୋଲି ଜିଲ୍ଲାର ଅନେକ ଚାଷୀ ମତପ୍ରକାଶ କରିଛନ୍ତି । ଅନ୍ୟପଟରେ ଯେଉଁ କିଛି ଧାନ ଆଗୁଆ ଅମଳ ହେବାକୁ ଯାଉଥିଲା ତାହା ଦର ପାଚିଲା ସମୟରେ ପବନ ମାଡ଼ ଯୋଗୁଁ ତଳେ ପଡିଛି, ପାଣି ଛାଡ଼ିବା ବେଳକୁ ଧାନ ଗଛ ପଚିସଢ଼ି ନଷ୍ଟ ହୋଇଯାଇଥିବା ନେଇ ଚିନ୍ତା ପ୍ରକଟ କରିଛନ୍ତି।



ଏହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ବିଶେଷ କରି କେନ୍ଦ୍ରାପଡ଼ା ଚାଷୀକୁଳ।

ଧାନ ବିଲର ବିକଳ ଚିତ୍ର ଅସହ୍ୟ। ଚାଷୀଙ୍କ ବର୍ଷକର ପରିଶ୍ରମ ଉପରେ ଦାଉ ସାଧିଛି ବର୍ଷା ଓ ପବନ। ଜିଲ୍ଲାର କିଛି ବ୍ଲକରେ ପୂର୍ବରୁ ବର୍ଷା ଜଳ ନିଷ୍କାସନ ସମସ୍ୟା ଯୋଗୁଁ ଧାନ ପାଣିରେ ବୁଡ଼ି ରହିଥିଲା । ଏହାର କିଛିଦିନ ପରେ ଚାଷୀ ତାର ଧାନ କ୍ଷେତକୁ ହଜାର ହଜାର ଟଙ୍କା ବିନିଯୋଗ କରି ସଜାଡିବାକୁ ବହୁ ଚେଷ୍ଟା କରିଥିବା ସମୟରେ ବାତ୍ୟା 'ଦାନା' ବୋଝ ଉପରେ ନଳିତା ବିଡା ସାଜିଛି। ଅକ୍ଟୋବର ମାସରେ ଆସିଥିବା ବାତ୍ୟା ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି। ଯେଉଁ ଫସଲ ଦେଖି ଦିନେ ଚାଷୀ ଖୁସି ହେଉଥିଲା। ଆଜି ସେହି ଫସଲକୁ ବାତ୍ୟା ଉଜାଡ଼ି ଦେଇଛି । ପରିବାର ପ୍ରତିପୋଷଣକୁ ନେଇ ଚିନ୍ତାରେ ପଡ଼ିଛି ଚାଷୀ।

କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ବ୍ଲକରେ ସର୍ବାଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏହା ସହ ରାଜନଗର ଅଞ୍ଚଳରେ ବାତ୍ୟା ଲ୍ୟାଣ୍ଡଫଲ କରି ଅଧିକ କ୍ଷୟକ୍ଷତି ହୋଇଥିବାରୁ ଏହି ଅଞ୍ଚଳକୁ ଗ୍ରସ୍ତ କରି ଆଜି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସ୍ଥିତି ଅନୁଧ୍ୟାନ କରିବାକୁ ଯାଇ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ହେଲେ କେବଳ ଯେ ରାଜନଗର ଅଞ୍ଚଳ ବିଶେଷ ଭାବେ କ୍ଷତି ହୋଇଛି ତାହା ନୁହେଁ ବରଂ ଜିଲ୍ଲାର ଥିବା ୯ ଟି ବ୍ଲକର ୬୦% ରୁ ଉର୍ଦ୍ଧ ଧାନ ଫସଲ ଉପରେ ବାତ୍ୟାର ପ୍ରଭାବ ପଡ଼ିଥିବା ଦେଖା ଦେଇଛି । ଯାହାକୁ ନେଇ ଚାଷର କ୍ଷୟକ୍ଷତି ସମୀକ୍ଷା କରି କ୍ଷତିପୂରଣ ଦେବାକୁ ଚାଷୀଙ୍କ ମହଲରେ ଦାବି ହୋଇଛି।

## ବାତ୍ୟାରେ ଜନ୍ମନେଲେ ଦାନାମଣି

**ରାଜନଗର, ୨୫।୧୦ (ସଂଚାର ବ୍ୟୁରୋ):** ବାତ୍ୟା 'ଦାନା'ର ପ୍ରଭାବ ପୂର୍ବରୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ବ୍ଲକର ବିଭିନ୍ନ ସ୍ଥାନରୁ ୩୨ଜଣ ଗର୍ଭବତୀ ମହିଳାଙ୍କୁ ଅଣାଯାଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ରଖାଯାଇ ଚିକିତ୍ସା କରାଯାଉଥିଲା। ତେବେ ଗତକାଲି ବାତ୍ୟା ଦାନା ଯେତେବେଳେ ତାଣ୍ଡବ ରଚୁଥିଲା, ଠିକ୍ ସେହି ସମୟରେ ପଟ୍ଟାମୁଣ୍ଡାଇ ବ୍ଲକ କଣ୍ଟାବଣ ଭୂଇଁପଡ଼ା ଗ୍ରାମର ମୁନା ମଲିକଙ୍କ ପତ୍ନୀ ବବି ମଲିକ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜନ୍ମ ଦେଇଥିଲେ ଏକ ଶିଶୁକନ୍ୟା। ଏହି ଶିଶୁକନ୍ୟାର ନାମ ରାଜନଗର ଗୋଷ୍ଠୀ କେନ୍ଦ୍ର ପକ୍ଷରୁ 'ଦାନାମଣି' ରଖାଯାଇଛି। ନବଜାତ ଶିଶୁଟି ସୁସ୍ଥ ରହିଛି।



## ଗଛକାଟି ସଫାକଲେ ବିଧାୟକ

**ରାଜନଗର, ୨୫।୧୦ (ସଂଚାର ବ୍ୟୁରୋ):** ବାତ୍ୟା ଦାନା ରାଜନଗର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି କରିଛି। ବାତ୍ୟାର ତାଣ୍ଡବରେ ହଜାର ହଜାର ସଂଖ୍ୟାରେ ଗଛ ଭାଙ୍ଗିଛି। ଆଜି ସକାଳୁ ବିଧାୟକ ଧ୍ରୁବ ସାହୁ ବାତ୍ୟା ଅଞ୍ଚଳ ପରିଦର୍ଶନ କରିବା ବେଳେ ରାସ୍ତାରେ ପଡ଼ିଥିବା ଗଛକୁ ନିଜେ କାଟୁଥିବା ଦେଖିବାକୁ ମିଳିଥିଲା। ହ୍ୟାପପାଂଟ ଓ ରେନକୋର୍ଟ ପିନ୍ଧି କୁରାଢ଼ୀ ଧରି ରାସ୍ତାରେ ପଡ଼ିଥିବା ଗଛକୁ ହାଣି ରାସ୍ତା ସଫା କରିଥିଲେ। ବିଧାୟକ ନିଜେ ରାସ୍ତାରୁ ଗଛ ସଫା କରୁଥିବା ନେଇ ତାଙ୍କ ସହିତ ଥିବା ତାଙ୍କ ସମର୍ଥକମାନେ ରାସ୍ତାରୁ ଗଛ ସଫା କରିଥିଲେ।



## ସିଦ୍ଧ ବଳଦେବଜୀଉଙ୍କୁ ଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ

**କେନ୍ଦ୍ରାପଡ଼ା, ୨୫।୧୦ (ସଂଚାର ବ୍ୟୁରୋ):** ଆଜି ଉପମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନସିଂଦେଓ ତୁଳସୀକ୍ଷେତ୍ର ପ୍ରଭୁ ସିଦ୍ଧ ବଳଦେବଜୀଉ ମନ୍ଦିର ଯାଇଁ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି । ଶ୍ରୀ ସିଂଦେଓ ଙ୍କୁ ମନ୍ଦିର ପ୍ରଶାସନ ସେବାୟତ ତରଫରୁ ପ୍ରଭୁଙ୍କ ଅଙ୍ଗ ବସ୍ତ୍ରଦେଇ ଆଶୀର୍ବାଦ ପ୍ରଦାନ କରି ଥିଲେ । ଏହା ପରେ ଉପ ମୁଖ୍ୟମନ୍ତ୍ରୀ ଆଳତି ଦର୍ଶନ ସାରି ମହାଲକ୍ଷ୍ମୀ ମନ୍ଦିର ନବଗ୍ରହ ମନ୍ଦିର କନକ ଦୁର୍ଗା ଦେବୀଙ୍କ ପୂଜା ଅର୍ଚ୍ଚନା କରି ଥିଲେ । ସାଙ୍ଗରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଜିଲାସଭପତି କିଶୋର ପଣ୍ଡା ସମ୍ପାଦକ ଅମିତାଭ ସୁଆର ରାଜେନ୍ଦ୍ର ପ୍ରସାଦ ପତି ଲକ୍ଷ୍ମୀଧର ସାହୁ ଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ । ବରିଷ୍ଠ ପୂଜାପଣ୍ଡା ସେବାୟତ ନୃସିଂହ ପ୍ରସାଦ ପତ୍ରୀ ଜ୍ୟୋତି ରଞ୍ଜନ ପତ୍ରୀ ଭଗବାନ ସୁଆର ମନ୍ଦିର ସୁପରଭାଇଜର ଟୁକୁ ନନା ମନ୍ଦିର ବିକାଶ ସମସ୍ୟା ଉପରେ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ ।

# ବାତ୍ୟା କ୍ଷୟକ୍ଷତିର ପ୍ରାଥମିକ ଆକଳନ

**କେନ୍ଦ୍ରାପଡା, ୨୫।୧୦ (ସଂଚାର ବ୍ୟୁରୋ):** ବାତ୍ୟା "ଦାନା" ଜିଲ୍ଲାର ୯ଟି ବ୍ଲକ ଅନ୍ତର୍ଗତ ୨୪୯ଟି ଗ୍ରାମ ପଞ୍ଚାୟତର ୧୫୯୩ଟି ଗ୍ରାମ ପ୍ରଭାବିତ ହୋଇଥିବା ବେଳେ ୨ଟି ପୌରାଞ୍ଚଳର ୪୪ଗୋଟି ୱାର୍ଡ ବାତ୍ୟାରେ ପ୍ରଭାବିତ ହୋଇଛି। ଏଥିରେ ୧୫,୮୪,୩୯୭ ଲୋକ ପ୍ରଭାବିତ ହୋଇଥିବା ବେଳେ ୧,୨୧,୧୧୬ ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ବାତ୍ୟା ଆଶ୍ରୟସ୍ଥଳୀରେ ରଖାଯାଇଛି। ମୋଟ ୬୪୬ ଆଶ୍ରୟସ୍ଥଳୀରେ ରଖାଯାଇ ସେମାନଙ୍କୁ ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି । ଏହି ବାତ୍ୟା ଯୋଗୁଁ ୭୭,୧୬୬ ଗୃହପାଳିତ ପଶୁ ପ୍ରଭାବିତ ହୋଇଥିବା ବେଳେ ୭ଟି ଗୃହପାଳିତ ପଶୁଙ୍କ ମୃତ୍ୟୁ ଘଟିଛି । ଏହି ବାତ୍ୟା ଯୋଗୁଁ ୮୩୨ଗ୍ରାମର ୨୮୪୨୬.୭୦ ହେକ୍ଟର ଜମି ଜଳମଗ୍ନ ହୋଇଛି । ଏହାର ପ୍ରଭାବରେ ୫ଟି କଚ୍ଚା ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ୪୫୯ କଚ୍ଚା ଘର, ଗୋଟିଏ ପକ୍କା ଘର, ୩ଟି କୁଡିଆଘର, ୨୬୨ ଗୋଟି ଗୁହାଳ ଘର ଆଂଶିକ କ୍ଷତି ହୋଇଥିବା ଜିଲ୍ଲା ପ୍ରଶାସନ ଏକ ରିପୋର୍ଟରେ ଦର୍ଶାଇଛି।



ରିଲିଫ ଆକାରରେ ଲୋକମାନଙ୍କୁ ୯୮୯.୫ କୁଇଣ୍ଟାଲ ଚୂଡ଼ା, ୧୦୮.୩୫ କୁଇଣ୍ଟାଲ ଗୁଡ, ୩୨୦୧ କାର୍ଟୁନ ବିସ୍କୁଟ, ୨,୧୨,୪୮୨ ପାଣି ବୋତଲ ଓ ୫ ରୋଲ ପଲିଥିନ ବଣ୍ଟନ କରାଯାଇଛି। ରାଜନଗର ବ୍ଲକରେ ବାତ୍ୟା ପ୍ରଭାବିତ ଲୋକଙ୍କୁ ଆଇଆରସିଏସ୍ ଭୁବନେଶ୍ୱର ପକ୍ଷରୁ ୧୦୦୦ପ୍ୟାକେଟ କିଟ ବଣ୍ଟନ କରାଯାଇଛି । ପ୍ରଭାବିତ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୮ଟି ମେଡ଼ିକାଲ ଟୀମରେ ୨୫ଜଣ ଡାକ୍ତର ଓ ୮ଜଣ ଫାର୍ମାଶିଷ୍ଟଙ୍କୁ ନିୟୋଜିତ କରାଯାଇଥିବା ବେଳେ ପଶୁ ଚିକିତ୍ସା ପାଇଁ ୨୦ଟି ଭେଟନାରୀ ଟୀମ ନିୟୋଜିତ କରାଯାଇଛି । ଏହି ବାତ୍ୟା ଯୋଗୁଁ ଆଳି ବ୍ଲକର ୧୯ଟି, ପଟ୍ଟାମୁଣ୍ଡାଇର ୩୬ଟି, ରାଜନଗରର ୮୫ଟି, କେନ୍ଦ୍ରାପଡ଼ା ମୁନିସିପାଲିଟିର ୧ଟି, ଛାତ ଘରର କ୍ଷୟକ୍ଷତି ହୋଇଥିବା ବେଳେ ଆଳି ବ୍ଲକର ୧୩ଟି କଲଭଟ,୨୩ଟି ଅଙ୍ଗନବାଡି କେନ୍ଦ୍ର, ୫୧ଟି ସ୍କୁଲ, ପଟ୍ଟାମୁଣ୍ଡାଇ ବ୍ଲକର ୧୭ଟି କଲଭଟ,୧୧ଟି ଅଙ୍ଗନବାଡି କେନ୍ଦ୍ର, ୧୧ଟି ସ୍କୁଲ, ମହାକାଳପଡ଼ା ବ୍ଲକର ୧୦ଟି ପ୍ରାଥମିକ ବିଦ୍ୟାଳୟ, ରାଜନଗର ବ୍ଲକର ୧୦୦ଟି କଲଭଟ, ୫୦ଟି ପ୍ରାଥମିକ ବିଦ୍ୟାଳୟର କ୍ଷୟକ୍ଷତି ହୋଇଛି ବୋଲି ପ୍ରାଥମିକ କ୍ଷୟକ୍ଷତି ରିପୋର୍ଟରୁ ସୂଚନା ମିଳିଛି ।

ଆଳି ବ୍ଲକର ୧୫୫ଟି ଗ୍ରାମ୍ୟ ରାସ୍ତାର ପାଖାପାଖି ୨୫କିଲୋମିଟର, ପଟ୍ଟାମୁଣ୍ଡାଇ ବ୍ଲକର ୧୧୬ଟି ରାସ୍ତାର ପ୍ରାୟ ୧୫କିଲୋମିଟର, ମହାକାଳପଡ଼ା ବ୍ଲକର ଗ୍ରାମ୍ୟ ରାସ୍ତା ମଧ୍ୟରୁ ୫୨ କିଲୋମିଟର ରାସ୍ତା କ୍ଷୟକ୍ଷତି ହୋଇଛି ବୋଲି ପ୍ରାଥମିକ ରିପୋର୍ଟରେ ପ୍ରକାଶ ପାଇଛି ।

## ବାତ୍ୟା 'ଦାନା' ଭାଙ୍ଗିଲା ଘର ଓ ଗଛ

**କେନ୍ଦ୍ରାପଡ଼ା, ୨୫।୧୦ (ସଂଚାର ବ୍ୟୁରୋ):** ଗତକାଲି ବିଳମ୍ବିତ ରାତ୍ରିରେ ସାମୁଦ୍ରିକ ବାତ୍ୟା ଉପକୁଳ ଅତିକ୍ରମ କରିବା ପରେ କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକରେ ବ୍ୟାପକ କ୍ଷୟକ୍ଷତି କରିଥିବା ଘଟଣା ସାମ୍ନାକୁ ଆସିଛି। ବ୍ଲକର ବତୀଘର ପଂଚାୟତର ବିଭିନ୍ନ ଅଂଚଳରେ ବଡବଡ ଗଛ ଭାଙ୍ଗି ପଡିଛି। ଅନେକ ସ୍ଥାନରେ ଗଛ ଭାଙ୍ଗି ଘର ଉପରେ ପଡିବା ଦ୍ୱାରା ଘର ଭାଙ୍ଗି ଯାଇଛି। ବର୍ଷା ପବନ ଫଳରେ ଅନେକ ଚାଳ ଛପର ଘରର କାନ୍ଥ ପଡିଯିବା ସହିତ ଘର ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ବ୍ଲକର ବିଭିନ୍ନ ତଳିଆ ଅଂଚଳରେ ଧାନ ଜମିରେ ବର୍ଷା ଓ ଜୁଆର ପାଣି ଜମି ରହିବା ଫଳରେ ଧାନ ଫସଲ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଦେଖାଦେଇଛି। ପୁର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚି ନାୟକ ମହାକାଳପଡା ବ୍ଲକର ବିଭିନ୍ନ ଅଂଚଳ ବୁଲି କ୍ଷୟକ୍ଷତିର ଆକଳନ କରିବା ସହିତ ଲୋକମାନଙ୍କୁ ଭେଟିଛନ୍ତି। ତୁରନ୍ତ ବାତ୍ୟାରେ କ୍ଷତିଗ୍ରସ୍ତ ଲୋକମାନଙ୍କୁ ସହାୟତା ଯୋଗାଇ ଦେବାକୁ ଅତନୁ ସରକାରଙ୍କ ନିକଟରେ ଦାବି କରିଥିବା ବେଳେ। ଭାଙ୍ଗି ଯାଇଥିବା ଗଛକୁ ଓଡ୍ରାଫ ଟିମ କାଟି ସଫା କରୁଥିବା ଦେଖିବାକୁ ମିଳିଛି।

### ମାଙ୍କଡ ହୁଡ଼ାଇବା ହେଲା କାଳ
## ଲୁହା ପାଇପ ପଶି ପୂଜକ ଗୁରୁତର

**କେନ୍ଦ୍ରାପଡ଼ା, ୨୫।୧୦ (ସଂଚାର ବ୍ୟୁରୋ):** କିଛିଦିନ ହେବ ଡେରାବିଶ ବ୍ଲକ ଇନ୍ଦାଳ ଅଞ୍ଚଳରେ ମାଙ୍କଡଙ୍କ ଉପଦ୍ରବ ଦେଖିବାକୁ ମିଳିଛି । ଏହି ମାଙ୍କଡ଼ ଉପଦ୍ରବ ପାଇଁ ଜଣେ ପୂଜକ ଘର ଛାତ ଉପରକୁ ଯାଇ ମାଙ୍କଡ଼ ହୁଡେଇବା ସମୟରେ ତାଙ୍କ ପାଇଁ ସେହି ସମୟ କାଳ ସାଜିଛି। ମୁଣ୍ଡରେ ଲୁହା ପାଇପ ପଶି ପୂଜକ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଜାଣିବାକୁ ମିଳିଛି । ଛାତରେ ହନୁ ମାଙ୍କଡ଼ଙ୍କୁ ହୁଡାଇବାକୁ ଲୁହା ପାଇପକୁ ନେଇ ମାଙ୍କଡ଼ ବାଡେଇବା ପାଇଁ ଛାତ ଉପରକୁ ଯାଇଥିଲେ ଇନ୍ଦାଳ ପଞ୍ଚାୟତ ଅଢ଼ଙ୍ଗା ଗାଁର ବଟ ମିଶ୍ରଙ୍କ ପୁଅ ତଥା କୌଳିକ ବୃତ୍ତି ଗତ ପୂଜକ ପଚାଶ ବର୍ଷୀୟ ହୃଷିକେଶ ମିଶ୍ର। ହେଲେ ଛାତ ଉପରୁ ଗୋଡ଼ ଖସି ଯିବାରୁ ତଳକୁ ଖସି ପଡ଼ିଥିଲେ ହୃଷିକେଶ । ନିଜ ହାତରେ ଥିବା ଲୁହା ପାଇପଟି ନିଜର ବେକରେ ପଶି ମୁଣ୍ଡରେ ବାହାରିଲା। ସଙ୍ଗେ ସଙ୍ଗେ ହୃଷିକେଶଙ୍କୁ ରକ୍ତ ଯୁଡ଼ବୁଡ ଅବସ୍ଥା ରେ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ସମ ହସ୍ପିଟାଲ ନେଇ ଚିକିତ୍ସା ଚାଲିଥିବା ଜଣାପଡିଛି ହେଲେ ପୂଜକ ଜଣଙ୍କ ଗୁରୁତର ଥିବା ସ୍ଥାନୀୟ ଲୋକେ କହିଛନ୍ତି ।



## ଆଶ୍ରୟସ୍ଥଳୀରୁ ଘରବାହୁଡ଼ା

**ଟାଙ୍ଗୀ-ଚୌଦ୍ୱାର, ୨୫।୧୦ (ସଂଚାର ବ୍ୟୁରୋ):** ବାତ୍ୟା 'ଦାନା' ଦୁର୍ବଳ ହୋଇଛି ସତ ହେଲେ ଦିନ ତମାମ ଲଗାଣ ବର୍ଷା ଲାଗି ରହିଥିବାର ହନ୍ତସନ୍ତ ହେଉଛନ୍ତି ଲୋକେ। ବିଶେଷକରି ବସ୍ତି ଗୁଡିକରେ ବସବାସ କରୁଥିବା ଲୋକାମନେ ନାହଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଗୁରୁବାର ବାତ୍ୟାକୁ ଆଖିଆଗରେ ରଖି ଲୋକମାନଙ୍କୁ ପୌରପାଳିକା ତରଫରୁ ହୋଇଥିବା ୬ଟି ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା। ପୌରପାଳିକା ତରଫରୁ ମିଳିଥିବା ସୁଚନା ଅନୁଯାୟୀ ପ୍ରାୟ ୯୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇଥିଲା। ସେମାନଙ୍କୁ ଶୁଖିଲା ଖାଦ୍ୟ ସହିତ ରନ୍ଧା ଖାଦ୍ୟ ମଧ୍ୟ ଯୋଗାଇ ଦିଆଯାଇଥିଲା। ହେଲେ ଶୁକ୍ରବାର ସକାଳୁ ସମସ୍ତ କେନ୍ଦ୍ରରୁ ଲୋକମାନଙ୍କୁ ଖାଲି କରବା ପାଇଁ ନିର୍ଦ୍ଦେଶ ଦିଆଯିବା ପରେ ଚିନ୍ତାରେ ପଡ଼ିଯାଇଯାଇଛନ୍ତି ଏହି ଆଶ୍ରୟ ସ୍ଥଳୀରେ ରହିଥିବା ଲୋକମାନେ। ବର୍ଷା ଜଦି ବଢେ ତେବେ ସେମାନେ କଣ କରିବେ ବୋଲି ଭାଳେଣି ପଡ଼ିଛି। ତେବେ ପୌରପାଳିକା ୧୭ନଂ ୱାର୍ଡରେ ଥିବା ଦୁରାରୋଗୀ ତ୍ରିନାଥପଲ୍ଲୀ ବସ୍ତିରେ ବସବାସ କରୁଥିବା ଲୋକମାନଙ୍କୁ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କ ନିର୍ଦ୍ଦେଶକ୍ରମେ ପୌରପାଳିକା ତରଫରୁ ଶୁକ୍ରବାର ଅପରାହ୍ନରେ ଶୁଖିଲା ଖାଦ୍ୟ ପୌରପାଳିକା ତରଫରୁ ବଣ୍ଟନ କରାଯାଇଥିବା ଜଣାପଡ଼ିଛି। ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, ପୌରପାଳିକାର ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ ପାଣି ପ୍ରମୁଖ ବସ୍ତିକୁ ଯାଇ ଲୋକମାନଙ୍କୁ ଏହି ଖାଦ୍ୟ ବଣ୍ଟନ କରିଥିଲେ।

## 'ଦାନା'ର ପ୍ରଭାବ: ପଞ୍ଚଲିଙ୍ଗେଶ୍ୱର ପୂଜା ମଣ୍ଡପ ଉପରେ ଲହଡ଼ି ମାରୁଛି ଝରଣା ପାଣି

**ନୀଳଗିରି, ୨୫।୧୦ (ସଂଚାର ବ୍ୟୁରୋ):** ବାତ୍ୟା ଦାନା ପ୍ରଭାବରେ ନୀଳଗିରିରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହା ସହ ପ୍ରଶାସନ ତରଫରୁ ବାତ୍ୟା 'ଦାନା'କୁ ଆଖି ଆଗରେ ରଖି ଉତ୍ତର ଓଡ଼ିଶାର ଅନ୍ୟତମ ଶୈବପୀଠ ନୀଳଗିରିର ପଞ୍ଚଲିଙ୍ଗେଶ୍ୱର ୩ଦିନ ପାଇଁ ବନ୍ଦ ରଖାଯାଇଥିବା ବେଳେ ବାତ୍ୟା ଦାନା ଓ ଲଗାଣ ବର୍ଷା ପ୍ରଭାବରେ ଦେବଗିରି ପାହାଡ଼ର ଝରଣା ପାଣି ପାଣିର ପ୍ରଖର ସ୍ରୋତ ଆସି ଶୈବପୀଠସ୍ଥଳି ଓ ପୂଜା ମଣ୍ଡପର ଦୀପ ଜାଳିବା ସ୍ଥାନରେ ଲହଡ଼ି ମାରୁଛି। ଏହା ସହ ପୁରୁଣା ପାର୍କିଙ୍ଗ ଷ୍ଟାଣ୍ଡ ଓ ମୁଖ୍ୟ ଫାଟକ ଆଗରେ ଏହି ବାତ୍ୟାରେ ଗଛ ଉପାଡ଼ି ପଡ଼ି ଥିବା ବେଳେ ଟ୍ରଷ୍ଟ ବୋର୍ଡ଼ ମ୍ୟାନେଜର ଶିଶିର କୁମାର ମିଶ୍ରଙ୍କ ଉଦ୍ୟମରେ ଗଛ ସବୁ କଟାଯାଇ ରାସ୍ତା ପରିଷ୍କାର କରାଯାଇଛି।



ଏହି ଶୈବପୀଠଟି କୁଲଡିହା ଅଭୟାରଣ୍ୟର ପାଦଦେଶରେ ହୋଇଥିବା ଯୋଗୁ ଏହି ଅଞ୍ଚଳରେ ବହୁ ବଡ଼ ବଡ଼ ଗଛ ଓ ପଥରମାନ ରହିଛି । ବାତ୍ୟାର ପ୍ରଭାବରେ ଗଛ ଗଡ଼ିବା ଏବଂ ପଥର ଭୁଶୁଡ଼ିବା ଆଶଙ୍କା ରହିଥିବା ଯୋଗୁ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ବାତ୍ୟା "ଦାନା" କୁ ଦୃଷ୍ଟି ରେ ରଖି ଗତ ୨୪.୧୦ ରିଖ ଠାରୁ ତା ୨୬.୧୦ ରିଖ ପର୍ଯ୍ୟନ୍ତ ପଞ୍ଚଲିଙ୍ଗେଶ୍ୱର ପୀଠକୁ ଆସୁଥିବା ଭଲ ଏବଂ ପର୍ଯ୍ୟଟକଙ୍କ ସୁଭକ୍ଷା ଦୃଷ୍ଟିରୁ ପୀଠକୁ ମ୍ୟାନେଜିଂ ଟ୍ରଷ୍ଟି ପକ୍ଷରୁ ବନ୍ଦ ରଖାଜାଇଛି। ବାତ୍ୟା ପ୍ରଭାବରେ ଅନେକ ଚାଳ ଛପର ଘର ଭାଙ୍ଗି ଯାଇଥିବା ବେଳେ ଗୋରୁ ଗୁହାଳ ଭୁଶୁଡ଼ି ପଡିଛି। ଅନେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଉପୁଡି ପଡିଛି। ଏହା ସହ ସୋନ ନଦୀରେ ଜଳସ୍ତର ବୃଦ୍ଧି ପାଇଥିବା ବେଳେ ନଦୀ କୂଳିଆବାସୀ ଆତଙ୍କିତ ହୋଇପଡିଛନ୍ତି। ସେହିପରି ନୀଳଗିରି ଏନଏସିରେ ଅନେକ ସ୍ଥାନରେ ଜଳ ନିଷ୍କାସନ ହୋଇ ପାରି ନ ଥିବା ବେଳେ ଗଛ ଉପୁଡି ପଡିଛି।

# 'ଦାନା' ପ୍ରଭାବରୁ ତ୍ରାହି ପାଇଲେ ଜଗତସିଂହପୁର ଜିଲ୍ଲାବାସୀ

**ଜଗତସିଂହପୁର, ୨୫।୧୦ (ସଂଚାର ବ୍ୟୁରୋ):** ସାମୁଦ୍ରିକ ବାତ୍ୟା' ଦାନା 'ପ୍ରଭାବରେ ଜିଲ୍ଲାରେ ପବନ ଓ ବର୍ଷା ଗତକାଲି ଠାରୁ ଲାଗିରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଲଗାତାର ବାତ୍ୟା ସମ୍ପର୍କିତ ସତର୍କ ସୂଚନା ଦିଆଯାଉଥିଲା, ଜିଲ୍ଲା ଜରୁରୀ ବିଭାଗରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲା ଯାଇଛି। ଜିଲ୍ଲାରେ ବାତ୍ୟା ଦାନା ର ପ୍ରଭାବ ରେ ସେପରି କୌଣସି କ୍ଷୟ କ୍ଷତି ହୋଇନାହିଁ। ମିଳିଥିବା ତଥ୍ୟ ଅନୁସାରେ ଜିଲ୍ଲାରେ କାଲି ରାତି ସୁଦ୍ଧା ୪୧୧୬୭ ଜଣଙ୍କୁ ସ୍ଥାନାନ୍ତରିତ କରାଯାଇଥିଲା ସେଠାରେ ସେମାନଙ୍କୁ ସକାଳେ ଶୁଖିଲା ଖାଦ୍ୟ ଦିଆଯିବା ସହ ମଧ୍ୟାହ୍ନ ଭୋଜନ ଓ ରାତିରେ ରନ୍ଧା ଖାଦ୍ୟ ଦିଆଯାଇଥିଲା ଆଭାସୀ ମାଧ୍ୟମରେ ବି.ଡି.ଓ ଓ ତହସିଲଦାର ମାନଙ୍କ ସହିତ ସ୍ଥାନାନ୍ତରିତ ଲୋକମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ଜିଲ୍ଲାପାଳ କାଲି ଆଲୋଚନା କରିଥିଲେ। ଯେଉଁମାନଙ୍କର କଚ୍ଚା ଘର, କିମ୍ବା ଘରର ଅବସ୍ଥା ଠିକ୍ ନାହିଁ ସେମାନଙ୍କୁ ଆଶ୍ରୟସ୍ଥଳୀରୁ ନଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ମାନଙ୍କ ଟିମ୍ ଅଞ୍ଚଳ ପରିଦର୍ଶନ କରି ଆବଶ୍ୟକତା ଥିବା ଲୋକମାନଙ୍କୁ ପଲିଥିନ ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ବାତ୍ୟାର ପ୍ରଭାବ କମିଯାଇଥିବାରୁ ସ୍ଥାନାନ୍ତରିତ ଲୋକମାନେ ନିଜ ନିଜ ଘରକୁ ଫେରିଯାଇଛନ୍ତି। ୨୫ ତାରିଖ ଅପରାହ୍ନ ୩.୦୦ ଘଟିକା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ବାତ୍ୟା ପ୍ରଭାବରେ ଜିଲ୍ଲାର ୮ଟି ବ୍ଲକ୍, ୨ଟି ମ୍ୟୁନିସପାଲିଟିର ୧୯୨ ଆଶ୍ରୟସ୍ଥଳର ୪୧୧୬୭ ପ୍ରଭାବିତ ଲୋକଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯାଇଛି। କୌଣସି ଲୋକଙ୍କର କ୍ଷୟକ୍ଷତି ହୋଇ ନଥିବାବେଳେ ପାରାଦ୍ୱୀପ ପୌରାଞ୍ଚଳ ଓ କୁଜଙ୍ଗର କିଛି ସ୍ଥାନରେ ଭାଙ୍ଗି ଯାଇଥିବା ଗଛ ଓଡରଫ ଏନଡିଆରଏଫ ଅଗ୍ନିଶମ ବିଭାଗ ଦ୍ୱାରା କାଟି ରାସ୍ତା ପରିଷ୍କାର କରଯାଇଛି। କୌଣସି ଗୋରୁଗାଈ ପ୍ରଭାବିତ ହୋଇଥି ନ ଥିବାବେଳେ ସେମାନଙ୍କ ବାତ୍ୟା ପ୍ରଭାବରେ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇ ନ ଥିବାର ସୂଚନା ମିଳିଛି। ୪୦ କୁଇଣ୍ଟାଲ୍ ଚୂଡ଼ା, ୧ କୁଇଣ୍ଟାଲ ଗୁଡ଼, ବଣ୍ଟନ କରାଯାଇଛି। ଜିଲ୍ଲାରେ ୨୦ଟି ମେଡିକାଲ ଟିମ୍ ଓ ୨୪ ଟି ପ୍ରାଣୀ ସଂପଦ ଟିମ୍ ପ୍ରଭାବିତ ଅଞ୍ଚଳ ପାଇଁ ନିୟୋଜିତ ହୋଇଥିଲେ। ବାତ୍ୟା ପ୍ରଭାବରେ ଜିଲ୍ଲାରେ ବର୍ଷାର ପରିମାଣ ୧୦୮.୨ ମିମି ରହିଥିଲା। ପାରାଦ୍ୱୀପ ପୌରାଞ୍ଚଳ ରେ ସର୍ବାଧିକ ୪୮.୨ ମି.ମି., ହୋଇଥିବାବେଳେ ସବୁଠୁ କମ୍ ନାଉଗାଁ ବ୍ଲକ୍‌ରେ ୩ ମି.ମି., ବର୍ଷା ହୋଇଛି। ଜିଲ୍ଲାରେ ହାରାହାରି ବର୍ଷା ୧୨.୦୨ ମି.ମି ରହିଛି। ଆସନ୍ତାକାଲି ସକାଳ ୮.୩୦ ପର୍ଯ୍ୟନ୍ତ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣି ରହିଛି, ଫଳରେ ଅଳ୍ପ ବର୍ଷା ହେବାର ସମ୍ଭାବନା ରହିଛି।



ଏସମ୍ପର୍କରେ ଜିଲ୍ଲାପାଳ ଜେ. ସେନାଲ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ କହିଛନ୍ତି, ଜିଲ୍ଲାରେ ବାତ୍ୟା ଦାନା ପ୍ରଭାବଙ୍କୁ ନେଇ ଯେଉଁ ଆଶଙ୍କା କରାଯାଉଥିଲା ତାହା ମଧ୍ୟ ଏତେ ପରିମାଣରେ ହୋଇନାହିଁ। ବର୍ତ୍ତମାନ ସୁଧା ଜିଲ୍ଲାରେ ଦାନା କ୍ଷୟକ୍ଷତିର ନେଇ କୌଣସି ସ୍ପଷ୍ଟ ଚିତ୍ର ମିଳିନାହିଁ। ଜିଲ୍ଲାରେ ବାତ୍ୟା କ୍ଷୟକ୍ଷତି ସମ୍ପର୍କିତ ପୂର୍ଣ୍ଣାଙ୍ଗ ରିପୋର୍ଟ ସମସ୍ତେ ବିଭାଗୀୟ ଅଧିକାରୀ ମାନଙ୍କୁ ଜଣାଇ ଦିଆଯାଇଛି ରିପୋର୍ଟ ଦେଲା ପରେ ସମ୍ପୂର୍ଣ୍ଣ ତଥ୍ୟ ମିଳିପାରିବ ବୋଲି ଜିଲ୍ଲାପାଳ ଜେ. ସୋନାଲି କହିଛନ୍ତି। ୧୮୭ ଜଣ ଗର୍ଭବତୀ ମହିଳାଙ୍କୁ ଆଗୁଆ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇ ଚିକିତ୍ସା ଯୋଗାଇ ଦିଆଯାଉଛି । ଜଗତସିଂହପୁର ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୮୭ ଜଣ ଗର୍ଭବତୀ ମହିଳାରୁ ୭୭ ଜଣ ଜନ୍ମଗ୍ରହଣ କରିଛନ୍ତି। ଏବେ ସୁଦ୍ଧା ୧୩୭ ଗର୍ଭବତୀ ମହିଳାଙ୍କୁ ରଖାଯାଇଥିବା ବେଳେ ଜିଲ୍ଲାର ଦୁଇଟି ପୌରାଞ୍ଚଳ, ପାରାଦ୍ୱୀପ, କୁଜଙ୍ଗ, ଏରସମା, ବାଲିକୁଦା ଅଞ୍ଚଳରୁ ୪୧୧୬୭ ହଜାରରୁ ଉର୍ଦ୍ଧ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି।



## ଉର୍ଦ୍ଧ୍ୱାର ଫାଉଣ୍ଡେସନକୁ ପ୍ରସଂଶା

**ଟାଙ୍ଗୀ-ଚୌଦ୍ୱାର, ୨୫।୧୦ (ସଂଚାର ବ୍ୟୁରୋ):** ବାତ୍ୟା 'ଦାନା'କୁ ମୁକାବିଲା କରିବାରେ ଚୌଦ୍ୱାର ପୌରପାଳିକାକୁ ସହଯୋଗର ହାତ ବଢ଼ାଇଥିବା ଟାଙ୍ଗୀ-ଚୌଦ୍ୱାର ବ୍ଲକ ନୋଡାଲ ଏନଜିଓ ଉର୍ଦ୍ଧ୍ୱାର ଫାଉଣ୍ଡେସନକୁ ପ୍ରସଂଶା କରିଛନ୍ତି ଅଞ୍ଚଳବାସୀ। ଜିଲ୍ଲା ଜରୁରୀକାଳିନ ବିଭାଗର ନିର୍ଦ୍ଦେଶ ଓ କଟକ ଜିଲ୍ଲା ଡି.ଏଲ.ଏନ.ସି.ସି ସଭାପତି ଅମୀୟ ବିଶ୍ୱାଳଙ୍କ ଉପଦେଶରେ ଫାଉଣ୍ଡେସନର ସଦସ୍ୟ ମାନେ ବର୍ଷା ପବନକୁ ଖାତିର ନକରି ଚୌଦ୍ୱାର ପୌରପାଳିକାକୁ ସହଯୋଗର ହାତ ବଢ଼ାଇଥିଲେ। ପୌରପାଳିକାର ଅସ୍ଥାୟୀ ଆଶ୍ରୟ ସ୍ଥଳୀରେ ଆଶ୍ରୟ ନେଇଥିବା ଅସହାୟ ଓ ଗରୀବ ଶ୍ରେଣୀର ଲୋକମାନଙ୍କୁ ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ସଠିକ ସମୟରେ ପହଞ୍ଚାଇଥିଲେ। ଏଥି ସହିତ ବସ୍ତି ଗୁଡିକରେ ରହିଯାଇଥିବା ଲୋକମାନଙ୍କୁ ଆଶ୍ରୟସ୍ଥଳୀରେ ପହଞ୍ଚାଇବାରେ ମଧ୍ୟ ଫାଉଣ୍ଡେସନର କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ। ଏହି ସେବା କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ଜିଲ୍ଲା ପ୍ରଶାସନ ତରଫରୁ ଟୁଇଟ ମଧ୍ୟ କରାଯାଇଛି। କାର୍ଯ୍ୟକ୍ରମରେ ସଭାପତି ନରୋତ୍ତମ ଦାସ, ମୀନା ଚୌଧୁରୀ, ସରୋଜ ସାହୁ, ବିନୋଦ କୁମାର ପ୍ରଧାନ, କାହ୍ନୁ ଚରଣ ସେଠୀ, ସୌମ୍ୟ ରଞ୍ଜନ ପରିଡ଼ା, ସତ୍ୟପ୍ରକାଶ ମଲ୍ଲିକ, ଜ୍ୟୋତି ପାଳ, ବୁଦ୍ଧିଆ ଜେନା, ସୁନୀଲ ମୁର୍ମୁ, ସୁବ୍ରତ ଖିଟୁଆ ପ୍ରମୁଖ ସହଯୋଗ କରିଥିଲେ।

# ଷ୍ଟାର୍ଟଅପ୍ ବିକାଶ ଉପରେ ଆଲୋଚନା କଲେ କେନ୍ଦ୍ରମନ୍ତ୍ରୀ



- ଅଷ୍ଟ୍ରେଲିଆର ଗବେଷଣାଭିତ୍ତିକ ବିଶ୍ୱବିଦ୍ୟାଳୟ ସମୂହ 'ଗ୍ରୁପ୍ ଅଫ୍ ୮' ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଲେ
- ଅଷ୍ଟ୍ରେଲିଆରେ ଅଧ୍ୟୟନରତ ଭାରତୀୟ ଛାତ୍ରଛାତ୍ରୀ ଓ ବରିଷ୍ଠ ଗବେଷକଙ୍କ ସହ ସାକ୍ଷାତ୍ ଆଲୋଚନା
- କ୍ରୀଡ଼ା ଶିକ୍ଷା ଓ କ୍ରୀଡ଼ା ଗବେଷଣା କ୍ଷେତ୍ରରେ ସହଯୋଗ ପାଇଁ ୟୁଟିଏସ୍ ମୁର୍ ପାର୍କ ପରିଦର୍ଶନ କଲେ

**ନୂଆଦିଲ୍ଲୀ,୨୫।୧୦:** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଷ୍ଟ୍ରେଲିଆ ଗସ୍ତର ଅନ୍ତିମ ଦିନରେ ଗବେଷଣା କ୍ଷେତ୍ରରେ ଅଧ୍ୟୟନ କରୁଥିବା ଭାରତୀୟ ଛାତ୍ରଛାତ୍ରୀ ଏବଂ ବରିଷ୍ଠ ଗବେଷକଙ୍କୁ ଭେଟି ଦୁଇ ଦେଶର ଶିକ୍ଷା ବ୍ୟବସ୍ଥା ଓ ଗବେଷଣା ଉପରେ ଆଲୋଚନା କରିଛନ୍ତି। ଏହାସହ ଅଷ୍ଟ୍ରେଲିଆର କେତୋଟି ପ୍ରମୁଖ ବିଶ୍ୱବିଦ୍ୟାଳୟ ଗୁଡିକରେ ଥିବା ଟେକ୍ନୋଲୋଜି ଓ କ୍ରୀଡ଼ା ଆଧାରିତ ଅଭିନବ କ୍ୟାମ୍ପସ ଓ ଅନୁଷ୍ଠାନ ପରିଦର୍ଶନ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ଅଷ୍ଟ୍ରେଲିଆର ଗବେଷଣାଭିତ୍ତିକ ବିଶ୍ୱବିଦ୍ୟାଳୟସମୂହ 'ଗ୍ରୁପ୍ ଅଫ୍ ୮' ଏବଂ 'ୟୁନିଭରସିଟି ଅଫ୍ ନ୍ୟୁ ସାଉଥ ଓ୍ୱେଲ୍ସ' ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଅଷ୍ଟ୍ରେଲିଆରେ ଅଧ୍ୟୟନ କରୁଥିବା ଭାରତୀୟ ଛାତ୍ରଛାତ୍ରୀ ଓ ଗବେଷକଙ୍କ ସହ ଶିକ୍ଷା ମନ୍ତ୍ରୀ ସାକ୍ଷାତ୍ ଆଲୋଚନା କରିଛନ୍ତି । ରୋବୋଟିକ୍ସ, କେମିକାଲ୍ସ, ଆଷ୍ଟ୍ରୋଫିଜିକ୍ସ, ସୁପର-କଣ୍ଡକ୍ଟିଭିଟି, ବିନିର୍ମାଣ କ୍ଷେତ୍ରରେ ଏଆଇ, ସ୍ୱାସ୍ଥ୍ୟସେବା, ମେଡ୍ ଟେକ୍, ଜଳବାୟୁ ପରିବର୍ତ୍ତନ, ଓ୍ୱାଟର ମ୍ୟାନେଜମେଣ୍ଟ ଏବଂ ଅର୍ବାନ ପ୍ଲାନି କ୍ଷେତ୍ରରେ ଅତ୍ୟାଧୁନିକ ଗବେଷଣା ଉପରେ ଭାରତର ଛାତ୍ରଛାତ୍ରୀ ଏବଂ ଗବେଷକମାନେ କାର୍ଯ୍ୟ କରୁଥିବା ଜାଣି ଶ୍ରୀ ପ୍ରଧାନ ଖୁସିବ୍ୟକ୍ତ କରିଥିଲେ । ସେ କହିଥିଲେ ଗବେଷଣା ସହଯୋଗ ହେଉଛି ଅଷ୍ଟ୍ରେଲିଆ ଏବଂ ଭାରତ ମଧ୍ୟରେ ଥିବା ସମ୍ପର୍କର ମୂଳ ଆଧାର। ଆଜିର ସାକ୍ଷାତ୍ ଆଲୋଚନା କାର୍ଯ୍ୟକ୍ରମ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବ୍ୟାପକ ଏବଂ ଗଭୀର ଗବେଷଣା ସହଯୋଗର ଆବଶ୍ୟକତାକୁ ଆଗକୁ ନେବା ପାଇଁ ଏକ ଭଲ ସୂଚନା ପ୍ରଦାନ କରିଛି ।

ଶ୍ରୀ ପ୍ରଧାନ ସିଡନୀ ସ୍ଥିତ ମ୍ୟାକ୍ୱାରି ବିଶ୍ୱବିଦ୍ୟାଳୟ ପରିସରରେ ଥିବା ମ୍ୟାକ୍ୱାରି ପାର୍କ ଇନୋଭେସନ୍ ଡିଷ୍ଟ୍ରିକ୍ଟ (ଏମପିଆଇଡି) ପରିଦର୍ଶନ କରିଥିଲେ। ଗବେଷକ ଏବଂ ଉଦ୍ୟମିତାଙ୍କ ଆଇଡିଆକୁ ବିକଶିତ କରିବା ଦିଗରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦିଆଯାଉଥିବା ସହଯୋଗକୁ ସେ ପ୍ରଶଂସା କରିଥିଲେ । ସେହିପରି ୟୁନିଭରସିଟି ଅଫ୍ ନ୍ୟୁ ସାଉଥ ଓ୍ୱେଲ୍ସ (ୟୁଏନଏସଡବ୍ଲ୍ୟୁ)ର ବିଭିନ୍ନ ବିଦ୍ୟାଳୟ ଦ୍ୱାରା ପରିଚାଳିତ ଷ୍ଟାର୍ଟଅପ୍ ଗୁଡ଼ିକର ମୁଖ୍ୟ ଏବଂ ଅନ୍ୟ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ । ସମାଜରେ ସକରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ଷ୍ଟାର୍ଟଅପ ଗୁଡିକର କାର୍ଯ୍ୟକୁ ପ୍ରଶଂସା କରିବା ସହ ଭାରତୀୟ ସମାଜ ଏବଂ ବଜାର ପାଇଁ ଥିବା ସମସ୍ୟାର ସମାଧାନ ପାଇଁ ଷ୍ଟାର୍ଟଅପ୍ ଗୁଡ଼ିକୁ ବିକଶିତ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ। ପ୍ରଧାନ କ୍ରୀଡ଼ା ଶିକ୍ଷା ଓ କ୍ରୀଡ଼ା ଗବେଷଣା କ୍ଷେତ୍ରରେ ସହଯୋଗ ଲୋଡ଼ିବା ପାଇଁ ସିଡନୀ ସ୍ଥିତ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି କ୍ୟାମ୍ପସ ପରିସରରେ ଥିବା ୟୁଟିଏସ୍ ମୁର୍ ପାର୍କ ଗସ୍ତ କରିଥିଲେ । ୟୁଟିଏସର ମୁର ପାର୍କ ପରିସର ହେଉଛି ଏକ ଅତ୍ୟାଧୁନିକ ଶିକ୍ଷାଦାନ, ଗବେଷଣା ଏବଂ କ୍ରୀଡ଼ା ସୁବିଧା ଯୁକ୍ତ ଅନୁଷ୍ଠାନ । ଏହି ଶିକ୍ଷାନୁଷ୍ଠାନରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମ ଗୁଡିକ ଖେଳ ସହ ଜଡ଼ିତ ଥିବାର ଅଭିନବ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଅତ୍ୟାଧୁନିକ କ୍ରୀଡ଼ା ପରିଚାଳନା ଏବଂ ଗବେଷଣା କାର୍ଯ୍ୟକ୍ରମ ପ୍ରଦାନ ଦିଗରେ ୟୁଟିଏସ୍ କିପରି ଭାରତୀୟ ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକ ସହ ଭାଗିଦାରୀ କରିପାରିବ ସେ ବିଷୟରେ ଆଲୋଚନା କରିଥିଲେ । ଏହି ସବୁ କାର୍ଯ୍ୟକ୍ରମରେ ଯୋଗଦେବା ପରେ କେନ୍ଦ୍ରମନ୍ତ୍ରୀ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି।

# ଭାରତ-ଜର୍ମାନୀ ଆନ୍ତଃ-ସରକାରୀ ପରାମର୍ଶ ବୈଠକରେ ମୋଦୀଙ୍କ ଉଦଘାଟନୀ ଭାଷଣ



**ନୂଆଦିଲ୍ଲୀ,୨୫।୧୦:** ମହାମହିମ, ସପ୍ତମ ଭାରତ-ଜର୍ମାନୀ ଆନ୍ତଃ-ସରକାରୀ ପରାମର୍ଶ ବୈଠକରେ ଆପଣଙ୍କୁ ଏବଂ ଆପଣଙ୍କ ପ୍ରତିନିଧି ଦଳକୁ ସ୍ୱାଗତ। ଏହା ଆପଣଙ୍କର ତୃତୀୟ ଭାରତ ଗସ୍ତ। ସୌଭାଗ୍ୟବଶତଃ ଏହା ମୋର ତୃତୀୟ କାର୍ଯ୍ୟକାଳର ପ୍ରଥମ ଆଇଜିସି ବୈଠକ। ଏକ ପ୍ରକାରରେ ଏହା ଆମ ବନ୍ଧୁତାର ଏକ ଉତ୍ସବ। ମହାମହିମ, ୨୦୨୨ରେ ବର୍ଲିନରେ ଅନୁଷ୍ଠିତ ଶେଷ ଆନ୍ତଃ-ସରକାରୀ ପରାମର୍ଶ ସମୟରେ ଆମେ ଦ୍ୱିପାକ୍ଷିକ ସହଯୋଗ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲୁ। ଗତ ଦୁଇ ବର୍ଷ ମଧ୍ୟରେ ଆମର ରଣନୈତିକ ଭାଗିଦାରୀର ବିଭିନ୍ନ କ୍ଷେତ୍ରରେ ଉତ୍ସାହଜନକ ଅଗ୍ରଗତି ହୋଇଛି। ପ୍ରତିରକ୍ଷା, ବୈଷୟିକ ଜ୍ଞାନକୌଶଳ, ଶକ୍ତି ଏବଂ ସବୁଜ ଓ ନିରନ୍ତର ବିକାଶ ଭଳି କ୍ଷେତ୍ରରେ ସହଯୋଗ ବୃଦ୍ଧି ପାରସ୍ପରିକ ବିଶ୍ୱାସର ପ୍ରତୀକ ପାଲଟିଛି। ମହାମହିମ, ବିଶ୍ୱ ଏବେ ଉତ୍ତେଜନା, ସଂଘର୍ଷ ଓ ଅନିଶ୍ଚିତତାର ସମୟ ଦେଇ ଗତି କରୁଛି। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାସନ ଏବଂ ନାଭିଗେସନ୍ ର ସ୍ୱାଧୀନତାକୁ ନେଇ ମଧ୍ୟ ଗମ୍ଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଏଭଳି ସମୟରେ ଭାରତ ଓ ଜର୍ମାନୀ ମଧ୍ୟରେ ରଣନୈତିକ ଭାଗିଦାରୀ ଏକ ମଜଭୁତ ଆଙ୍କର ଭାବେ ଉଭା ହୋଇଛି। ଏହା ଏକ କାରବାର ସମ୍ପର୍କ ନୁହେଁ; ଏହା ହେଉଛି ଦୁଇ ଦକ୍ଷ ଏବଂ ଶକ୍ତିଶାଳୀ ଗଣତନ୍ତ୍ର ମଧ୍ୟରେ ଏକ ପରିବର୍ତ୍ତନଶୀଳ ଭାଗିଦାରୀ - ଏକ ଭାଗିଦାରୀ ଯାହା ବିଶ୍ୱ ସମୁଦାୟ ଏବଂ ମାନବତା ପାଇଁ ଏକ ସ୍ଥିର, ସୁରକ୍ଷିତ ଏବଂ ସ୍ଥାୟୀ ଭବିଷ୍ୟତ ନିର୍ମାଣରେ ଯୋଗଦାନ କରୁଛି। ଏହି ପରିପ୍ରେକ୍ଷୀରେ ଗତ ସପ୍ତାହରେ ଆପଣ ଜାରି କରିଥିବା 'ଫୋକସ୍ ଅନ୍ ଇଣ୍ଡିଆ' ରଣନୀତି ଅତ୍ୟନ୍ତ ସ୍ୱାଗତଯୋଗ୍ୟ।

# ପାଣିପାଗ ପୂର୍ବାନୁମାନ ବ୍ୟବସ୍ଥାର ଶୁଭାରମ୍ଭ କଲେ ରାଜୀବ




**ନୂଆଦିଲ୍ଲୀ,୨୫।୧୦:** ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଓରଫ ଲଲନ ସିଂହ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଓ ପୃଥିବୀ ବିଜ୍ଞାନ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଜିତେନ୍ଦ୍ର ସିଂହ ଏବଂ ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍ ପି ସିଂହ ବାଘେଲ ଆଜି ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଗ୍ରାମ ପଞ୍ଚାୟତ ସ୍ତରୀୟ ପାଣିପାଗ ପୂର୍ବାନୁମାନ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏବଂ ଭୂବିଜ୍ଞାନ ମନ୍ତ୍ରଣାଳୟ ଅଧୀନ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ମିଳିତ ସହଯୋଗରେ ବିକଶିତ ଏହି ବ୍ୟବସ୍ଥା ତୃଣମୂଳ ସ୍ତରରେ ଜଳବାୟୁ ଜନିତ ପ୍ରସ୍ତୁତିରେ ଏକ ବଡ଼ ପଦକ୍ଷେପ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ସରକାରଙ୍କ ୧୦୦ ଦିନିଆ କାର୍ଯ୍ୟସୂଚୀର ଏକ ଅଂଶ ଏବଂ ଏକ ସମଗ୍ର ସରକାରୀ ଆଭିମୁଖ୍ୟକୁ ପ୍ରତିଫଳିତ କରେ, ପଞ୍ଚାୟତିରାଜ ମନ୍ତ୍ରଣାଳୟ ତୃଣମୂଳ ଶାସନରେ ପରିବର୍ତ୍ତନ ଆଣିବା ପାଇଁ ବିଶେଷଜ୍ଞ ବିଭାଗଗୁଡିକ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛି। ଏହି ପଦକ୍ଷେପ ଗ୍ରାମ ପଞ୍ଚାୟତଗୁଡ଼ିକୁ ପାଞ୍ଚ ଦିନିଆ ପାଣିପାଗ ପୂର୍ବାନୁମାନ ଏବଂ ଘଣ୍ଟା ପ୍ରତି ସଦ୍ୟତମ ସୂଚନା ପ୍ରଦାନ କରିବ, ଯାହାଦ୍ୱାରା ଗ୍ରାମୀଣ ଜନସାଧାରଣ କୃଷି କାର୍ଯ୍ୟକଳାପ ସମ୍ପର୍କରେ ଉତ୍ତମ ଭାବରେ ଯୋଜନା କରିବା ଏବଂ ପାଣିପାଗ ସମ୍ବନ୍ଧୀୟ ବିପଦ ପାଇଁ ପ୍ରସ୍ତୁତି କରିବାରେ ସକ୍ଷମ ହୋଇପାରିବେ। କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ରାଜୀବ ରଂଜନ ସିଂ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି କହିଥିଲେ ଯେ ''ଗ୍ରାମ ପଞ୍ଚାୟତ ସ୍ତରରେ ପାଣିପାଗ ପୂର୍ବାନୁମାନ'' ଭାରତୀୟ ଅର୍ଥବ୍ୟବସ୍ଥାକୁ ସଶକ୍ତ କରିବା ଏବଂ ଗ୍ରାମୀଣ ଜନସଂଖ୍ୟା ପାଇଁ ସହଜ ଜୀବନଧାରଣକୁ ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# ବାତ୍ୟା ପରବର୍ତ୍ତୀ ସ୍ଥିତି ଅନୁଧ୍ୟାନ କଲେ କେଭି

## ସ୍ଥିତି ନିୟନ୍ତ୍ରଣାଧୀନ, ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି

- ରାତି ସୁଦ୍ଧା ସମ୍ପୂର୍ଣ୍ଣ ଅଞ୍ଚଳକୁ ବିଦ୍ୟୁତ ଯୋଗାଣ



**ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ):** ବାତ୍ୟା ଦାନା ସ୍ଥଳଭାଗ ଅତିକ୍ରମ କରିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତାଳଚୁଆ ଗ୍ରାମ ଓ ବଗପାଟିଆ ଗ୍ରାମ ସବୁଠାରୁ ଅଧିକ ପ୍ରଭାବିତ ହୋଇଥିଲା । ବାତ୍ୟା ପରବର୍ତ୍ତୀ ସ୍ଥିତି ଅନୁଧ୍ୟାନ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ତଥା ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ବର୍ଷା, ପାଣି କାଦୁଅକୁ ଖାତିର ନ କରି ତାଳଚୁଆ ଓ ବଗପାଟିଆରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହ ସ୍ଥିତି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକରେ ଖାଦ୍ୟ, ପାନୀୟ ଏବଂ ସଠିକ ସରକାରୀ ସୁବିଧା ଲୋକମାନଙ୍କୁ ମିଳୁଛି କି ନାହିଁ ତାହାର ତଦାରଖ କରିଥିଲେ । ଲୋକମାନେ ମଧ୍ୟ ସେମାନଙ୍କ ଅଭିଯୋଗ ମନ୍ତ୍ରୀ ଶ୍ରୀ ସିଂହଦେଓଙ୍କୁ ଜଣାଇଥିଲେ। ଲୋକଙ୍କ ଅସୁବିଧାର ତୁରନ୍ତ ସମାଧାନ ପାଇଁ କାର୍ଯ୍ୟରେ ନିୟୋଜିତ ଥିବା ସରକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବାତ୍ୟା ପରବର୍ତ୍ତୀ ପଦକ୍ଷେପ ଅନୁସାରେ ବିଦ୍ୟୁତ ସରବରାହ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରତ୍ୟକ୍ଷରୂପେ କାର୍ଯ୍ୟର ତତ୍ତ୍ୱାବଧାନ କରିଥିଲେ । ସେହିପରି ବାତ୍ୟା ଜନିତ ଫସଲ ହାନିର ସ୍ଥିତିକୁ ଅନୁଧ୍ୟାନ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଲାଗି ବିଭାଗୀୟ କୃଷି ଅଧିକାରୀଙ୍କୁ ଆଦେଶ ଦେଇଥିଲେ । ଆଜି ରାତି ସୁଦ୍ଧା ସମଗ୍ର ଅଞ୍ଚଳକୁ ବିଦ୍ୟୁତ ଯୋଗାଣ ସ୍ୱାଭାବିକ କରିବା ଲାଗି ମଧ୍ୟ କାର୍ଯ୍ୟର ଅନୁଧ୍ୟାନ କରିଥିଲେ । ଦିନ ୨ଟା ସୁଦ୍ଧା ପ୍ରାୟ ୧୦ ଲକ୍ଷ ଘରକୁ ବିଦ୍ୟୁତ ସରବରାହ ତ୍ୱରାନିତ ହୋଇଥିବାବେଳେ ସନ୍ଧ୍ୟା ସୁଦ୍ଧା ପ୍ରାୟ ୯୦ ପ୍ରତିଶତ ପୁନଃଉଦ୍ଧାର କରାଯାଇଛି । ବାତ୍ୟାର ପ୍ରଭାବ ଥିବା ସତ୍ତ୍ୱେ ସମସ୍ତେ ଠିକ ଥିବା ଜାଣି ଅତ୍ୟନ୍ତ ସନ୍ତୋଷ ଅନୁଭବ କରିଥିଲେ ଏବଂ ସମସ୍ତେ ମିଳିମିଶି ବାତ୍ୟାକୁ ସଫଳତାର ସହ ମୁକାବିଲା କରିଥିବାରୁ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ଗସ୍ତ କାଳରେ ସାଥିରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ କୁମାର ଶର୍ମା,କେନ୍ଦ୍ରାପଡ଼ା ଜିଲ୍ଲାପାଳ, ଜିଲ୍ଲା କୃଷି ଅଧିକାରୀ, ଅନ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଏସ୍‌ବିଆଇ ରିପୋର୍ଟ | ଟିକସ ସରଳୀକରଣ ଯୋଗୁଁ ଆଇଟିଆର୍ ଦାଖଲ ବୃଦ୍ଧି

- ସରକାରୀ ପଦକ୍ଷେପ ନିମ୍ନ ଆୟବର୍ଗଙ୍କ ମଧ୍ୟରେ ରୋଜଗାର ବଢ଼ାଉଛି

**ନୂଆଦିଲ୍ଲୀ,୨୫।୧୦:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସବିଆଇ)ର ଏକ ସଦ୍ୟତମ ରିପୋର୍ଟ ମୁତାବକ, ଦେଶରେ ଟିକସ ସରଳୀକରଣ ପଦକ୍ଷେପ କାରଣରୁ ଆୟକର ରିଟର୍ଣ୍ଣ (ଆଇଟିଆର) ଦାଖଲ ବୃଦ୍ଧି ପାଇଛି। ଟିକସ ଆକଳନ ବର୍ଷ (ଏଓ୍ୱାଇ) ୨୦୧୫ରୁ ୨୦୨୪ ମଧ୍ୟରେ ଆୟ ବିତରଣରେ ସକାରାତ୍ମକ ପରିବର୍ତ୍ତନକୁ ପ୍ରଦର୍ଶିତ କରୁଛି। ଉଲ୍ଲେଖଯୋଗ୍ୟ, ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକାରୀଙ୍କ ଆୟ ଅସମାନତା ୭୪.୨% ହ୍ରାସ ପାଇଛି, ଯାହା ଦର୍ଶାଉଛି ଯେ ସରକାରୀ ପଦକ୍ଷେପ ନିମ୍ନ ଆୟବର୍ଗଙ୍କ ମଧ୍ୟରେ ରୋଜଗାର ବୃଦ୍ଧି କରୁଛି। ଏସବିଆଇ ରିପୋର୍ଟରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଗତି ବିଷୟରେ ଅବତାରଣା କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଭାରତର ପ୍ରଗତିଶୀଳ ଟିକସ ବ୍ୟବସ୍ଥା କାରଣରୁ ୨୦୨୪ ଆକଳନ ବର୍ଷରେ ମୋଟ୍ ଟିକସ ରାଜସ୍ୱରେ ପ୍ରତ୍ୟକ୍ଷ ଟିକସ ପରିମାଣ ୫୬.୭% ରହିଛି, ଯାହାକି ୧୪ ବର୍ଷ ମଧ୍ୟରେ ସର୍ବାଧିକ। ୨୦୨୧ ଆର୍ଥିକ ବର୍ଷରୁ ବ୍ୟକ୍ତିଗତ ଆୟକର (ପିଆଇଟି) ଆଦାୟ କର୍ପୋରେଟ୍ ଆୟକର (ସିଆଇଟି)କୁ ପଛରେ ପକାଇ ଦେଇଛି। ଏହା ସିଆଇଟିର ୩% ତୁଳନାରେ ୬% ହାରରେ ବୃଦ୍ଧି ପାଇଛି। ୨୦୨୪ ଆର୍ଥିକ ବର୍ଷରେ ପ୍ରତ୍ୟକ୍ଷ ଟିକସ-ଜିଡିପି ଅନୁପାତ ୬.୬୪% ରେ ପହଞ୍ଚିଛି, ଯାହା କି ୨୦୦୦-୦୧ ପରଠାରୁ ସର୍ବାଧିକ। ପ୍ରତ୍ୟକ୍ଷ ଟିକସ ଆଦାୟ ପୂର୍ବ ଆର୍ଥିକ ବର୍ଷରେ ୧.୨୫ରୁ ୧.୮୬କୁ ବୃଦ୍ଧି ପାଇଛି। ଏହାବ୍ୟତୀତ ୨୦୨୪ ଆର୍ଥିକ ବର୍ଷରେ ଟିକସ ଆଦାୟ ଖର୍ଚ୍ଚ ୦.୪୪%କୁ ହ୍ରାସ ପାଇଛି, ଯାହାକି ୨୦୨୩ ଆର୍ଥିକ ବର୍ଷରେ ୦.୫୧% ଥିଲା। ମୋଟ ପ୍ରତ୍ୟକ୍ଷ ଟିକସ ଆଦାୟ ମଧ୍ୟରେ ୫ଟି ରାଜ୍ୟରୁ ୭୦%ରୁ ଅଧିକ ଟିକସ ଆଦାୟ କରାଯାଇଛି। ଏହି ରାଜ୍ୟଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ର ୩୮.୯% ସହ ସବୁଠୁ ଆଗରେ ଥିବା ବେଳେ କର୍ଣ୍ଣାଟକ, ଦିଲ୍ଲୀ, ତାମିଲନାଡୁ ଏବଂ ଗୁଜରାଟ ଏହା ପଛକୁ ରହିଛନ୍ତି। ମହାରାଷ୍ଟ୍ର, ଦିଲ୍ଲୀ, କର୍ଣ୍ଣାଟକ ଏବଂ ତାମିଲନାଡୁରେ ମୁଣ୍ଡପିଛା ଟିକସ ଅବଦାନ ଜାତୀୟ ହାରାହାରିଠାରୁ ଅଧିକ ରହିଥିବା ଏସବିଆଇ ରିପୋର୍ଟରେ ଦର୍ଶାଯାଇଛି। ଅପରପକ୍ଷରେ ରାଜସ୍ଥାନ, ପଞ୍ଜାବ, ବିହାର, ପଶ୍ଚିମବଙ୍ଗ, ଓଡ଼ିଶା, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶରେ ମୁଣ୍ଡପିଛା ପ୍ରତ୍ୟକ୍ଷ ଟିକସ କମ୍ ଓ ମୁଣ୍ଡପିଛା ଆୟ କମ୍ ରହିଛି।

# ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ଆଇଗଟ୍ ଲ୍ୟାବ୍ ପ୍ରତିଷ୍ଠା

**ନୂଆଦିଲ୍ଲୀ,୨୫।୧୦:** ଜାତୀୟ ଶିକ୍ଷା ସପ୍ତାହ ୨୦୨୪ ପୁରସ୍କାର ବିତରଣ ସମାରୋହ ଏବଂ ଆଇଗଟ୍ ଲ୍ୟାବ୍ ଏବଂ ଶିକ୍ଷଣ କେନ୍ଦ୍ରର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଡ. ଏଲ୍. ମୁରୁଗନ୍ କର୍ମଯୋଗୀ ସପ୍ତାହ ସମାପ୍ତିର ଉତ୍ସବ ପାଳନ କରିଛନ୍ତି। ସୂଚନା ଏବଂ ପ୍ରସାରଣ ସଚିବ ଶ୍ରୀ ସଞ୍ଜୟ ଜାଜୁ, ସ୍ୱତନ୍ତ୍ର ସଚିବ ଶ୍ରୀମତି ନୀରଜା ଶେଖର, ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ତଥା ବରିଷ୍ଠ କଳାକାରମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କର୍ମଯୋଗୀ ସପ୍ତାହ - ଜାତୀୟ ଶିକ୍ଷା ସପ୍ତାହ (ଏନ୍‌ଏଲ୍‌ଡବ୍ଲ୍ୟୁ) ହେଉଛି ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭବିଷ୍ୟତ ପାଇଁ ପ୍ରସ୍ତୁତ ସିଭିଲ ସର୍ଭିସ ଗଠନ କରିବାକୁ ଏବଂ ଏହି ସପ୍ତାହରେ ସମସ୍ତ ସ୍ତରରେ ସରକାରୀ କର୍ମଚାରୀଙ୍କ ଦକ୍ଷତାକୁ ଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା, ଯାହା ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ସହିତ ଭାରତୀୟ ମୂଲ୍ୟବୋଧରେ ଗଭୀର




ଭାବରେ ଗଢ଼ି ଉଠିଛି। ଏହି ଅବସରରେ ସୂଚନା ଓ ପ୍ରସାରଣ ରାଜ୍ୟ ମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗନ୍ ୩ ମିଲିୟନ୍‌ରୁ ଅଧିକ କେନ୍ଦ୍ର ସରକାରୀ କର୍ମଚାରୀଙ୍କର ଦକ୍ଷତା ଏବଂ କୌଶଳ ବୃଦ୍ଧି କରିବା ତଥା ୨୨ ମିଲିୟନରୁ ଅଧିକ ରାଜ୍ୟ ସ୍ତରୀୟ ସରକାରୀ କର୍ମଚାରୀ ଏବଂ ୫ ମିଲିୟନ୍ ସହରୀ ସ୍ଥାନୀୟ ସଂସ୍ଥା (ୟୁଏଲ୍ବି) ପାଇଁ ନିରନ୍ତର ଶିକ୍ଷା ଉପଲବ୍ଧତା ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମ କିପରି ଉଭୟ ସ୍ଥାୟୀ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ପାଇଁ ଖୋଲା ରହିଛି, ଯାହା ଜାତୀୟ ଲକ୍ଷ୍ୟ ସହିତ ସମାନ୍ତରାଳ ଭାବରେ ଆଜୀବନ ଶିକ୍ଷାକୁ ପ୍ରୋତ୍ସାହିତ କରିବ ବୋଲି ସେ ଆଲୋକପାତ କରିଥିଲେ। ଆଇଗେଟ୍ ଲ୍ୟାବ : ଶିଖିବାକୁ ବୃଦ୍ଧି କରିବା : ଡ. ଏଲ୍. ମୁରୁଗନ୍ କହିଥିଲେ ଯେ, ମନ୍ତ୍ରଣାଳୟ ସୋସିଆଲ୍ ମିଡିଆର ଉପଯୋଗ, ଚଳଚ୍ଚିତ୍ର ଜ୍ଞାନର ବିକାଶ ଏବଂ ଫୋଟୋଗ୍ରାଫି କୌଶଳ ବୃଦ୍ଧି ଉପରେ ୩ଟି ୱେବିନାର ଆୟୋଜନ କରିଛି। ଏହାଛଡା, ସମସ୍ତ କର୍ମଚାରୀମାନଙ୍କ ପାଇଁ ଆଇଗେଟ୍ କର୍ମଯୋଗୀ ପୋର୍ଟାଲରେ ଅତି କମରେ ୪ ଘଣ୍ଟାର ତାଲିମ ସମ୍ପୂର୍ଣ୍ଣ କରିବାକୁ ବାଧ୍ୟତାମୂଳକ କରାଯାଇଥିଲା, ଯେଉଁଥିରେ ଅଫିସ ପ୍ରକ୍ରିୟା, ଲିଙ୍ଗ ସମ୍ବେଦନଶୀଳତା ଏବଂ ନେତୃତ୍ୱ ଭଳି ପ୍ରମୁଖ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରାଯାଇଥିଲା।

# ଜଙ୍ଗଲରେ ପ୍ରେମିକ ସମ୍ମୁଖରେ ପ୍ରେମିକାକୁ ଗଣଦୁଷ୍କର୍ମ

## ଭିଡିଓଭାଇରଲ:୩ଦୁଷ୍କର୍ମକାରୀଅଟକ




**ନୟାଗଡ଼,୨୫।୧୦ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ଫତେଗଡ଼ ଶ୍ରୀରାମ ମନ୍ଦିର ବୁଲି ଆସିଥିବା ଦୁଇ ପ୍ରେମୀ ଯୁଗଳଙ୍କୁ ଧମକ ଦେଇ ଜଙ୍ଗଲ ଭିତରେ ତିନି ଚାରି ଜଣ ଯୁବକ ଦୁଷ୍କର୍ମ କରି ଏହାର ଭିଡିଓ ଭାଇରାଲ କରିଛନ୍ତି। ଏନେଇ ଅଭିଯୋଗ ପରେ ଫତେଗଡ଼ ପୁଲିସ ୩ ଜଣ ଯୁବକଙ୍କୁ ଅଟକ ରଖିଛି । ନୟାଗଡ଼ ଜିଲ୍ଲା ଫତେଗଡ ଥାନା ଅଞ୍ଚଳର ଜଣେ ଯୁବତୀ କଟକ ଅଞ୍ଚଳର ତା ପ୍ରେମିକ ସହ ଗତ ରବିବାର ଫତେଗଡ ରାମ ମନ୍ଦିର ବୁଲି ଆସିଥିଲେ। ମନ୍ଦିର ବୁଲି ଫେରିବା ସମୟରେ ପିଠାଖାଇ ଜଙ୍ଗଲ ନିକଟରେ ସନ୍ଧ୍ୟା ସମୟରେ ଫତେଗଡ ଥାନା ଅଞ୍ଚଳର ତିନି ଜଣ ଯୁବକ ପ୍ରେମୀ ଯୁଗଳଙ୍କୁ ଉଠାଇ ନେଇ ପ୍ରେମିକକୁ ମାଡ ମାରି ପ୍ରେମିକାକୁ ଉଲଗ୍ନ କରି ଜଣଙ୍କ ପରେ ଜଣେ ଦୁଷ୍କର୍ମ କରିଥିଲେ। ଦୁଷ୍କର୍ମ କରିବା ସମୟର ଭିଡିଓ ଉତ୍ତୋଳନ କରି ଭାଇରାଲ କରିବା ସହ ପାଖରେ ଥିବା ୪୫୦୦ଟଙ୍କା ଛଡାଇନେଇଛନ୍ତି । ଏନେଇ ଯୁବତୀ ଜଣଙ୍କ ଲିଖିତ ଅଭିଯୋଗ ପରେ ପୁଲିସ ତିନି ଜଣ ଯୁବକଙ୍କୁ ଉଠାଇ ଆଣି ତଦନ୍ତ ଆରମ୍ଭ କରିଛି । ଏହି ଘଟଣାକୁ ନେଇ ଫତେଗଡ଼ ଥାନାରେ ମଧ୍ୟ ଏକ ମାମଲା ରୁଜୁ କରି ତିନିଜଣଙ୍କୁ ଅଟକ ରଖି ତଦନ୍ତ ଚାଲିଛି ବୋଲି ଖଣ୍ଡପଡ଼ା ଏସଡ଼ିପିଓ ସୂଚନା ଦେଇଛନ୍ତି ।

# ମୁଦ୍ରା ଋଣ ସୀମା ଯୋଜନା ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି

**ନୂଆଦିଲ୍ଲୀ,୨୫।୧୦:** କେନ୍ଦ୍ର ବଜେଟ ୨୦୨୪-୨୫ରେ ଅର୍ଥମନ୍ତ୍ରୀ ୨୩ ଜୁଲାଇ ୨୦୨୪ରେ କରିଥିବା ଘୋଷଣା ଅନୁଯାୟୀ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା (ପିଏମଏମଓ୍ୱାଇ) ଅଧୀନରେ ମୁଦ୍ରା ଋଣର ସୀମା ବର୍ତ୍ତମାନର ୧୦ ଲକ୍ଷ ଟଙ୍କାରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ବୃଦ୍ଧି ମୁଦ୍ରା ଯୋଜନାର ସାମଗ୍ରିକ ଉଦ୍ଦେଶ୍ୟକୁ ଆଗକୁ ବଢ଼ାଇବାକୁ ସହିତ ଉଦ୍ୟୋଗୀମାନଙ୍କୁ ପାଣ୍ଠି ଯୋଗାଉଛି। ଏହି ଅଭିବୃଦ୍ଧି ଆଗାମୀ ଉଦ୍ୟୋଗୀମାନଙ୍କ ପାଇଁ ବିଶେଷ ଭାବରେ ଲାଭଦାୟକ ଅଟେ ଯାହା ସେମାନଙ୍କର ଅଭିବୃଦ୍ଧି ଏବଂ ସମ୍ପ୍ରସାରଣକୁ ସୁଗମ କରିଥାଏ। ଏକ ସୁଦୃଢ଼ ଉଦ୍ୟୋଗୀ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତା ସହିତ ଏହି ପଦକ୍ଷେପ ନିଆଯାଇଛି।
ଏ ସଂକ୍ରାନ୍ତରେ ଜାରି ବିଜ୍ଞପ୍ତି ଅନୁଯାୟୀ ତରୁଣ ପ୍ଲସର ନୂଆ ବର୍ଗ ୧୦ ଲକ୍ଷ ଟଙ୍କାରୁ ଅଧିକ ଏବଂ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇଁ ରହିଛି ଏବଂ ତରୁଣ ବର୍ଗ ଅଧୀନରେ ପୂର୍ବ ଋଣ କୁ ସଫଳତାର ସହ ପରିଶୋଧ କରିଥିବା ଉଦ୍ୟୋଗୀମାନଙ୍କ ପାଇଁ ଉପଲବ୍ଧ ହେବ। ମାଇକ୍ରୋ ୟୁନିଟ୍ ପାଇଁ କ୍ରେଡିଟ୍ ଗ୍ୟାରେଣ୍ଟି ପାଣ୍ଠି (ସିଜିଏଫଏମୟୁ) ଅଧୀନରେ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପିଏମଏମଓ୍ୱାଇ ଋଣର ଗ୍ୟାରେଣ୍ଟି କଭରେଜ୍ ପ୍ରଦାନ କରାଯିବ।

# ଖେଳାଳିଙ୍କ ତୁଳନାରେ ସୁରକ୍ଷା କର୍ମୀଙ୍କ ଖର୍ଚ୍ଚ ଅଧିକ

## ଷ୍ଟାଡିୟମ ସୁରକ୍ଷାରେ ବ୍ୟୟ କୋଟି କୋଟି ଟଙ୍କା!



**ସୁରକ୍ଷା ପାଇଁ ଖର୍ଚ୍ଚ**

- ଅଗଷ୍ଟ ୨୦୨୧ରୁ ଡିସେମ୍ବର ୨୦୨୧: ୧,୩୨,୦୨,୮୬୧ ଟଙ୍କା
- ଜାନୁଆରୀ ୨୦୨୨ରୁ ଡିସେମ୍ବର ୨୦୨୨: ୬,୫୨,୭୮,୩୮୬ ଟଙ୍କା
- ଜାନୁଆରୀ ୨୦୨୩ରୁ ଡିସେମ୍ବର ୨୦୨୩: ୧୫,୩୫,୭୭,୪୦୪ ଟଙ୍କା
- ଜାନୁଆରୀ ୨୦୨୩ରୁ ମେ ୨୦୨୪: ୯,୦୩,୭୨,୪୨୦ ଟଙ୍କା

**ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ):** କ୍ରୀଡ଼ା ହବ୍ ହେବ ରାଜଧାନୀ। ଆଉ ସୃଷ୍ଟି ହେବେ ବହୁ ଉନ୍ନତମାନର ଖେଳାଳି। ଖେଳାଳି ସୃଷ୍ଟି କରିବା ପାଇଁ ଯଥାସମ୍ଭବ ପଦକ୍ଷେପ ନିଆଯିବ ବୋଲି ସରକାର କହିଆସୁଛନ୍ତି। ହେଲେ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ, ଖେଳାଳିଙ୍କ ପିଛା ଯେତିକି ଖର୍ଚ୍ଚ ହେଉଛି, ତା'ଠାରୁ ବହୁ ଅଧିକ ଖର୍ଚ୍ଚ ହେଉଛି ଷ୍ଟାଡିୟମର ସୁରକ୍ଷା ପାଇଁ। ଆରଟିଆଇ ଦ୍ୱାରା ଜାରି ହୋଇଥିବା ତଥ୍ୟରୁ କିଛି ଏଭଳି କଥା ସାମ୍ନାକୁ ଆସିଛି। ରାଜ୍ୟରେ ଉନ୍ନତ ଖେଳାଳି ସୃଷ୍ଟି କରିବାକୁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଥିବା କହି ଆସିଛନ୍ତି। କିନ୍ତୁ ଖେଳାଳିମାନଙ୍କୁ ଯେତିକି ଆର୍ଥିକ ସହାୟତା ଯୋଗାଇଦେବା କଥା, ସେତିକି ଦିଆଯାଉନାହିଁ ବୋଲି ଅଭିଯୋଗ ହୋଇ ଆସୁଛି। ଆଉ ଏହାରି ଭିତରେ ସାମ୍ନାକୁ ଆସିଥିବା ଆରଟିଆଇ ତଥ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ନଜର ପକାନ୍ତୁ ଏହି ତଥ୍ୟ ଉପରେ, ସରକାର କଳିଙ୍ଗ ଷ୍ଟାଡିୟମ ସହିତ ରାଜ୍ୟରେ ଥିବା ଆଉ କିଛି କ୍ରୀଡ଼ା ଭିତ୍ତିଭୂମିର ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ତିନି ବର୍ଷରେ ସୁରକ୍ଷା କର୍ମୀଙ୍କ ବାବଦରେ ୩୨,୨୪,୩୧,୦୭୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଯାହାକି ଖେଳାଳିଙ୍କ ଅନୁଦାନଠାରୁ କମ ବୋଲି କୁହାଯାଉଛି। ନଜର ପକାନ୍ତୁ, କିଛି ତଥ୍ୟ ଉପରେ.. ସୁରକ୍ଷାକର୍ମୀଙ୍କ ପିଛା କାହିଁକି ଏତେ ଖର୍ଚ୍ଚ ହେଉଛି, ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବରିଷ୍ଠ କୋଚ୍ ଓ କ୍ରୀଡ଼ା ବିଜ୍ଞାନୀ। ଲୋକସେବା ଭବନ ଅପେକ୍ଷା କଳିଙ୍ଗ ଷ୍ଟାଡିୟମରେ ଅଧିକ ସୁରକ୍ଷା ବ୍ୟବସ୍ଥା ରହିଛି। ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମ ଭିତରେ ପରିଚାଳିତ ହେଉଛି କ୍ରୀଡ଼ା ବିଭାଗ। କିନ୍ତୁ ଷ୍ଟାଡିୟମ ଭିତରକୁ ଯିବା ପାଇଁ ଜଣେ ଖେଳାଳିଙ୍କୁ ମଧ୍ୟ ବାହାରୁ ଅନୁମତି ନେବାକୁ ପଡୁଛି।

### ବାତ୍ୟା ସମୟରେ କର୍ତ୍ତବ୍ୟରେ ଅବହେଳା ଅଭିଯୋଗ

# ଦୁଇ ପିଇଓ ଅଧିକାରୀ ନିଲମ୍ବିତ

**କେନ୍ଦ୍ରାପଡା,୨୫।୧୦(ସଂଚାର ବ୍ୟୁରୋ):** ଦାନା ବାତ୍ୟା ପରିଚାଳନା ଓ ରିଲିଫ୍ ସହାୟତା ଅବହେଳା ଅଭିଯୋଗରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଦୁଇଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗରଦପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟର ଜସ୍ମିନ ସୋରେନ୍ ଏବଂ ଆଳି ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଞ୍ଜୟ ପ୍ରଧାନଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି । ଶ୍ରୀ ସୋରେନଙ୍କୁ ମାର୍ଶାଘାଇ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଥିବା ବେଳେ ଶ୍ରୀ ପ୍ରଧାନଙ୍କୁ ରାଜକନିକା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଉପସ୍ଥିତ ରହିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ନଡିଆବରେଇ ହାଇସ୍କୁଲର ଶିକ୍ଷକ ରଶ୍ମିକାନ୍ତ ଆଚାର୍ଯ୍ୟ ଓ ଅଙ୍ଗନଓ୍ୱାଡି କର୍ମୀ ଅଞ୍ଜନା ପ୍ରଭା ଦାସଙ୍କୁ ବାତ୍ୟା ପରିଚାଳନା ଦାୟିତ୍ୱରେ ଅବହେଳା କରିଥିବାରୁ ଗରଦପୁର ବ୍ଲକ ଅଧିକାରୀ କାରଣ ଦର୍ଶାଅ ନୋଟିସ ଦେଇଛନ୍ତି । ଗରଦପୁର ବ୍ଲକ ପରିଦର୍ଶକ ଦାୟିତ୍ୱରେ ଥିବା ଅଧିକାରୀ ଦାନା ବାତ୍ୟା ସମୟରେ ଅସ୍ଥାୟୀ ଆଶ୍ରୟସ୍ଥଳ ନଡିଆବରେଇ ହାଇସ୍କୁଲରେ ଗତ ଗୁରୁବାର ଦିନ ୯ଟା ବେଳେ ପହଞ୍ଚିଥିଲେ । ଏହି ଦୁଇଜଣ ଲୋକମାନଙ୍କୁ ଉଦ୍ଧାର କରି ଏହି ଅସ୍ଥାୟୀ ଶିବିରରେ ରଖିବାର ବ୍ୟବସ୍ଥା ଦାୟିତ୍ୱରେ ଥିଲେ । ତେଣୁ ବିଡିଓ ସେମାନଙ୍କୁ କାହିଁକି ଉପସ୍ଥିତ ନଥିଲେ ତାହାର କାରଣ ୨୪ଘଣ୍ଟା ମଧ୍ୟରେ ଲିଖିତ ଆକାରରେ ଜଣାଇବା ପାଇଁ ଗରଦପୁର ବିଡିଓ ନିର୍ଦ୍ଦେଶ ଦେଇଛନ୍ତି ।

# ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ କଚା ରାସ୍ତା

**କାକଟପୁର,୨୫।୧୦(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ବ୍ଲକ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଚା ରାସ୍ତା ପଡ଼ିଥିବା ବେଳେ ଆସୁଥିବା ରୋଗୀ ଓ ସମ୍ପର୍କୀୟ ମାନେ ହଇରାଣ ହନ୍ତସନ୍ତ ଓ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ବିଜେଡ଼ି ସରକାର ଅମଳରେ କାକଟପୁର ନିର୍ବାଚନ ମଣ୍ଡଳୀରୁ ଏକମାତ୍ର ୫ଟିରେ ଆମ ହସ୍ପିଟାଲ ଯୋଜନାରେ ସାମିଲ ହୋଇ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। ଏଥି ସହିତ ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟାନ୍ୟ ପାଣ୍ଠିରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ବିଗତ ଦିନରେ ଥିବା ସ୍ୱାସ୍ଥ୍ୟ ଅଧିକାରୀ, କାର୍ଯ୍ୟରେ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ବଡ ବଡ ରାଜନେତା ମାନେ ମିଳିତ ହୋଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ନିର୍ମାଣ କାର୍ଯ୍ୟ ସହ ଆସବାବପତ୍ର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ସାଙ୍ଘାତିକ ଘୋଟାଲା ହୋଇଛି। ଏନେଇ ଅଭିଯୋଗ ପରେ ବି ୫ଟି ସରକାର ଉପରୁ ମୁଣ୍ଡରୁ ପିସି ନେଇ ଚୁପ ରହୁଥିଲେ ବୋଲି ସାଧାରଣରେ ଚର୍ଚ୍ଚା ହେଉଥିଲା।

# ୟୁପିରେ କଂଗ୍ରେସ ବନାମ ସପା

ଆସନ୍ତା ମାସରେ ଦେଶର ଅନେକ ରାଜ୍ୟରେ ବିଧାନସଭା ନିର୍ବାଚନ ସହ ଉପନିର୍ବାଚନ ହେବାକୁ ଯାଉଛି। ମୋଟ ୪୮ଟି ବିଧାନସଭା ଆସନରେ ଅନୁଷ୍ଠିତ ହେବାକୁ ଯାଉଥିବା ଉପନିର୍ବାଚନରେ ଶାସକ ଏନଡିଏ ଏବଂ ବିରୋଧୀ ମେଣ୍ଟ (ଇଣ୍ଡିଆ) ମଧ୍ୟରେ ଯୋରଦାର ମୁକାବିଲା ହେବ। ଏହି ୪୮ଟି ଆସନ ମଧ୍ୟରେ କେବଳ ଉତ୍ତର ପ୍ରଦେଶରେ ୧୦ଟି ଆସନ ରହିଛି। ଏସବୁ ଆସନରେ ବିଜେପି ସହ ମୁଖ୍ୟ ବିରୋଧୀ ଦଳ ସମାଜବାଦୀ ପାର୍ଟୀର କଡ଼ା ଟକ୍କର ଦେଖିବାକୁ ମିଳିବ। ସାଧାରଣ ନିର୍ବାଚନ ଏବଂ ଉପନିର୍ବାଚନ ମଧ୍ୟରେ ତୁଳନା ଅନୁଚିତ। କାରଣ ଉପନିର୍ବାଚନରେ ପ୍ରସଙ୍ଗ ଓ ସ୍ଥିତି ସମ୍ପୂର୍ଣ୍ଣ ଅଲଗା। ୟୁପିରେ ଗତ ଲୋକସଭା ନିର୍ବାଚନରେ ଏନଡିଏର ପ୍ରଦର୍ଶନ ସେତେଟା ଆଶାନୁରୂପ ନଥିଲା। ସମାଜବାଦୀ ପାର୍ଟୀ ଓ କଂଗ୍ରେସ ମେଣ୍ଟକୁ ଭଲ ସଫଳତା ମିଳିଥିଲା। ଏହାର ଅନେକ କାରଣ ରହିଛି। ସବୁଠାରୁ ବଡ଼ କାରଣ ହେଲା ରାଜ୍ୟରେ ବିଜେପି ବିରୋଧୀ ବିଶେଷକରି ସଂଖ୍ୟାଲଘୁ ସମ୍ପ୍ରଦାୟର ଭୋଟର ମାନେ ଏକ ହୋଇ ସପା-କଂଗ୍ରେସ ମେଣ୍ଟକୁ ଭୋଟ ଦେଲେ। ବିଏସପିକୁ ସେମାନେ ଭୋଟ ଦେଲେନି। ଏଥିପାଇଁ ମାୟାବତୀଙ୍କ ବିଏସପି ଗତ ଲୋକସଭା ନିର୍ବାଚନରେ ଗୋଟିଏ ହେଲେ ଆସନରେ ଜିତିପାରିଲା ନାହିଁ। ୟୁପିର ସଂଖ୍ୟାଲଘୁ ସମ୍ପ୍ରଦାୟ କେବଳ ବିଜେପିକୁ ପରାଜିତ କରିବା ପାଇଁ ଏହି ରଣକୌଶଳ ଆପଣାଇଲେ ଏବଂ ମିଳିତ ଭାବେ ସପା-କଂଗ୍ରେସ ମେଣ୍ଟକୁ ଭୋଟ ଦେଲେ। ତେଣୁ ୟୁପିରେ ମୋଦି ବା ଯୋଗୀଙ୍କ ଲୋକପ୍ରିୟତା ହ୍ରାସ ପାଇଛି ସେ କଥା ନୁହେଁ। ଲୋକେ ବିଜେପିକୁ ପ୍ରତ୍ୟାଖ୍ୟାନ କରିଛନ୍ତି ସେ କଥା ନୁହେଁ। କେବଳ ନିର୍ବାଚନୀ ରଣକୌଶଳ ଯୋଗୁଁ ସପା-କଂଗ୍ରେସ ମେଣ୍ଟ ଜିତିଛି। ଏବେ ୧୦ଟି ବିଧାନସଭା ଆସନରେ ଅନୁଷ୍ଠିତ ହେବାକୁ ଯାଉଥିବା ଉପନିର୍ବାଚନରେ ପୁଣି ବିଜେପି ଓ ସମାଜବାଦୀ ପାର୍ଟୀ ମଧ୍ୟରେ ମୁକାବିଲା ହେବ। ଏହାର ଫଳାଫଳ ରାଜନୈତିକ ଦୃଷ୍ଟିରୁ ସୁଦୂରପ୍ରସାରୀ ହେବ। ଏହା ରାଜ୍ୟରେ କ୍ଷମତା ପରିବର୍ତ୍ତନ କରିବ ନାହିଁ, କିନ୍ତୁ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ମୁକାବିଲାର ଚିତ୍ର ସ୍ପଷ୍ଟ କରିଦେବ। ଏହି ଉପନିର୍ବାଚନ ନିମନ୍ତେ କଂଗ୍ରେସ ଓ ସମାଜବାଦୀ ପାର୍ଟୀ ମଧ୍ୟରେ ବୁଝାମଣା ହେବ ବୋଲି ପୂର୍ବରୁ ଚର୍ଚ୍ଚା ଚାଲିଥିଲା। ଲୋକସଭା ନିର୍ବାଚନରେ ସଫଳତା ଯୋଗୁଁ କଂଗ୍ରେସ ମଧ୍ୟ ବେଶ ଉତ୍ସାହିତ ହୋଇ ଅଧା ଆସନ ଛାଡ଼ିଦେବାକୁ ସମାଜବାଦୀ ପାର୍ଟୀ ନିକଟରେ ପ୍ରସ୍ତାବ ରଖିଥିଲା। କିନ୍ତୁ ସମାଜବାଦୀ ପାର୍ଟୀ ମୁଖ୍ୟ ଅଖିଳେଶ ଯାଦବ ଏହାକୁ ଅଗ୍ରାହ୍ୟ କରିଛନ୍ତି ଏବଂ ୯ଟି ଆସନରେ ଦଳୀୟ ପ୍ରାର୍ଥୀ ଘୋଷଣା କରିଛନ୍ତି। ସମାଜବାଦୀ ପାର୍ଟୀର ଏହି ଆଭିମୁଖ୍ୟ କଂଗ୍ରେସକୁ ହତବାକ କରିଦେଇଛି। କଂଗ୍ରେସ କେବେ ଭାବି ନଥିଲା ଯେ, ସମାଜବାଦୀ ପାର୍ଟୀ ଉପନିର୍ବାଚନରେ କଂଗ୍ରେସକୁ ଏଭଳି ହେୟଜ୍ଞାନ କରିବ ବୋଲି। ତେବେ ସମାଜବାଦୀ ପାର୍ଟୀର ଏଭଳି ପରିବର୍ତ୍ତିତ ଆଭିମୁଖ୍ୟର କାରଣ କ'ଣ? ଏହାର ମୁଖ୍ୟ କାରଣ ହେଲା ଅଖିଳେଶ ଏବେ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଛନ୍ତି ଏବଂ ରାଜ୍ୟ ବିଧାନସଭାରେ କିପରି ଏକାକି ସଂଖ୍ୟାଗରିଷ୍ଠତା ହାସଲ କରିବେ ସେହି ଚିନ୍ତାରେ ଅଛନ୍ତି। ସେ ମଧ୍ୟ ରାଜ୍ୟରେ କଂଗ୍ରେସକୁ କ୍ଷମତାର ଅଂଶୀଦାର କରିବାକୁ ଚାହୁଁ ନାହାଁନ୍ତି। ବିଧାନସଭା ନିର୍ବାଚନରେ କଂଗ୍ରେସର କୌଣସି ପ୍ରଭାବ ନାହିଁ ବୋଲି ସେ ଭଲଭାବେ ବୁଝିଛନ୍ତି। ଉପନିର୍ବାଚନରେ ପରାଜୟକୁ ସେ ସ୍ୱୀକାର କରିବାକୁ ପ୍ରସ୍ତୁତ। କିନ୍ତୁ ଏକାକି ଲଢ଼ି ନିଜର ଶକ୍ତି ପରୀକ୍ଷଣ ପାଇଁ ସେ ଅଧିକ ଆଗ୍ରହୀ। ତେଣୁ କଂଗ୍ରେସ ସହ ସେ ଉପନିର୍ବାଚନରେ ଆସନ ବୁଝାମଣା କଲେନି। ଦ୍ୱିତୀୟରେ ବିଗତ ବର୍ଷକ ଭିତରେ କିଛି ରାଜ୍ୟରେ ବିଧାନସଭା ନିର୍ବାଚନରେ କଂଗ୍ରେସ ଏକାକି ଲଢ଼ିଛି, ସମାଜବାଦୀ ପାର୍ଟୀ ବା ଅନ୍ୟ ସହଯୋଗୀ ଦଳକୁ ଗୋଟିଏ ହେଲେ ଆସନ ଛାଡ଼ିନି। ମଧ୍ୟପ୍ରଦେଶ ଏବଂ ହରିୟାନାରେ ଏଭଳି ହୋଇଛି। ସେଠାରେ ସମାଜବାଦୀ ପାର୍ଟୀ କିଛି ଆସନ ଚାହୁଁଥିଲା। କଂଗ୍ରେସ କିନ୍ତୁ ଏହାକୁ ହେୟଜ୍ଞାନ କରି ଏକାକି ସବୁ ଆସନରେ ଲଢ଼ିଥିଲା। ଏବେ ସୁଯୋଗ ଦେଖି ଅଖିଳେଶ କଂଗ୍ରେସ ବିରୋଧରେ ପ୍ରତିଶୋଧ ନେଇଛନ୍ତି। ୟୁପିରେ କଂଗ୍ରେସ ଓ ସମାଜବାଦୀ ପାର୍ଟୀ ମଧ୍ୟରେ ଏଭଳି ବିବାଦ ବିଜେପିକୁ କେତେଦୂର ସୁହାଇବ ବା ବିଜେପି ଏଥିରୁ କେତେଦୂର ଫାଇଦା ଉଠାଇବ ତାହା ଦେଖିବାର କଥା। ଉତ୍ତର ପ୍ରଦେଶରେ ଯୋଗୀ ଆଦିତ୍ୟନାଥ ବେଶ ଲୋକପ୍ରିୟ। ତାଙ୍କୁ ପରାଜିତ କରିବାକୁ ହେଲେ ସୁଚିନ୍ତିତ ରଣକୌଶଳର ଆବଶ୍ୟକତା ରହିଛି। ରଣକୌଲରେ ସାମାନ୍ୟ ତ୍ରୁଟି ବା ଦୁର୍ବଳତା ମହଙ୍ଗା ସାବ୍ୟସ୍ତ ହୋଇପାରେ। ଏହା ଉଭୟ ପକ୍ଷ ପାଇଁ ସମାନ। ୟୁପି ରାଜନୀତି ଏବେ ଏକପ୍ରକାର ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ଏହି ସମୟରେ ଯିଏ ଧୈର୍ଯ୍ୟ ଏବଂ ବୁଦ୍ଧିମତାର ସହ ପଦକ୍ଷେପ ନେବ ସେ ହିଁ ଲମ୍ବା ଲଢ଼େଇରେ ସଫଳ ହେବ। ହରିୟନା ବିଧାନସଭା ନିର୍ବାଚନରେ କଂଗ୍ରେସ ଯଦି ଆପ ସହ ଆସନ ବୁଝାମଣା କରିଥାଆନ୍ତା ତେବେ ଫଳାଫଳ ନିଶ୍ଚିତ ଭାବେ ଭିନ୍ନ ହୋଇଥାଆନ୍ତା। ମାତ୍ରାଧିକ ଆତ୍ମବିଶ୍ୱାସ ବା ଓଭର କନଫିଡେନ୍ସ କଂଗ୍ରେସ ପାଇଁ ହରିୟାନାରେ ଆତ୍ମଘାତୀ ହେଲା। ହରିୟାନାରେ ଅନେକ ଆସନରେ ଜୟ-ପରାଜୟ ମଧ୍ୟରେ ଖୁବ କମ ବ୍ୟବଧାନ ରହିଛି। ସେଠାରେ ବିଜୟୀ ଦଳ ଅର୍ଥାତ ବିଜେପିର ସାଙ୍ଗଠନିକ ଦକ୍ଷତା ଏବଂ ଦୃଢ଼ତା ନିର୍ଣ୍ଣାୟକ ସାବ୍ୟସ୍ତ ହେଲା। ସଙ୍ଗଠନ ସୁଦୃଢ଼ ଥିଲେ ଗୋଟିଏ ବିଧାନସଭା ଆସନରେ ଦଳକୁ ୨ରୁ ୫ ହଜାର ଅଧିକ ଭୋଟ ମିଳିପାରେ। ହରିୟାନାରେ ଏହା ହିଁ ହେଲା। ୟୁପିରେ ଏହି ଫ୍ୟାକ୍ଟର ଆଗକୁ ନିର୍ଣ୍ଣାୟକ ହେବ। ସମାଜବାଦୀ ପାର୍ଟୀ ଓ ବିଜେପି ମଧ୍ୟରେ ଯେଉଁ ଦଳର ସାଙ୍ଗଠନିକ ଶକ୍ତି ତୃଣମୂଳ ସ୍ତରେ ଅଧିକ ହେବ, ସେହି ଦଳ ହିଁ ଆଗାମୀ ଉପନିର୍ବାଚନ ତଥା ପରବର୍ତ୍ତୀ ବିଧାନସଭା ନିର୍ବାଚନରେ ବିଜୟରୀ ହେବ। ପଶ୍ଚିମବଙ୍ଗରେ ଠିକ ଏହି କାରଣରୁ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ବିଜୟୀ ହୋଇଆସୁଛି। କଂଗ୍ରେସ ୟୁପିରେ ନିଜ ସ୍ଥିତି ଜାହିର କରିବାକୁ ହେଲେ ପ୍ରଥମେ ନିଜ ସଙ୍ଗଠନକୁ ସୁଦୃଢ଼ କରିବା ଉଚିତ। ତା ପରେ ଯାଇ ଏହା ମୂଳଚାଲ କରିବ। କେବଳ ସଂଖ୍ୟାଲଘୁ ଭୋଟ ସମୀକରଣ ଆଧରରେ ସବୁ ବେଳେ ଜିତିବା ସମ୍ଭବ ନୁହେଁ। ଏହି ଭୋଟ ବ୍ୟାଙ୍କ ମାନସିକତାକୁ ପରିତ୍ୟାଗ କରିବାକୁ ପଡ଼ିବ। ସବୁ ଦଳ ପାଇଁ ଏହି ନିୟମ ଲାଗୁ। ବିଜେପି ଅଯୋଧ୍ୟାରେ ପରାଜିତ ହେବା ଏହାର ଉଦାହରଣ। କେବଳ ହିନ୍ଦୁ ଭୋଟ ଉପରେ ଭରସା କରି ବିଜେପି ସବୁ ବେଳେ ବିଜୟୀ ହେବ ବୋଲି ଆଶା ନରଖିବା ଉଚିତ। ବିଜୟୀ ହେବାକୁ ସବୁ ବର୍ଗର ବିକାଶ ଜରୁରୀ।

## ସମ୍ପାଦକଙ୍କୁ ପତ୍ର

# ଚାରି ନମ୍ବର ହସ୍ପିଟାଲର ସମ୍ପ୍ରସାରଣ କରାଯାଉ

*ମହାଶୟ,*

ରାଜଧାନୀ ଭୁବନେଶ୍ୱରର କେନ୍ଦ୍ରସ୍ଥଳରେ ଥିବା ୪ ନମ୍ବର ହସ୍ପିଟାଲ ଏକ ବହୁ ପୁରାତନ ହସ୍ପିଟାଲ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଏହା ଏକ ପ୍ରମୁଖ ସ୍ଥାନରେ ପ୍ରତିଷ୍ଠା ହୋଇଥିଲେ ମଧ୍ୟ ଏହାର ବିକାଶ ସେପରି ହୋଇ ନାହିଁ ଯାହା ହେବାର କଥା। କ୍ୟାପିଟାଲ ହସ୍ପିଟାଲର ଏହା ବିକଳ୍ପ ଭାବେ ନିର୍ମିତ ହେବା ଉଚିତ। ଯଦି ଏହାର ବେଡ ସଂଖ୍ୟା ବୃଦ୍ଧି କରାଯାଇପାରନ୍ତା ଏବଂ ଅଧିକ ସଂଖ୍ୟାରେ ଡାକ୍ତର ନିଯୁକ୍ତି ସହ ବିଭିନ୍ନ ଡାକ୍ତରୀ ପରୀକ୍ଷା ନିମନ୍ତେ ବ୍ୟବସ୍ଥା ହୋଇପାରନ୍ତା ତେବେ କ୍ୟାପିଟାଲ ହସ୍ପିଟାଲ ଉପରୁ ଚାପ ହ୍ରାସ ପାଆନ୍ତା। ଏଥିଲାଗି ଅନେକ ଦିନରୁ ଦାବି ହୋଇ ଆସୁଥିଲେ ମଧ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉ ନାହାଁନ୍ତି। କେବଳ ୪ ନମ୍ବର ହସ୍ପିଟାଲ ନୁହେଁ, ରାଜଧାନୀରେ ଏଭଳି ଅନେକ ଛୋଟ ଛୋଟ ହସ୍ପିଟାଲ ରହିଛି ଯାହାର ସମ୍ପ୍ରସାରଣ ନିମନ୍ତେ ସୁଯୋଗ ତଥା ଆବଶ୍ୟକତା ଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଉଛି। ଆଶା ସରକାର ଏଥିପ୍ରତି ଉଚିତ ଦୃଷ୍ଟି ଦେବେ।

ଦେବେନ୍ଦ୍ର ନାଥ ମହାପାତ୍ର
ଖାରବେଳ ନଗର, ଭୁବନେଶ୍ୱର

# ନ୍ୟାୟର ଦେବୀଙ୍କ ଆଖିରୁ ହଟିଲା ପଟି



**ଗୋପାଳ ମହାପାତ୍ର**





କୁହାଯାଏ ଯେ ଯାହାହୁଏ ଭଲ ହୁଏ। ନ୍ୟାୟପାଳିକା ନିକଟରେ ନେଇଥିବା ପଦକ୍ଷେପରୁ ଏକଥାର ସ୍ପଷ୍ଟ ସୂଚନା ମିଳୁଛି। ଭାରତରେ ନ୍ୟାୟପାଳିକାର ପ୍ରତୀକ ଚିହ୍ନ (ନ୍ୟାୟଦେବୀ)ଆଖିରେ ପଟି ବନ୍ଧା ଓ ଗୋଟିଏ ହାତରେ ନିକିତି ଓ ଅନ୍ୟ ହାତରେ ଖଣ୍ଡା ଥିବା ଏକ ନାରୀଙ୍କ ଛିତ୍ର ଥିଲା। ଏହି ଚିତ୍ର ବା ପ୍ରତିମୂର୍ତ୍ତୀଙ୍କୁ ନ୍ୟାୟର ଦେବୀ ବୋଲି କୁହାଯାଉଥିଲା, ଯଦିଓ ନ୍ୟାୟ ଦେବାର କାମ ବୋଧହୁଏ ଦେବତା କରିପାରୁ ନଥିଲେ। ନ୍ୟାୟର ଦେବୀଙ୍କ ଆଖିରେ ବୋଧହୁଏ ଏଇଥିପାଇଁ ପଟି ବନ୍ଧା ଯାଇଥିଲା ଯେ ସେ ବିବେକ ଅନୁସାରେ ନ୍ୟାୟ ପ୍ରଦାନ କରି ପାରିବେ, ହାତରେ ଖଣ୍ଡା ଏଇଥିପାଇଁ ବୋଧହୁଏ ଥିଲା ଯେ ଦୋଷୀକୁ ନିର୍ମମ ଭାବେ ଦଣ୍ଡ ଦେଇପାରିବେ। କିନ୍ତୁ ଏବେ ଏହି ନ୍ୟାୟଦେବୀଙ୍କ ଚିତ୍ର/ ପ୍ରତିମୂର୍ତ୍ତୀଙ୍କ ଆଖିରୁ ପଟି ହଟାଇ ଦିଆଯାଇଛି ଏବଂ ଖଣ୍ଡା ବଦଳରେ ଏବେ ନ୍ୟାୟର ଦେବୀଙ୍କ ହାତରେ ସମ୍ବିଧାନକୁ ଧରାଇ ଦିଆଯାଇଛି ଯେଉଁ ସମ୍ବିଧାନ ବିଗତ ଲୋକସଭା ନିର୍ବାଚନ ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଅନ୍ୟ ବିରୋଧିଦଳର ନେତା ମାନଙ୍କ ହାତରେ ଥିଲା। କୁହାଯାଉଛି ଯେ ନ୍ୟାୟର ପ୍ରତୀକର ପରିବର୍ତ୍ତନ ପଛରେ ରହିଛି ଦେଶର ମୁଖ୍ୟ ବିଚାରପତି ଡି ୱାଇ ଚନ୍ଦ୍ରଚୂଡ଼ଙ୍କ ପରାମର୍ଶ ଓ ମାର୍ଗଦର୍ଶନ। ତାଙ୍କର ନିର୍ଦ୍ଦେଶରେ ନ୍ୟାୟର ଦେବୀଙ୍କ ଚିତ୍ର/ ପ୍ରତିମୂର୍ତ୍ତୀରେ ପରିବର୍ତ୍ତନ କରାଯାଇଛି। ନ୍ୟାୟ ଦେବୀଙ୍କ ନୂଆ ପ୍ରତିମା ଦେଶର ସର୍ବୋଚ୍ଚ ଅଦାଲତର ବିଚାରପତିମାନଙ୍କ ଲାଇବ୍ରେରୀରେ ସ୍ଥାପନ କରାଯାଇଛି। ଏହି ପରିବର୍ତ୍ତନ ଐତିହାସିକ ନିଷ୍ପତ୍ତି। ମାନ୍ୟବର ସର୍ବୋଚ ନ୍ୟାୟାଳୟଙ୍କ ଏହି ନିଷ୍ପତ୍ତି ବର୍ତ୍ତମାନର ସରକାରଙ୍କ ମାନସିକତା ସହ ସମାନ ବୋଲି ପରିଲକ୍ଷିତ ହେଉଛି। କାରଣ ବର୍ତ୍ତମାନର ସରକାର ଏବେ ସବୁ କିଛିର ପରିବର୍ତ୍ତନ କରିବାପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ସହର, ରେଳଷ୍ଟସନ, ବିମାନ ବନ୍ଦରର ନାମ ନୁହେଁ ବରଂ ଇଂରେଜ ଅମଳର ସବୁ ଆଇନକୁ ପରିବର୍ତ୍ତନ କରାଯାଇଛି। ଏପରିସ୍ଥଳେ ନ୍ୟାୟପାଳିକା ମଧ୍ୟ ପଛରେ ରହିବ ବା କାହିଁକି? ଏଇଥିପାଇଁ ଭାରତୀୟ ନ୍ୟାୟପାଳିକା ମଧ୍ୟ ବ୍ରିଟିଶ ଅମଳକୁ ପଛରେ ପକାଇ ନୂଆ କଥାକୁ ଆପଣେଇବା ଆରମ୍ଭ କରିଛି। ସର୍ବୋଚ୍ଚ ନ୍ୟାୟାଳୟ ନ୍ୟାୟର ଦେବୀଙ୍କ ଆଖିରୁ ପଟି ହଟାଇ ସନ୍ଦେଶ ଦେବା ପାଇଁ ଚାହିଁଛନ୍ତି ଯେ ଏବେ ଆଇନ୍ ଅନ୍ଧ ନୁହେଁ। ଆଇନ୍ ମଧ୍ୟ ଅନ୍ଧ ହେବା ଠିକ୍ ନୁହେଁ।

ଏବେ ଯେଉଁ ସବୁ ବ୍ୟବସ୍ଥାର ଆଖିରେ ପଟିବନ୍ଧା ଯାଇଛି ସେଥିରୁ ମଧ୍ୟ ପଟି ହଟାଇବା ଜରୁରୀ। ଆଖିରେ ପଟିବନ୍ଧା ହେବା ବିବେକର ପ୍ରତୀକ ବୋଲି କୁହାଯାଏ କିନ୍ତୁ ଅନ୍ୟ ପକ୍ଷରେ ଜାଣିଶୁଣି ଆଖି ବନ୍ଦ କରିବାର ପ୍ରତୀକ ବୋଲି ମଧ୍ୟ କୁହାଯାଇପାରେ। ଦ୍ୱାପରଯୁଗରେ ଗାନ୍ଧାରୀ ତାଙ୍କ ସ୍ୱାମୀଙ୍କ ପ୍ରେମ କାରଣରୁ ଆଖିରେ ପଟି ବାନ୍ଧିଥିଲେ କିନ୍ତୁ ତାର ପରିଣାମ କ'ଣ ହୋଇଥିଲା ସେ କଥା ପୁରାଣରେ ଉଲ୍ଲେଖ ରହିଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ପଦକ୍ଷେପ ବା ନବାଂର ସ୍ୱାଗତ ଯୋଗ୍ୟ ଏବଂ ଆଶା କରାଯିବା ଉଚିତ୍ ଯେ ନ୍ୟାୟପ୍ରଣାଳୀ ଅଧିକ ଭାବେ ଆଦୃତ ହେବ। ଭାରତର ନ୍ୟାୟପାଳିକା ଉପରେ ଲୋକଙ୍କର ଅଗାଧ ବିଶ୍ୱାସ ରହିଛି ଯଦିଓ ଅନେକ ସମୟରେ କେତେକ ନିର୍ଣ୍ଣୟ ପାଇଁ ବିବାଦ ଉପୁଜିଛି। କିନ୍ତୁ ଅନେକ ଐତିହାସିକ ନିଷ୍ପତ୍ତି କାରଣରୁ ନ୍ୟାୟପାଳିକା ତାର ସମ୍ମାନକୁ ବଜାୟ ରଖିପାରିଛି। କିନ୍ତୁ ଦୁର୍ଭାଗ୍ୟ ଯେ ଏବେ ଦେଶର କାର୍ଯ୍ୟପାଳିକା ହେଉ ବା ବିଧାୟିକା ସମସ୍ତଙ୍କ ଆଖିରେ ପଟି ଏବଂ ହାତରେ ଖଣ୍ଡା ରହିଥିବା ପରି ଜଣାପଡୁଛି। ସରକାରଙ୍କ ନିୟନ୍ତ୍ରଣରେ ସବୁକିଛି ରହିଛି। ନ୍ୟାୟପାଳିକା ମଧ୍ୟ। କାରଣ ନ୍ୟାୟପାଳିକାର ନିଯୁକ୍ତି, ବେତନ- ଭତ୍ତା ପର୍ଯ୍ୟନ୍ତର ବ୍ୟବସ୍ଥା ସରକାର କରିଥାନ୍ତି। ସରକାର ମଧ୍ୟ ତାଙ୍କ ଆଖିରେ ପଟି ବାନ୍ଧି କାମ କରିଥାନ୍ତି ଯେଉଁଠି ଖଣ୍ଡାର ଆବଶ୍ୟକତା ନଥାଏ ସେଠି ଖଣ୍ଡା ଚଲାନ୍ତି ଏବଂ ଯେଉଁଠି ଆବଶ୍ୟକତା ଥାଏ ସେଠି ଖଣ୍ଡାକୁ ଛୁଅଁନ୍ତି ନାହିଁ ଏପରିକି ଖଣ୍ଡା ଚଳାଇବା ବେଳେ ଆଖିରୁ ପଟିକୁ ହଟାଇ ଦିଅନ୍ତି। ଏ ବାବଦରେ ଉଦାହରଣ ଦେବାର ଆବଶ୍ୟକତା ନାହିଁ, ପାଠକେ ଏହାର ବିଶ୍ଳେଷଣ କରିବେ।

ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତିଙ୍କ ମତ ହେଉଛି ଇଂରୋକ ଅମଳର କଥାକୁ ଆମେ ଗ୍ରହଣ କରିବା କାହିଁକି। ଆଇନ୍ କେବେ ଅନ୍ଧ ନୁହେଁ। ଆଇନ ସମସ୍ତଙ୍କୁ ସମାନ ରୂପରେ ଦେଖିଥାଏ। ଏଣୁ ନ୍ୟାୟର ଦେବୀଙ୍କ ସ୍ୱରୂପ ପରିବର୍ତ୍ତନ ହେବା ଆବଶ୍ୟକ। ଦେବୀଙ୍କ ହାତରେ ଖଣ୍ଡା ପରିବର୍ତ୍ତେ ସମ୍ବିଧାନ ରହିବା ଆବଶ୍ୟକ ଓ ସମ୍ବିଧାନ ରହିଲେ ଲୋକଙ୍କ ପାଖକୁ ସନ୍ଦେଶ ଯାଇପାରିବ ଯେ ନ୍ୟାୟପାଳିକା ସମ୍ବିଧାନ ଅନୁସାରେ ହିଁ ନ୍ୟାୟ କରିଥାନ୍ତି। ଅନ୍ୟପକ୍ଷରେ ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼ଙ୍କ ମତରେ ଖଣ୍ଡା ହିଂସାର ପ୍ରତୀକ। ନ୍ୟାୟାଳୟ ହିଂସା ନୁହେଁ ବରଂ ସାମ୍ବିଧାନିକ ବିଧି ଆଇନ୍ ଅନୁସାରେ ନ୍ୟାୟ ପ୍ରଦାନ କରିଥାନ୍ତି। ଦେବୀଙ୍କ ଦ୍ୱିତିୟ ହାତରେ ନିକିତି ଠିକ୍ ଅଟେ ଯାହା ସମସ୍ତଙ୍କୁ ସମାନ ଭାବେ ନ୍ୟାୟ ଦେବାର ପ୍ରତୀକ।

ଭାରତରେ ଗଣତନ୍ତ୍ରରେ ନ୍ୟାୟପାଳିକାର ଭୂମିକାକୁ ଆମ ସମ୍ବିଧାନ ନିର୍ମାତା ମାନେ ଏଭଳି ନିରୁପିତ କରିଛନ୍ତି ଯେ ଏହା ସରକାରଙ୍କ ଅଙ୍ଗ ନହୋଇ ବି ସ୍ୱତନ୍ତ୍ର ଭାବରେ ଦେଶରେ ସାମ୍ବିଧାନର ଶାସନର ଗ୍ୟାରେଣ୍ଟି ଦେଇଥାଏ। ନ୍ୟାୟପାଳିକା ମଧ୍ୟ ତାର ଦାୟିତ୍ୱ ଠିକ ଭାବେ ପାଳନ କରୁଛି ଓ ଏଥିରେ ସର୍ବୋଚ୍ଚ ନ୍ୟାୟାଳୟର ଭୂମିକା ଗୁରୁତ୍ୱପୁର୍ଣ୍ଣ ଅଟେ। ଅନେକ ସମୟରେ ସର୍ବୋଚ୍ଚ ନ୍ୟାୟାଳୟ ସରକାରୀ ନିଷ୍ପତ୍ତିର ସମୀକ୍ଷା ସମ୍ବିଧାନର ଭାବନା ଅନୁସାରେ କରିଥାନ୍ତି। ବିଚାରପତି ଚନ୍ଦ୍ରଚୂଡ଼ଙ୍କ ମତରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଭୂମିକା ଲୋକଙ୍କ ନ୍ୟାୟାଳୟ ବା ଅଦାଲତ ରୂପରେ ନିରୁପିତ ହେବା ଉଚିତ୍ ଏବଂ ଏହାର ଏହି ସ୍ୱରୂପ ଭବିଷ୍ୟତ ପାଇଁ ସଂରକ୍ଷିତ ରହିବା ଆବଶ୍ୟକ। ସାଧାରଣ ନାଗରିକଙ୍କ ପାଇଁ ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରା ଖୋଲା ରହିଛି ଏବଂ ସେମାନଙ୍କୁ ନ୍ୟାୟ ମିଳୁଛି ଏହି ଅବଧାରଣାକୁ ସ୍ଥାୟୀ ରଖିବା ଉଚିତ ଯାହାକୁ ବିକଶିତ କରିବା ପାଇଁ ୭୫ ବର୍ଷ ଲାଗି ଯାଇଛି। ସମାଜ ବଦଳୁଛି ଏବଂ ଏହାର ବିକାଶ ହେଉଛି ଏଣୁ ସର୍ବୋଚ୍ଚ ନ୍ୟାୟାଳୟ କେବଳ ବଡ଼ ବଡ଼ ମାମଲା ଉପରେ ନଜର ନରଖି ସାଧାରଣ ବା ଛୋଟ ବୋଲି ଚିନ୍ତା କରାଯାଉଥିବା ମାମଲା ଉପରେ ଦୃଷ୍ଟି ଦେବା ଉଚିତ୍ ବୋଲି କହିଛନ୍ତି ବିଚାରପତି ଚନ୍ଦ୍ରଚୂଡ଼। ତାଙ୍କ ମତରେ ଗଣତନ୍ତ୍ରରେ କୌଣସି ସାମ୍ବିଧାନିକ ସଂସ୍ଥା ଆଭିଜାତ୍ୟ ନୁହେଁ, ବିଶେଷକରି ନ୍ୟାୟାପାଳିକା। କାରଣ ନ୍ୟାୟାପାଳିକା ଉପରେ ଲୋକଙ୍କ ସ୍ୱାର୍ଥର ରକ୍ଷା କରିବାର ଦାୟିତତ୍ୱ ରହିଛି। ପରିବର୍ତ୍ତିତ ସାମାଜିକ ସମୀକରଣକୁ ମଧ୍ୟ ଅଦାଲତ ସଜ୍ଞାନ ନେବା ଉଚିତ୍ ବୋଲି ମଧ୍ୟ କହିଛନ୍ତି ବିଚାରପତି ଚନ୍ଦ୍ରଚୂଡ଼।

ଆଶା କରାଯିବା ଉଚିତ୍ ଯେ ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ତାଙ୍କ ଅବସର ଗ୍ରହଣ ପୂର୍ବରୁ ଯେମିତି ନ୍ୟାୟପାଳିକାର ପ୍ରତୀକକୁ ବଦଳାଇ ଦେଇଛନ୍ତି ସେହିପରି ସାମ୍ବିଧାନିକ ସଂସ୍ଥାମାନଙ୍କ ଆଖିରେ ଯେଉଁ ପଟି ବନ୍ଧାଯାଇଛି ସେ ସବୁକୁ ହଟାଇବା ଦିଗରେ ପ୍ରୟାସ କରିବେ। ଇଡି ହେଉ ବା ସିବିଆଇ ଏପରିକି କେନ୍ଦ୍ରୀୟ ନିର୍ବାଚନ କମିଶନ ସମସ୍ତଙ୍କ ଆଖିରେ ପଟି ଓ ହାତରେ ଖଣ୍ଡା ରହିଛି। ଆଜିର ସମୟ ଆଖିରେ ପଟିବାନ୍ଧି କାମ କରିବାର ସମୟ ନୁହେଁ କିମ୍ବା ହାତରେ ଖଣ୍ଡା ଧରି କାହାରିକୁ ଶାସନ କରାଯାଇ ପାରିବ ନାହିଁ। ଅନେକଙ୍କ ମତରେ ନ୍ୟାୟର ଦେବୀ ବାସ୍ତବରେ ୟୁନାନର ପ୍ରାକ୍କାଳର ଦେବୀ ଯାହାଙ୍କୁ ନ୍ୟାୟର ପ୍ରତୀକ ବୋଲି କୁହାଯାଉଥିଲା। ଏହାଙ୍କ ନାମ ଜଷ୍ଟିଆ। ଏହାଙ୍କ ନାମରୁ ହିଁ ଜଷ୍ଟିସ ଶବ୍ଦର ଉତ୍ପତ୍ତି। ଏହି ଦେବୀଙ୍କ ଆଖିରେ ପଟି ବନ୍ଧା ହେବାର ଅର୍ଥ ହେଉଛି ନ୍ୟାୟର ଦେବୀ ସବୁବେଳେ ନିରପେକ୍ଷ ଭାବେ ନ୍ୟାୟ ଦେଇଥାନ୍ତି। କିନ୍ତୁ ଆମେ ସମସ୍ତେ ମଧ୍ୟ ଜାଣିଛେ ଯେ ଆଖିରେ ପଟି ବାନ୍ଧି ମୋଟର ସାଇକେଲ, ସାଇକେଲ ଚଳାଇବା, ଚିତ୍ର ଆଙ୍କିବା ଜାଦୁକରଙ୍କ କାମ। ବିଚାରପତି ଏଭଳି କରିପାରିବେ ନାହିଁ। କିନ୍ତୁ ନେତା କରିପାରିବେ ଓ କରୁଛନ୍ତି। ଯାହାବି ହେଉ ପରିବର୍ତ୍ତନ ସ୍ୱାଗତ ଯୋଗ୍ୟ ଏବଂ ଦେଶବାସୀ ବିଚାରପତି ଚନ୍ଦ୍ରଚୂଡ଼ଙ୍କୁ ମନେ ରଖିବେ ନିଶ୍ଚୟ। ଅବସର ଗ୍ରହର ପୂର୍ବରୁ ସେ ନେଇଥିବା ପଦକ୍ଷେପ ଐତିହାସିକ ନିଷ୍ପତ୍ତି।

ରାମଚନ୍ଦ୍ରପୁର, ରଣପୁର
ମୋବାଇଲ୍: ୯୪୩୮୪୮୫୦୯୪

# ଏତେ ଅଶ୍ଳୀଳତା କାହିଁକି



**ଦିପ୍ତିମୟୀ ନାୟକ**

ଆଜିକାଲି ଯାତ୍ରାରେ ଅଶ୍ଳୀଳତା ନୃତ୍ୟ ସହ ଅଶ୍ଳୀଳ କଥା କହି କିଛି ଯୁବତୀ ଚର୍ଚ୍ଚିତ ଚେହେରା ପାଲଟି ଯାଉଛନ୍ତି। ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ ଯାତ୍ରା କମିଟି। ଯଦି ଯାତ୍ରା କମିଟି ଗୁଡିକ ସେମାନଙ୍କୁ ଅଶ୍ଳୀଳ ନୃତ୍ୟ କିମ୍ବା ଅଶ୍ଳୀଳ କଥା କହିବାକୁ ବାରଣ କରନ୍ତେ ତେବେ ସେହି ଯୁବତୀ ମାନେ ଅଶ୍ଳୀଳତା ନାମରେ ନିଜ ଅଙ୍ଗ ପ୍ରଦର୍ଶନ କରନ୍ତେନି କି ରାତାରାତି ଗୋଟେ ଚର୍ଚ୍ଚିତ ଚେହେରା ହୁଅନ୍ତେନି। ଯଦିଓ ଯାତ୍ରାରେ ଏହି ଯୁବତୀ ମାନେ ଅଶ୍ଳୀଳ କଥା କହିବା ସହ ନିଜ ଅର୍ଦ୍ଧ ନଗ୍ନ ଶରୀର ଦେଖାନ୍ତି କିଛି ଦର୍ଶକ ମଧ୍ୟ ବିଚଳିତ ହୋଇଥାନ୍ତି ଆଉ କିଛି ଦର୍ଶକ ନିଜ ପରିବାର ସହ କିପରି ଏତେ ଅଶ୍ଳୀଳ ନୃତ୍ୟ ଦେଖିବେ ଏବଂ କିପରି ଏତେ ଅଶ୍ଳୀଳ କଥା ଶୁଣିବେ ଲାଜରେ ମୁହଁ ତଳକୁ କରିଦିଅନ୍ତି। ଏଠି କଥା ଉଠୁଛି କିଏ କାହାକୁ କେତେ ବାଧ୍ୟ କରୁଛି ସେହି ଅଶ୍ଳୀଳ ନୃତ୍ୟ ଦେଖିବାକୁ କି ଅଶ୍ଳୀଳ କଥା ଶୁଣିବାକୁ। ଯେହେତୁ ଆମ ଦେଶ ହେଉଛି ନାଟ୍ୟ, ସଂଗୀତ, କଳା, ପରମ୍ପରାର ଦେଶ ଯାତ୍ରା ପ୍ରତି ଲୋକଙ୍କର ଲୋକପ୍ରିୟତା ରହିଛି କିନ୍ତୁ ଦୁଃଖର ବିଷୟ ସେହି ଲୋକପ୍ରିୟତା ଏବେ କମିବାକୁ ବସିଲାଣି। ଯେଉଁ ଯାତ୍ରାରେ ଲୋକଙ୍କର ମନୋରଞ୍ଜନ ଥାଏ ଏବେ ସେହି ଯାତ୍ରାରେ ମନୋରଞ୍ଜନ ନାମରେ ଅଶ୍ଳୀଳତା କଥା ସାଙ୍ଗକୁ ଅଶ୍ଳୀଳ ନୃତ୍ୟ ଭରି ରହିଛି। ତେଣୁ ଯାତ୍ରାପାର୍ଟିର ସଦସ୍ୟମାନେ ଏଥିପ୍ରତି ଦୃଷ୍ଟି ଦେବା ନିହାତି ଜରୁରୀ। ନୃତ୍ୟ ହେଉ ଅଶ୍ଳୀଳତାକୁ ବନ୍ଦ କରାଯାଉ। ଦୋଅକ୍ଷରୀ ଅର୍ଥାତ ଅଶ୍ଳୀଳ ଭାଷାକୁ ଛାଡି ଭଲ ଭାଷା କୁହାଯାଉ। ଯାତ୍ରା କହିଲେ ସାଧାରଣତଃ ଆମେମାନେ ବୁଝିଥାଉ ଯେ କୌଣସି ପୌରାଣିକ ବିଷୟବସ୍ତୁକୁ ନେଇ ଏକ ମୁକ୍ତ ରଙ୍ଗମଞ୍ଚରେ ନିଜ ମୁହଁରେ ରଙ୍ଗ ବୋଳି ସର୍ବସମ୍ମୁଖରେ ଅଭିନୟ କରି ଲୋକମାନଙ୍କ ମନ କିଣିବା ଏବଂ ଆମ ସମାଜକୁ ଗୋଟେ ଉତ୍ତମ ବାର୍ତ୍ତା ଦେବା। ଅନେକ ପେଶାଦାର ସଂସ୍ଥାମାନଙ୍କର ଭାତ ହାଣ୍ଡି ଚୁଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ କାରଣ ଏହି ଯାତ୍ରା ଜଗତରେ ଥିବା କଳାକାର ମାନେ ଯାତ୍ରାକୁ ହିଁ ତାଙ୍କର ଜୀବନ ଓ ଜୀବିକା ଭାବିଥାଆନ୍ତି। ଏବେବି ଯାତ୍ରା କଥା ଉଠିଲେ ମନରେ ଗର୍ବ ଆସେ ଯେଉଁଠି ଆଧୁନିକ ଯୁଗରେ ବିଭିନ୍ନ ସିନେମା ହଲ, ଇଣ୍ଟରନେଟ, ମୋବଇଲର ଚାହିଦା ବଢ଼ିଚାଲିଥିବା ବେଳେ ଆଜିବି ଆମ ଲୋକମାନଙ୍କ ମନରେ ସେହି ଯାତ୍ରା ପ୍ରେମ ଅଛି। ବାହାର ଲୋକମାନଙ୍କ ଆଗରେ ଆମେ ମଥା ଟେକି କହି ପାରୁଛୁ ଆଧୁନିକ ଯୁଗ ହେଲେ ମଧ୍ୟ ଆମେ ଆଜିବି ସେହି ପୁରୁଣା ସଂସ୍କୃତିକୁ ଆପଣେଇ ନେଇଛୁ। ଆମ ଦେଶ ହେଉଛି ନାଟ୍ୟ, ସଂଗୀତ, କଳା ପରମ୍ପରାର ଦେଶ କିନ୍ତୁ ଏହା ଏବେ ଆଧୁନିକତା ଭିତରେ ଅନ୍ତସାରଶୂନ୍ୟ। ଓଡିଶାର ବିଭିନ୍ନ ସ୍ଥାୟୀ ପେସାଦାର ରଙ୍ଗମଞ୍ଚ ଗୁଡିକର ଦୁରାବସ୍ଥା ତାହାର ନିଚ୍ଛକ ଉଦାହରଣ ପାଲଟିଯାଇଛି। ଓଡିଶାର ପ୍ରାଚୀନ ନାଟ୍ୟ ପରମ୍ପରାକୁ ରକ୍ଷା କରିବା ଆମମାନଙ୍କର ନିତ୍ୟାନ୍ତ ଆବଶ୍ୟକ। ଆମମାନଙ୍କ ଭିତରେ ଆଧୁନିକତା ରହୁ କିନ୍ତୁ ଆମ ପରମ୍ପରା ଯେମିତି ନବଦଳୁ।ଆଜିର ସମାଜରେ ଯେଉଁ ସବୁ ଯାତ୍ରା ହେଉଛି ତାହା ଆମମାନଙ୍କ ପରମ୍ପରାରେ ନାହିଁ। ପୂର୍ବକାଳରେ ଯେଉଁଠି ଯାତ୍ରା ହୋଇଥାଏ ସେଠି ନିଜ ପରିବାର ସହ ମିଶିକି ଯାତ୍ରା ଦେଖି ହୋଇପାରୁଥିଲା କିନ୍ତୁ ଏବେ ଯେମିତି ସବୁ ଯାତ୍ରା ହେଉଛି ତାହା ନିଜ ପରିବାର ସହ ମିଶିକି ଯାତ୍ରା ଦେଖିବାକୁ ମଧ୍ୟ ଖରାପ ଲାଗୁଛି ହୁଏତ ଏମାନଙ୍କ ମନରେ କିଏ ଭୁଲ ଧାରଣାର ବିଷ ମଞ୍ଜି ବୁଣି ଦେଇଛି ସେଥିପାଇଁ ଯାତ୍ରା ପାର୍ଟିର ମାଲିକ ମାନେ କଳାକାର ମାନଙ୍କୁ ଆଣି ବେସି ରୋଜଗାର କରିବା ଆଶାରେ ଉଲଗ୍ନ ପ୍ରାୟ ସଜେଇ ତାଙ୍କୁ ପେଣ୍ଡାଲ ଉପରେ ନଚାଉଛନ୍ତି ଆଉ ଦର୍ଶକ ସିନା ମଜା ନେଉଛନ୍ତି କିନ୍ତୁ ଏହା ଆମ ସମାଜ ଉପରେ ବହୁତ ଗୁଡ଼ିଏ କୁପ୍ରଭାବ ପକାଉଛି। ରୁଚି ମୁତାବକ ନିଜ ପରିବାର ସହ ଯାତ୍ରା ସବୁ ଯଦି ପରିବେଷଣ ହୁଅନ୍ତା ତାହାଲେ ନିଜ ପରିବାର ସହ ଯାତ୍ରା ଦେଖିବାକୁ ବି ଲାଜ ଲାଗୁନଥାନ୍ତା। ଆମେ ହେଉଛେ ଓଡ଼ିଆ ଯେତେବେଳେ ସିନେମା ନଥିଲା ସେତେବେଳେ ଏହି ଯାତ୍ରା କଳାକାର ମାନେ ହିଁ ବିଭିନ୍ନ ସାଂସ୍କୃତିକ ନାଟ୍ୟ ପରିବେଷଣ କରି ଲୋକ ମାନଙ୍କୁ ମନରଞ୍ଜନର ଖୁରାକ ଯୋଗାଉ ଥିଲେ ତେବେ ଏବେ କାହିଁକି ସେହି ଭଳି ନାଟ୍ୟ ପରିବେଷଣ ହେଉନାହିଁ। ଯାତ୍ରା ଆରମ୍ଭରୁ କାହିଁକି ଅଶ୍ଳୀଳ ନୃତ୍ୟ କରି ଯୁବପିଢ଼ିଙ୍କୁ ଖରାପ ବାର୍ତ୍ତା ପ୍ରେରଣ କରାଯାଉଛି।ଯଦି ସମାଜକୁ ଭଲ ବାର୍ତ୍ତା ଦେଲାଭଳି କିଛି ନାଟ୍ୟ ପରିବେଷଣ ହୁଅନ୍ତା ତାହାଲେ ଆମେମାନେ ଆମ ପୁରୁଣା ସଂସ୍କୃତିକୁ ଫେରି ପାଇପାରନ୍ତେ। ତେଣୁ ଯାତ୍ରା ହେଉ କିନ୍ତୁ ଆମ ଦେଶର ନାଟ୍ୟ, ସଙ୍ଗୀତ, କଳା, ପରମ୍ପରାକୁ ବଜେଇ ରଖୁ। ନାଟ୍ୟର ମୂଲ୍ୟବୋଧ ନକମୁ।



ଅନ୍ଧାରୁଆ, ଭୁବନେଶ୍ୱର
ମୋବାଇଲ୍: ୯୦୯୦୬୬୧୫୮୬

# ବଢୁଛି ଅନୁପ୍ରବେଶ ଆଶଙ୍କା

ବାଂଲାଦେଶରେ ଘଟିଥିବା ଘଟଣା ଆଶ୍ଚର୍ଯ୍ୟଜନକ। ପରିସ୍ଥିତି ଏତେ ଖରାପ ହୋଇଥିଲା ଯେ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ଇସ୍ତଫା ଦେଇ ଦେଶ ଛାଡ଼ିବାକୁ ପଡ଼ିଥିଲା। ସେ ଭାରତକୁ ଅନୁରୋଧ କରିଥିଲେ, ଯେଉଁଥିରେ ତାଙ୍କୁ 'ସୁରକ୍ଷିତ ଯାତ୍ରା' ପ୍ରସ୍ତାବ ଦିଆଯାଇଥିଲା। ଆଗାମୀ ଦିନରେ ସେମାନେ ଲଣ୍ଡନ କିମ୍ବା ଅନ୍ୟ କୌଣସି ଦେଶରେ ଆଶ୍ରୟ ନେଇପାରିବେ। ଆମେରିକାରେ ରହୁଥିବା ତାଙ୍କ ପୁଅ ସଜିବ ୱାଜେଦ ଜୋଏ କହିଛନ୍ତି ଯେ ତାଙ୍କ ମା' ଦେଶର ଚେହେରା ବଦଳାଇ ଦେଇଛନ୍ତି। ଯେତେବେଳେ ସେ ଦାୟିତ୍ୱ ଗ୍ରହଣ କରିଥିଲେ, ଏହି ଦେଶ ଏକ ବିଫଳ ରାଷ୍ଟ୍ର ଭାବରେ ପରିଚିତ ଥିଲା। ଆଜି ଏହି ଦେଶକୁ ଏସିଆର ଉଚ୍ଚ ଅଭିବୃଦ୍ଧି ଅର୍ଥନୀତି ମଧ୍ୟରେ ବିବେଚନା କରାଯାଏ । ସେ ଆଉ କେବେ ରାଜନୀତିକୁ ଆସିବେ ନାହିଁ ବୋଲି ସଜିବ ୱାଜେଦ ଜୋୟ କହିଛନ୍ତି। ଅନ୍ୟପକ୍ଷରେ ବାଂଲାଦେଶର ସେନାମୁଖ୍ୟ କ୍ଷମତାକୁ ଆସିବା ସହ ଖୁବ୍ ଶୀଘ୍ର ଅନ୍ତରୀଣ ସରକାର ଗଠନ କରିବାକୁ ଘୋଷଣା କରିଛନ୍ତି। ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟିର ସଭାପତି ତଥା ଶେଖ୍ ହସିନାଙ୍କ ମୁଖ୍ୟ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲିଦା ଜିଆଙ୍କୁ ମୁକ୍ତ କରିବାକୁ ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ ନିର୍ଦ୍ଦେଶ ଦେଇଛନ୍ତି। ଅନେକ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ଖାଲିଦା ଗୃହବନ୍ଦୀ ଅଛନ୍ତି। କେହି ଜାଣି ନଥିଲେ ଯେ ଜାତିର ପିତା କୁହାଯାଉଥିବା ଶେଖ୍ ମୁଜିବୁର୍ ରେହମାନଙ୍କ ଏକମାତ୍ର ଉତ୍ତରାଧିକାରୀ ୭୬ ବର୍ଷୀୟା ହସିନା ତାଙ୍କ ପିତାଙ୍କ ପ୍ରତିମୂର୍ତ୍ତି ଭଙ୍ଗାରୁଜାର ସାକ୍ଷୀ ହେବେ। ଚଳିତ ବର୍ଷ ଜାନୁଆରିରେ ଶେଖ ହସିନା ଆୱାମୀ ଲିଗ୍ ପାଇଁ କ୍ରମାଗତ ପଞ୍ଚମ ଓ ଚତୁର୍ଥ ବିଜୟ ହାସଲ କରିଥିଲେ। ବାଂଲାଦେଶକୁ ଦକ୍ଷିଣ ଏସିଆରେ ଏକ ଉଦୀୟମାନ ଅର୍ଥନୈତିକ ଶକ୍ତି ଭାବରେ ଦେଖାଯାଉଥିଲା।

ବିଶେଷ କରି ବିଶ୍ୱର ଦ୍ୱିତୀୟ ବୃହତ୍ତମ ପୋଷାକ ରପ୍ତାନିକାରୀ ଦେଶ ଭାବେ। ତାଙ୍କ କାର୍ଯ୍ୟକାଳ ରେ ଗତ ଦଶନ୍ଧିରେ ମୁଣ୍ଡପିଛା ଆୟ ତିନି ଗୁଣ ବୃଦ୍ଧି ପାଇଛି। ହସିନାଙ୍କୁ ସାମରିକ ଶାସନ ବିରୋଧରେ ଗଣତନ୍ତ୍ର ସମର୍ଥକ ଏବଂ ଧର୍ମନିରପେକ୍ଷତାର ରାମ୍ପ ଭାବରେ ଦେଖାଯାଉଥିଲା । ସେ ଇସଲାମିକ ମୌଳବାଦୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଭାରତରେ ସେମାନଙ୍କୁ ଭରସାଯୋଗ୍ୟ ରଣନୈତିକ ସହଯୋଗୀ ଓ ବିକାଶ ସହଯୋଗୀ ଭାବେ ବିବେଚନା କରାଯାଉଥିଲା। ବାସ୍ତବରେ ବିରୋଧୀଙ୍କୁ ଦମନ କରିବା ପାଇଁ ହସିନା ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଜେଲରେ ପକାଇବା ପାଇଁ ରଣନୀତି ଆପଣାଇଥିଲେ। ସେ ଦେଶକୁ ଏକ ଦଳୀୟ ବ୍ୟବସ୍ଥାରେ ପରିଣତ କରିବା ସହ ଦଳୀୟ ସଦସ୍ୟମାନଙ୍କୁ ସରକାରୀ ଚାକିରିରେ ନିୟୋଜିତ କରାଇଥିବା ମଧ୍ୟ ଅଭିଯୋଗ ହୋଇଛି। ସରକାରୀ ଯନ୍ତ୍ରପାତିରେ ଦୁର୍ନୀତି ବ୍ୟାପକ ହୋଇଛି। ପୋଲିସ ଶାସନ ବୃଦ୍ଧି ଏବଂ ଆନୁସଙ୍ଗିକ ଅତ୍ୟାଚାର ସାଧାରଣ କଥା ଥିଲା । ଉଚ୍ଚ ବେକାରୀ ଓ ମୁଦ୍ରାସ୍ଫୀତି ହାର ୧୮ ପ୍ରତିଶତ ପାଖାପାଖି ରହିଥିବା ବେଳେ କୋଭିଡ୍ ପରବର୍ତ୍ତୀ ଆହ୍ୱାନ ହସିନାଙ୍କ ପ୍ରତି ଅସନ୍ତୋଷ ସୃଷ୍ଟି କରିଛି। ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଉଛି ହସିନାଙ୍କୁ ବାଂଲାଦେଶରେ ଜଣେ ଭାରତ ସମର୍ଥକ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୃଢ଼ ସମର୍ଥକ ଭାବରେ ଦେଖାଯାଉଥିଲା । ବାଂଲାଦେଶରେ ବସବାସ କରୁଥିବା ହିନ୍ଦୁ ସଂଖ୍ୟାଲଘୁଙ୍କ ପ୍ରତି ନରମ ଆଭିମୁଖ୍ୟ ଗ୍ରହଣ କରିଥିବା ମଧ୍ୟ ତାଙ୍କ ଉପରେ ଅଭିଯୋଗ ହୋଇଥିଲା।

# ମଙ୍ଗଳବାର ସୁଦ୍ଧା ଏଲ୍ଏସିରୁ ସେନା ପ୍ରତ୍ୟାହାର



**ନୂଆଦିଲ୍ଲୀ, ୨୫।୧୦:** ଲଦାଖର ଦେପସାଙ୍ଗ ଓ ଡେମଚୋକ ଅଞ୍ଚଳରେ ଲାଗି ରହିଥିବା ବିବାଦରେ ପଡ଼ିବ ପୂର୍ଣ୍ଣଚ୍ଛେଦ। ଆସନ୍ତା ମଙ୍ଗଳବାର ସୁଦ୍ଧା ଏହି ଦୁଇ ସୀମାନ୍ତ ଅଞ୍ଚଳରୁ ଭାରତ ଓ ଚାଇନା ପରସ୍ପରର ସେନା ଯବାନଙ୍କୁ ସଂପୂର୍ଣ୍ଣ ଭାବେ ପ୍ରତ୍ୟାହାର କରିବେ।

୨୦୨୦ ଗଲୱାନ ଘାଟି ବିବାଦ ପରଠାରୁ ଏଠାରେ ଦୁଇ ଦେଶ ପକ୍ଷରୁ ସେନା ଯବାନଙ୍କୁ ମୁତୟନ କରାଯାଇଥିଲା। ହେଲେ ଏବେ ଉତ୍ତେଜନା ହ୍ରାସ ସହ ସେନା ପ୍ରତ୍ୟାହାର ପାଇଁ ଦୁଇ ଦେଶ ରାଜି ହୋଇଛନ୍ତି। ଏଥିସହ ସେନା ପ୍ରତ୍ୟାହାର ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଥିବା ଜଣାପଡ଼ିଛି। ଆଜି ଠାରୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ସୁଦ୍ଧା ଏହା ଶେଷ ହେବ ବୋଲି ସେନା ସୂତ୍ରରୁ ଖବର ମିଳିଛି। ମିଳିଥିବା ସୂଚନା ଅନୁସାରେ, ୨୦୨୦ ବିବାଦ ପୂର୍ବରୁ ଦୁଇ ଦେଶର ସେନା ଯେଉଁ ଠାରେ ମୁତୟନ ହୋଇଥିଲେ, ସେଠାକୁ ଚାଲିଯିବେ। ସୀମାରେ ଉଭୟ ଦେଶ ନିର୍ମାଣ କରିଥିବା ଅସ୍ଥାୟୀ ଭିତ୍ତିଭୂମି ଯଥା ଟେଣ୍ଟ ଓ ଅନ୍ୟାନ୍ୟ ଜିନିଷକୁ ହଟାଇବେ। ତେବେ ଗ୍ରାଉଣ୍ଡ କମାଣ୍ଡର୍ସଙ୍କ ମଧ୍ୟରେ ନିୟମିତ ମିଟିଂ ଜାରି ରହିବ। ଦେପସାଙ୍ଗ ଓ ଡେମଚୋକରେ ଉଭୟ ଦେଶ ସର୍ଭେଲାନ୍ସ କରିପାରିବେ। ସେହିପରି ଏଠାରେ ପାଟ୍ରୋଲିଂ କରିବା ପୂର୍ବରୁ ଉଭୟ ଦେଶକୁ ସୂଚନା ଦେଇପାରିବେ। ଏହାଦ୍ୱାରା ଭୁଲ ବୁଝାମଣା ସୃଷ୍ଟି ହେବ ନାହିଁ। ଗତ ସପ୍ତାହରେ ଦୁଇ ଦେଶ ଉକ୍ତ ସୀମାନ୍ତ ଅଞ୍ଚଳରେ ପାଟ୍ରୋଲିଂ ପାଇଁ ରାଜି ହୋଇଥିଲେ। ଏହାଦ୍ୱାରା ଦୀର୍ଘ ମାସ ଧରି ଏଲଏସିରେ ଜାରି ରହିଥିବା ମିଲିଟାରୀ ଓ କୂଟନୀତିକ ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିବାର ଆଶା ସୃଷ୍ଟି ହୋଇଥିଲା। ଏହାପରେ ରୁଷରେ ଆୟୋଜିତ ବ୍ରିକ୍ସ ସମ୍ମିଳନୀରେ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଇନା ରାଷ୍ଟ୍ରପତି ସି ଜିନପିଙ୍ଗ ସହ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ଦୀର୍ଘ ୫ ବର୍ଷ ପରେ ଦୁଇ ନେତା ପରସ୍ପର ସହ କଥା ହେବା ସହ ହାତ ମିଳାଇଥିଲେ। ଦୁଇ ଦେଶର ଆଲୋଚନା ପରେ ଏବେ ସେନା ପ୍ରତ୍ୟାହାର ପ୍ରକ୍ରିୟା ଖବର ସାମ୍ନାକୁ ଆସିଛି।

୨୦୨୦ରେ ଭାରତ ଓ ଚାଇନା ମଧ୍ୟରେ ପାଟ୍ରୋଲିଂକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହାପରେ ଗଲୱାନ୍ ଘାଟିରେ ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଭଳି ଭୟଙ୍କର ସ୍ଥିତି ଉପୁଜିଥିଲା। ଏଥିରେ ଭାରତର ୨୦ ଜଣ ଯବାନ ସହିଦ ହୋଇଥିଲେ। ଏହାପରେ କେଉଁ ଦେଶ ଏଲ୍ଏସିର କେତେ ଭିତର ଯାଏ ପାଟ୍ରୋଲିଂ କରିପାରିବ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା।

ଏହାକୁ ନେଇ ଉଭୟ ଦେଶ ମଧ୍ୟରେ ତିକ୍ତତା ବଢ଼ିବା ସହ, ସୀମାର ଉଭୟ ପଟେ ସୈନ୍ୟ ଓ ଅସ୍ତ୍ରଶସ୍ତ୍ର ସଂଖ୍ୟା ବୃଦ୍ଧି କରିଥିଲେ ଦୁଇ ଦେଶ। ଏହାର ସମାଧାନ ପାଇଁ ବହୁ ପର୍ଯ୍ୟାୟରେ କୋର୍ କମାଣ୍ଡର ସ୍ତରୀୟ ବୈଠକ ଏବଂ କୂଟନୀତିକ ଆଲୋଚନା ହୋଇଥିଲା। ଶେଷରେ ଭାରତ ଓ ଚାଇନା ମଧ୍ୟରେ ଆପୋଷ ବୁଝାମଣା ସଫଳ ହୋଇଛି।




# ଅଜିତ ପାୱାରଙ୍କ ଟିମରେ ସାମିଲ୍ ହେଲେ ବାବା ସିଦ୍ଦିକିଙ୍କ ପୁଅ

**ମୁମ୍ବାଇ, ୨୫।୧୦:** ଅଜିତ ପାୱାରଙ୍କ ଟିମରେ ସାମିଲ ହୋଇଛନ୍ତି ପୂର୍ବତନ ଦିବଂଗତ ଏନସିପି ନେତା ବାବା ସିଦ୍ଦିକିଙ୍କ ପୁଅ ଜିଶାନ ସିଦ୍ଦିକ। ମହାରାଷ୍ଟ୍ର ନିର୍ବାଚନ ମଧ୍ୟରେ ସେ ହାତ ଛାଡ଼ି ଏନସିପିର ଅଜିତ ପାୱାରଙ୍କ ଟିମରେ ଯୋଗ ଦେଇଛନ୍ତି। ଆଜି ବିଧିବଦ୍ଧ ଭାବେ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି ଜିଶାନ। ଏହାରି ମଧ୍ୟରେ ଆଜି ମଧ୍ୟ ଅଜିତ ପାୱାରଙ୍କ ଏନସିପି ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଦଳର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ଜିଶାନଙ୍କୁ ଟିକେଟ୍ ମିଳିଛି। ସେ ବାନ୍ଦ୍ରା (ପୂର୍ବ) ଆସନରୁ ବିଧାନସଭା ନିର୍ବାଚନ ଲଢ଼ିବେ। କଂଗ୍ରେସରେ ଥିବାବେଳେ ଜିଶାନ ୨୦୧୯ରେ ଏହି ଆସନରୁ ପ୍ରାର୍ଥୀ ହେବା ସହ ବିଜୟୀ ମଧ୍ୟ ହୋଇଥିଲେ। ଚଳିତ ନିର୍ବାଚନରେ ଜିଶାନଙ୍କୁ ଟକ୍କର ଦେବେ ଉଦ୍ଧବ ଠାକରେଙ୍କ ଭଣଜା ବରୁଣ ସରଦେସାଇ। ଚଳିତ ନିର୍ବାଚନରେ ଉଦ୍ଧବ ଠାକରେଙ୍କ ଶିବସେନା, କଂଗ୍ରେସ ଏବଂ ଶରଦ ପାୱାରଙ୍କ ଏନସିପିର ମହା ବିକାଶ ଅଗାଡି ମିଳିତ ମଞ୍ଚ ଏବଂ ବିଜେପି, ଏକନାଥ ସିନ୍ଦେଙ୍କ ଶିବସେନା, ଅଜିତ ପାୱାରଙ୍କ ଏନସିପିର ମିଳିତ ମଞ୍ଚ ମହାୟୁତି ମଧ୍ୟରେ କଡ଼ା ଟକ୍କର ହେଉଛି। ଉଭୟ ମିଳିତ ମଞ୍ଚ ଅର୍ଦ୍ଧାଧିକ ପ୍ରାର୍ଥୀ ତାଲିକା ଘୋଷଣା କରି ସାରିଲେଣି। ଆଜି ଏନସିପି (ଅଜିତ ପାୱାର) ଜିଶାନଙ୍କ ସହ ଅନ୍ୟ ସାତ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ତାସଗାଓଁରୁ ସଞ୍ଜୟ କାକା ପାଟିଲଙ୍କୁ ଟିକେଟ ମିଳି ଥିବାବେଳେ ଇସଲାମପୁରରୁ ନିଶିକାନ୍ତ ଭୋସଲେ, ବଡଗାଓଁ ଶେରିରୁ ସୁନୀଲ ଟିଂଗରେ, ଶିରୁର ଜ୍ଞାନେଶ୍ୱର କଟକେ ଏବଂ ଲୋହାରୁ ପ୍ରତାପ ପାଟିଲ ପ୍ରାର୍ଥୀ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ନବାବ ମଲିକଙ୍କ ଝିଅ ସନା ମଲିକଙ୍କୁ ଅଣୁଶକ୍ତି ନଗରରୁ ଟିକେଟ୍ ମିଳିଛି। ମହାରାଷ୍ଟ୍ରର ସମସ୍ତ ୨୮୮ ଆସନରେ ଆସନ୍ତା ୨୦ ତାରିଖରେ ଭୋଟ ହେବ। ୨୩ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ।

# ସ୍ୱାମୀକୁ ଗଛରେ ବାନ୍ଧି ପତ୍ନୀଙ୍କୁ ଗଣଦୁଷ୍କର୍ମ

**ଭୋପାଳ, ୨୫।୧୦:** ଦୁଷ୍କର୍ମ ଭଳି ଅପରାଧିକ ଘଟଣାକୁ ରୋକିବା ପାଇଁ ସରକାର ଆଇନରେ ପରିବର୍ତ୍ତନ ଆଣିବା ସହ କଠୋର ଦଣ୍ଡ ବିଧାନ ପ୍ରଣୟନ କରୁଥିଲେ ମଧ୍ୟ ଏପରି ପାଶବୀୟ ଘଟଣା ଥମିବାର ନାଁ ନେଉନି। ଏହି କ୍ରମରେ ମଧ୍ୟପ୍ରଦେଶରେ ଦୁଇଟି ଲୋମହର୍ଷଣକାରୀ ଘଟଣା ସାମ୍ନାକୁ ଆସିଛି। ରେୱାରେ ସ୍ୱାମୀ ଆଗରେ ପତ୍ନୀଙ୍କୁ ଗଣଦୁଷ୍କର୍ମ କରାଯାଇ ଥିବାବେଳେ ଇନ୍ଦୋରରେ ଜଣେ ମାନସିକ ବିକୃତ ମହିଳା ଦୁଷ୍କର୍ମର ଶିକାର ହୋଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁସାରେ, ରେୱାରେ ଏକ ଦମ୍ପତି ପିକନିକରେ ଯାଇଥିଲେ। ଏକ ମନ୍ଦିର ନିକଟରେ ବୁଲାବିଲା କରିବା ସମୟରେ କିଛି ଦୁର୍ବୃତ୍ତ ସେମାନଙ୍କୁ ଉଠାଇ ନେଇଥିଲେ। ସ୍ୱାମୀଙ୍କୁ ଗଛରେ ବାନ୍ଧି ପତ୍ନୀଙ୍କୁ ଗଣଦୁଷ୍କର୍ମ କରିଥିଲେ ଦୁର୍ବୃତ୍ତ। ଏପରିକି ଘଟଣା ସମୟର ଭିଡିଓ ରେକର୍ଡ ମଧ୍ୟ କରିଥିଲେ। ଯଦି ପୁଲିସରେ ଖବର ଦିଅନ୍ତି, ତେବେ ଭିଡିଓ ଭାଇରାଲ୍ କରିଦେବାକୁ ଧମକ ଦେଇଥିଲେ। ଅକ୍ଟୋବର ୨୧ରେ ଏହି ଘଟଣା ଘଟିଥିଲା। ପୁଲିସ ଏହି ମାମଲାରେ କିଛି ସନ୍ଦିଗ୍ଧଙ୍କୁ ଗିରଫ କରି ତଦନ୍ତ କରୁଛି। ସେହିପରି ଇନ୍ଦୋରରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି। ମହିଳା ଜଣକ ମାନସିକ ବିକାରଗସ୍ତ ହୋଇଥିବାରୁ ଅଭିଯୋଗ କରିପାରିନଥିଲେ। କିନ୍ତୁ ସିସିଟିଭି ଫୁଟେଜ ଆଧାରରେ ମାମଲା ସାମ୍ନାକୁ ଆସିଛି। ପୁଲିକ କହିବା ଅନୁସାରେ, ସିସିଟିଭି ଫୁଟେଜରେ ମହିଳା ଜଣକ ଅର୍ଦ୍ଧଲଗ୍ନ ଅବସ୍ଥାରେ ବୁଲୁଥିବା ଦେଖିବାକୁ ମିଳିଥିଲା। ଏଥିସହ ତାଙ୍କ ଶରୀରରୁ ମଧ୍ୟ ରକ୍ତସ୍ରାବ ହେଉଥିଲା। ପୁଲିସ ହାତରେ ଫୁଟେଜ ପଡ଼ିବା ପରେ ତଦନ୍ତ କରିଥିଲା। ତଦନ୍ତରୁ ଦେଖାଯାଇଥିଲା ଯେ, ସୋନୁ ନାମକ ଜଣେ ଯୁବକ ତାଙ୍କୁ ଏକ ଚିକିତ୍ସା କେନ୍ଦ୍ର ନେଇଥିଲେ। ପରବର୍ତ୍ତୀ ସମୟରେ ସୋନୁ ହିଁ ତାଙ୍କୁ ଦୁଷ୍କର୍ମ କରିଥିବା ଜଣାପଡ଼ିଛି। ଡାକ୍ତରଖାନା ନେବାର ଏକ ଘଣ୍ଟା ପୂର୍ବରୁ ସୋନୁ ମହିଳାଙ୍କୁ ଦୁଷ୍କର୍ମ କରିଥିବା ସ୍ପଷ୍ଟ ହୋଇଛି। ଏନେଇ ସେ ନିଜେ ସ୍ୱୀକାର କରିଥିବା ପୁଲିସ କହିଛି।

## କମାଣ୍ଡୋ ଷ୍ଟାଇଲରେ ଅପରେସନ

# କେରଳରୁ ଜବତ ହେଲା ୧୦୮ କେଜି ସୁନା



**କୋଚି, ୨୫।୧୦:** ପ୍ରଥମଥର ପାଇଁ କେରଳରେ ଗୁଇନ୍ଦା ବିଭାଗ ଓ ରାଜ୍ୟ ଜିଏସଟି ବିଭାଗ କମାଣ୍ଡୋ ଷ୍ଟାଇଲରେ ଅପରେସନ କରି ବିପୁଳ ପରିମାଣର ସୁନା ଜବତ କରିଛି। ରାତି ତମାମ ୭୮ଟି ସୁନା ଅଳଙ୍କାର ତିଆରି ହେଉଥିବା ୟୁନିଟରେ ରେଡ୍ କରି ଅଧିକାରୀମାନେ ସେଠାରେ ବେଆଇନ ଭାବେ ଗଚ୍ଛିତ ୧୦୮ କେଜି ସୁନା ଜବତ କରିବାକୁ ସକ୍ଷମ ହୋଇଛନ୍ତି। ଦୁଇ ବିଭାଗ ପକ୍ଷରୁ କରାଯାଇଥିବା ରେଡର କୋଡ ନାଁ ଟାୱାର ଅଫ ଗୋଲ୍ଡ ରଖାଯାଇଥିଲା। ବୁଧବାର ଅପରାହ୍ନ ୪.୩୦ରୁ ଆରମ୍ଭ ହୋଇଥିଲା ଅପରେସନ। ଏହା ଗୁରୁବାର ଦିନ ୧୧ଟା ଯାଏ ଚାଲିଥିଲା। ଅପରେସନରେ ୭୦୦ରୁ ଅଧିକ ଅଧିକାରୀ ସାମିଲ ହୋଇଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଏମାନେ କାମ କରୁଥିବା ବେଳେ ସମସ୍ତଙ୍କୁ ଥ୍ରିସୁରରେ ଛୁଟି କାଟିବା ନାଁରେ ଡକା ଯାଇଥିଲା। ଏହାଦ୍ୱାରା ଅପରେସନର ଗୋପନୀୟତା ବଜାୟୀ ରହିଥିଲା। ସମସ୍ତେ ଏକାଠି ହେବା ପରେ ପୂରା ଯୋଜନାକୁ ସାର୍ବଜନୀନ କରାଯାଇଥିଲା। ଏହାପରେ ଏକକାଳୀନ ଆରମ୍ଭ ହୋଇଥିଲା ରେଡ୍। ଜିଏସଟି ସ୍ପେଶାଲ କମିଶନର ରେନ୍ନ ଆବ୍ରାହମ କହିଛନ୍ତି, ବଡ଼, ମଧ୍ୟମ ଓ ଛୋଟ ସବୁ ପ୍ରକାରର ୟୁନିଟରେ ରେଡ କରାଯାଇଥିଲା। ଏହି ୟୁନିଟ ମଧ୍ୟରୁ ଗୋଟିଏର ମାଲିକ ୧୨ ଶହ କୋଟି ଟଙ୍କାର ଠକେଇ କରିଥିବା ସ୍ୱୀକାର କରିଛନ୍ତି। ବିଭାଗ ପକ୍ଷରୁ ଗତ ୫ ବର୍ଷ ମଧ୍ୟରେ ଅଘୋଷିତ ଷ୍ଟକ ଓ ଅଘୋଷିତ ବିକ୍ରି ତଥ୍ୟର ଯାଞ୍ଚ କରାଯାଇଥିଲା। କିଛି କମ୍ପାନୀର ଅଘୋଷିତ ଆୟ ୧୦ କୋଟି ଟଙ୍କାରୁ କମ। ସେମାନଙ୍କ ଠିକଣାରୁ ବେଶୀ କିଛି ଷ୍ଟକ ମିଳିନି। ତେବେ ଆଉ କିଛି କମ୍ପାନୀରୁ ବିପୁଳ ପରିମାଣର ଅଘୋଷିତ ସୁନା ଜବତ ହୋଇଛି। ମୋଟ ଉପରେ ଏଯାଏ ୧୦୮ କେଜି ସୁନା ଜବତ ହୋଇଥିବା ସେ ସୂଚନା ଦେଇଛନ୍ତି। ଜବତ ହୋଇଥିବା ସୁନାଗୁଡ଼ିକ ଟ୍ରେଜରୀକୁ ପଠାଯିବ। ଏହାପରେ ଉପଯୁକ୍ତ ଜିଏସଟି ଓ ଜୋରିମାନା ଦେଇ କମ୍ପାନୀମାନେ ଏହାକୁ ନେବା ପାଇଁ ଦାବି କରିପାରିବେ। କମ୍ପାନୀ ଗୁଡ଼ିକ ୩% ଫାଇନ ଓ ସୁଧ ସହ ଅତିରିକ୍ତ ୩% ଜିଏସଟି ଦେବେ। କିଛି କମ୍ପାନୀ ଠାରୁ ଘଟଣାସ୍ଥଳରେ ୫.୫ କୋଟି ଟଙ୍କା ସଂଗ୍ରହ କରାଯାଇଛି। ଏହାପରେ ସୁନାକୁ ଫେରାଇ ଦିଆଯାଇଥିବା ଜଣାପଡ଼ିଛି।

# ସର୍ଜିଲ ଇମାମକୁ ଜାମିନ ଦେଲେନାହିଁ ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ, ୨୫।୧୦:** ଦିଲ୍ଲୀ ଦଙ୍ଗାର ଅଭିଯୁକ୍ତ ସର୍ଜିଲ ଇମାମକୁ ଜାମିନ ଦେବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି, କିନ୍ତୁ ସର୍ଜିଲର ଆବେଦନର ଶୀଘ୍ର ଶୁଣାଣି କରିବାକୁ ଦିଲ୍ଲୀ ହାଇକୋର୍ଟଙ୍କୁ କହିଛନ୍ତି। ଜଷ୍ଟିସ ବେଲା ତ୍ରିବେଦୀ ଓ ଜଷ୍ଟିସ ଏସସି ଶର୍ମାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଏହି ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି। ଏହାକୁ ଛାଡି ସିଧାସଳଖ ସୁପ୍ରିମକୋର୍ଟରେ ପିଟିସନ ଦାଖଲ କରିବା ଠିକ୍ ନୁହେଁ।

ଶର୍ଜିଲଙ୍କ ଓକିଲ ବରିଷ୍ଠ ଆଇନଜୀବୀ ସିଦ୍ଧାର୍ଥ ଦୁବେ କହିଛନ୍ତି ଯେ ୨୦୨୨ ମସିହାରୁ ଜାମିନ ଆବେଦନ ବିଚାରାଧୀନ ରହିଛି ଏବଂ ଏହା ସ୍ପଷ୍ଟ କରିଛନ୍ତି ଯେ ସେ ବର୍ତ୍ତମାନ ସମୟରେ ଜାମିନ ପାଇଁ ଚାପ ପକାଉନାହାନ୍ତି। ଗତ ୨ ବର୍ଷ ହେବ ହାଇକୋର୍ଟରେ ଅନେକ ଥର ଶୁଣାଣି ସ୍ଥଗିତ ରଖାଯାଇଛି। ଏହା ଉପରେ ବିଚାରପତିମାନେ କହିଛନ୍ତି ଯେ ନଭେମ୍ବର ୨୫ରେ ମାମଲା ହାଇକୋର୍ଟରେ ଧାର୍ଯ୍ୟ ହୋଇଛି। ଆବେଦନକାରୀଙ୍କ ଓକିଲ ସେହିଦିନ ହାଇକୋର୍ଟରେ ଶୀଘ୍ର ଶୁଣାଣି ପାଇଁ ଅନୁରୋଧ କରନ୍ତୁ। ଏହା ସମ୍ବିଧାନର ଧାରା ୩୨ ଅନୁଯାୟୀ ଦାଖଲ ହୋଇଥିବା ଏକ ରିଟ୍ ପିଟିସନ୍, ତେଣୁ ଆମେ ଏହାକୁ ଗ୍ରହଣ କରିବାକୁ ଚାହୁଁନାହୁଁ। ତେବେ ହାଇକୋର୍ଟ ଙ୍କ ନିର୍ଦ୍ଧାରିତ ଜାମିନ ଆବେଦନର ଶୀଘ୍ର ଶୁଣାଣି ନଭେମ୍ବର ୨୫ତାରିଖରେ କରିବାକୁ ଆବେଦନକାରୀ ହାଇକୋର୍ଟଙ୍କୁ ଅନୁରୋଧ କରିବେ। ହାଇକୋର୍ଟ ଏହି ଅନୁରୋଧ ଉପରେ ବିଚାର କରିବେ।

# ଏନ୍ଆଇଏ ମୋଷ୍ଟ୍ୱାଣ୍ଟେଡ୍ ତାଲିକାରେ ଲରେନ୍ସ ବିଷ୍ଣୋଇ ଭାଇ



**ମୁମ୍ବାଇ, ୨୫।୧୦:** ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ର ମୋଷ୍ଟ-ୱାଣ୍ଟେଡ ତାଲିକାରେ ଯୋଡ଼ି ହୋଇଛି ନୂଆ ନାଁ। ଜେଲରେ ଥିବା ଲରେନ୍ସ ବିଷ୍ଣୋଇର ଭାଇ ଅନମୋଲ ବିଷ୍ଣୋଇକୁ ଖୋଜୁଛି ଏନ୍ଆଇଏ। ଅନମୋଲକୁ ଧରାଇ ଦେଲେ ୧୦ ଲକ୍ଷ ଟଙ୍କା ପୁରସ୍କାର ଦେବା ନେଇ ଘୋଷଣା କରିଛି ତଦନ୍ତକାରୀ ସଂସ୍ଥା। ଆତଙ୍କବାଦ ବିରୋଧୀ ଏଜେନ୍ସି ମଧ୍ୟ ଅନମୋଲ ବିଷ୍ଣୋଇକୁ ଗିରଫ ପାଇଁ ୧୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଛି। ବଲିଉଡ ଅଭିନେତା ସଲମାନ ଖାନଙ୍କ ମୁମ୍ବାଇ ସ୍ଥିତ ବାସଭବନ ବାହାରେ ଘଟିଥିବା ଗୁଳି ବିନିମୟ ଘଟଣାରେ ଅନମୋଲକୁ ଖୋଜୁଛି ଆଣ୍ଟି-ଟେରର୍ ଏଜେନ୍ସି। ଏପ୍ରିଲରେ ସଲମାନ ଖାନଙ୍କ ବାନ୍ଦ୍ରା ସ୍ଥିତ ବାସଭବନ ବାହାରେ ଗୁଳି ବିନିମୟ ହୋଇଥିଲା। ଏହି ମାମଲାରେ ଅଭିଯୁକ୍ତଙ୍କ ମଧ୍ୟରେ ଅନମୋଲ, ସାବରମତି ସେଣ୍ଟ୍ରାଲ୍ ଜେଲରେ ଥିବା ଲରେନ୍ସ ବିଷ୍ଣୋଇ ଏବଂ କାନାଡା ଭିତ୍ତିକ ଗ୍ୟାଙ୍ଗଷ୍ଟର୍ ଗୋଲ୍ଡି ବ୍ରାର୍ ଅଛନ୍ତି। ନାଭି ମୁମ୍ବାଇ ପୁଲିସ ଉକ୍ତ ମାମଲାରେ ପାଞ୍ଚ ଜଣ ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟ - ଧନଞ୍ଜୟ ଓରଫ୍ ଅଜୟ କାଶ୍ୟପ, ଗୌରବ ଭାଟିଆ, ୱାସପି ଖାନ ଓରଫ୍ ୱାସିମ ଚିକନା, ରିଜୱାନ ଖାନ ଓରଫ୍ ଜାଭେଦ ଏବଂ ଦୀପକ ହାୱା ସିଂହ ଓରଫ୍ ଜନଙ୍କୁ ଗିରଫ କରିଛି।

ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ବାବା ସିଦ୍ଦିକଙ୍କ ହତ୍ୟା ମାମଲାରେ ମଧ୍ୟ ଅନମୋଲ ବିଷ୍ଣୋଇର ନାଁ ରହିଛି। ଅକ୍ଟୋବର ୧୨ରେ ୬୬ ବର୍ଷୀୟ ଏନସିପି ନେତାଙ୍କୁ ତାଙ୍କ ପୁଅ ବିଧାୟକ ଜିଶାନ ସିଦ୍ଦିକଙ୍କ କାର୍ଯ୍ୟାଳୟ ବାହାରେ ଗୁଳି କରି ହତ୍ୟା କରା ଯାଇଥିଲା। କଡ଼ା ସୁରକ୍ଷା ସତ୍ତ୍ୱେ ତିନି ଜଣ ଦୁର୍ବୃତ୍ତ ସର୍ବ ସମ୍ମୁଖରେ ସିଦ୍ଦିକିଙ୍କୁ ହତ୍ୟା କରିଥିଲେ। ପୁଲିସ ଏହି ମାମଲାରେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ଅନ୍ୟମାନଙ୍କୁ ଖୋଜାଖୋଜି କରୁଛି। ଏପରି ସମୟରେ ଲରେନ୍ସ ବିଷ୍ଣୋଇ ଭାଇ ନାଁରେ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛି ଜାତୀୟ ତଦନ୍ତକାରୀ ସଂସ୍ଥା।



# ଯୁଦ୍ଧ ବନ୍ଦ ଲାଗି ହମାସ ରାଜି

**ଗାଜା, ୨୫।୧୦:** ଦୀର୍ଘ ଗୋଟିଏ ବର୍ଷ ଧରି ଚାଲି ଆସିଥିବା ହମାସ-ଇସ୍ରାଏଲ ଯୁଦ୍ଧର ଅନ୍ତ ଘଟିପାରେ। ଇସ୍ରାଏଲ ଯୁଦ୍ଧ ବନ୍ଦ କରିବା ନେଇ ଘୋଷଣା କରିବା ପରେ ଏବେ ହମାସ ଯୁଦ୍ଧ ବନ୍ଦ କରିବାକୁ ରାଜି ହୋଇଛି। କିନ୍ତୁ ଇସ୍ରାଏଲ ପରି ହମାସ ମଧ୍ୟ କିଛି ସର୍ତ୍ତ ରଖିଛି। ଯଦି ଇସ୍ରାଏଲ ଗାଜାରେ ଅକ୍ତିଆର କରିଥିବା ଅଞ୍ଚଳକୁ ଛାଡ଼ିଦିଏ ତେବେ ହମାସ ଆଉ ଯୁଦ୍ଧ କରିବ ନାହିଁ ବୋଲି କହିଛି। ଗାଜା ପଛି ଛାଡ଼ିବା ସହ ଇସ୍ରାଏଲ ସମସ୍ତ ବନ୍ଧକଙ୍କୁ ମୁକ୍ତ କରିବ ଏବଂ ଏହି ଅଞ୍ଚଳରୁ ବିସ୍ଥାପିତ ହୋଇଥିବା ଲୋକଙ୍କୁ ଫେରିବାକୁ ଅନୁମତି ଦେଲେ ହମାସ ଯୁଦ୍ଧରେ ଅନ୍ତ ଘଟାଇବ ବୋଲି କହିଛି। ସୂଚନା ଅନୁସାରେ, ଗତକାଲି ହାମାସ ପ୍ରତିନିଧି ଦଳ ଇଜିପ୍ଟର ରାଜଧାନୀ କାଇରୋରେ ଅଧିକାରୀମାନଙ୍କ ସହ ଗାଜା ଅସ୍ତ୍ରବିରତି ଉଲ୍ଲଂଘନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହାପରେ ହମାସର ଜଣେ ବରିଷ୍ଠ ଅଧିକାରୀ ଏଏଫ୍ପି ନ୍ୟୁଜ୍ ଏଜେନ୍ସିକୁ କହିଛନ୍ତି ଯେ, ସେ ଇଜିପ୍ଟର ଅଧିକାରୀମାନଙ୍କୁ ଯୁଦ୍ଧ ବନ୍ଦ କରିବାକୁ ପ୍ରସ୍ତୁତ ଥିବା ଜଣାଇଛନ୍ତି। ଯଦି ଇସ୍ରାଏଲ ଅସ୍ତ୍ରବିରତି ଚୁକ୍ତିରେ ରାଜି ହୁଏ ତେବେ ଏହା ସମ୍ଭବ ହୋଇପାରିବ। ସେପଟେ ନିକଟରେ ଇସ୍ରାଏଲ ମଧ୍ୟ ଯୁଦ୍ଧ ଅନ୍ତ ନେଇ ଘୋଷଣା କରିଥିଲା। ପ୍ରଧାନମନ୍ତ୍ରୀ ନତାନ୍ୟାହୁ କହିଥିଲେ, ହମାସ ସମସ୍ତ ବନ୍ଧୁକଙ୍କୁ ଛାଡିଲେ ଇସ୍ରାଏଲ-ହମାସ ଯୁଦ୍ଧ ଶେଷ ହୋଇଯିବ। ଇସ୍ରାଏଲ ସେନାର କହିବା ଅନୁସାରେ, ଗତ ବର୍ଷ ଅକ୍ଟୋବର ୭ ଆକ୍ରମଣରେ ହମାସ ୨୫୧ ଜଣଙ୍କୁ ବନ୍ଧକ ରଖିଥିଲା। ସେମାନଙ୍କ ମଧ୍ୟରୁ ୯୭ ଜଣ ଗାଜାରେ ଥିବାବେଳେ ୩୪ ଜଣଙ୍କ ମୃତ୍ୟୁ ହୋଇଛି।

# ଇଣ୍ଡୋନେସିଆରେ ଆଇଫୋନ୍ ୧୬ କ୍ରୟ-ବିକ୍ରୟ ଉପରେ ରୋକ୍

**ଜାକର୍ତ୍ତା, ୨୫।୧୦:** ନେସିଆରେ ବ୍ୟାନ୍ ହେଲା ଆପଲ୍ କମ୍ପାନୀର ନୂତନ ଆଇଫୋନ୍ ୧୬। ଏହି ଦାମୀ ମୋବାଇଲ ଫୋନର ବିକ୍ରୟ ଏବଂ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇଛନ୍ତି ଇଣ୍ଡୋନେସିଆ ସରକାର। ଶିଳ୍ପମନ୍ତ୍ରୀଙ୍କ କହିବା ଅନୁଯାୟୀ, ଦେଶରେ ଆଇଫୋନ୍ ୧୬ ବ୍ୟବହାର କରିବା ମଧ୍ୟ ବେଆଇନ। ତେଣୁ ଲୋକମାନେ ଅନ୍ୟ ଦେଶରୁ ମଧ୍ୟ ଆଇଫୋନ୍ ୧୬ କିଣିବା ଉଚିତ୍ ନୁହେଁ। ଇଣ୍ଡୋନେସିଆର ଶିଳ୍ପମନ୍ତ୍ରୀ କାର୍ତସାସମିତା କହିଛନ୍ତି, 'ଏହି ଫୋନ୍ ପାଇଁ କୌଣସି ଆଇଏମ୍ଇଆଇ ନମ୍ବର ଜାରି କରାଯାଇନାହିଁ, ଯାହା ପ୍ରତ୍ୟେକ ଫୋନ୍ ପାଇଁ ଅନିର୍ବାର୍ଯ୍ୟ। ତେଣୁ,ଇଣ୍ଡୋନେସିଆରେ କୌଣସି ଆଇଫୋନ୍ ୧୬ ବ୍ୟବହାର ହେଉଥିବା ଦେଖୁଛନ୍ତି, ତେବେ ଦୟାକରି ଆମକୁ ଏହା ବିଷୟରେ ସୂଚନା ଦିଅନ୍ତୁ।' ଆପଲ୍ କମ୍ପାନୀ ଇଣ୍ଡୋନେସିଆରେ ଯେଉଁ ପରିମାଣର ଅର୍ଥ ବିନିଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲା, ତାହା ପୂରଣ କରିନାହିଁ। ଯେଉଁ କାରଣରୁ ଇଣ୍ଡୋନେସିଆ ସରକାର ଆଇଫୋନ୍ ୧୬ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ରିପୋର୍ଟ ଅନୁସାରେ ଆପଲ୍ ୧.୭୧ ଟ୍ରିଲିୟନ ଇଣ୍ଡୋନେସିଆନ ଟଙ୍କା ଦେଶରେ ନିବେଶ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ହେଲେ କେବଳ ୧.୪୮ ଟ୍ରିଲିୟନ ବିନିଯୋଗ କରିଛି। ଦେଶର ଶିଳ୍ପ ମନ୍ତ୍ରୀ କହିଛନ୍ତି ଯେ, ଯେପର୍ଯ୍ୟନ୍ତ ଆପଲ୍ ଏହାର ନିବେଶ ପ୍ରତିଶ୍ରୁତି ପୂରଣ ନକରିଛି, ଇଣ୍ଡୋନେସିଆରେ ଆଇଫୋନ୍ ୧୬ ବିକ୍ରୟ କିମ୍ବା ବ୍ୟବହାର କରିବାକୁ ଦିଆଯିବ ନାହିଁ। କିଛିଦିନ ପୂର୍ବେ ଇଣ୍ଡୋନେସିଆରେ ଶିଳ୍ପମନ୍ତ୍ରୀ କହିଥିଲେ, 'ଆପଲର ନୂଆ ଆଇଫୋନ୍ ୧୬ ବର୍ତ୍ତମାନ ଇଣ୍ଡୋନେସିଆରେ ବିକ୍ରି ହୋଇପାରିବ ନାହିଁ। କାରଣ ଆପଲ୍ ଇଣ୍ଡୋନେସିଆରେ ଅଧିକ ଅର୍ଥ ବିନିଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲା।

# ସେନା ବନାମ ସେନା ଏବଂ ଠାକରେ ବନାମ ଦେଓରା ଲଢ଼େଇ

**ମୁମ୍ବାଇ, ୨୫।୧୦:** ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଦେଖିବାକୁ ମିଳିବ ହାଇପ୍ରୋଫାଇଲ ଲଢ଼େଇ। ମୁମ୍ବାଇର ୱର୍ଲି ହାସନରେ ହେବ ସେନା ବନାମ ସେନା ଲଢ଼େଇ। ଗୋଟିଏ ପଟେ ଉଦ୍ଧବ ଠାକରେଙ୍କ ଶିବସେନାର ଆଦିତ୍ୟ ଠାକରେ ଥିବା ବେଳେ ତାଙ୍କ ବିରୋଧରେ ଏକନାଥ ସିନ୍ଦେଙ୍କ ଶିବସେନା ରାଜ୍ୟସଭା ସାଂସଦ ମିଲିନ୍ଦ ଦେଓରାଙ୍କୁ ପ୍ରାର୍ଥୀ କରିବାକୁ ଯାଉଛି। ଆଦିତ୍ୟ ହେଉଛନ୍ତି ଉଦ୍ଧବ ଠାକରେଙ୍କ ପୁଅ। ସେହିପରି ଦେଓରା ଜାନୁଆରୀ ମାସରେ କଂଗ୍ରେସ ଛାଡ଼ି ସିନ୍ଦେ ଗୋଷ୍ଠୀରେ ସାମିଲ ହେବା ସହ ରାଜ୍ୟସଭାକୁ ଯାଇଛନ୍ତି।

ଗୁରୁବାର ୱର୍ଲି ଆସନରୁ ଆଦିତ୍ୟ ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କ ବିରୋଧରେ ସିନ୍ଦେ ଗୋଷ୍ଠୀ ଦେଓରାଙ୍କୁ ଟିକେଟ ଦେବାକୁ ନିଷ୍ପତ୍ତି ନେଇଛି। ଆଦିତ୍ୟ ଓ ମିଲିନ୍ଦଙ୍କ ବ୍ୟତୀତ ଏଠାରେ ସନ୍ଦୀପ ଦେଶପାଣ୍ଡେ ମଧ୍ୟ ରାଜ ଠାକରେଙ୍କ ଦଳରୁ ପ୍ରାର୍ଥୀ ହୋଇଛନ୍ତି। ତେଣୁ ୩ ଜଣଙ୍କ ମଧ୍ୟରେ ଜୋରଦାର ଲଢ଼େଇ ହେବ।



ଦକ୍ଷିଣ ମୁମ୍ବାଇ ଲୋକସଭା ଆସନରୁ ଦେଓରା ପ୍ରଥମେ ଲଢ଼ିବାକୁ ଚାହୁଁଥିଲେ। କିନ୍ତୁ ଏହି ଆସନ ବିଧାୟକ ଯାମିନୀ ଯାଦବଙ୍କ ପାଖକୁ ଯାଇଥିଲା। ହେଲେ ଏହି ଆସନରେ ଉଦ୍ଧବ ସେନାର ପ୍ରାର୍ଥୀ ଅରବିନ୍ଦ ସାୱନ୍ତ ବିଜୟୀ ହୋଇଥିଲେ। ଏବେ ଦକ୍ଷିଣ ମୁମ୍ବାଇର ଓର୍ଲିରୁ ମିଲିନ୍ଦଙ୍କୁ ସିନ୍ଦେ ସେନା ଟିକେଟ ଦେବ। ମୁମ୍ବାଇ(ଦକ୍ଷିଣ) ଲୋକସଭା ନିର୍ବାଚନ ମଣ୍ଡଳୀ ଦେଓରା ପରିବାର ଗଡ଼ ଭାବେ ପରିଚିତ। ଏହି ଆସନରୁ ମୁରଲୀ ଦେଓରା ୪ଥର ବିଜୟୀ ହୋଇଥିଲେ। ୨୦୦୪ ଓ ୨୦୦୯ରେ ତାଙ୍କ ପୁଅ ମିଲିନ୍ଦ ଦେଓରା ଏଠାରୁ ଲୋକସଭାକୁ ଯାଇଥିଲେ। ଏହାପର ଠାରୁ ଶିବସେନା ଦକ୍ଷିଣ ମୁମ୍ବାଇକୁ ନିଜ ପାଖରେ ରଖିଛି। ଉଦ୍ଧବ ଠାକରେଙ୍କ ଶିବସେନାର ଅରବିନ୍ଦ ସାୱନ୍ତ କ୍ରମାଗତ ତୃତୀୟ ଥର ପାଇଁ ଏଠାରୁ ଜିତିଛନ୍ତି। ଏହାର ଅର୍ଥ ଆଦିତ୍ୟ ଠାକରେଙ୍କ ପାଖରେ ବିଜୟର ଯଥେଷ୍ଟ ସମ୍ଭାବନା ରହିଛି। ହେଲେ ରାଜନୀତିରେ କିଛି ବି ଘଟିପାରେ।

# ଇତିହାସ ରଚିଲେ ଯଶସ୍ୱୀ ଜୈସୱାଲ



**ମୁମ୍ବାଇ, ୨୫।୧୦:** ଟିମ ଇଣ୍ଡିଆର ଓପନର ଯଶସ୍ୱୀ ଜୈସୱାଲ ନୂଆ ଇତିହାସ ସୃଷ୍ଟି କରିଛନ୍ତି। ସେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବକନିଷ୍ଠ ଭାରତୀୟ ଖେଳାଳି ଭାବେ ଟେଷ୍ଟ କ୍ରିକେଟରେ ୧ ହଜାର ରନ ପୂରଣ କରିଛନ୍ତି। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଜୈସୱାଲ ଏପରି ରେକର୍ଡର ଅଧିକାରୀ ହୋଇଛନ୍ତି।

ପୂର୍ବରୁ ସର୍ବକନିଷ୍ଠ ଭାରତୀୟ ଭାବେ ଦିଲୀପ ଭେଙ୍ଗସରକାର ୨୩ ବର୍ଷ ବୟସରେ ଏପରି ରେକର୍ଡର ଅଧିକାରୀ ହୋଇଥିଲା। ୧୯୭୯ ମସିହାରେ ଏପରି ଘଟଣା ଘଟିଥିଲା। ହେଲେ ଏହି ରେକର୍ଡକୁ ଯଶସ୍ୱୀ ୨୨ ବର୍ଷ ବୟସରେ ଭାଙ୍ଗି ଦେଇଛନ୍ତି। ବର୍ତ୍ତମାନ ଯଶସ୍ୱୀ ୨୦୨୪ରେ ପୂରା ବିଶ୍ୱ ଟେଷ୍ଟ କ୍ରିକେଟରେ ଦ୍ୱିତୀୟ ସର୍ବାଧିକ ରନ ହାସଲକାରୀ କ୍ରିକେଟର। ତାଙ୍କ ଉପରେ ଇଂଲଣ୍ଡର ଜୋ ରୁଟ ରହିଛନ୍ତି। ରୁଟ ୧୪ଟି ମ୍ୟାଚ୍‌ରେ ୧୩୦୫ ରନ କରିଛନ୍ତି। ଯଶସ୍ୱୀ ୧୦ଟି ମ୍ୟାଚ୍‌ରେ ୫୯.୨୩ ହାରରେ ମୋଟ ୧୦୦୭ ରନ କରିଛନ୍ତି। ଏଥିରେ ୨ଟି ଶତକ ଓ ୬ଟି ଅର୍ଦ୍ଧଶତକ ରହିଛି।

୨୦୨୪ରେ ଆହୁରି ୩ଟି ଟେଷ୍ଟ ଥିବାରୁ ଯଶସ୍ୱୀ ଏକାଧିକ କିମ୍ବଦନ୍ତୀ କ୍ରିକେଟରଙ୍କ ରେକର୍ଡ ଭାଙ୍ଗିବାର ସମ୍ଭାବନା ରହିଛି। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସବୁଠାରୁ ଅଧିକ ରନ କରିବାର ରେକର୍ଡ ସଚିନ ତେନ୍ଦୁଲକରଙ୍କ ନାଁରେ ରହିଛି। ସେ ୨୦୧୦ରେ ମୋଟ ୧୪ଟି ମ୍ୟାଚ୍ ଖେଳି ୧୫୬୨ ରନ କରିଥିଲେ। ସେହିପରି ବୀରେନ୍ଦ୍ର ସେହୱାଗ ୨୦୦୮ରେ ୧୪୬୨ ରନ ଓପନର ଭାବେ ଗୋଟିଏ ବର୍ଷରେ ସର୍ବାଧିକ ରନ ହାସଲ କରିଥିବା ରେକର୍ଡ ନିଜ ନାଁରେ ରଖିଛନ୍ତି। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଟେଷ୍ଟ କଥା ବିଚାରକୁ ନେଲେ, ଯଶସ୍ୱୀ ୩୦ ରନ କରି ପ୍ରଥମ ଇନିଂସରେ ଆଉଟ ହୋଇଯାଇଛନ୍ତି। ଭାରତ ମଧ୍ୟ ୧୫୬ ରନରେ ଅଲଆଉଟ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି।




# ଅବସର ନେଲେ ରାଣୀ

**ନୂଆଦିଲ୍ଲୀ, ୨୫।୧୦:** ପୂର୍ବତନ ଭାରତୀୟ ମହିଳା ହକି ଦଳର ଅଧିନାୟିକା ରାଣୀ ରାମପାଲ ଗୁରୁବାର ଅବସର ଘୋଷଣା କରିଛନ୍ତି। ଏଥିସହ ତାଙ୍କ ୧୬ ବର୍ଷ ଖେଳ ଜୀବନର ଅବସାନ ଘଟିଛି। ୨୯ ବର୍ଷୀୟା ରାଣୀଙ୍କ ନେତୃତ୍ୱରେ ଭାରତ ୨୦୨୧ ଟୋକିଓ ଅଲିମ୍ପିକ୍ସ କାଂସ୍ୟ ଜିତି ଇତିହାସ ରଚିଥିଲା।

ଅବସର ଘୋଷଣା ବେଳେ ରାଣୀ କହିଛନ୍ତି ଯେ ଏହା ଉଲ୍ଲେଖନୀୟ ଯାତ୍ରା ଥିଲା। ମୁଁ କେବେ ଭାବି ନଥିଲି ଏତେ ଦିନ ଧରି ଭାରତ ପାଇଁ ଖେଳିପାରିବି। ପିଲା ବେଳୁ ବହୁତ ଦାରିଦ୍ର୍ୟ ଦେଖିଛି, କିନ୍ତୁ ସବୁବେଳେ କିଛି କରିବା ଏବଂ ଦେଶରୁ ପ୍ରତିନିଧିତ୍ୱ କରିବା ଲକ୍ଷ୍ୟ ରଖିଥିଲି। ଯଦି ଦେଶ ପାଇଁ ୧୫-୧୬ ବର୍ଷ ଖେଳିଥିବାରୁ ଏହି ନିଷ୍ପତ୍ତି ନେବା କଷ୍ଟସାଧ୍ୟ ହୋଇଥିଲା। କିନ୍ତୁ ବହୁତ ଭାବିବା ପରେ ଏହା ଠିକ୍ ସମୟ ବୋଲି ଅନୁଭବ କରିଥିଲି। ଏବେ ମୁଁ ମହିଳା ହକି ଇଣ୍ଡିଆ ଲିଗ୍‌ରେ ଦିଲ୍ଲୀ ଦଳର ମାର୍ଗଦର୍ଶକ ଭାବେ ନୂଆ ପାଳି ଆରମ୍ଭ କରି ଦେଇଛି। ମୋ ଜୀବନରେ କୌଣସି ଦୁଃଖ ନାହିଁ। ମୁଁ ଏତେ ଦିନ ଦେଶରୁ ପ୍ରତିନିଧିତ୍ୱ କରିଥିବାରୁ ଗର୍ବ ଅନୁଭବ କରୁଛି''। ମାତ୍ର ୧୪ ବର୍ଷ ବୟସରେ ରାଣୀ ୨୦୦୮ରେ ଅଲିମ୍ପିକ୍ ଯୋଗ୍ୟତା ମ୍ୟାଚ୍‌ରେ ଖେଳି ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ସେ ୨୫୪ ମ୍ୟାଚ୍ ଖେଳି ୨୦୫ ଗୋଲ୍ କରିଛନ୍ତି। ରାଣୀ ୨୦୨୦ରେ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପାଇଥିଲେ। ଏଥିସହ ସେ ସେହି ବର୍ଷ ସେ ପଦ୍ମଶ୍ରୀ ମଧ୍ୟ ପାଇଥିଲେ। ସଂପ୍ରତି ଜାତୀୟ କନିଷ୍ଠ ମହିଳା ଦଳର ସେ ପ୍ରଶିକ୍ଷକ ଅଛନ୍ତି।

# ଅନ୍ତର୍ଜାତୀୟ ହକିରେ ମାଇଲଖୁଣ୍ଟ ଛୁଇଁଲେ ଅମିତ



**ଭୁବନେଶ୍ୱର, ୨୫।୧୦:** ଓଡ଼ିଆ ରକ୍ଷଣଭାଗ ଖେଳାଳି ଅମିତ ରୋହିଦାସ ୨୦୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଭାରତ-ଜର୍ମାନୀ ଦ୍ୱିପାକ୍ଷିକ ହକି ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ଖେଳି ଗୁରୁବାର ଏହି ମାଇଲଖୁଣ୍ଟ ଛୁଇଁଛନ୍ତି ସେ। ଏଥିଲାଗି ଅମିତଙ୍କୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି। ହକି ଇଣ୍ଡିଆ ଏକ୍ସ ପୃଷ୍ଠାରେ ଲେଖା ଲେଖି ଭାରତୀୟ ହକି ପ୍ରତି ସେ ଦେଇଥିବା ଅବଦାନକୁ ସଲାମ କରିଛି। ଏକମାତ୍ର ଓଡ଼ିଆ ହକି ଖେଳାଳି ଭାବେ ଦୁଇଟି ଅଲିମ୍ପିକ୍ସ ପଦକ ଜିତିଥିବା ଅମିତ ୧୧ ବର୍ଷ ତଳେ ୨୦୧୩ ମସିହାରେ ସୁଲତାନ ଆଜଲାନ୍ ଶାହ ହକି ପ୍ରତିଯୋଗିତାରେ ବରିଷ୍ଠସ୍ତରୀୟ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ରାଉରକେଲାର ପାନପୋଷ କ୍ରୀଡ଼ା ଛାତ୍ରାବାସରୁ ହକି ଜୀବନ ଆରମ୍ଭ କରି ବିଶ୍ୱର ଅନ୍ୟତମ ସମ୍ମାନିତ ତଥା ସଫଳ ରକ୍ଷଣଭାଗ ଖେଳାଳି ପାଲଟିଥିବା ଅମିତ ପଦାର୍ପଣର ୪ ବର୍ଷ ପର୍ଯ୍ୟନ୍ତ ଭାରତୀୟ ଦଳର ନିୟମିତ ସଦସ୍ୟ ଥିଲେ। ଏହା ପରେ କିନ୍ତୁ ଫିଟ୍‌ନେସ୍ ସମସ୍ୟା ପାଇଁ ବାଦ୍ ପଡ଼ିଥିଲେ। ତେବେ ୨୦୧୭ ମସିହାରେ ହକି ଇଣ୍ଡିଆ ଲିଗ୍‌ରେ ଚମତ୍କାର ପ୍ରଦର୍ଶନ କରି ଜାତୀୟ ଦଳକୁ ଫେରିବା ପରେ ଆଉ ପଛକୁ ଫେରି ନାହାନ୍ତି ସେ। ଏକାଧିକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତକୁ ବିଜୟୀ କରାଇଥିବା ଅମିତ ଭାରତର ଐତିହାସିକ ଟୋକିଓ ଅଲିମ୍ପିକ୍ସ ପଦକ ବିଜୟରେ ନିର୍ଣ୍ଣାୟକ ଭୂମିକା ନେଇଥିଲେ। ସେ ମଧ୍ୟ ପ୍ୟାରିସ୍‌ରେ ଭାରତୀୟ ହକି ଦଳର ଲଗାତାର କାଂସ୍ୟ ପଦକ ବଜାୟ ରଖିବାର ଅନ୍ୟତମ ନିରବ ନାୟକ ଥିଲେ। ଯୁଗଳ ଅଲିମ୍ପିକ୍ସ ପଦକ ବିଜୟ ସହ କନିଷ୍ଠ ଏସିଆ କପ୍‌ରେ କାଂସ୍ୟ, ୨୦୧୭ ହକି ବିଶ୍ୱଲିଗ୍‌ରେ କାଂସ୍ୟ, ୨୦୨୨ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ, ୨୦୧୮ ଚାମ୍ପିଅନ୍ସ ଟ୍ରଫି ହକିରେ ରୌପ୍ୟ, ୨୦୨୩ ଓ ୨୦୨୪ ଏସିଆନ୍ ଚାମ୍ପିଅନ୍ସ ଟ୍ରଫିରେ ସ୍ୱର୍ଣ୍ଣ, ୨୦୧୩ ଓ ୨୦୧୭ ଏସିଆ କପ୍‌ରେ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ଜିତିବା ହେଉଛି ତାଙ୍କ ଘଟଣା ବହୁଳ କ୍ୟାରିୟର୍‌ର ଅନ୍ୟତମ ବଡ଼ ଉପଲବ୍ଧି। ୨୦୦ ମ୍ୟାଚ୍ ଖେଳିବାର ଅନନ୍ୟ ସଫଳତା ଲାଭ କରିବା ପରେ ଅମିତ କହିଛନ୍ତି, ଘରୋଇ ପରିବେଶ (ନୂଆଦିଲ୍ଲୀର ମେଜର୍ ଧ୍ୟାନଚାନ୍ଦ ଷ୍ଟାଡିୟମ୍)ରେ ଏଭଳି ଏକ ମାଇଲ୍‌ଖୁଣ୍ଟ ଛୁଇଁଥିବାରୁ ଗର୍ବ ଲାଗୁଛି। ଭାରତୀୟ ଦଳ ସହ ବହୁ ସ୍ମରଣୀୟ ସଫଳତା ପାଇଛି। ଆଗକୁ ମଧ୍ୟ ଏହି ଧାରା ବଜାୟ ରଖିବି ବୋଲି ଆଶା ରଖିଛି। ୩୧ ବର୍ଷୀୟ ଅମିତ ୨୦୨୧ ମସିହାରେ ସମ୍ମାନଜନକ ଅର୍ଜୁନ ପୁରସ୍କାର ବି ପାଇସାରିଛନ୍ତି। ସେହିଭଳି ଅନ୍ୟତମ ଭାରତୀୟ ତାରକା ସୁମିତ ମଧ୍ୟ ଏହି ମ୍ୟାଚ୍‌ରେ ୧୫୦ ମ୍ୟାଚ୍ ଖେଳିବାର ଗୌରବ ଲାଭ କରିଛନ୍ତି।

# ଭାରତକୁ ୧୫୬ ରନରେ ରୋକିଲା ନ୍ୟୁଜିଲ୍ୟାଣ୍ଡ




**ବେଙ୍ଗାଲୁରୁ, ୨୫।୧୦:** ଘରୋଇ ମାଟିରେ ଭାରତର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ପରାଜୟ ପରେ ଦ୍ୱିତୀୟ ମୁକାବିଲାରେ ବି ସ୍ଥିତିରେ ସୁଧାର ଆସିପାରୁନି। ଦଳ ତା'ର ପ୍ରଥମ ଇନିଂସରେ ମାତ୍ର ୧୫୬ ରନ୍ କରି ଅଲ୍ ଆଉଟ୍ ହୋଇ ଯାଇଛି। ପୁଣେସ୍ଥିତ ମହାରାଷ୍ଟ୍ର କ୍ରିକେଟ ଆସୋସିଏସନ ଷ୍ଟାଡିୟମରେ ଖେଳାଯାଉଥିବା ଏହି ଟେଷ୍ଟ ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲ୍ୟାଣ୍ଡ ୨୫୯ ରନ ସଂଗ୍ରହ କରିଥିଲା। ଜବାବରେ ପ୍ରଥମ ପାଳିରେ ୧୫୬ ରନ୍ କରି ସମସ୍ତ ୱିକେଟ ହରାଇଛି ରୋହିତ ସେନା। ପ୍ରଥମ ଦିନ ଭାରତୀୟ ଯୁବ ସ୍ପିନର ୱାଶିଂଟନ ସୁନ୍ଦର ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ଘାତକ ବୋଲିଂର ସାମ୍ନା କରିନପାରି ୨୫୯ ରନରେ ସମସ୍ତ ୱିକେଟ ହରାଇଥିଲା ଭ୍ରମଣକାରୀ ଦଳ। ଏହାପରେ ବ୍ୟାଟିଂ ଆରମ୍ଭ କରି ପ୍ରଥମ ଦିନରେ ୧୧ ଓଭର ଖେଳି ଭାରତ ୧୬ ରନ୍ କରି ଗୋଟିଏ ୱିକେଟ ହରାଇଥିଲା। ଅଧିନାୟକ ରୋହିତ ଶର୍ମା ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଶୁବମନ ଗିଲ୍ ୧୦ ରନ ଓ ଯଶସ୍ୱୀ ଜୈସ୍ୱାଲ ୬ ରନ କରି ଅପରାଜିତ ରହିଥିଲେ। ଏହାପରେ ଦ୍ୱିତୀୟ ଦିନ ଖେଳ ଆରମ୍ଭରୁ ଘରୋଇ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା।

# କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ ସହ ରେକର୍ଡ କଲେ ସାଣ୍ଟନର

**ନୂଆଦିଲ୍ଲୀ, ୨୫।୧୦:** ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଦମଦାର ପ୍ରଦର୍ଶନ କରିଛନ୍ତି ନ୍ୟୁଜିଲ୍ୟାଣ୍ଡର ଅଲରାଉଣ୍ଡର ମିଚେଲ ସାଣ୍ଟନର। ସେ ଭାରତ ବିପକ୍ଷରେ ୭ ୱିକେଟ ଦଖଲ କରି ନୂଆ ରେକର୍ଡ କରିଛନ୍ତି। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ପ୍ରଥମ ୫ଫର। ଅର୍ଥାତ ସେ ପ୍ରଥମଥର ପାଇଁ ଟେଷ୍ଟ କ୍ରିକେଟରେ ୫ କିମ୍ବା ତା' ଠାରୁ ଅଧିକ ୱିକେଟ ନେଇଛନ୍ତି। ପୁଣେରେ ଖେଳା ଯାଉଥିବା ଦ୍ୱିତୀୟ ଟେଷ୍ଟରେ ସାଣ୍ଟରନ ମାତ୍ର ୫୩ ରନ ଦେଇ ୭ ୱିକେଟ ନେଇଛନ୍ତି। ତାଙ୍କର ଏପରି ଘାତକ ବୋଲିଂ ଯୋଗୁ ଭାରତୀୟ ଟିମ ପ୍ରଥମ ଇନିଂସରେ ମାତ୍ର ୧୫୬ ରନ କରି ଅଲଆଉଟ ହୋଇଯାଇଛି। ଏଥିସହ ମ୍ୟାଚ୍‌କୁ ବଞ୍ଚାଇବା ପାଇଁ ଦଳ ସଂଘର୍ଷ କରୁଛି। ଭାରତ ୧୫୬ ରନରେ ଅଲଆଉଟ ହେବାରୁ ନ୍ୟୁଜିଲ୍ୟାଣ୍ଡ ପ୍ରଥମ ଇନିଂସରେ ୧୦୩ ରନ ଲିଡ ପାଇଥିଲା। ଦ୍ୱିତୀୟ ଇନିଂସରେ ଦଳ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୫ ୱିକେଟ ହରାଇ ୧୯୮ ରନ କରି ନେଇଛି। ଏହାର ଅର୍ଥ ଦଳ ଏବେ ୩୦୧ ରନ ଲିଡ ହାସଲ କରି ସାରିଲାଣି। ତେଣୁ ପୁଣେର ସ୍ପିନିଂ ଟ୍ରାକରେ ଭାରତ କେମିତି ମ୍ୟାଚ ବଞ୍ଚାଇବ, ତା' ଉପରେ ସମସ୍ତଙ୍କ ନଜର। ମିଚେଲ ସାଣ୍ଟନର ପ୍ରଥମ ଇନିଂସେ ୭ ୱିକେଟ ନେଇଥିବାରୁ ଦ୍ୱିତୀୟ ଇନିଂସରେ ସେ ପୁଣି ଭାରତୀୟ ବ୍ୟାଟରଙ୍କୁ ଘାଇଲା କରିବାର ଆଶଙ୍କା ରହିଛି। ତେବେ ପ୍ରଥମ ଇନିଂସରେ ୭ ୱିକେଟ ନେବା ପରେ ସାଣ୍ଟନର ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ନ୍ୟୁଜିଲ୍ୟାଣ୍ଡର ପଞ୍ଚମ ସ୍ପିନର ଭାବେ ଭାରତ ମାଟିରେ ୫ କିମ୍ବା ତା'ଠାରୁ ଅଧିକ ୱିକେଟ ନେଇଛନ୍ତି। ଏଜାଜ ପଟେଲଙ୍କ ପରେ ସେ ଭାରତରେ ଦ୍ୱିତୀୟ କ୍ୱିୱି ସ୍ପିନର ଭାବେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଏଜାଜ ପଟେଲ ୨୦୨୧ ମୁମ୍ବାଇ ଟେଷ୍ଟରେ ଐତିହାସିକ ୧୦ ୱିକେଟ ଦଖଲ କରିଥିଲେ। ଏବେ ଦ୍ୱିତୀୟ ସ୍ଥାନରେ ସାଣ୍ଟନର ୭ ୱିକେଟ ସହ ରହିଛନ୍ତି। ସାଣ୍ଟନର ଶୁକ୍ରବାର ମର୍ଣ୍ଣିଂ ସେସନ୍ସରେ ୪ଟି ୱିକେଟ ନେଇଥିବା ବେଳେ ଲଞ୍ଚ ପରେ ଆଉ ୩ ବ୍ୟାଟରଙ୍କୁ ଆଉଟ କରିଥିଲେ। ରବୀନ୍ଦ୍ର ଜାଡେଜା(୩୮)ଙ୍କୁ ଛାଡ଼ି ଦେଲେ କ୍ୱିୱି ଟିମର ସ୍ପିନରଙ୍କୁ ଆଉ କୌଣସି ଭାରତୀୟ ବ୍ୟାଟର ସାମ୍ନା କରି ପାରି ନଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶିବାନୀଙ୍କୁ ...

ଆଶ୍ରୟସ୍ଥଳୀକୁ ଆଣିଥିଲେ। ତାଙ୍କର ଏଭଳି ଉତ୍ସର୍ଗୀକୃତ ସେବା ମନୋଭାବ ପାଇଁ ତାଙ୍କୁ ପ୍ରଶଂସା କରିବା ସହ ସରକାର ଓ ସେ ବ୍ୟକ୍ତିଗତ ଭାବେ ତାଙ୍କ କାମରେ ଖୁସିଥିବା ଶ୍ରୀ ମାଝୀ କହିଥିଲେ । ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କୁ ସବୁବେଳେ ଭଲରେ ରଖନ୍ତୁ ବୋଲି କହିବା ସହ ଲୋକମାନଙ୍କ ବିପଦବେଳେ ଏଭଳି ସମସ୍ତଙ୍କୁ ସାହାଯ୍ୟ କରୁଥାଅ ବୋଲି ପରାମର୍ଶ ଦେଇଥିଲେ । ଏହାସହିତ ମୁଖ୍ୟମନ୍ତ୍ରୀ ତାଙ୍କ ପରିବାରର ଭଲମନ୍ଦ କଥା ପଚାରି ବୁଝିଥିଲେ। ଆଉ ତାଙ୍କର ପକ୍କାଘର ନ ଥିବା ଜାଣିବାକୁ ପାଇବା ପରେ ତୁରନ୍ତ ତାଙ୍କୁ ଏକ ଘର ଦେବା ପାଇଁ ରାଜନଗର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବାନୀଦିଦିଙ୍କୁ ଅନ୍ୟାନ୍ୟ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆଶାଦିଦି ଶିବାନୀ ମଣ୍ଡଳ ବାତ୍ୟା ପୂର୍ବରୁ ଖସାମୁଣ୍ଡ ଗାଁର ଲୋକମାନଙ୍କୁ ଆଶ୍ରୟସ୍ଥଳୀକୁ ସୁରକ୍ଷିତ ସ୍ଥାନାନ୍ତର କରିବାର ଦାୟିତ୍ୱ ନେଇଥିଲେ। ଗାଁର ଜଣେ ବୃଦ୍ଧା ପକ୍ଷାଘାତରେ ଆକ୍ରାନ୍ତ ଥିବାରୁ ପ୍ରବଳ ବର୍ଷାରେ ଆଶ୍ରୟସ୍ଥଳୀକୁ ଯାଇପାରୁ ନ ଥିଲେ । ଶିବାନୀ ଦିଦି ନିଜ ପିଠିରେ କାନ୍ଧେଇ ଦେଢ଼ କିମି ଦୂରରେ ଥିବା ଆଶ୍ରୟସ୍ଥଳୀକୁ ବୋହି ନେଇ କର୍ତ୍ତବ୍ୟ ସମ୍ପାଦନ କରିବା ସହ ସମସ୍ତଙ୍କ ପାଇଁ ପ୍ରେରଣା ସାଜିଛନ୍ତି । ସୋସିଆଲ ମିଡିଆରେ ଗତକାଲିଠୁ ତାଙ୍କର ପ୍ରଶଂସା କରାଯାଉଛି।

### ଟିମ୍‌ୱାର୍କର...

ସେଠାରେ ପୁନରୁଦ୍ଧାର କରିବା ପାଇଁ ଆଉ କିଛି ସମୟ ଲାଗିବ । ଶକ୍ତି ବିଭାଗ ପ୍ରମୁଖ ସଚିବ କେନ୍ଦ୍ରାପଡ଼ା ଓ ଭଦ୍ରକରେ ଉପସ୍ଥିତ ରହି ପୁନରୁଦ୍ଧାର କାମ ତଦାରଖ କରି କାମ ତ୍ୱରାନ୍ୱିତ କରୁଛନ୍ତି ବୋଲି ସେ କହିଥିଲେ। ଆସନ୍ତା କାଲି ଅପରାହ୍ନ ସୁଦ୍ଧା ପରିସ୍ଥିତି ସ୍ୱାଭାବିକ ହେଇଯିବ ବୋଲି ସେ କହିଥିଲେ। କୃଷି କ୍ଷେତ୍ରରେ ପ୍ରାରମ୍ଭିକ ଆକଳନରୁ ଜଣାଯାଇଛି ଯେ ୧.୭୫ ଲକ୍ଷ ଏକର ଚାଷ ଜମିରେ ଫସଲ କ୍ଷୟକ୍ଷତି ହୋଇଛି । ସଂପୂର୍ଣ୍ଣ ତଥ୍ୟ ମିଳିବା ପରେ କ୍ଷତିପୂରଣ ମଧ୍ୟ ଦିଆଯିବ । ଘରଭଙ୍ଗା ରିପୋର୍ଟ ମଧ୍ୟ ଖୁବ୍ ଶୀଘ୍ର ଆସିଯିବ । ଫସଲ କ୍ଷତି ଏବଂ ଘରଭଙ୍ଗା ପାଇଁ ଶୀଘ୍ର ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଥିଲେ । ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ ଗୁଡିକ ଠିକ୍ ଚାଲିଛି ସବୁ ଆଶ୍ରୟସ୍ଥଳରେ ମେଡିକାଲ୍ ଟିମ୍ ଯାଇ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ।

ଡାକ୍ତରଖାନା ଓ ମା ଗୃହ ଗୁଡିକରେ ପ୍ରାୟ ୨୨୦୦ ନବଜାତ ଶିଶୁ ଜନ୍ମ ଗ୍ରହଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୮ ଟି ହେଉଛନ୍ତି ଜାଆଁଳା ଶିଶୁ । ସବୁ ସ୍ଥାନରେ ମା ଓ ଶିଶୁମାନେ ସୁସ୍ଥ ଓ ସୁରକ୍ଷିତ ଅଛନ୍ତି ।

ଯେଉଁ ଜାଗାରେ ପାଣି ଜମି ରହିଛି, ଲୋକଙ୍କ ଘର ଭାଙ୍ଗିଛି, ସେଠାରେ ଲୋକମାନେ ପରିସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ଆଶ୍ରୟ ସ୍ଥଳରେ ରହିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆବଶ୍ୟକତା ଅନୁଯାୟୀ ଆଶ୍ରୟସ୍ଥଳୀ ଗୁଡିକରେ ସାତ ଦିନ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଯୋଗାଇ ଦେବାକୁ ଜିଲ୍ଲାପାଳମାନଙ୍କୁ ଅଧିକୃତ କରାଯାଇଛି ବୋଲି ସେ କହିଥିଲେ।

ପୋଲିସ୍ ଫୋର୍ସ ମଧ୍ୟ ସବୁ ଜାଗାରେ ମୁତୟନ ଅଛନ୍ତି । ସମୁଦାୟ ୧୫୮ ପ୍ଲାଟୁନ୍ ଫୋର୍ସ ନିୟୋଜିତ ଅଛନ୍ତି । ଲୋକଙ୍କୁ ନେବା ଆଣିବାରେ ପୋଲିସ୍ ସହାୟତା ଯୋଗାଇଦେଉଛି । ଆଶ୍ରୟସ୍ଥଳୀ ଗୁଡିକୁ ସୁରକ୍ଷା ଯୋଗାଇଦେଉଛନ୍ତି। ପୋଲିସ ବାହିନୀର ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଲେ ଯେ ସେମାନେ ଭଲ କାମ କରିଛନ୍ତି। ସହାନୁଭୂତିଶିଳ ହୋଇ କାମ କରୁଛନ୍ତି। ଲୋକମାନେ ପୋଲିସର ମାନବୀୟ ରୂପ ଦେଖିବାକୁ ପାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ରାଜନଗରରେ...

ଖମାରସାହି, କୃଷ୍ଣନଗର, ଈଶ୍ୱରପୁର, ଗୁପ୍ତି, ହାତିନା, ପ୍ରଭୃତି ପଂଚାୟତରେ ହଜାର ହଜାର ସଂଖ୍ୟାରେ ଗଛ ଭାଙ୍ଗିଥିବା ବେଳେ ଅନ୍ୟ ପଂଚାୟତଗୁଡ଼ିକରେ ମଧ୍ୟ ଗଛ ଭାଙ୍ଗିଛି। ତାଲଚୁଆ ବଜାରରେ ପୂର୍ଣ୍ଣ ମାଇତି, ବାପି ବାରିକ, ଦୁଃଖିରାମ ମଣ୍ଡଳଙ୍କ ଦୋକାନ ମାଟିରେ ମିଶିଛି। ଅଧିକାଂଶ ସ୍ଥାନରେ ବର୍ଷା ଓ ପବନ ମାଡ଼ରେ ମାଟି ଓ ଆଜବେଷ୍ଟସ ଘର ଭାଙ୍ଗିପଡ଼ିଛି। ଡାଙ୍ଗମାଳ ପଂଚାୟତ ବାଙ୍କୁଆଳ ଗାଁର ହେମାଳିଲତା ବେହେରା (୮୦) ବାଙ୍କୁଆଳ ଠାରେ ଥିବା ମା'ଜୟଦୁର୍ଗାଙ୍କ କଲ୍ୟାଣ ମଣ୍ଡପରେ ହୋଇଥିବା ଅସ୍ଥାୟୀ ଆଶ୍ରୟସ୍ଥଳରେ ଆଶ୍ରୟ ନେଇଥିଲେ। ରାତ୍ରି ଭୋଜନ ଅସୁସ୍ଥ ହୋଇପଡ଼ଥିଲା। ଅଧିକ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ଘରକୁ ନେଇ ଆସିଥିଲେ। ଘରେ ପହଁଚିବାମାତ୍ରେ ତାଙ୍କର ମୃତ୍ୟୁ ଘଟିଥିଲା। ବାଲିସାହିପାଟଣା ପଂଚାୟତ ମଧୁପୁର ଗାଁର ହରେକୃଷ୍ଣ ରାଉତ (୭୨ବର୍ଷ) ବାତ୍ୟାର ବେଗ ବଢ଼ିବାରୁ ନିକଟସ୍ଥ ଏକ କୋଠାଘରକୁ ସପରିବାର ଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

ସାନବଗୋପାଳପୁର କିଆଯୋରୀ ଗାଁର ବଳରାମ ସ୍ୱାଇଁ (୭୫ବର୍ଷ) ତାଙ୍କ ଚାଳ ଘରେ ଥିଲେ। ବର୍ଷା ପବନ ଯୋଗୁଁ ଆଜି ଭୋରରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ବାତ୍ୟା ଛାଡିବା ପରେ ସକାଳ ୧୦ଟା ସୁଦ୍ଧା ରାଜନଗର ବନ ବିଭାଗର ୬ଟି ଟିମ୍, ଓଡ୍ରାଫ୍, ଏନଡିଆରଏଫ, ଅଗ୍ନିଶମ ବାହିନୀ ଏବଂ ପୁଲିସ ବାହିନୀ ମିଳିତ ଭାବେ ଯୁଦ୍ଧକାଳୀନ ଭିତିରେ କଟରମେସିନ ଓ ଜେସିବି ସାହାଯ୍ୟରେ ସମସ୍ତ ମୁଖ୍ୟ ରାସ୍ତାରୁ ଗଛକୁ ହଟାଇ ଦେଇଛନ୍ତି। ରାଜନଗର ବ୍ଲକ ସାତଭାୟାର ୫୭୧ ପରିବାରକୁ ବଗପାଟିଆରେ ଥଇଥାନ କରାଯାଇଛି। ଦାନା ପ୍ରଭାବରେ ୨ଦିନରେ ୧୨୪ ମିଲିମିଟର ବର୍ଷା ହେବା ପରେ ଥଇଥାନସ୍ଥଳୀରେ ବର୍ଷାପାଣି ଜମି ରହିଛି। ବର୍ଷାପାଣି ୧୮ଟି ମୁଖ୍ୟ ସଂଯୋଗ ରାସ୍ତାରେ ଲହଡି ଭାଙ୍ଗିବା ସହିତ ୪୦ରୁ ଉର୍ଦ୍ଧ୍ୱ ଘରେ ପାଣି ପଶିଛି। ବିପନ୍ନ ଲୋକେ ଦୟନୀୟ ଅବସ୍ଥାରେ ଅଛନ୍ତି। ଆଶ୍ରୟସ୍ଥଳରେ ସ୍ଥାନାଭାବରୁ ଲୋକେ ନିଜ ଘରେ ରହିଛନ୍ତି। କିନ୍ତୁ ସେମାନଙ୍କୁ ଖାଇବା ପାଇଁ ମିଳି ନ ଥିବା ଅଭିଯୋଗ ହୋଇଛି। ଶୁକ୍ରବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ବଗପାଟିଆ ଥଇଥାନସ୍ଥଳିରେ ପହଞ୍ଚି ବିପନ୍ନଙ୍କ ସମସ୍ୟା ବୁଝିଛନ୍ତି। ପ୍ରଶାସନ ପକ୍ଷରୁ ସହାୟତା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି। କେନ୍ଦ୍ରାପଡା ଜିଲ୍ଲା ଦାୟିତ୍ୱରେ ଥିବା ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସମର୍ଥ ବର୍ମା, ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ତହସିଲଦାର ଅଜୟ କୁମାର ମହାନ୍ତି, ସାଲାଇନ ଓ ଡ୍ରେନେଜ ବିଭାଗର ଅଧିକାରୀମାନେ ଜଳନିଷ୍କାସନ ଲାଗି ପଦକ୍ଷେପ ନେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ଏହି ବ୍ଲକର ହାତିନା, ଦେବେନ୍ଦ୍ରନାରାୟଣପୁର, କୃଷ୍ଣପ୍ରିୟାପୁର, ଜୁଣଗଡ଼ି ଆଦି ବାତ୍ୟା ଆଶ୍ରୟସ୍ଥଳୀ ବୁଲି ବିପନ୍ନଙ୍କ ସହ ଆଲୋଚନା କରିଥିଲେ। ଡାଙ୍ଗମାଳ ଦେଇ ତାଲଚୁଆ ଜେଟି ନିକଟରେ ପହଁଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଉପମୁଖ୍ୟମନ୍ତ୍ରୀଙ୍କ ସହିତ ମହାକାଳପଡା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ରାଜନଗରର ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ପ୍ରମୁଖ ବାତ୍ୟା ଅଞ୍ଚଳ ପରିଦର୍ଶନ କରିଥିଲେ।

### 'ଦାନା'କୁ ...

କରିବାକୁ ପଡିଥିଲା। ଏହି ସମୟରେ ପଶ୍ଚିମରେ ସୃଷ୍ଟି ହୋଇଥିବା ଗୁରୁଚାପ କ୍ଷେତ୍ର ଯୋଗୁ ଉତ୍ତର ପଶ୍ଚିମ ବାୟୁ ଏହା ମଧ୍ୟକୁ ପ୍ରବେଶ କରିଥିଲା।

ଉତ୍ତର ପଶ୍ଚିମ ଦିଗରୁ ଆସୁଥିବା ଶୁଷ୍କ ଓ ତାତି ବାୟୁ ପ୍ରବେଶ କରିବା ଫଳରେ ଶେଷ ୨୪ ଘଣ୍ଟା ଧରି ଏହା ଦୁର୍ବଳ ହେବାରେ ଲାଗିଥିଲା। ସେହିଭଳି ପୂର୍ବ ଦିଗରେ ମ୍ୟାଁମାର ପଟୁ ସୃଷ୍ଟି ହୋଇଥିବା ଗୁରୁଚାପ କ୍ଷେତ୍ର ମଧ୍ୟ ଏହାର ଗତିପଥରେ ବାଧା ସୃଷ୍ଟି କରିଥିଲା। ଫଳରେ ଦୁଇ ଗୁରୁଚାପ ମଧ୍ୟରେ ଚାପି ହୋଇଯାଇଥିଲା ପଶ୍ଚିମ ବଙ୍ଗୋପସାଗରରେ ଉପକୂଳ ମୁହାଁ ହେଉଥିବା ବାତ୍ୟା ଦାନା।

ତେଣୁ ସ୍ଥଳଭାଗକୁ ଏହା ଶକ୍ତିଶାଳୀ ହୋଇ ପ୍ରବେଶ କରିପାରିଲାନି। ବାତ୍ୟା ମଧ୍ୟ ସଠିକ ଭାବେ ସଙ୍ଗଠିତ ହୋଇପାରିଲାନି। ସମ୍ଭବତ ଏହାର ପ୍ରକୋପ କମିବା ସହ ବର୍ଷାର ବିସ୍ତୃତି ମଧ୍ୟ ହ୍ରାସ ପାଇଥିଲା। ଏଥିପାଇଁ ବାତ୍ୟା ଦାନାର ଲ୍ୟାଣ୍ଡଫଲ ପ୍ରକ୍ରିୟା ଟିକେ ବିଳମ୍ବ ହୋଇଥିଲା ।

ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସଙ୍କ ସୂଚନା ଅନୁଯାୟୀ, ଆମ ପୂର୍ବାନୁମାନ ପ୍ରାୟତଃ ଠିକ୍ ରହିଛି। ବାତ୍ୟା କେଉଁଠି ଲ୍ୟାଣ୍ଡଫଲ୍ କରିବ, ସେତେବେଳେ ପବନର ବେଗ କେତେ ରହିବ ସେ ନେଇ ଆମ ଆକଳନ ଠିକ୍ ରହିଛି। ମାତ୍ର ଦୁଇଟି ଗୁରୁଚାପ ବଳୟ ମଧ୍ୟରେ ଚାପି ହୋଇଯିବା ଯୋଗୁ ଏହା ଶକ୍ତିଶାଳୀ ହୋଇ ପାରିଲାନି। ଫଳରେ ଏହାର ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଅଧିକ ସମୟ ଚାଲିଲା। ଏଥିସହ କେବଳ ଲ୍ୟାଣ୍ଡଫଲ୍ କରିବା ଅଞ୍ଚଳ ବ୍ୟତୀତ ଅନ୍ୟ ଅଞ୍ଚଳରେ ବର୍ଷାର ପରିମାଣ କମ୍ ରହିଲା। ମୁଖ୍ୟତଃ ବାତ୍ୟା ଶକ୍ତିଶାଳୀ ହେଲେ ହିଁ ତାହାର ଆଖି ଦୃଶ୍ୟମାନ ହୋଇଥାଏ। ମାତ୍ର 'ଦାନା' ଦୁର୍ବଳ ହୋଇ ପଡ଼ିବାରୁ ତାହାର ଆଖି ବାହାରି ନ ଥିଲା। ଦୁର୍ବଳ ବାତ୍ୟା ସମ୍ପର୍କରେ ପୂର୍ବାନୁମାନ କରିବା ଅଧିକ କଷ୍ଟକର ବୋଲି କହିଛନ୍ତି ଉମାଶଙ୍କର ଦାସ।

### ଲୋକଙ୍କ ପାଖରେ...

ବିଧାୟକମାନେ ଗାଁରେ ଗାଁରେ ବୁଲିବା ସହିତ ବାତ୍ୟା ଆଶ୍ରୟସ୍ଥଳୀଗୁଡିକରେ ଲୋକଙ୍କ ରହିବା ଖାଇବାର ପୁରା ତଦାରଖ କରିଥିଲେ। ରାଜଧାନୀରେ ଜଗିଥିଲେ ଖୋଦ୍ ମୁଖ୍ୟମନ୍ତ୍ରୀ । ଲୋକଙ୍କୁ ଦିଆଯାଉଥିବା ଚୁଡାକୁ ନିଜେ ଖାଇ ତାହାର ମାନ ପରୀକ୍ଷା କରୁଥିଲେ । ଯେହେତୁ ବାତ୍ୟାଞ୍ଚଳରେ ମନ୍ତ୍ରୀ/ବିଧାୟକମାନେ ଡେରା ପକାଇଲେ ତେଣୁ ତଳୁ ଉପର ପର୍ଯ୍ୟନ୍ତ ଅଫିସରମାନଙ୍କର ହେଳା କରିବାର ଯୁ ନଥିଲା । ସମସ୍ତେ ଏକାକାର ହୋଇ ଲାଗିପଡିଲେ। ଯାହାର ଫଳ ହେଲା ଜଣେ ହେଲେ ଲୋକଙ୍କ ଦେହରେ ଖଣ୍ଡିଆଟିଏ ବି ହେଲା ନାହିଁ ଗୋଟିଏ ହେଲେ ଗୃହପାଳିତ ପଶୁ ମରିବାର ଖବର ଆସିଲା ନାହିଁ ।

ମନ୍ତ୍ରୀ ଓ ନେତାମାନେ କ୍ଷେତ୍ରସ୍ତରକୁ ଗଲେ କାମ କିଭଳି ହୁଏ ତାହାର ଉଦାହରଣ ଦେଖିବାକୁ ମିଳିଲା କେନ୍ଦ୍ରାପଡା ଜିଲ୍ଲାରେ । ଜଣେ ଆଶାକର୍ମୀ ନିଜ କାନ୍ଧରେ ବାତ୍ୟା ମୁହଁରୁ ଉଠାଇ ଆଣିଥିଲେ ଜଣେ ଅଶିତୀପର ବୃଦ୍ଧାଙ୍କୁ । ପୁଲିସ୍ କର୍ମୀମାନେ ବି ଘରକୁ ଘର ବୁଲି ଲୋକଙ୍କୁ ବୁଝାଇ ସୁଝାଇ ବାତ୍ୟା ଆଶ୍ରୟସ୍ଥଳୀକୁ ଆଣିବା ସହିତ ସେମାନଙ୍କ ଧନ ସମ୍ପତ୍ତି ସୁରକ୍ଷାର ଆଶ୍ୱାସନା ଦେଇଥିଲେ । ଫଳରେ ଲୋକଙ୍କ ସାହସ ବହୁଗୁଣିତ ହୋଇଥିଲା । ମନ୍ତ୍ରୀ ନେତାମାନେ ସେମାନଙ୍କ ପାଖରେ ଛିଡା ହେଲେ ବାତ୍ୟା ସେମାନଙ୍କର କୌଣସି କ୍ଷତି କରିପାରିବ ନାହିଁ ବୋଲି ବହୁ ଲୋକେ ମତ ଦେଉଥିଲେ । ଉଲ୍ଲେଖନୀୟ ଯେ ରାଜ୍ୟରେ କିଛି ବର୍ଷ ହେଲା ବିପଦ ହେଉ କିମ୍ବା ଉତ୍ସବ ମନ୍ତ୍ରୀ ନେତାମାନେ ନିଜ ଇଚ୍ଛାରେ ଲୋକଙ୍କ ପାଖକୁ ଯିବା ଉପରେ ଏକ ପ୍ରକାର ଫତୁଆ ଜାରି ହୋଇଥିଲା। ସବୁକିଛି କରୁଥିଲେ ରାଜ୍ୟର ବାବୁମାନେ ।

ରାଜ୍ୟର ଉପମୁଖ୍ୟମନ୍ତ୍ରୀ ତଥା ପାଟଣା ମହାରାଜା କନକ ବର୍ଦ୍ଧନ ସିଂହଦେଓ ବାତ୍ୟା ସମୟରେ ଯେଭଳି କେନ୍ଦ୍ରାପଡାର ତଳିଆ ଅଞ୍ଚଳରେ ଲୋକଙ୍କ ପାଖରେ ପହଞ୍ଚିଲେ ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଶକ୍ତି ଓ କୃଷି ବିଭାଗ ଦାୟିତ୍ୱରେ ଥିବା କେଭି ବାତ୍ୟାକୁ ଖାତିର ନକରି ରାଜନଗରର ତଳିଆ ଅଞ୍ଚଳରେ ପହଞ୍ଚିବା ସହିତ ଲୋକଙ୍କ ମନୋବଳ ବଢାଇଥିଲେ । ଉପମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତି ଯୋଗୁଁ ପ୍ରଶାସନ କେବଳ ଚଳଚଞ୍ଚଳ ହୋଇନଥିଲା ବାତ୍ୟା ମୁକାବିଲା ପାଇଁ ବି ସେହିସବୁ ଅଞ୍ଚଳର ଲୋକଙ୍କ ଶରୀରରେ ଶତ ସିଂହର ବଳ ଆସିଥିଲା ।

ବାତ୍ୟା ଭଳି ବିପଦ ସମୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଗୁରୁ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇଛନ୍ତି ସୁରେଶ ପୂଜାରୀ । ଅଗ୍ନିଶମ ବାହିନୀର ମନୋବଳ ବଢ଼ାଇବାପାଇଁ ନିଜେ ସେମାନଙ୍କ ନିକଟକୁ ଯିବା ହେଉ କିମ୍ବା ନିୟମିତ ବ୍ୟବଧାନରେ ଗଣମାଧ୍ୟମକୁ ବାତ୍ୟା ସୂଚନା ଦେବା ହେଉ, ସୁରେଶ ଦିନ ରାତି ଏକକରି ଦେଇଥିଲେ । ଦୀର୍ଘଦିନ ପରେ ରାଜସ୍ୱମନ୍ତ୍ରୀଙ୍କୁ ନିଜ ପାଖରେ ପାଇ ଅଗ୍ନିକଙ୍କ ମନୋବଳ ବଢ଼ିଥିବାବେଳେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଦପ୍ତର ମଧ୍ୟ ଅଧିକ ଚଳଚଞ୍ଚଳ ଥିଲା । ସୁରେଶଙ୍କ ପାଇଁ ରାଜ୍ୟବାସୀ ବି ବାତ୍ୟା ମୁକାବିଲାର ସଠିକ୍ ସୂଚନା ପାଇପାରୁଥିଲେ ଏବଂ ରିଲିଫ ସାମଗ୍ରୀ ବି ସେମାନଙ୍କ ନିକଟରେ ପହଞ୍ଚୁଥିଲା।

### ଘାୟଲ ଫିଲ୍ମ...

ବାରିକ ଓ ସଞ୍ଜୟ ମଲ୍ଲିକ ଙ୍କୁ କାବୁ କରାଯାଇଥିଲା। ଗତ କିଛିଦିନ ହେଲା ହାଇ ସିକ୍ୟୁରିଟି ୱାର୍ଡ ରେ ସେମାନଙ୍କୁ ରଖାଯିବାରୁ ସେମାନେ କୌଣସି ସୁବିଧା ପାଉନଥିବା କହି ଆଜି ୱାର୍ଡର ଙ୍କୁ ମାଡ଼ ମାରିଥିଲେ । ଜେଲର ପହଞ୍ଚିବା ବେଳକୁ ତାଙ୍କୁ ମଧ୍ୟ ଅତର୍କିତ ଆକ୍ରମଣ କରାଯାଇଥିଲା । ଏ ନେଇ ଲକ୍ଷ୍ମୀସାଗର ଥାନାରେ ଏକ କେସ ରୁଜୁ ହୋଇଥିବା କହିଛନ୍ତି ଜେଲ ସୁପରିଣ୍ଟେଣ୍ଡେଣ୍ଟ।

ଗତ ମଙ୍ଗଳବାର ଦିନ ଜେଲ ଭିତରେ ଅଜୟ ନାୟକ ଓରଫ ନନ୍ଦୁ ଏକ ଧାରୁଆ ଛୁରି ଧରି ବଟି ମାଗୁଥିବାର ଦୃଶ୍ୟକୁ ସାମ୍ନାକୁ ଆସିଥିଲା । ଭାଇଗିରି ଦେଖାଇବାକୁ ଯାଇ ସୋସିଆଲ ମିଡିଆରେ ଭିଡିଓ ଛଡ଼ାଯାଇଥିଲା । ସେତବେଳେ ଜେଲ ଭିତରକୁ କିଭଳି ମୋବାଇଲ ଓ ମାରଣାସ୍ତ୍ର ପଶୁଛି, ସେ ନେଇ ଉଠିଥିଲା ଅନେକ ପ୍ରଶ୍ନ। ପରେ ଜେଲ କର୍ତ୍ତୃପକ୍ଷ ତଦନ୍ତ କରି ଏହି ଛୁରୀ ଓ ମୋବାଇଲ ଜବତ କରିଥିଲେ । ସେହିଦିନ ଠାରୁ ବ୍ରାଉନସୁଗର ମାଫିଆ ନନ୍ଦୁକୁ ଓ ତାର ସହଯୋଗୀଙ୍କୁ ହାଇ ସିକ୍ୟୁରୀଟି ୱାର୍ଡ ରେ ରଖାଯାଇଥିଲା । ଯାହାକୁ ନେଇ ଆଜି ବିବାଦର ସୂତ୍ରପାତ ହୋଇଥିବା ଜାଣିବାକୁ ପାଇଛି ପୋଲିସ। ତେବେ ବଡ଼କଥା ହେଉଛି ଏଭଳି ଘଟଣା ଥରେ ନୁହେଁ ବାରମ୍ବାର ଘଟୁଛି।

କିଛିଦିନ ତଳେ ଜଣେ ଚିଟଫଣ୍ଡ ଅଭିଯୁକ୍ତଙ୍କୁ ମଧ୍ୟ ମାଡ଼ ମାରି ଲହୁଲୁହାଣ କରାଯାଇଥିଲା। ଯାହାକୁ ନେଇ ତତ୍କାଳୀନ ଜେଲ ଡିଜି ଇନଚାର୍ଜ ଝାରପଡ଼ା ଜେଲ ପରିଦର୍ଶନରେ ଯାଇଥିଲେ। ଜେଲର ଓ ସୁପରିଟେଣ୍ଡେଣ୍ଟଙ୍କୁ କାରଣ ଦର୍ଶାଅ ନୋଟିସ ମଧ୍ୟ ମଗାଯାଇଥିଲା। କିନ୍ତୁ ଅବସ୍ଥା ଏବେ ଆହୁରି ସାଙ୍ଘାତିକ । ଭୁଲ କେସରେ ଫଶି ଜେଲ ଦଣ୍ଡ ଭୋଗୁଥିବା କିଛି ଅନ୍ତେବାସୀଙ୍କ କହିବା କଥା ହେଉଛି ସେମାନଙ୍କ ଜୀବନ ପ୍ରତି ବିପଦ ଅଛି । କାରଣ ଜେଲ ଭିତର ଅବସ୍ଥା ଏବେ ବାହାର ଠାରୁ ସାଙ୍ଘାତିକ । ଏ ଦିଗରେ ଜେଲ ଡିଜି ଗୁରୁତ୍ୱ ନଦେଲେ ଜେଲ ବିଭାଗ ସାରା ଦେଶରେ ବଦନାମ ହେବ ବୋଲି କହିଛନ୍ତି ପୂର୍ବତନ ଜେଲ କର୍ମଚାରୀ।

### ୭ଦିନରେ...

ଶକ୍ତି ଓ ସ୍ୱାସ୍ଥ୍ୟ ବିଭାଗ ଭଲ କାମ କରିଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ ୧୬୦୦ ମା' ପ୍ରସବ କରିଛନ୍ତି । ଏମାନଙ୍କ ମଧ୍ୟରୁ ୧୩ ମାଆ ଯାଆଁଳା ଶିଶୁ ଜନ୍ମ ଦେଇଛନ୍ତି। ଶ୍ରାବଣୀ ଦିଦି ୭ ଜଣଙ୍କୁ କାନ୍ଧରେ ବୋହି ଉଦାହରଣ ପାଲଟିଛନ୍ତି।ଉଦ୍ଧାର ଓ ରିଲିଫ୍ ସଂପର୍କରେ ଶ୍ରୀ ପୂଜାରୀ କହିଛନ୍ତି, ୬ ଲକ୍ଷରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରିଛୁ। ଏବେ ମଧ୍ୟ ଖାଲୁଆ ଜାଗାରେ ପାଣି କାଟିନି ଯେଉଁମାନେ ରିଲିଫ ସେଣ୍ଟରରେ ରହିବା ପାଇଁ ଚାହିଁବେ ରହିପାରିବେ, ରନ୍ଧା ଖାଦ୍ୟ ଦିଆଯିବ। ଯେଉଁମାନେ ଘରକୁ ଯିବେ ରିଲିଫ ସେଣ୍ଟରରେ ଜଣାଇ ଯାଇପାରିବେ। ଗୋସମ୍ପଦ ସୁରକ୍ଷା କରିବାରେ ଓଡ଼ିଶା ସରକାର ରେକର୍ଡ କଲେ। ଦାନା ଅର୍ଥ ଦୟା। ବାତ୍ୟା ଓଡ଼ିଶା ପ୍ରତି ସମ୍ବେଦନଶୀଳ ଥିଲା। ଅତୀତରେ ସଫଳତା ପାଇଛୁ। ସେ କହିଛନ୍ତି, ଆସନ୍ତାକାଲି କ୍ଷେତ୍ର ପରିଦର୍ଶନ କରି ଫିଲ୍ଡ ଷ୍ଟାଫ କ୍ଷୟକ୍ଷତିର ଆକଳନ କରିବେ । ଫସଲ ଓ ଘର କ୍ଷୟକ୍ଷତି ଆକଳନ କରାଯାଇ ୭ ଦିନରେ ରିପୋର୍ଟ ଦିଆଯିବ। ଘର ଭାଙ୍ଗିଥିବା ଲୋକଙ୍କୁ ପକ୍କାଘର ଦିଆଯିବା ନେଇ ନିଷ୍ପତ୍ତି ହୋଇଛି। ଶନିବାର ଏରିୟଲ ଭାବେ ପ୍ରାଥମିକ ଆକଳନ କରାଯିବ । ବିଶେଷ କରି ଭଦ୍ରକ ଓ କେନ୍ଦ୍ରାପଡା ଅଧିକ ପ୍ରଭାବିତ ହୋଇଛି ବୋଲି ଶ୍ରୀ ପୂଜାରୀ କହିବା ସହିତ ସାମ୍ବାଦିକଙ୍କୁ ଧନ୍ୟବାଦ ଜଣାଇଥିଲେ। ।

### ଝାଡ଼ଖଣ୍ଡରେ...

ମଧ୍ୟ ରାଜ୍ୟ ବିଜେପି ପ୍ରଭାବଶାଳୀ ହୋଇପାରିବ ବୋଲି ଆଶା କରାଯାଉଛି। ଝାଡ଼ଖଣ୍ଡର ସରେଇକଲା ଓ ଜାମସେଦପୁର ଭଳି ଅନେକ ଅଞ୍ଚଳରେ ଓଡ଼ିଆ ଭାଷାବାସୀ ଲୋକ ରହୁଛନ୍ତି। ସେମାନଙ୍କୁ ନିଜ ପାଖକୁ ଆଣିବା ପାଇଁ ବିଜେପି ମୋହନ ମାଝୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଷ୍ଟାର ପ୍ରଚାରକ ତାଲିକାରେ ରଖିଥିବା କୁହାଯାଉଛି।

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ବିଜେପି ଜାରି କରିଥିବା ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକାରେ ମୋହନ ଚରଣ ମାଝୀ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଏବଂ କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା, ଅମିତ ଶାହ, ରାଜନାଥ ସିଂହ, ନୀତିନ ଗଡକରୀ, ଏବଂ ଶିବରାଜ ସିଂ ଚୌହାନ ପ୍ରମୁଖଙ୍କ ନାଁ ରହିଛି।



## ଡରାଉଛି ସମୁଦ୍ର

**ଅସ୍ତରଙ୍ଗ/କାକଟପୁର, ୨୫।୧୦ (ସଂଚାର ବ୍ୟୁରୋ) :** ସମୁଦ୍ର ର କରାଳ ରୂପ ଦେଖି ଉପକୂଳବର୍ତ୍ତୀ ପୁରୀ ଜିଲ୍ଲା ଅସ୍ତରଙ୍ଗବାସୀ ଆତଙ୍କିତ ହୋଇ ପଡିଛନ୍ତି। ପବନର ବେଗ ଶୁକ୍ରବାର ସକାଳେ ସମୁଦ୍ର କୂଳରେ ଗତି ବଢିବାରେ ଲାଗିଥିବାରୁ ଭୟଭୀତ ଅବସ୍ଥାରେ ଅଛନ୍ତି। ଏଥି ସହ ୧୦ରୁ ୨୦ଫୁଟ ଆଗକୁ ମାଡି ଆସିବା ଦେଖି ଲୋକ ଛାନିଆ ହୋଇ ପଡିଛନ୍ତି। ତଣ୍ଡାହାର, ଡ଼ାଲୁଅକଣି, ପୀରଜାହାନିଆ, କେଲୁଣୀମୁହାଁଣ ସମୁଦ୍ର କୂଳରେ ଉଚ୍ଚ ଜୁଆର ଲଙ୍ଘିବା ସହ ବାଲି ଝଡ଼ ସୃଷ୍ଟି ହୋଇଥିଲା।ଏହା ସହ ଗୁରୁବାର ସନ୍ଧ୍ୟା ରୁ ସମୁଦ୍ର ଉପକୂଳବର୍ତ୍ତୀ ପଂଚାୟତରେ ସମୁଦ୍ର କରାଳ ରୂପ ସହ ବର୍ଷା ପବନ ଆରମ୍ଭ ହୋଇଥିବାରୁ ଡ଼ାଲୁଅକଣି ଅଂଚଳ ଅନେକ ଲୋକଙ୍କୁ ପୋଲିସ ଓ ଓଡ୍ରାଫ କର୍ମଚାରୀ ଙ୍କ ଦ୍ୱାରା ଛୁରିଆନା ବାତ୍ୟାଆଶ୍ରୟସ୍ଥଳୀ କୁ ଅଣାଯାଇଥିଲା।ଏହା ସହ ଗୁରୁବାର ରାତିରେ ବର୍ଷା ପବନ ଆରମ୍ଭ ହେବାରୁ ଅନେକ ଲୋକଙ୍କୁ ତଣ୍ଡାହାର, ଅସନ, କାଳିଆକଣ ବାତ୍ୟାଆଶ୍ରୟସ୍ଥଳୀ ଆସିଥିବା ବେଳେ ସେଠାରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ଏଥି ସହ ସେହି ଲୋକମାନଙ୍କୁ ଚୁଡା, ଗୁଡ଼, ବିସ୍କୁଟ, ପାନୀୟ ଜଳ, ଅନେକ ସ୍ଥାନରେ ରନ୍ଧା ଖାଦ୍ୟ ଦିଆଯାଇଥିଲା ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ପୁରୀରେ ପର୍ଯ୍ୟଟକଙ୍କ ଉପରୁ କଟକଣା ପ୍ରତ୍ୟାହୃତ



**ପୁରୀ, ୨୫।୧୦ (ସଂଚାର ବ୍ୟୁରୋ) :** ବାତ୍ୟା ଦାନା ପରିପ୍ରେକ୍ଷୀରେ ସୁରକ୍ଷା ଦୃଷ୍ଟିରୁ ପୁରୀ କୁ ପର୍ଯ୍ୟଟକମାନଙ୍କୁ ସରକାର ଓ ପ୍ରଶାସନ ପକ୍ଷରୁ ବାରଣ କରାଯାଇଥିଲା। ତେବେ ବାତ୍ୟା ଲ୍ୟାଣ୍ଡଫଲ କରି ସାରିଥିବା ବେଳେ ପୁରୀକୁ ଏତେ ଅଧିକ ପ୍ରଭାବିତ କରିନାହିଁ। ତେଣୁ ବର୍ତ୍ତମାନ ପର୍ଯ୍ୟଟକମାନଙ୍କ ପାଇଁ ଥିବା କଟକଣାକୁ ପ୍ରଶାସନ ପ୍ରତ୍ୟାହାର କରିନେଇଛନ୍ତି। କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ମଧ୍ୟ ରହିଥିବା ଦର୍ଶନ କଟକଣାକୁ ପ୍ରତ୍ୟାହାର କରିନିଆଯାଇଛି। ବର୍ତ୍ତମାନ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନେ ପୂର୍ବଭଳି ମହାପ୍ରଭୁଙ୍କ ଦର୍ଶନ, ସୂର୍ଯ୍ୟ ମନ୍ଦିର ଦର୍ଶନ କରିପାରିବେ ଓ ସମୁଦ୍ର କୂଳ ଇତ୍ୟାଦି ବୁଲି ପାରିବେ। ତେବେ ସମୁଦ୍ର ଏବେବି ଅଶାନ୍ତ ରହିଥିବାରୁ ପର୍ଯ୍ୟଟକମାନେ ସମୁଦ୍ର ମଧ୍ୟକୁ ନ ଯିବାକୁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଜିଲ୍ଲାରେ ବାତ୍ୟାର ପ୍ରଭାବ ଏତେ ବ୍ୟାପକ ହୋଇ ନାହିଁ କିମ୍ବା ଅଧିକ ବର୍ଷା ମଧ୍ୟ ହୋଇ ନାହିଁ। କିନ୍ତୁ ଆଗକୁ ବର୍ଷାର ସୂଚନା ରହିଥିବାରୁ ଜନସାଧାରଣ ଓ ପର୍ଯ୍ୟଟକ ସତର୍କ ରହିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି।

## ପ୍ରଶଂସା ସାଉଁଟିଲା ରେଡିଓ ଜୁହାର

**ପୁରୀ, ୨୫।୧୦ (ସଂଚାର ବ୍ୟୁରୋ) :** 'ଦାନା ଅପଡେଟ୍'କୁ ନେଇ ପ୍ରଶଂସା ସାଉଁଟିଲା ରେଡିଓ ଜୁହାର। ଓଡିଶାର ଆଗଧାଡ଼ିର ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ଜୁହାର ବାତ୍ୟା "ଦାନା" ର ମୁକାବିଲା କରିବା ପାଇଁ ପ୍ରତି ସମୟରେ ଲୋକଙ୍କ ନିକଟରେ ସଚେତନତା ବାର୍ତ୍ତା ପହଞ୍ଚାଇଥିଲା।ବାତ୍ୟା ପୂର୍ବରୁ, ବାତ୍ୟା ସମୟରେ ଏବଂ ବାତ୍ୟାପରେ କଣ କଣ ସତର୍କତା ଅବଲମ୍ବନ କରିବା ଉଚିତ ସେ ବିଷୟରେ ସୂଚନା ପ୍ରଦାନ କରିଥିଲା।ଏହାଛଡା ମହିଳା ଓ କିଶୋରୀ ମାନଙ୍କ ପାଇଁ ଋତୁସ୍ରାବ ଜନିତ ସଚେତନତା, ବିଦ୍ୟୁତ୍ ପ୍ରତି କଣ ସବୁ ସତର୍କତା ଅବଲମ୍ବନ କରିବା ଉଚିତ୍, ସ୍କୁଲ୍,କଲେଜ୍ ବନ୍ଦ ରହିବା ସୂଚନା,ଓ. ଏସ୍ ପ୍ରିଲିମ୍ ପରୀକ୍ଷା ସ୍ଥଗିତ ହେବା ସୂଚନା, କୃଷି ଓ ପାଣିପାଗ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ବିକାଶ ବିଭାଗ ତଥା ବନ୍ୟଜନ୍ତୁ ସମ୍ପଦ ବିଭାଗ, ଜିଲ୍ଲା ପ୍ରଶାସନ ସହିତ ଯୋଡ଼ି ହୋଇ ଲୋକମାନଙ୍କୁ ବାତ୍ୟା ସମ୍ପର୍କିତ ସୂଚନା ନିରବଛିନ୍ନ ଭାବରେ ଯୋଗାଇ ଆସୁଥିଲା। ଏତଦବ୍ୟତୀତ ରେଡିଓ ଜୁହାର ଟିମ୍ ଗାଁ ଗାଁ ରେ ବୁଲି ଲୋକମାନଙ୍କୁ ବାତ୍ୟା "ଦାନା" ସମ୍ପର୍କ ରେ ସଚେତନ କରାଇବା ସହ ରହଣୀ ସ୍ଥଳ କୁ ଯିବା ପାଇଁ ଲୋକଙ୍କୁ ଅନୁରୋଧ କରିବା ସହିତ ରହଣୀ ସ୍ଥଳ କୁ ଯାଇ ସେମାନଙ୍କର ଭଲମନ୍ଦ ପଚାରି ବୁଝିଥିଲେ। ବାତ୍ୟା ସମୟରେ ଘରେ ଘରେ ସମସ୍ତେ ନିଜର ଜୀବନ ପ୍ରତି ସତର୍କତା ଅବଲମ୍ବନ କରୁଥିବା ବେଳେ ରେଡିଓ ଜୁହାର ଟିମ୍ ବାତ୍ୟା କୁ ଗୁ ଭୟ ନ କରି ସବୁ ସମୟରେ ବାତ୍ୟା ସମ୍ପର୍କିତ ପ୍ରତିଟି ଖବର ଲୋକମାନଙ୍କ ପାଖରେ ପହଞ୍ଚାଇ ବିଭିନ୍ନ ମହଲ ରୁ ପ୍ରଶଂସା ସାଉଁଟିଛି।



# 'ଦାନା': ଯାଜପୁର ଜିଲ୍ଲାରେ ୧୦ଲକ୍ଷ ପ୍ରଭାବିତ



**ଯାଜପୁର, ୨୫।୧୦ (ସଂଚାର ବ୍ୟୁରୋ):** ସାମୁଦ୍ରିକ ବାତ୍ୟା' ଦାନା' ପ୍ରଭାବରେ ଯାଜପୁର ଜିଲ୍ଲାରେ ପବନ ଓ ବର୍ଷା ଗତକାଲି ଠାରୁ ଲାଗିରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଲଗାତାର ବାତ୍ୟା ସମ୍ପର୍କିତ ସତର୍କ ସୂଚନା ଦିଆଯାଉଛି। ଜିଲ୍ଲା ଜରୁରୀ ବିଭାଗରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ (୦୬୭୨୮-୨୨୨୬୪୮) ଖୋଲା ଯାଇଛି। ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ବୁଲି ମୌଳିକ ସୁବିଧା ସୁଯୋଗ ସମ୍ପର୍କରେ ବୁଝୁଛନ୍ତି। ବି.ଡି.ଓ ତହସିଲଦାର ମାନଙ୍କ ସହିତ ସ୍ଥାନାନ୍ତରିତ ଲୋକମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଯେଉଁମାନଙ୍କର କଚ୍ଚା ଘର, କିମ୍ବା ଘରର ଅବସ୍ଥା ଠିକ୍ ନାହିଁ ସେମାନଙ୍କୁ ଆଶ୍ରୟସ୍ଥଳୀରୁ ନଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତାକାଲି ପର୍ଯ୍ୟନ୍ତ ମୌଳିକ ସୁବିଧା ଯୋଗାଇ ଦିଆଯିବ। ତହସିଲଦାର ମାନଙ୍କ ଟିମ୍ ଅଞ୍ଚଳ ପରିଦର୍ଶନ କରି ଆବଶ୍ୟକତା ଥିବା ଲୋକମାନଙ୍କୁ ପଲିଥିନ ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ।

କୃଷି ବିଭାଗ ସୂଚନା ଅନୁଯାୟୀ ଜିଲ୍ଲାରେ ୧୪୦୨୦ ହେକ୍ଟର ଧାନ ଜମି, ୩୩୦୬ ହେକ୍ଟର ଅଣଧାନ, ୩୪୦ ହେକ୍ଟର ଉଦ୍ୟାନ କୃଷି (ପନିପରିବା) ଏହିପରି ମୋଟ ୧୭,୬୬୬ ହେକ୍ଟର ଜମି ବର୍ଷା ଜଳ ଦ୍ୱାରା ପ୍ରଭାବିତ ହୋଇଛି। ଟ୍ୟାଙ୍କର ମଧ୍ୟରେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ୭୯ଟି ଡିଜି ସେଟ୍ ପାୱାର ବ୍ୟାକ ଅପ ପାଇଁ ମହଜୁଦ ରହିଛି।

ସୂଚନା ଅନୁଯାୟୀ ବାତ୍ୟା ପ୍ରଭାବରେ ଜିଲ୍ଲାର ୧୦ ଟି ବ୍ଲକ୍ ୧୨୧୧ ଟି ଗାଁ ପ୍ରଭାବିତ ହେବା ସହ ୧୦,୩୦,୦୦୦ ଲୋକ ପ୍ରଭାବିତ ହୋଇଛନ୍ତି। ଅପରାହ୍ନ ସୁଦ୍ଧା ୫୮,୭୧୦ ଜଣ ଲୋକଙ୍କୁ ୬୧୪ ଟି ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି। କୌଣସି ଲୋକ ମୃତାହତ ହୋଇ ନଥିବାବେଳେ ସୂଚନା ରହିଛି। ମିଳିଥିବା ସୂଚନା ଅନୁଯାୟୀ ପ୍ରଶାସନ ତତଫରୁ ଚୁଡ଼ା, ଗୁଡ଼, ପଲିଥିନ ବଣ୍ଟନ କରାଯାଇଛି। ଜିଲ୍ଲାରେ ୨୦ ଟି ମେଡିକାଲ ଟିମ୍ ଓ ୧୦ ଟି ପ୍ରାଣୀ ସଂପଦ ଟିମ୍ ପ୍ରଭାବିତ ଅଞ୍ଚଳରେ ନିୟୋଜିତ ହୋଇଛନ୍ତି।

## ଯାଜପୁରରେ ସମସ୍ତ ସ୍କୁଲ ଓ ଅଙ୍ଗନବାଡ଼ି ବନ୍ଦ

**ଯାଜପୁର, ୨୫।୧୦ (ସଂଚାର ବ୍ୟୁରୋ) :** ବାତ୍ୟା ପରେ ଯାଜପୁର ଜିଲ୍ଲାରେ ଅତ୍ୟଧିକ ବର୍ଷା ଯୋଗୁଁ ଜିଲ୍ଲାର ସମସ୍ତ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ଆଜି ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ। ସୂଚନା ଅନୁଯାୟୀ ଜିଲ୍ଲାର ବହୁ ସ୍କୁଲ୍ ଗୁଡ଼ିକୁ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ କରାଯାଇଅଛି ଏବଂ ଲୋକମାନେ ସ୍ଥିତି ସୁଧୁରିବା ପରେ ବାତ୍ୟା ଆଶ୍ରୟସ୍ଥଳୀ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଯାଜପୁରରେ ବର୍ଷା ବିଭ୍ରାଟ

**ଯାଜପୁର:** ଯାଜପୁର ଜିଲ୍ଲାରେ ବାତ୍ୟା ଦାନାର କୌଣସି ପ୍ରଭାବ ପଡିନଥିବା ବେଳେ ବାତ୍ୟା ପରେ ଜିଲ୍ଲାରେ ପ୍ରବଳ ବର୍ଷା କାରଣରୁ ଜନଜୀବନ ବ୍ୟାହତ ହୋଇଛି ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ବ୍ଲକରେ ୬୦ ମି.ମି., ବିଂଝାରପୁର ବ୍ଲକରେ ୬୦ ମି.ମି., ଦଶରଥପୁର ବ୍ଲକରେ ୫୫ ମି.ମି., ଦାନଗଦି ବ୍ଲକରେ ୨୫ ମି.ମି., ରସୁଲପୁର ବ୍ଲକରେ ୩୫.୨ ମି.ମି., ଧର୍ମଶାଳା ବ୍ଲକରେ ୪୦ ମି.ମି., ବଡ଼ଚଣା ବ୍ଲକରେ ୩୭ ମି.ମି., ବରୀ ବ୍ଲକରେ ୫୨ ମି.ମି., କୋରେଇ ବ୍ଲକରେ ୨୬.୨ ମି.ମି. ଓ ସୁକିନ୍ଦା ବ୍ଲକରେ ୩ ମି.ମି. ବର୍ଷା ରେକର୍ଡ଼ ହୋଇଛି।




## ବାତ୍ୟା ଟଳିଲା, ଚାଷୀଙ୍କ ମନରେ ହସ ଫୁଟିଲା

**କଣାସ, ୨୫।୧୦ (ସଂଚାର ବ୍ୟୁରୋ):** ସାମୁଦ୍ରିକ ଝଡ ଦାନା ଯୋଗୁଁ ପୁରୀ ଜିଲ୍ଲାର ବ୍ୟାପକ କ୍ଷତିଗ୍ରସ୍ତ ହେବା ୮ଦିନ ହେଲା ବିଭିନ୍ନ ଗଣମାଧ୍ୟମ ବୈଦ୍ୟୁତିକ ମିଡିଆରେ ପ୍ରଚାର ହେବାରୁ ପୁରୀ ଜିଲ୍ଲାର ତଳିଆ ଅଞ୍ଚଳ କଣାସ ବ୍ଲକର ଚାଷୀମାନଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। କାରଣ କଣାସ ବ୍ଲକର ୮୦ଭାଗ ଲୋକ ଚାଷ କରି ଜୀବିକା ନିର୍ବାହ କରନ୍ତି। ବର୍ତ୍ତମାନ ଜମିରେ ଧାନ ଥୋଡୁଅ ହୋଇଯାଇଥିବାରୁ ପବନ ଓ ବର୍ଷା ଯୋଗୁଁ ଧାନଗଛ ଗୁଡିକ ଅଗାଡି ହୋଇଯିବାର ସମ୍ଭାବନା ଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇବସିଥିଲେ। ଜଗନ୍ନାଥ ଦୟାରୁ କଣାସ ଅଞ୍ଚଳର ୩୬ଘଣ୍ଟା ମଧ୍ୟରେ ମାତ୍ର ୫୫ମିମି ବର୍ଷା ହୋଇଥିବା ବେଳେ ପବନ ହୋଇନଥିଲା। ଯାହା ଦ୍ୱାରା କି ଧାନଗଛର କୌଣସି କ୍ଷତି ହୋଇନଥିବା ଜଣାପଡ଼ିଛି।

ବ୍ଲକ ପ୍ରଶାସନ ପକ୍ଷରୁ ବାତ୍ୟା ଯୋଗୁଁ ତିନିଦିନ ହେଲା ବିଡିଓ ନାରାୟଣ ସାହୁ, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହି, କଣାସ ଆଇ.ଆଇ.ସି ରାକେଶ କୁମାର ତ୍ରିପାଠୀ, ଗଡ଼ିଶାଗୋଦା ଥାନା ଆଇ.ଆଇ.ସି ଦୁର୍ଗାଚରଣ ମହାପାତ୍ର, କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତ ୧୩୯ଟି ରାଜସ୍ୱ ଗ୍ରାମ ଓ ୧୦୮ଟି ପଡ଼ା ଗ୍ରାମକୁ ଯାଇ ଚାଳ ଘର, ଆଜବେଷ୍ଟ ଘର, କଚା ଘର ଥିବା ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳିକୁ ଉଠିଯିବା ପାଇଁ ସଚେତନ କରିଥିଲେ। ଯାହା ଦ୍ୱାର କି କଣାସ ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ୨୪ଟି ବାତ୍ୟା ଆଶ୍ରୟସ୍ଥଳ ଓ କେତେକ ବିଦ୍ୟାଳୟରେ ଗତକାଲି ରାତିରେ ୭ଶହରୁ ଉର୍ଦ୍ଧ୍ୱ ଅସହାୟ ଲୋକ ଆଶ୍ରୟ ନେଇଥିଲେ। ବାତ୍ୟା ଓ ବର୍ଷା ନ ହେବାରୁ ଆଜି ଲୋକମାନେ ନିଜ ନିଜ ଘରକୁ ଫେରିଯାଇଥିବା ବେଳେ ଜଗନ୍ନାଥ ହିଁ ଭରସା ବୋଲି ପ୍ରତ୍ୟେକ ଲୋକ ନିଜ ତୁଣ୍ଡରେ ଜଗନ୍ନାଥଙ୍କୁ ଡାକୁଥିବା ଦେଖିବାକୁ ମିଳିଥିଲା।

## ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ

**କେନ୍ଦ୍ରାପଡ଼ା, ୨୫।୧୦ (ସଂଚାର ବ୍ୟୁରୋ):** ବାତ୍ୟା 'ଦାନା' ଯୋଗୁ ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଥିବା ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ପ୍ରଶାସନ ସହିତ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି ଯୁବ ବିଧାୟକ ଅରବିନ୍ଦ ମହାପାତ୍ର । ଆଜି ପାଟକୁରା ଅଞ୍ଚଳର ଗରଦପୁର ବ୍ଲକର ଥିବା ତେଣ୍ଡାକୁଡ଼ା,ପାଳସୁଧା, ବନ୍ତଳା, ତଳକୁସୁମା ପଞ୍ଚାୟତ ଆଦି ଗ୍ରସ୍ତ କରିଥିଲେ ବିଭିନ୍ନ ଗାଁ ବୁଲି ଲୋକଙ୍କ ସହ ବୁଲି ସମସ୍ୟା ସବୁ ଅନୁଧ୍ୟାନ କରିବା ସହ ବାତ୍ୟା ଆଶ୍ରୟସ୍ଥଳ ଯାଇ ସେଠାରେ ଥିବା ଲୋକଙ୍କୁ ସମସ୍ୟା ବିଷୟରେ ବିସ୍ତୃତ ଆଲୋଚନା କରି ଶେଷରେ ଗରଦପୁର ବ୍ଲକ ବିଡ଼ିଓ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସହ ଆଲୋଚନା କରି ତୁରନ୍ତ ସମସ୍ୟାର ସମାଧାନ ପାଇଁ ବିଧାୟକ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ବିଜେଡି ନେତା କ୍ଷୀତିଶ୍ ଚନ୍ଦ୍ର ଦାଶ,ସମିତି ସଭ୍ୟ ବାସୁଦେବ ବେହେରା,ପ୍ରଭାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## କର୍ତ୍ତବ୍ୟରତ ଡାକ୍ତରଙ୍କୁ କାମୁଡ଼ିଲା ସାପ



**କେନ୍ଦ୍ରାପଡ଼ା, ୨୫।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ମହାକାଳପଡା ବ୍ଲକ ବାବର ପଞ୍ଚାୟତରେ କାର୍ଯ୍ୟରତ ଡାକ୍ତର ବାବୁଲ ମହାନ୍ତିଙ୍କୁ ସାପ କାମୁଡ଼ିଥିବା ଜଣାପଡିଛି। ସୂଚନାମୁତାବକ ବାତ୍ୟା ଦାନା ପାଇଁ ଡାକ୍ତର ଶ୍ରୀ ମହାନ୍ତିଙ୍କୁ ଭୁବନେଶ୍ୱର ୪ନମ୍ବର ମେଡିକାଲରୁ କେନ୍ଦ୍ରାପଡ଼ା ଅଣାଯାଇଥିଲା। ତାଙ୍କର କାର୍ଯ୍ୟ ନିମନ୍ତେ ମହାକାଳପଡ଼ା ବାବର ପଞ୍ଚାୟତକୁ ତାଙ୍କୁ ପଠାଯାଇଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ସେଠାରେ ଆଜି କାର୍ଯ୍ୟରତ ଥିବା ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ଶ୍ରୀ ମହାନ୍ତିଙ୍କୁ ତୁରନ୍ତ କେନ୍ଦ୍ରାପଡ଼ା ମେଡିକାଲରେ ଭର୍ତି କରାଯାଇଛି। ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥାରେ ସାମାନ୍ୟ ଉନ୍ନତି ଆସିଛି। ଅଧିକା ଚିକିତ୍ସା ନିମନ୍ତେ ଡାକ୍ତର ଶ୍ରୀ ମହାନ୍ତିଙ୍କୁ କଟକ ପଠାଯିବା ନିମନ୍ତେ ଓମସାର ସଭାପତି ଡାକ୍ତର କିଶୋର ମିଶ୍ର ସୂଚନା ଦେଇଛନ୍ତି।

## 'ଦାନା' ଯୋଗୁ ୬ ପଞ୍ଚାୟତ ପ୍ରଭାବିତ

**ନୟାହାଟ, ୨୫।୧୦ (ସଂଚାର ବ୍ୟୁରୋ):** ଦାନା ପ୍ରଭାବରେ ନୟାହାଟ ଅଞ୍ଚଳର ଧୁମମାଳ, ଜଙ୍ଗଲବୋରି, ଦେସ୍ତଲି, ବାଉଲାଙ୍ଗ, ଶୋରଭା, ଇସାଣପୁର ଏହି ୬ ପଞ୍ଚାୟତରେ ଗତ ଦୁଇ ଦିନ ହେଲା ବାତ୍ୟା ଦାନାର ପ୍ରଭାବରେ ତୁହାକୁ ତୁହା ବର୍ଷା ଜାରି ରହିଛି ଯାହା ଫଳରେ ଜନ ଜୀବନ ବିପର୍ଯ୍ୟସ୍ତ ହୋଇପଡିଛି। ଦୋକାନ ବଜାର ବନ୍ଦ ଥିବା ବେଳେ ବଜାରକୁ ଲୋକେ ଆସୁ ନାହାନ୍ତି। ବର୍ଷାର ପ୍ରଭାବରେ ନୟାହାଟ, ଶିଖର ଘାଟ, ନୟାହାଟ କଳା ବୋଦା, ପାଣି ଛତ୍ରରୁ ରାଉଳ ପାଟଣା ରାସ୍ତାରେ ବର୍ଷା ଜଳ କେତକ ସ୍ଥାନରେ ଲହଡ଼ି ମାରୁଛି। ଦାନାର ପ୍ରଭାବରେ ପବନ ଜୋର୍ ହୋଇ ନଥିଲା ତେଣୁ ବିଶେଷ କିଛି କ୍ଷତି ହୋଇନାହିଁ।

## ଅମୃତ ଷ୍ଟେସନ ଯୋଜନାରେ ତାଳଚେର ରୋଡ୍ ଷ୍ଟେସନର ପୁନର୍ବିକାଶ

**ଭୁବନେଶ୍ୱର/ତାଳଚେର/ଅନୁଗୁଳ, ୨୫।୧୦ (ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଅନ୍ତର୍ଗତ ତାଳଚେର ରୋଡ଼ ରେଳ ଷ୍ଟେସନକୁ ପ୍ରାୟ ୧୯ କୋଟି ଟଙ୍କା ବ୍ୟୟରେ ପୁନଃ ବିକଶିତ କରାଯାଉଅଛି। ଯାତ୍ରୀମାନଙ୍କ ସୁବିଧାକୁ ସୁଦୃଢ଼ କରିବା ଏବଂ ନିକଟସ୍ଥ କୋଇଲା କ୍ଷେତ୍ର, ପାୱାର ପ୍ଲାଣ୍ଟ ଏବଂ ଅନ୍ୟାନ୍ୟ ଶିଳ୍ପ ଦ୍ୱାରା ସୃଷ୍ଟି ହେଉଥିବା ଟ୍ରାଫିକକୁ ସଠିକ ପରିଚାଳନା କରିବା ଏହି ପ୍ରକଳ୍ପର ଲକ୍ଷ୍ୟ। ରେଳ ମନ୍ତ୍ରଣାଳୟ ଦ୍ୱାରା ଘୋଷିତ ୫୭ଟି ଅମୃତ ଷ୍ଟେସନ୍ ମଧ୍ୟରୁ ତାଳଚେର ରୋଡ୍ ଷ୍ଟେସନ୍ ଏହି ଅଞ୍ଚଳର ବୃଦ୍ଧି ପାଉଥିବା ଜନସଂଖ୍ୟାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ଗୁରୁତ୍ୱପୂର୍ଣ୍ଣ ପରିବହନ ହବ୍ ହେବାକୁ ପ୍ରସ୍ତୁତ ହୋଇଛି। ଏହି ଷ୍ଟେସନ ଠାରେ ସମ୍ପ୍ରତି୨୨ଟି ଟ୍ରେନ୍ ରହଣି କରୁଥିବା ବେଳେ ଆଖପାଖରେ ଚାଲିଥିବା ଶିଳ୍ପ ବିକାଶ ହେତୁ ଷ୍ଟେସନର ଯାତ୍ରୀବାହୀ ଯାତାୟାତ ଅପେକ୍ଷାକୃତ ଭାବରେ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ପ୍ରସ୍ତାବିତ ବିକାଶ ଯୋଜନାରେ ଟ୍ରେନ ଯାତ୍ରୀଙ୍କ ଯାତ୍ରା ଅଭିଜ୍ଞତାକୁ ଉନ୍ନତ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଅନେକ ନୂତନ ସୁବିଧା ଅନ୍ତର୍ଭୁକ୍ତ କରାଯାଇଛି। ଏହି ଷ୍ଟେସନରେ ୩୦୦ ବର୍ଗମିଟରର ବିଶିଷ୍ଟ ଏକ ନୂତନ ଷ୍ଟେସନ୍ ବିଲଡିଙ୍ଗ ନିର୍ମାଣ, ଟ୍ରାଫିକ୍ ସଞ୍ଚାରଣରେ ଉନ୍ନତି ଏବଂ ପ୍ରଶସ୍ତ ଚଳାଚଳ କ୍ଷେତ୍ରର ସୌନ୍ଦର୍ଯ୍ୟକରଣ (୨୦୫୫ ବର୍ଗ ମିଟର), ପୃଥକ ପ୍ରବେଶ ଏବଂ ପ୍ରସ୍ଥାନ ଫାଟକ ସହିତ ଉତ୍ତମ ଟ୍ରାଫିକ୍ ସଞ୍ଚାଳନ ପାଇଁ ବ୍ୟବସ୍ଥା ରହିଛି। ବର୍ତ୍ତମାନ ଥିବା ଷ୍ଟେସନ ବିଲ୍ଡିଂ କୁ ରୂପାନ୍ତରଣ କରାଯାଇ ୯୯୦ ବର୍ଗ ମିଟରର ନୂତନ ଷ୍ଟେସନ ବିଲଡିଙ୍ଗ ଓ ମୁଖଶାଳା ସହ ଦୁଇ ଚକିଆ, ଚାରି ଚକିଆ ଯାନ ଏବଂ ଅଟୋ ପାଇଁ ୧୮୫୪ ବର୍ଗମିଟରର ବିଶିଷ୍ଟ ଏକ ସୁଚିନ୍ତିତ ପାର୍କିଂ କ୍ଷେତ୍ର ରହିଛି। ଷ୍ଟେସନ ପ୍ଲାଟଫର୍ମରେ ସମୁଦାୟ ୩୫ଟି ବେ (ଆଶ୍ରୟସ୍ଥଳ) ନିର୍ମାଣ, ୧୪୦ବର୍ଗ ମିଟରର ଏକ ପ୍ରଶସ୍ତ ଅପେକ୍ଷା ହଲ୍, ୭୦ ବର୍ଗ ମିଟରର ପ୍ରିମିୟମ୍ ମଡ୍ୟୁଲାର୍ ଟଏଲେଟ୍, ୧୨ମିଟର ଚଉଡାର ଫୁଟ ଓଭର ବ୍ରିଜ୍ ପାଇଁ ବ୍ୟବସ୍ଥା ହେବା ସହ ନବୀକରଣ ହୋଇଥିବା ପ୍ଲାଟଫର୍ମ ପୃଷ୍ଠଗୁଡ଼ିକ ଗ୍ରାନାଇଟ୍ ଏବଂ ଭାରୀ-ମୋଜାଇକ୍ ଟାଇଲ୍ ଦ୍ୱାରା ନିର୍ମାଣ ସହ ବର୍ତ୍ତମାନ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟରେ ୫୧% ପ୍ରଗତି ହାସଲ ହୋଇପାରିଛି।



# ପଟ୍ଟାମୁଣ୍ଡାଇରେ ବ୍ୟାପକ କ୍ଷୟକ୍ଷତି





**କଚ୍ଚା ଘର, ରାସ୍ତାଘାଟ କ୍ଷତିଗ୍ରସ୍ତ, ଫସଲହାନି**

**ବର୍ଷା ଯୋଗୁଁ ରିଲିଫ ଓ ଉଦ୍ଧାର ପ୍ରଭାବିତ**

**ଗଛ କାଟିଲେ ବିଧାୟକ**

**ପଟ୍ଟାମୁଣ୍ଡାଇ, ୨୫।୧୦ (ସଂଚାର ବ୍ୟୁରୋ) :** ସାମୁଦ୍ରିକ ଝଡ଼ ବାତ୍ୟା ଦାନା ଯୋଗୁଁ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଲଗାଣ ବର୍ଷା ଓ ପବନରେ ବହୁ କଚ୍ଚା, ଆଜବେଷ୍ଟ ଘର ଭାଙ୍ଗି ଯାଇଥିବାବେଳେ ବ୍ୟାପକ ଫସଲ ହାନୀ ଘଟିଛି । ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ବହୁ ରାସ୍ତାଘାଟ ଧୋଇ ଯାଇଛି । ବଡ଼ ବଡ଼ ଗଛ ଉପୁଡି ପଡି ଗମନାଗମନ ବାଧାପ୍ରାପ୍ତ ହୋଇଥିବାବେଳେ ବିଦ୍ୟୁତ ଓ ଟେଲିଫୋନ ଖୁଣ୍ଟ ଉପୁଡି ବିଦ୍ୟୁତ ଓ ଟେଲି ସେବା ବ୍ୟାହତ ହୋଇଛି । ଯଦିଓ ପଟ୍ଟାମୁଣ୍ଡାଇ ସହରରେ ବିଦ୍ୟୁତ ଓ ଟେଲିସେବା ବ୍ୟବସ୍ଥିତ କରାଯାଇଛି । ଏବେବି ଗ୍ରାମାଞ୍ଚଳ ଅନ୍ଧକାର ରହିଛି। ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ତହସିଲଦାର ପଞ୍ଚାନନ ନାୟକ, ବିଡ଼ିଓ ଶୁଭ୍ରାଂଶୁ ସାହୁ,ଅତିରିକ୍ତ ବିଡ଼ିଓ ସନ୍ତୋଷ କୁମାର ମନ୍ତ୍ରୀ,ବ୍ଲକ ସହକାରୀ ଯନ୍ତ୍ରୀ ଇଂ ଜଳଧର ବେହେରା,ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି, ପଟ୍ଟାମୁଣ୍ଡାଇ ମେଡିକାଲ ଅଫିସର ଡା ନିରାକାର ପରିଡା, ଆଦର୍ଶ ଥାନା ଆଇଆଇସି ସୁଶାନ୍ତ ସାହୁ ଓ ଗ୍ରାମାଞ୍ଚଳ ଥାନା ଆଇଆଇସି ପଦ୍ମାଳୟା ପ୍ରଧାନ ଓ ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ସ୍ମୃତି ରଞ୍ଜନ ରଥ, ଅଗ୍ନିଶମ ଅଧିକାରୀ ପ୍ରମୁଖ ଟିମ ସହିତ ବାତ୍ୟା ପୂର୍ବରୁ ଓ ପରେ ବିଧ୍ୱସ୍ତ ଅଂଚଳ ବୁଲି ରିଲିଫ ଓ ଉଦ୍ଧାର କାର୍ଯ୍ୟ ନିରୀକ୍ଷଣ କରିବା ସହିତ କ୍ଷୟକ୍ଷତି ଆକଳନ କରିଛନ୍ତି । କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଡ଼ ଅଲେଖ କୁମାର ଜେନା ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ଅଂଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ପଟ୍ଟାମୁଣ୍ଡାଇ ବ୍ଲକର ଧୋୟାଞ୍ଚଳ ଭାବେ ପରିଚିତ ଅଣ୍ଡରା, ଅମୃତ ମଣୋହି, ବଲୁରିଆ, ତରଡ଼ିପାଳ, ପେଣ୍ଡପାଳ, ଅଳପୁଆ, ସିଂହଗାଁ ନୀଳକଣ୍ଠପୁର, ବାଲିପାଟଣା, ବାଛରା, ଶାସନ, ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର ଓ ଭେଡ଼ା ଅଂଚଳ ଭାବେ ପରିଚିତ ଉତିକଣ ଅଂଚଳର ସଂସାରଫଳ, ଚନ୍ଦନନଗର, ଓଉପଦା, ବିଲିକଣା, ଖଣତା ଦୋଷିଆ, ବଡ଼ପଡା, ବଡ଼ମୋହନପୁର ଦିହୁଡିପୁର, ସାନଜରିଆ, ଅରଡ଼ପଲ୍ଲୀ, ଗଙ୍ଗାରାମପୁର, କଖାରୁଣୀ, ଖଡ଼ିଅଣ୍ଡା,ଡିହାପଡା ବଡ଼ମୂଳବସନ୍ତ, ନରସିଂହପୁର ଆଦି ପଂଚାୟତରେ କଚ୍ଚା ଘର ଆଜବେଷ୍ଟ ଘର ଭାଙ୍ଗିବା, ସହିତ ବଡ଼ ବଡ଼ ଗଛ ଉପୁଡି ପଡି ଗମନାଗମନ ବାଧାପ୍ରାପ୍ତ ହୋଇଛି । ବିଦ୍ୟୁତ ଓ ଟେଲିସେବା ବିପର୍ଯ୍ୟସ୍ତ ହୋଇପଡିଛି । ଶହ ଶହ ଏକର ଜମିର ଫସଲହାନୀ ଘଟିଛି ।

ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବାଲିପଡ଼ା, କଷଣଅଣ୍ଡା, ତଳବାଲିପଡ଼ା, ବଳଦେବନଗର, ସିଦ୍ଧପାଟଣା, ନୂଆଗାଁ, କାକୁଡିପଲ୍ଲୀ, ଅଳଭା, ପୋଖରୀଆପଡା, ମାଟିଆ, ବକ୍ତାରପୁର, ତନୁପୁର, ନନ୍ଦିନୀ ନଗର, ବେଲତଳ, ଦକ୍ଷିଣଦିଆ, ଷଣ୍ଢପଲ୍ଲୀ ଆଦି ଅଂଚଳରେ କଚ୍ଚା ଘର, ଆଜବେଷ୍ଟ ଘର ଭାଙ୍ଗିବା ସହିତ ରାସ୍ତାଘାଟ ଧୋଇ ଯାଇଛି । ବଡ଼ ବଡ଼ ଗଛ ଉପୁଡି ପଡି ଗମନାଗମନରେ ବାଧା ସୃଷ୍ଟି ହୋଇଛି । ଶହ ଶହ ଏକର ଜମିର ଫସଲ ହାନୀ ଘଟିଛି । ଲଗାଣ ବର୍ଷା ଯୋଗୁଁ ବହୁ ଜାଗାରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି । ରାଜନଗର ବିଧାୟକ ଧ୍ରୁବ ସାହୁ ବିଭିନ୍ନ ଅଂଚଳ ବୁଲି ସ୍ଥିତି ଅନୁଧ୍ୟାନ କରିବା ସହିତ ବିଭିନ୍ନ ଜାଗାରେ ନିଜେ ଗଛ କାଟି ରାସ୍ତା ସଫା କରିବା ଦେଖାଯାଉଛି । ବର୍ଷା ଲାଗି ରହିଥିବାରୁ ଉଭୟ ବ୍ଲକ ଓ ପୌରାଞ୍ଚଳରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ପ୍ରଭାବିତ ହୋଇଛି । ବାତ୍ୟା ପୂର୍ବରୁ ଓ ବାତ୍ୟା ପରେ ପ୍ରଶାସନ ପକ୍ଷରୁ ବ୍ଲକ ଓ ପୌରାଞ୍ଚଳର ସମସ୍ତ ଆଶ୍ରୟସ୍ଥଳୀ ଓ ପଂଚାୟତ ଏବଂ ୱାର୍ଡକୁ ଚୁଡା, ଗୁଡ଼, ମହମବତୀ, ଦିଆସିଲି, ପିଇବାପାଣି ଆଦି ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି । ବାତ୍ୟା ଯୋଗୁଁ ପାନୀୟ ଜଳ ଦୂଷିତ ହେବା ଆଶଙ୍କା ଥିବାରୁ ବ୍ଲିଚିଙ୍ଗ ପାଉଡର ଓ କିରୋସିନ ଯୋଗାଇ ଦିଆଯାଇଛି । ଏଥି ସହିତ ପଶୁ ସମ୍ପଦ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ଗୋଖାଦ୍ୟ ଯୋଗାଇ ଦିଆଯାଇଛି ।ପଟ୍ଟାମୁଣ୍ଡାଇ ବ୍ଲକ ବିଲିକଣା ପଂଚାୟତ ଅନୋଳି ଗ୍ରାମର ଭାଗ୍ୟଧର ମଲିକ ଘର ଉପରେ ଗଛ ପଡିଛି । ଅଳପୁଆ ପଂଚାୟତ ଜେନାସାହି ସୀତାକାନ୍ତ ଜେନାଙ୍କ ଘର ଭାଙ୍ଗି ଯାଇଛି । ସେ ପଡିଶା ଘରେ ପରିବାର ସହ ଆଶ୍ରୟ ନେଇଛନ୍ତି ପଟ୍ଟାମୁଣ୍ଡାଇ ଆଦ୍ରଶ ଥାନା ଆଇ ଆଇ ସି କ୍ୟାନ୍ସର ପୀଡ଼ିତ ରୋଗୀଙ୍କୁ ନିଜ କାନ୍ଧରେ ନେଇ ତରଡିପାଳ ମାଳତିଶ୍ୱରି ବାଳିକା ବିଦ୍ୟାଳୟ ଆଶ୍ରୟ ସ୍ଥଳୀ ରେ ପହଚାଇ ଥିଲେ । ଶ୍ରୀରାମପୁର ପଂଚାୟତ ମଠସାହିରେ ରାସ୍ତା ଉପରେ ଗଛ ପଡି ଗମନାଗମନ ବ୍ୟାହତ ହୋଇଛି । କଖାରୁଣୀ ପଂଚାୟତ ପ୍ରଶାନ୍ତ ମଲିକ ଘର ସମ୍ମୁଖରେ ପାଣି ଜମି ପୋଖରୀ ସୃଷ୍ଟି ହୋଇଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ଷଣ୍ଢପଲ୍ଲୀ ଗ୍ରାମର ମୃଷା ମଲିକ ଘର ଭାଙ୍ଗି ଯାଇଥିବାବେଳେ ନୂଆଗାଁ ଶରତ ମଲିକ ଓ ଟେରୁ ମଲିକ କଚ୍ଚା ଘର ଭାଙ୍ଗି ଯାଇଛି। ମୋଟାମୋଟି ଭାବେ ସାମୁଦ୍ରିକ ଝଡ଼ ବାତ୍ୟା ଦାନା ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇ ଥିବାବେଳେ ଚାଷୀଙ୍କ ବର୍ଷକର ଦାନା ଛଡାଇ ନେଇଛି ।



## ବାତ୍ୟା ଆଶ୍ରୟସ୍ଥଳୀ ଛାଡିଲେ ଗ୍ରାମବାସୀ

**ଖୋର୍ଦ୍ଧା, ୨୫।୧୦ (ସଂଚାର ବ୍ୟୁରୋ):** ବାତ୍ୟା ସ୍ଥଳଭାଗ ଅତିକ୍ରମ ସମୟରେ ବିଭିନ୍ନ ସ୍ଥାନରେ ବର୍ଷା ପବନ ଲାଗି ରହିଥିଲା । ଏଥିରେ କୌଣସି ଧନ ଜୀବନ କ୍ଷୟକ୍ଷତି ହୋଇନଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ବାତ୍ୟାର ପ୍ରଭାବ କମିବା ପରେ ବିଭିନ୍ନ ଆଶ୍ରୟ ସ୍ଥଳୀରେ ରହିଥିବା ଗ୍ରାମବାସୀ ସନ୍ଧ୍ୟା ସୁଦ୍ଧା ନିଜ ଘରକୁ ଫେରିଯାଇଥିବା ସୂଚନା ମିଳିଛି । ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ଜିଲ୍ଲାର ୧୦ ଟି ବ୍ଲକ ଏବଂ ୩ ସହରାଂଚଳରେ ୧୪୭୧୨ ଜଣଙ୍କୁ ୨୨୭ ଟି ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତରିତ କରାଯାଇଥିଲା । ୧୩୫ଟି ସ୍ଥାନରେ ୧୨୯୭୨ ଜଣଙ୍କୁ ଗୋଟିଏ ଦିନ ପାଇଁ ଶୁଖିଲା ଖାଦ୍ୟ ସହ ରନ୍ଧାଖାଦ୍ୟର ବ୍ୟବସ୍ଥା ହୋଇଥିଲା । ୪୪ଟି ମେଡିକାଲ ଟିମ ଏବଂ ୨୨ ଟି ପ୍ରାଣୀଧନ ମେଡିକାଲ ଟିମ ନିୟୋଜିତ ରହିଥିଲେ । ସମସ୍ତ ବ୍ଲକରେ ପର୍ଯ୍ୟାପ୍ତ ମାତ୍ରାରେ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖାଯାଇଛି । ଆସନ୍ନ ପ୍ରସବା ଗର୍ଭବତୀ ମହିଳାଙ୍କୁ ଗତକାଲି ଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ନିକଟସ୍ଥ ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିଲା । ରାସ୍ତା ଅବରୋଧ ହଟାଇବା ଲାଗି ଗୋଟିଏ ଓଡ୍ରାଫ ଏବଂ ଅଗ୍ନିଶମ କର୍ମଚାରୀ ନିୟୋଜିତ ରହିଥିଲେ। ଆଜି ପାଗରେ ପରିବର୍ତ୍ତନ ଆସିବା ପରେ ଆଶ୍ରୟସ୍ଥଳୀ ଛାଡି ଲୋକମାନେ ଘରକୁ ଯାଇଛନ୍ତି ।

## ସୁନାବେଡ଼ାରୁ ୨ ଆଇଇଡି ଓ ୩ ଡିଟୋନେଟର ଉଦ୍ଧାର

**ନୂଆପଡ଼ା, ୨୫।୧୦ (ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା କୋମନା ଥାନା ଅନ୍ତର୍ଗତ ସୁନାବେଡ଼ା ଅଭୟାରଣ୍ୟ ସ୍ଥିତ ଚେରେଚୁଆଁ ଓ ଜାମଗାଁ ରାସ୍ତାରେ ମାଓବାଦୀଙ୍କ ବିସ୍ଫୋରଣ ଯୋଜନା ପଣ୍ଡ ହୋଇଛି। ଏଠାରୁ ୨ଟି ଆଇଆଇଡି ଓ ୩ଟି ଡେଟୋନେଟରକୁ ସିଆର୍ପିଏଫ୍ ଓ ଏସ୍ଓଜି ଯବାନ ଉଦ୍ଧାର କରିଛନ୍ତି। ଏଥିସହ ଉକ୍ତ ଅଞ୍ଚଳରେ କସିଂ ଅପରେସନକୁ ଜୋର୍ଦାର୍ କରାଯାଇଛି। କିଛିଦିନ ହେବ ସୁନାବେଡ଼ା ଅଭୟାରଣ୍ୟରେ ମାଓବାଦୀଙ୍କ ଗତିବିଧି ସ୍ଥିର ରହିଥିଲା। ତଥାପି ସିଆର୍ପିଏଫ୍ ଓ ଏସ୍ଓଜି ଯବାନ କସିଂ ଅପରେସନ ଚଲାଇଥିଲେ। ସୋମବାର ଚେରେଚୁଆଁ ଓ ଜାମଗାଁ ମଧ୍ୟସ୍ଥ ସୁନାବେଡ଼ା ମୁଖ୍ୟ ରାସ୍ତାକଡ଼ରେ କସିଂ ଅପରେସନ ବେଳେ ୨ଟି ଆଇଇଡି ଓ ୩ଟି ଡିଟୋନେଟରକୁ ଯବାନମାନେ ଉଦ୍ଧାର କରିଥିଲେ।

ସଂଚାର THE SANCHAR

## ବିମାନ ସେବା କାର୍ଯ୍ୟକ୍ଷମ

**ଭୁବନେଶ୍ୱର,୨୫।୧୦ (ସଂଚାର ବ୍ୟୁରୋ):** ବାତ୍ୟା ପୂର୍ବରୁ ଭୁବନେଶ୍ୱର ବିମାନ ବନ୍ଦରରେ ୪୦ ବିମାନ ସେବା ବାତିଲ କରାଯାଇଥିବା ବେଳେ ଶୁକ୍ରବାର ସକାଳେ ତାହା ସ୍ୱାଭାବିକ ହୋଇଛି। ଗୁରୁବାର ମଧ୍ୟ ରାତ୍ରିରେ 'ଦାନା' ଭିତରକନିକା ହବାଲିଖଟି ନେଚରକ୍ୟାମ୍ପ ନିକଟରେ ଅତିକ୍ରମ କରିବା ପରେ ସକାଳ ୮ଟାରୁ ଭୁବନେଶ୍ୱରରେ ବିମାନସେବା ସ୍ୱାଭାବିକ ହୋଇଥିବା ସୂଚନା ମିଳିଛି। ଗୁରୁବାର ଅପରାହ୍ଣ ୫ଟାରୁ ଉଡ଼ାଣ ବାତିଲ ହୋଇଥିଲା।

## ବାତ୍ୟାଞ୍ଚଳରେ କଂଗ୍ରେସ ପ୍ରତିନିଧି ଦଳ

**ରାଜନଗର, ୨୫।୧୦ (ସଂଚାର ବ୍ୟୁରୋ):** ବାତ୍ୟା ଦାନା ରାଜନଗରରେ ବ୍ୟାପକ କ୍ଷୟକ୍ଷତି କରିଛି। ବାତ୍ୟା ଛାଡିବା ପରେ ବିପନ୍ନ ଲୋକଙ୍କୁ ଭେଟିବାକୁ ନେତାଙ୍କ ଦୌଡ଼ ଆରମ୍ଭ ହୋଇଛି। ଶୁକ୍ରବାର ଅପରାହ୍ନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସ, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ନାରାୟଣ ପ୍ରଧାନ, କେନ୍ଦ୍ରାପଡା ଲୋକସଭାର ସାଂସଦ ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ଦାସ, କଂଗ୍ରେସ ନେତା ରତିକାନ୍ତ କାନୁନଗୋ, ପ୍ରଶାନ୍ତ କୁମାର ରାଉତ, ସତ୍ୟପ୍ରିୟ ସାମଲ ପ୍ରମୁଖ ପ୍ରଭାବିତ ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବାତ୍ୟାରେ ମୃତ୍ୟୁବରଣ କରିଥିବା ବାଙ୍କୁଆଳର ହେମାଳିଲତା ବେହେରାଙ୍କ ପରିବାର ନିକଟରେ ପହଁଛି ସମବେଦନା ଜଣାଇଛନ୍ତି। ଇଶ୍ୱରପୁର, ନେଥୁରିଆ, ବଗପାଟିଆ ଆଜି ସ୍ଥାନରେ ବିପନ୍ନଙ୍କ ସହ ଆଲୋଚନା କରିଛନ୍ତି।

## ବାତ୍ୟାବେଳେ ୧୩ ଯାଆଁଳା ଶିଶୁ ଜନ୍ମ



**ଭୁବନେଶ୍ୱର,୨୫।୧୦ (ସଂଚାର ବ୍ୟୁରୋ):** ବାତ୍ୟା ଦାନା ସ୍ଥଳଭାଗ ଛୁଇଁବା ପୂର୍ବରୁ ରାଜ୍ୟରେ ପ୍ରାୟ ୧୬୦୦ ଛୁଆ ଜନ୍ମ ହୋଇଛନ୍ତି। ଗତ ବିଳମ୍ବିତ ରାତିରେ ଏସ୍‌ଆରସିଙ୍କ କାର୍ଯ୍ୟାଳୟରେ ଗଣମାଧ୍ୟମକୁ ବାତ୍ୟା ମୁକାବିଲା ସଂପର୍କିତ ସୂଚନା ଦେବା ବେଳେ ଏଭଳି କିଛି ତଥ୍ୟ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି, ୪୪୨୧ ଆସନ୍ନ ପ୍ରସବାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରାୟ ୧୬ଶହ ଗର୍ଭବତୀ ପ୍ରସବ କରିସାରିଛନ୍ତି। ପ୍ରାୟ ୧୩ ଯାଆଁଳା ଶିଶୁ ଜନ୍ମ ହୋଇଛନ୍ତି। ସମସ୍ତେ ସୁସ୍ଥ ଅଛନ୍ତି ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଛି।

### 'ଦାନା' ମୁକାବିଲାରେ ସଫଳ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

# ସ୍ୱାସ୍ଥ୍ୟକର୍ମୀଙ୍କୁ ସାଧୁବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ





**ଭୁବନେଶ୍ୱର,୨୫।୧୦ (ସଂଚାର ବ୍ୟୁରୋ):** ରାଜ୍ୟବାସୀଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିସମ୍ପନ୍ନ ବଳିଷ୍ଠ ନେତୃତ୍ୱ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ, ବିଭାଗୀୟ କମିଶନର ତଥା ଶାସନ ସଚିବ, ରାଜ୍ୟ ଓ ଜିଲ୍ଲାସ୍ତରର ବରିଷ୍ଠ ଅଧିକାରୀଙ୍କ ଠାରୁ ଆରମ୍ଭ କରି ତୃଣମୂଳସ୍ତରରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର

**ବାତ୍ୟା ସମୟରେ ପ୍ରସବଜନିତ ମାତୃ ମୃତ୍ୟୁ ଶୂନ**

ଉତ୍ସର୍ଗୀକୃତ ସେବା ମନୋଭାବ ଓ ସମ୍ମିଳିତ ନିରନ୍ତର ଉଦ୍ୟମ ମାଧ୍ୟମରେ ରାଜ୍ୟ ସରକାର ବିଶେଷ କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବାତ୍ୟା 'ଦାନା'କୁ ପ୍ରତିହତ କରି ସମସ୍ତଙ୍କର ସାଧୁବାଦର ପାତ୍ର ହୋଇପାରିଛି ।

ବାତ୍ୟା ଆସିବାର ଅବ୍ୟବହିତ ପୂର୍ବରୁ ୧୪ଟି ଜିଲ୍ଲାର ୩୪ହଜାର ୮୦ଜଣ ଗର୍ଭବତୀ ମହିଳାଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା। ମୋଟାମୋଟି ୪୮୫୯ ମହିଳାଙ୍କୁ ପ୍ରସବ କେନ୍ଦ୍ର/ମା'ଗୃହକୁ ବିଭାଗ ପକ୍ଷରୁ ସ୍ଥାନାନ୍ତରଣ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୨୦୧ଜଣ ମହିଳା ସନ୍ତାନ ପ୍ରସବ କରିଛନ୍ତି । ତା' ମଧ୍ୟରୁ ୧୮୫୮ଜଣ ସାଧାରଣ ପ୍ରସବ ଏବଂ ୩୪୩ଜଣ ଅସ୍ତ୍ରୋପଚାର ମାଧ୍ୟମରେ ଶିଶୁ ସନ୍ତାନଙ୍କୁ ଜନ୍ମ ଦେଇଛନ୍ତି । ଏହି ସମସ୍ତ ମହିଳାଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ରଖାଯାଇ ସେମାନଙ୍କ ପ୍ରସବ ପରବର୍ତ୍ତୀ ଅବସ୍ଥାର ଯତ୍ନ ନିଆଯାଉଛି । ଆନନ୍ଦର କଥା, ମା' ଓ ଶିଶୁମାନେ ସମ୍ପୂର୍ଣ୍ଣ ସୁସ୍ଥ ଓ ସୁରକ୍ଷିତ ଅଛନ୍ତି। ବାତ୍ୟା ସମୟରେ କୌଣସି ପ୍ରସବଜନିତ ମାତୃ ମୃତ୍ୟୁ ହୋଇନାହିଁ । ଏହା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଗୁଣାତ୍ମକ ଏବଂ ଉତ୍ସର୍ଗୀକୃତ ସେବା ମନୋଭାବକୁ ପ୍ରମାଣିତ କରୁଛି।

ବାତ୍ୟା ଦାନାର ସଫଳ ମୁକାବିଲା ପାଇଁ ତିନୋଟି ଜିଲ୍ଲା ଯଥା କେନ୍ଦୁଝର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ତିନି ଜଣ ଅତିରିକ୍ତ ନିର୍ଦ୍ଦେଶକ ପାହ୍ୟାର ଅଧିକାରୀଙ୍କୁ ଜିଲ୍ଲା ଜନସ୍ୱାସ୍ଥ୍ୟ ଓ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହାୟତା ନିମନ୍ତେ ଅବସ୍ଥାପିତ କରାଯାଇଛି । ତା' ସହିତ ଜିଲ୍ଲାଗୁଡ଼ିକରେ ୨୮ଜଣ ଡ଼ାକ୍ତର ଏବଂ ବିଭିନ୍ନ ବର୍ଗର ୪୫ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ବାତ୍ୟା ଆସିବା ପୂର୍ବରୁ ୧୨୪୦ଟି ଜେନେରେଟର ଏବଂ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ସାପକାମୁଡ଼ା ଇଞ୍ଜେକ୍ସନ ଓ ଅନ୍ୟାନ୍ୟ ଦରକାରୀ ଔଷଧ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ କରି ରଖାଯାଇଥିଲା । ତା' ସହ ରକ୍ତଭଣ୍ଡାରଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣରେ ରକ୍ତ ମହଜୁଦ୍ ରଖାଯାଇଥିଲା। ୧୪ଟି ଜିଲ୍ଲାରେ ୨୪ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯିବା ସହ ୨୩୮ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଦଳକୁ ନିୟୋଜିତ କରାଯାଇଥିଲା । ପ୍ରତ୍ୟେକ ବାତ୍ୟା ଆଶ୍ରୟ କେନ୍ଦ୍ରରେ ଆଶାକର୍ମୀମାନଙ୍କୁ ନିୟୋଜନ କରାଯାଇଥିଲା ଏବଂ ଦିନକୁ ଦୁଇଥର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟଦଳ ଲୋକମାନଙ୍କ ଆବଶ୍ୟକତା ଅନୁଯାୟୀ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇ ଆସୁଛନ୍ତି ।

ବାତ୍ୟା ପରବର୍ତ୍ତୀ ଅବସ୍ଥାରେ ବିଶୁଦ୍ଧ ପାନୀୟ ଜଳର ଅଭାବ ଓ ଝାଡ଼ାବାନ୍ତିର ପ୍ରକୋପକୁ ଲକ୍ଷ୍ୟ କରି ବିଭାଗ ପକ୍ଷରୁ ଯଥେଷ୍ଟ ପରିମାଣର ହାଲୋଜେନ ବଟିକା, ବ୍ଲିଚିଂ ପାଉଡର, ଓଆରଏସ ଏବଂ ଅନ୍ୟାନ୍ୟ ଔଷଧ ଆଶାଦିଦିଙ୍କ ପର୍ଯ୍ୟନ୍ତ ଉପଲବ୍ଧ କରାଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅଧିକାରୀ, କର୍ମଚାରୀ ବିଶେଷ କରି ତୃଣମୂଳସ୍ତରରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀ ଏବଂ ଆଶାକର୍ମୀଙ୍କ ଉତ୍ସର୍ଗୀକୃତ ଜନସେବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼. ମହାଲିଙ୍ଗ ଅଶେଷ ସାଧୁବାଦ ଜ୍ଞାପନ କରିଛନ୍ତି। ଏହା ସହ ମୁଖ୍ୟମନ୍ତ୍ରୀଙ୍କ ଶୂନ ମୃତ୍ୟୁ ଆହ୍ୱାନକୁ ଚରିତାର୍ଥ କରିବାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମୋଟାମୋଟି ଭାବରେ ସଫଳ ହୋଇଥିବାରୁ ମନ୍ତ୍ରୀ ଡ଼. ମହାଲିଙ୍ଗ ବିଭାଗର ସମସ୍ତଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି।

## ବାତ୍ୟା ପରେ ବନ୍ୟା ଆଶଙ୍କା



**ବାଲେଶ୍ୱର,୨୫।୧୦ (ସଚାର ବ୍ୟୁରୋ):** ବାତ୍ୟା 'ଦାନା' ଯିବା ପରେ ରାଜ୍ୟର କିଛି ଅଞ୍ଚଳରେ ଦେଖିବାକୁ ମିଳିଛି ଫ୍ଲାସ ଫ୍ଲଡର ଦୃଶ୍ୟ। ବିଶେଷକରି ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର କିଛି ଅଞ୍ଚଳରେ ବାଦଲ ଫଟା ବର୍ଷା ସାଙ୍ଗକୁ ବିଭିନ୍ନ ନଦୀ ମଧ୍ୟ ଫୁଲୁଥିବା ଲକ୍ଷ୍ୟ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ଶିମିଳିପାଳ ଉପର ମୁଣ୍ଡ ବରେହିପାଣି, ନଅଣା, ହଲା ପିଠାବଟା ଆଦି ଅଞ୍ଚଳରେ ପ୍ରବଳ ବର୍ଷା ହୋଇ ଏହି ପାଣି ବୁଢ଼ାବଳଙ୍ଗ ନଦୀକୁ ଆସିଛି। ଫଳରେ ବୁଢ଼ାବଳଙ୍ଗ ନଦୀରେ ଜଳସ୍ତର ବଢ଼ିବା ଆରମ୍ଭ ହୋଇଛି। ବାଲେଶ୍ୱରରେ ସଂଧ୍ୟା ୬ଟା ସୁଦ୍ଧା ମଥାନୀ ଠାରେ ବିପଦ ସଙ୍କେତ ଛୁଇଁଛି ଜଳକା ନଦୀ।

- ବୁଢ଼ାବଳଙ୍ଗ ଓ ଜଳକାର ଜଳପତ୍ତନ ବୃଦ୍ଧି
- ଚାନ୍ଦବାଲିରେ ସର୍ବାଧିକ ୧୫୮.୬ ମିମି ବର୍ଷା
- ପଞ୍ଚଲିଙ୍ଗେଶ୍ୱର ପୀଠରେ ୩ ଦିନ ଦର୍ଶନ ବନ୍ଦ

ବିପଦ ସଙ୍କେତ ୬.୫୦ ମିଟରରେ ଜଳ ପ୍ରବାହିତ ହେଉଛି। ସେହିପରି ପଂଚଲିଙ୍ଗେଶ୍ୱର ଶୈବପୀଠରେ ବାଦଲ ଫଟା ବର୍ଷା ପରେ ପାହାଡ଼ ଉପରୁ ଖସୁଥିବା ପାଣି ଅନେକ ସମୟ ଯାଏଁ ଶୈବପୀଠରେ ତାଣ୍ଡବ ରଚିଥିଲା। ବାତ୍ୟା 'ଦାନା' ପାଇଁ ପଂଚଲିଙ୍ଗେଶ୍ୱର ପୀଠରେ ୩ ଦିନ ଧରି ସାଧାରଣ ଦର୍ଶାନାର୍ଥୀଙ୍କ ଲାଗି ଦର୍ଶନ ବନ୍ଦ ରହିଛି। ଏପଟେ ଭଦ୍ରକ ଚାନ୍ଦବାଲିରେ ଆଜି ସର୍ବାଧିକ ୧୫୮.୬ ମିମି ବର୍ଷା ରେକର୍ଡ ହୋଇଛି। ସେହିଭଳି କେନ୍ଦ୍ରାପଡ଼ା ରାଜକନିକାରେ ୧୫୬, ମାର୍ଶାଘାଇରେ ୧୧୦ ଓ ରାଜନଗରରେ ୧୦୦ମିଲିମିଟର ବର୍ଷା ହୋଇଛି। ବାଲେଶ୍ୱର ଔପଦାରେ ୧୦୯, ବାସୁଦେବପୁରରେ ୧୧୦ ପାରାଦୀପ ୭୬.୪, ଡେରାବିଶରେ ୭୨ ଏବଂ ଭଦ୍ରକରେ ୭୦.୨ ମିମି ବର୍ଷା ରେକର୍ଡ କରାଯଇଛି।

## ଚାରି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା



**ଭୁବନେଶ୍ୱର,୨୫।୧୦ (ସଂଚାର ବ୍ୟୁରୋ):** ରାତି ଅଧରେ ସ୍ଥଳଭାଗରେ ମାଡ଼ ହେଲା ଭୀଷଣ ବାତ୍ୟା ଦାନା। ଭିତରକନିକା ହବାଲିଖଟି ନେଚର କ୍ୟାମ୍ପ୍ ନିକଟରେ ରାତି ପ୍ରାୟ ୧୨.୫ରେ ଲ୍ୟାଣ୍ଡଫଲ୍ ପରେ ପ୍ରାୟ ୯ ଘଣ୍ଟା ଚାଲିଲା ସ୍ଥଳଭାଗରେ ପ୍ରବେଶ ପ୍ରକ୍ରିୟା। ରାତି ପ୍ରାୟ ସାଢ଼େ ଗୋଟାଏରୁ ସାଢ଼େ ୩ଟା ମଧ୍ୟରେ ଦାନା ଅତିକ୍ରମ କରିଥିଲା ସ୍ଥଳଭାଗ। ଏହାର ପ୍ରଭାବରେ ଘଣ୍ଟା ପ୍ରତି ୧୦୦ରୁ ୧୨୦ କିମି ବେଗରେ ବହିଥିଲା ପବନ। ସ୍ଥଳ ଭାଗ ଛୁଇଁବା ପରେ ବାତ୍ୟା ଦାନା ଆହୁରି ଦୁର୍ବଳ ହୋଇ ଗଭୀର ଅବପାତରେ ପରିଣତ ହୋଇ ୭ କିଲୋମିଟର ବେଗରେ ଉତ୍ତର ପଶ୍ଚିମ ଦିଗରେ ଗତି କରି ଅବପାତର ରୂପ ନେଇଛି। ଏହି ସମୟରେ ସ୍ଥଳଭାଗରେ ପବନର ବେଗ ୫୫ରୁ ୭୫ କିମି ରହିଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ବାତ୍ୟାଦୁର୍ବଳ ହୋଇଥିଲେ ବି ଏହା ପ୍ରଭାବରେ ଅଧିକାଂଶ ଜିଲ୍ଲାରେ ବର୍ଷା ଚାଲିଛି। ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ପାଗ ପରିବର୍ତ୍ତନର ସମ୍ଭାବନା ନାହିଁ। ସମ୍ଭାବ୍ୟ ବର୍ଷାକୁ ନେଇ ବିଭିନ୍ନ ଜିଲ୍ଲାକୁ ଆଲର୍ଟ ଜାରି କରିଛି ଆଞ୍ଚଳିକ ପାଣିପାଗ ବିଭାଗ। ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଶନିବାର ସକାଳ ୮ଟା ୩୦ ପର୍ଯ୍ୟନ୍ତ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦୁଝର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। କେନ୍ଦ୍ରାପଡ଼ା, କଟକ, ଯାଜପୁର ଓ ଢେଙ୍କାନାଳ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ପୁରୀ, ଖୋର୍ଦ୍ଧା, ନୟାଗଡ଼ ଏବଂ ଅନୁଗୁଳ ଜିଲ୍ଲା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଦାନା ପ୍ରଭାବରେ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଏସବୁ ଜିଲ୍ଲାରେ କଚ୍ଚା ଘର ଭାଙ୍ଗି ଯିବା ସହିତ ଆଜବେଷ୍ଟସ ଉଡ଼ିଯାଇଛି। ଶହଶହ ଗଛ, ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡ଼ିଛି। ରାସ୍ତାଘାଟରେ ଗଛ ଓ ଖୁଣ୍ଟ ପଡ଼ିଥିବାରୁ ଯାତାୟାତ ବ୍ୟାହତ ହୋଇଥିବା ସୂଚନା ମିଳିଛି। ବାଲେଶ୍ୱର ଓ ଜଗତସିଂହପୁର ଜିଲ୍ଲା କିଛି ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଉପକୂଳ ଅଞ୍ଚଳରେ ଧାନ ଓ ପନିପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି।

## କ୍ୟାଡର୍ ନକ୍ସଲ ନିହତ



**ଫୁଲବାଣୀ, ୨୫।୧୦(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ବୁଢ଼ାନଈ ସଂରକ୍ଷିତ ଜଙ୍ଗଲରେ ପୁଲିସ ଏନ୍‌କାଉଣ୍ଟରରେ କ୍ୟାଡର ନକ୍ସଲ ନିହତ ହୋଇଛି। ତା' ନିକଟରୁ ଏକ ଏକେ-୪୭ ଜବତ କରାଯାଇଛି। ମୃତ ନକ୍ସଲ କେକେବିଏନ୍ ଡିଭିଜନ ସଦସ୍ୟ। ଅପରାହ୍ଣ ପର୍ଯ୍ୟନ୍ତ ଜଙ୍ଗଲରେ ସର୍ଚ୍ଚ ଅପରେସନ୍ ଚାଲିଥିଲା। ବାଲିଗୁଡ଼ା ଥାନା ବୁଢ଼ାନଈ ସଂରକ୍ଷିତ ଜଙ୍ଗଲରେ ନକ୍ସଲଙ୍କ ଗତିବିଧି ଥିବା ଜଣାପଡ଼ିବା ପରେ ସୁରକ୍ଷା କର୍ମୀମାନେ ସର୍ଚ୍ଚ ଅପରେସନ୍‌ରେ ଯାଇଥିଲେ। ଜଙ୍ଗଲରେ ସର୍ଚ୍ଚ ଅପରେସନ୍ ଚାଲିଥିବା ବେଳେ ନକ୍ସଲମାନେ ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳି ଚାଳନା କରିଥିଲେ। ଉଭୟଙ୍କ ଭିତରେ ଦୀର୍ଘ ସମୟ ଧରି ଚାଲିଥିଲା ଗୁଳି ବିନିମୟ। ସୁରକ୍ଷା କର୍ମୀଙ୍କ ଗୁଳିରେ ଜଣେ କ୍ୟାଡର ନକ୍ସଲଙ୍କ ମୃତ୍ୟୁ ଘଟିଥିଲା। ଆଉ କିଛି ନକ୍ସଲ ଆହତ ହୋଇଥିବା ଜଣାପଡ଼ିଛି। ଅନ୍ୟ ନକ୍ସଲମାନେ ଛତ୍ର ଭଙ୍ଗ ଦେଇ ଜଙ୍ଗଲ ଭିତରକୁ ପଳାଇ ଯାଇଥିଲେ। ସର୍ଚ୍ଚ ଅପେରସନ ବେଳେ ଏକ ନକ୍ସଲ କ୍ୟାମ୍ପ ଠାବ ହୋଇଛି।

# ଟାଟା ପାୱାର ଲଦିଲାଣି ସିକ୍ୟୁରିଟି ଡିପୋଜିଟ୍ ବୋଝ




**ଭୁବନେଶ୍ୱର, ୨୫।୧୦ :** ରାଜ୍ୟରେ ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଟାଟା ପାୱାର ଏବେ ଏକ ନୂଆ ପଦ୍ଧତିରେ ଗ୍ରାହକଙ୍କ ଠାରୁ ଅର୍ଥ ଆଦାୟ ଆରମ୍ଭ କରିଛି। ଦୁଇ ବର୍ଷର ବିଦ୍ୟୁତ୍ ବିଲ୍‌କୁ ହିସାବ କରି ଅଧିକ ପରିମାଣର ସିକ୍ୟୁରିଟି ଡିପୋଜିଟ୍ ଦେବାକୁ ନୋଟିସ୍ ପଠାଇବା ଆରମ୍ଭ କରିଛି। ଯେଉଁମାନେ ଧାର୍ଯ୍ୟ ସମୟ ମଧ୍ୟରେ ଏହା ପଇଠ ନକରିବେ ସେମାନଙ୍କ ଲାଇନ୍ କାଟି ଦିଆଯିବ ବୋଲି ଟାଟା ପାୱାର ଧମକ ବି ଦେଉଛି। ମିଳିଥିବା ସୂଚନା ଅନୁଯାୟୀ ଟାଟା ପାୱାର କର୍ତ୍ତୃପକ୍ଷ ଗ୍ରାହକମାନଙ୍କର ଗତ ଦୁଇବର୍ଷର ବିଜୁଳି ଖର୍ଚ୍ଚକୁ ହାରାହାରି ହିସାବକୁ ନେଇ କେତେ କିଲୋୱାଟ୍ ସଂଯୋଗ ନେବା ଆବଶ୍ୟକ ତାହା ଦେଖାଉଛନ୍ତି। ଏହି ହିସାବରେ ସିକ୍ୟୁରିଟି ଡିପୋଜିଟ୍ ଆଦାୟ କଥା କହୁଛନ୍ତି। ଏଥି ସହିତ ଗ୍ରାହକମାନେ ପୂର୍ବରୁ କେତେ ପରିମାଣରେ ସିକ୍ୟୁରିଟି ଡିପୋଜିଟ୍ ଦେଇଛନ୍ତି ତାହାକୁ ହିସାବକୁ ନେଇ ବର୍ଦ୍ଧିତ ସିକ୍ୟୁରିଟି ଡିପୋଜିଟ୍ ଦେବାପାଇଁ ନୋଟିସ୍ ଜାରି କରିଛନ୍ତି। ଟାଟା ପାୱାର ଦପ୍ତରର ଗ୍ରାହକସେବା ଅଧିକାରୀମାନେ କେଉଁ ହାରରେ ଏଭଳି ଅଙ୍କ କଷାଯାଇ ବର୍ଦ୍ଧିତ ସିକ୍ୟୁରିଟି ଡିପୋଜିଟ୍ ନୋଟିସ୍ ଜାରି ହୋଇ ତାହା କହିପାରୁନଥିବାବେଳେ ଏହି ଅର୍ଥ ଏକକାଳୀନ ଆଦାୟ ହୋଇ ଜମା ରହିବ ଏବଂ ଗ୍ରାହକମାନଙ୍କୁ ଏହା ଉପରେ ସୁଧ ମିଳିବ ବୋଲି କହୁଛନ୍ତି। ହେଲେ କେଉଁ ଖାତାରେ ଅର୍ଥ ଜମା ହେବ ଏବଂ କେତେ ପରିମାଣ ସୁଧ ମିଳିବ ଗ୍ରାହକସେବା କେନ୍ଦ୍ର ସେହି ସୂଚନା ଦେଇପାରୁ ନାହିଁ। ଅନ୍ୟ ପକ୍ଷରେ ବିଜୁଳି ଗ୍ରାହକମାନେ ଏବେ ଦୁଇ ଦୁଇ ଥର ସିକ୍ୟୁରିଟି ଡିପୋଜିଟ୍ ଅର୍ଥ ଗଣିବାକୁ ଯାଉଛନ୍ତି। ଥରେ ବିଦ୍ୟୁତ୍ ସଂଯୋଗ ନେବାବେଳେ ଦାଖଲ କରିଥିଲେ। ସେତେବେଳେ ବିତରଣ ଦାୟିତ୍ୱରେ ଥିବା ସରକାର କିମ୍ବା କମ୍ପାନୀ କର୍ତ୍ତୃପକ୍ଷ ଯେଉଁ ହାରରେ ଦାଖଲପାଇଁ କହିଥିଲେ ତଦନୁଯାୟୀ ଅର୍ଥ ଦାଖଲ ହୋଇଥିଲା। ଏବେ ଟାଟା ପାୱାର ହାତକୁ ବିତରଣ ଦାୟିତ୍ୱ ଯିବାପରେ ଆଉ ଥରେ ଲେଖାଁଏ ଗ୍ରାହକଙ୍କ ମୁଣ୍ଡରୋ ସିକ୍ୟୁରିଟି ଡିପୋଜିଟ୍ ବୋଝ ଲଦା ଆରମ୍ଭ ହୋଇଛି। ତେବେ ଯେଉଁ ଗ୍ରାହକମାନେ ଅଳ୍ପଦିନ ତଳେ ନିଜ ନିଜର ବିଦ୍ୟୁତ୍ ମିଟର ବଦଳାଇ ମୋଟା ନୂଆ ମିଟର ନେବା ସହିତ ସିକ୍ୟୁରିଟି ଡିପୋଜିଟ୍ ବାବଦରେ ମୋଟା ଅଙ୍କର ଅର୍ଥ ଜମା କରିଥିଲେ ସେମାନଙ୍କ ନିକଟକୁ ମଧ୍ୟ ଆହୁରି ୪/୫ ହଜାର ଟଙ୍କା ଜମା କରିବାକୁ ନୋଟିସ୍ ପଠାଯାଉଛି। ଗୋଟିଏ ପଟେ ଟାଟା ପାୱାରର ଡିଜିଟାଲ ମିଟର ଓ ପ୍ରି-ପେଡ୍ ମିଟରକୁ ନେଇ ସାରା ରାଜ୍ୟରେ ଲୋକଙ୍କ ଭିତରେ ଅସନ୍ତୋଷ ଦେଖାଦେଇଥିବାବେଳେ କେତେକ ସ୍ଥାନରେ ଲୋକେ ନିଜ ଘରୁ ଡିଜିଟାଲ ମିଟର ଓପାଡି ଆଣି ଟାଟା ପାୱାର ଦପ୍ତରରେ ଫୋପାଡି ଦେଉଛନ୍ତି। ତେବେ ଏହି ବର୍ଦ୍ଧିତ ସିକ୍ୟୁରିଟ୍ ଡିପୋଜିଟ୍ ଆଦାୟ ଓଇଆରସିର ନିୟମ ମୁତାବକ ହେଉଥିବା ଟାଟା ପାୱାର ତାହାର ନୋଟିସ୍‌ରେ ଦର୍ଶାଇଥିବାବେଳେ ଓଇଆରସି କିନ୍ତୁ ଏ ସଂକ୍ରାନ୍ତରେ ଗ୍ରାହକମାନଙ୍କୁ କୌଣସି ସୂଚନା ଦେଇନାହିଁ। ସାଧାରଣ ଗ୍ରାହକମାନେ ଓଇଆରସିର ନିୟମ ନେଇ ସେତେଟା ସଚେତନ ନଥିବାବେଳେ ଏବେ ଟାଟା ପାୱାରର ଏହି ନୂଆ ନୋଟିସ୍ ଗ୍ରାହକଙ୍କ ଭିତରେ ଅସନ୍ତୋଷକୁ ଦୁଇଗୁଣା କରିବ ବୋଲି କୁହାଗଲାଣି। (ତଥ୍ୟ)

## ୪ ଜିଲ୍ଲାରେ ସ୍କୁଲ ଛୁଟି

**ଭୁବନେଶ୍ୱର,୨୫।୧୦ (ସଂଚାର ବ୍ୟୁରୋ):** ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ୩ ଜିଲାରେ ସ୍କୁଲ-କଲେଜ ଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର। ସୂଚନା ଅନୁଯାୟୀ, ଭଦ୍ରକରେ ଶନିବାର ସବୁ ସ୍କୁଲ-କଲେଜ ବନ୍ଦ ରହିବ। ପ୍ରଥମରୁ ଦ୍ୱାଦଶ ଯାଏଁ ବନ୍ଦ ରହିବ ସମସ୍ତ ସ୍କୁଲ ଓ କଲେଜ। ସରକାରୀ ସହ ବେସରକାରୀ ସ୍କୁଲ ମଧ୍ୟ ବନ୍ଦ ରହିବ ବୋଲି ଡିଇଓ ଚିଠିରେ କହିଛନ୍ତି। ପ୍ରବଳ ବର୍ଷା ଆଶଙ୍କା ଥିବାରୁ ସ୍କୁଲ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ସୂଚନା ଦେଇଛନ୍ତି। ସେହିପରି ବାଲେଶ୍ୱରରେ ସ୍କୁଲଗୁଡିକ ବାତ୍ୟା ଆଶ୍ରୟସ୍ଥଳୀ ହୋଇଥିବାରୁ ବନ୍ଦ ନିଷ୍ପତ୍ତି ନିଆଯାଇଛି। କେନ୍ଦୁଝରରେ ପ୍ରବଳ ବର୍ଷା ଆଶଙ୍କା ରହିଛି। ତେଣୁ ସବୁ ସ୍କୁଲ-କଲେଜକୁ ବନ୍ଦ ରଖାଯାଇଛି। ସେହିପରି ଯାଜପୁର ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ସବୁ ସରକାରୀ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଛି। ତେବେ ବିଦ୍ୟାଳୟରେ ଶିକ୍ଷକ ଓ କର୍ମଚାରୀମାନେ ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି। ପ୍ରକାଶଯୋଗ୍ୟ, ବାତ୍ୟା 'ଦାନା' ଯୋଗୁ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ତିନିଦିନ ରାଜ୍ୟର ସବୁ ସ୍କୁଲ ଓ କଲେଜ୍ ଛୁଟି ଘୋଷଣା କରାଯାଇଥିଲା।

- ରେଳ କର୍ମଚାରୀଙ୍କ ଉଦ୍ୟମ ସଫଳ

## ଟ୍ରେନ ଚଳାଚଳ ସ୍ୱାଭାବିକ




**ଭୁବନେଶ୍ୱର,୨୫।୧୦ (ସଂଚାର ବ୍ୟୁରୋ):** ବାତ୍ୟା ଦାନା ପାଇଁ ଭଦ୍ରକ-ଧାମରା, କଟକ-ପାରାଦୀପ, ହରିଦାସପୁର-ପାରାଦୀପ, ଯଖପୁରା-କେନ୍ଦୁଝର, କଟକ-ତାଳଚେର ଏବଂ ଖୋର୍ଦ୍ଧା ରୋଡ଼-ଭଦ୍ରକ ରେଳ ସେକ୍ସନ ଗୁଡିକ ଆଇଏମଡିର ଲାଲ କିମ୍ବା କମଳା ଚେତାବନୀ ଜୋନ୍ ମଧ୍ୟରେ ରହିଥିଲା। ତଦନୁସାରେ ଯାତ୍ରୀମାନଙ୍କ ସୁରକ୍ଷା ଏବଂ ସୁବିଧାକୁ ଦୃଷ୍ଟିରେ ରଖି ପୁରୀ, ପାରାଦୀପ, ଧାମରା, କେନ୍ଦୁଝର ଏବଂ ତାଳଚେର ଆଡ଼କୁ ଶାଖା ଲାଇନ୍ ସମେତ ହାଓଡ଼ା-ଚେନ୍ନାଇ ମୁଖ୍ୟ ରେଳ ଲାଇନର ବ୍ରହ୍ମପୁର-ଭଦ୍ରକ ରେଳ ସେକ୍ସନରେ ଟ୍ରେନ୍ ସେବାକୁ ବାତିଲ କରାଯାଇଥିଲା। ବାତ୍ୟା ସମୟରେ ରେଳ ସମ୍ପତ୍ତିର ନିରନ୍ତର ନଜର ରଖିବା ପାଇଁ ସମ୍ବେଦନଶୀଳ ସ୍ଥାନରେ ରେଳବାଇ କାର୍ଯ୍ୟବଳ ନିୟୋଜିତ କରାଯାଇଛି। ପାଟ୍ରୋଲିଂ ଦଳ ଏବେ ମଧ୍ୟ ରେଳ ସେକ୍ସନରେ କାର୍ଯ୍ୟ କରୁଛନ୍ତି। ପ୍ରବଳ ବର୍ଷା ହେତୁ ପ୍ରମୁଖ ପରିସ୍ଥିତି ଗୁଡିକ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବ୍ରିଜ୍, ଛୋଟ ବ୍ରିଜ୍ ଏବଂ ସମ୍ବେଦନଶୀଳ ସ୍ଥାନଗୁଡିକ କ୍ରମାଗତ ଭାବରେ ନଜର ରଖାଯାଇଥିଲା। ଏହି ବାତ୍ୟା ଯଖପୁରା-ଜାରୋଲି, ନିର୍ଗୁଣ୍ଡି-ଭଦ୍ରକ, ହରିଦାସପୁର-ପାରାଦୀପ ଏବଂ କଟକ-ପାରାଦୀପ ରେଳ ସେକ୍ସନରେ କିଛି ରେଳ ଭିତ୍ତିଭୂମି ଉପରେ ପ୍ରଭାବ ପକାଇଛି। ପୂର୍ବରୁ ସୂଚନା ଦିଆଯାଇଥିବା ବାତିଲ ଟ୍ରେନ୍ ଗୁଡିକ ବ୍ୟତୀତ, ଯାତ୍ରୀବାହୀ ଟ୍ରେନ୍ ସେବା ପୁନଃ ଆରମ୍ଭ ହୋଇଛି। ଦକ୍ଷିଣରୁ (ବିଶାଖାପାଟନମ୍ ପାର୍ଶ୍ୱରୁ) ଭୁବନେଶ୍ୱର ଏବଂ ହାଓଡ଼ା ଆଡକୁ ଆସୁଥିବା ଡାଉନ୍ ଟ୍ରେନ୍ ଗୁଡିକ ବର୍ତ୍ତମାନ ଚଳାଚଳ କରୁଅଛି। ଖଡ଼ଗପୁର ପାର୍ଶ୍ୱରୁ ବିଶାଖାପାଟନମ୍ ଆଡକୁ ଅପ ଟ୍ରେନ୍ ଭଦ୍ରକ୍ ଷ୍ଟେସନରେ ପ୍ରାୟ ଅପରାହ୍ଣ ୨ଟାରେ ଗ୍ରହଣ କରାଯାଇଛି। ଏହି ପାର୍ଶ୍ୱରୁ ପ୍ରଥମେ ୧୨୨୪୫ ହାଓଡ଼ା-ବାଙ୍ଗାଲୋର ଦୁରନ୍ତ ଏକ୍ସପ୍ରେସ ଚଳାଚଳ କରିଛି। ପୂର୍ବ ବିଜ୍ଞପ୍ତି ଦ୍ୱାରା ବାତିଲ ହୋଇଥିବା ଟ୍ରେନ୍ ଗୁଡିକ ବ୍ୟତୀତ, ଭୁବନେଶ୍ୱର ଏବଂ ପୁରୀରୁ ଉତ୍ପନ୍ନ ହେବାକୁ ଥିବା ଟ୍ରେନ୍ ସେବା ଏହାର ନିର୍ଦ୍ଧାରିତ ସମୟ ଅନୁଯାୟୀ ପୁନଃ ଆରମ୍ଭ ହୋଇଛି।

# 'ଓଡ଼ିଶା ଯାତ୍ରୀ ଆପ୍' ବିକଶିତ ଓଡ଼ିଶା ପାଇଁ ହେବ ପଥପ୍ରଦର୍ଶକ



**ଭୁବନେଶ୍ୱର,୨୫।୧୦ (ସଂଚାର ବ୍ୟୁରୋ):** ସହରାଞ୍ଚଳରେ ଯାତ୍ରୀ ପରିବହନକୁ ପ୍ରୋତ୍ସାହିତ କରିବା ଦିଗରେ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତରଫରୁ ପରିବର୍ତ୍ତନଶୀଳ ମୋବିଲିଟି ଆପ୍ 'ଓଡ଼ିଶା ଯାତ୍ରୀ' ର ଶୁଭାରମ୍ଭ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପଦକ୍ଷେପ 'ବିକଶିତ ଓଡ଼ିଶା' ଦୃଷ୍ଟିକୋଣ ସହିତ ମେଳ ଖାଉଛି, ଯାହାର ଉଦ୍ଦେଶ୍ୟ ହେଉଛି ଡ୍ରାଇଭରମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ଏବଂ ସାରା ରାଜ୍ୟରେ ଗ୍ରାହକଙ୍କ ଅଭିଜ୍ଞତାକୁ ବୃଦ୍ଧି କରିବା।

ଏହି ପରିପ୍ରେକ୍ଷୀରେ ଓଏନ୍‌ଡିସି, ରାଜଧାନୀ ଅଞ୍ଚଳ ସହରାଞ୍ଚଳ ପରିବହନ (ସିଆରୟୁଟି) ମୁଭିଂ ଟେକ୍ ଏବଂ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରମୁଖ ସଚିବ ଉଷା ପାଢ଼ୀ ବୈଠକରେ ଅଧ୍ୟକ୍ଷତା କରି ଏହାର ସଫଳ କାର୍ଯ୍ୟକାରିତା ପାଇଁ ରଣନୈତିକ ରୋଡମ୍ୟାପକୁ ରେଖାଙ୍କିତ କରିଛନ୍ତି।

ଓଡ଼ିଶା ଯାତ୍ରୀ ଆପ୍ ଏକ ଶୂନ କମିଶନ ମଡେଲରେ କାର୍ଯ୍ୟ କରିବା, ମଧ୍ୟସ୍ଥିମାନଙ୍କୁ ହଟାଇବା ଏବଂ ସମସ୍ତ କାରବାର ପାଇଁ ନୋ-କମିଶନ ଆଧାରରେ ନିଶ୍ଚିତ କରିବା। ଏହି ଡାଞ୍ଚା ଡ୍ରାଇଭରମାନଙ୍କୁ ପ୍ରତ୍ୟକ୍ଷ ଦେୟ ପ୍ରଦାନ, ସ୍ୱଚ୍ଛତା ବୃଦ୍ଧି ଏବଂ ସେମାନଙ୍କ ପାଇଁ ଆୟରେ ଉଲ୍ଲେଖନୀୟ ବୃଦ୍ଧି ସୁନିଶ୍ଚିତ କରିଥାଏ। ଗ୍ରାହକମାନଙ୍କ ପାଇଁ, ପ୍ଲାଟଫର୍ମ ହେଉଛି ସୁଲଭ ମୂଲ୍ୟ ପ୍ରଦାନ କରିବା, ଉଚିତ ଏବଂ ସ୍ୱଚ୍ଛ ହାର ପ୍ରଦାନ କରିବା। ଏହା ବ୍ୟତୀତ, ଓଡ଼ିଶା ଯାତ୍ରୀ ଏକ ଏକକ, ବ୍ୟବହାରକାରୀ-ଅନୁକୂଳ ପ୍ଲାଟଫର୍ମରେ ବିଭିନ୍ନ ପରିବହନ ବିକଳ୍ପକୁ ଏକତ୍ର କରି ସମନ୍ୱିତ ଗତିଶୀଳତାକୁ ପ୍ରୋତ୍ସାହିତ କରିବ। ସୁରକ୍ଷା ମଧ୍ୟରେ ଏକ ସର୍ବୋଚ୍ଚ ପ୍ରାଥମିକତା; ଏହି ପଦକ୍ଷେପ ସ୍ଥାନୀୟ ପୋଲିସ ଏବଂ ପରିବହନ ବିଭାଗ ସହିତ ସହଯୋଗ କରି ଉନ୍ନତ ସୁରକ୍ଷା ପଦକ୍ଷେପ ପ୍ରଦାନ କରିଥାଏ, ଯାହା ସମସ୍ତ ବ୍ୟବହାରକାରୀଙ୍କ ପାଇଁ ଏକ ସୁରକ୍ଷିତ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରିଥାଏ।

ଓଡ଼ିଶା ଯାତ୍ରୀ ଆପ୍ ଅଣ-ଏସି ଏବଂ ଏସି ମିନି କ୍ୟାବ, ସେଡାନ, ଏକ୍ସଏଲ କ୍ୟାବ ପରି ସେବା ଆରମ୍ଭ କରିବ ଏବଂ ଶୀଘ୍ର ଆନ୍ତଃ-ସହର ଯାତ୍ରା, ଭଡ଼ା ଏବଂ ଅନୁସୂଚିତ ସେବା ପ୍ରଦାନ କରିବାକୁ ବିସ୍ତାର କରିବ। ଏହି ଆପ୍ ଭିନ୍ନକ୍ଷମ-ଅନୁକୂଳ ଯାନ, ପୋଷା ପ୍ରାଣୀ-ଅନୁକୂଳ ଯାତ୍ରା ଏବଂ ଅତିରିକ୍ତ ଲଗେଜ୍ ପରି ସ୍ୱତନ୍ତ୍ର ଆବଶ୍ୟକତାକୁ ମଧ୍ୟ ସ୍ଥାନିତ କରିବ, ଯାହା ଏହାକୁ ସମସ୍ତଙ୍କ ପାଇଁ ଅନ୍ତର୍ଭୁକ୍ତ କରିବ। ଡ୍ରାଇଭରମାନେ ଏକ ସରଳ ଯାଞ୍ଚ ପ୍ରକ୍ରିୟା ସମାପ୍ତ କରିବା ପରେ ବିନା ମୂଲ୍ୟରେ ଓଡ଼ିଶା ଯାତ୍ରୀ ପ୍ଲାଟଫର୍ମରେ ଯୋଗ ଦେଇପାରିବେ। ୪୦୦୦ ରୁ ଅଧିକ ଡ୍ରାଇଭର ପୂର୍ବରୁ ସାଇନ୍ ଅପ୍ କରିସାରିଛନ୍ତି, ଡ୍ରାଇଭର ୟୁନିଅନ୍ ଏବଂ ଆସୋସିଏସନଗୁଡିକର ଦୃଢ ସମର୍ଥନ ପ୍ରଦର୍ଶନ କରିଛନ୍ତି। ଆଗକୁ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଏବଂ ରାଜ୍ୟ ସଂଗ୍ରହାଳୟ ସମେତ ଆଇକନିକ ସାଇଟରେ ଦର୍ଶକ ସଂଖ୍ୟା ବୃଦ୍ଧି କରିବା ପାଇଁ ସମସ୍ତ ଟିକେଟ୍ ସୁବିଧା ଅନବୋର୍ଡିଂ ସୁବିଧା ଯୋଗାଇ ଦେବ। ଜାନୁଆରୀରେ ହେବାକୁ ଥିବା 'ପ୍ରବାସୀ ଭାରତୀୟ ଦିବସ' ଅବସରରେ ଓଡ଼ିଶା ଗସ୍ତ କରୁଥିବା ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଏହି ମଞ୍ଚ ସହାୟକ ହେବ ବୋଲି ଆଶା କରାଯାଉଛି। ଅନ୍ୟମାନଙ୍କ ମଧ୍ୟରେ, ପରିବହନ କମିଶନର ଅମିତାଭ ଠାକୁର, ବାଣିଜ୍ୟ ଏବଂ ପରିବହନ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

**CHANGE OF NAME**

I Manasi Rout, aged about 32 years, W/o. Krushna Chandra Rout, resident of Bamundi, Po. Ambapada, P.S. Puri Sadar, Dist- Puri, Odisha-852011 do hereby solembly affirm and state that before marriage my name was Rita Mahapatra D/o. Banambar Mahapatra as per adhar Card Vide no. 570381936569. After marriage I have changed my name from Rita Mahapatra to Manasi Rout, W/o Krushna Chandra Rout as per Voter ID No. X0L1317007. That I known, called and identified as Manasi Rout in place of Rita Mahapatra for all purposes and records.

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

**Editor: Subhransu Bhusan Kar**
**ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର**

# ‘ଦାନା’ ଭୟ: ୩ ହଜାର କୋଟି ବେପାର

**ଭୁବନେଶ୍ୱର, ୨୫।୧୦:** ସାମୁଦ୍ରିକ ଝଡ଼ ‘ଦାନା’ର ପୂର୍ବାନୁମାନ ଅନେକ ଦିନ ହେଲା କରାଯାଇ ଆସୁଛି। ଓଡ଼ିଶାରେ ଏହା ଲ୍ୟାଣ୍ଡଫ୍ କରିବା ସମ୍ବାଦ ପାଣିପାଗ ବିଭାଗ ଦେବା ପରେ ଲୋକମାନେ ଛାନିଆଁ ହୋଇପଡ଼ିଲେ। ସରକାର ମଧ୍ୟ ଲୋକଙ୍କୁ ସେମାନଙ୍କ ଧନଜୀବନ ସୁରକ୍ଷା ପାଇଁ ବାରମ୍ବାର ସଚେତନ କରାଉଛନ୍ତି। ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀ, ଉଚ୍ଚ ସ୍ଥାନ ଏବଂ କୋଠା ଘର ଆଦିକୁ ପଳାଇବା ପାଇଁ ପରାମର୍ଶ ଦେଲେ। ପୂର୍ବରୁ ଅନେକ ବାତ୍ୟାକୁ ସମ୍ମୁଖୀନ କରିଥିବା ଓଡ଼ିଶାବାସୀ ଏଥିରେ ସତର୍କ ମଧ୍ୟ ହେଲେ। ଲୋକମାନେ ଖାଦ୍ୟ ପଦାର୍ଥ ସହିତ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ମଧ୍ୟ କିଣିବାରେ ଲାଗିଲେ। ବାତ୍ୟା ଆସିବାର ଦୁଇ ତିନି ଦିନ ପୂର୍ବରୁ ଲୋକମାନେ ଚାଉଳ, ଡାଲି, ଅଟା, ଆଳୁ, ପିଆଜ, ଚୁଡ଼ା, ଚିନି ସମେତ ପନିପରିବା ବହୁମାତ୍ରାରେ କିଣିଲେ। ଅସାଧୁ ବ୍ୟବସାୟୀମାନେ ଏହାର ଫାଇଦା ନେଇ ଦର ମଧ୍ୟ ବଢ଼ାଇଦେଲେ। ଗ୍ରାହକମାନେ ମଧ୍ୟ ଉଚ୍ଚାଦରରେ ଏସବୁ ସାମଗ୍ରୀ ଘରକୁ ବୋହିନେଲେ। ଏପରିକି ପେଟ୍ରୋଲ ପମ୍ପ ଗୁଡ଼ିକରେ ମଧ୍ୟ ପ୍ରବଳ ଭିଡ଼ ଦେଖିବାକୁ ମିଳିଲା। ଲୋକମାନେ ଦିନରାତି ପେଟ୍ରୋଲ ପମ୍ପରେ ଧାଡ଼ିବାନ୍ଧି ଏକାଥରେ ସପ୍ତାହେ ଦୁଇ ସପ୍ତାହେ ପାଇଁ ଗାଡ଼ିରେ ପେଟ୍ରୋଲ ଓ ଡିଜେଲ ଭର୍ତ୍ତି କରିଲେ। ବାତ୍ୟାର ପୂର୍ବ ଦିନ ହଠାତ୍ ରାଜଧାନୀ ଭୁବନେଶ୍ୱର ସମେତ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକର ଦୋକାନବଜାର ଅଧିକ ମାତ୍ରାରେ ଚଳଚଞ୍ଚଳ ହୋଇଉଠିଲା। ବଜାର ବିଶେଷଜ୍ଞଙ୍କ କହିବାନୁଯାୟୀ, ରାଜ୍ୟରେ ବାତ୍ୟା ପୂର୍ବରୁ ଲୋକମାନେ ୨୨ ଓ ୨୩ ତାରିଖରେ ପ୍ରାୟ ୩୦୦୦ କୋଟି ଟଙ୍କାର ସାମଗ୍ରୀ ଆଗୁଆ କିଣି ନେଇଛନ୍ତି। ବ୍ୟବସାୟ ଭାଷାରେ ଏହାକୁ ‘ପ୍ୟାନିକ୍ ବାଇଂ’ କୁହାଯାଉଛି। ଗୁରୁବାର ଦିନବେଳା ପବନ ଓ ବର୍ଷା ସେତେଟା ନଥିଲେ ମଧ୍ୟ



ପୂର୍ବରୁ ଲୋକମାନେ ଅଧିକ ମାତ୍ରାରେ ସାମଗ୍ରୀ କିଣି ନେଇଥିବାରୁ ବଜାରକୁ ଆସିଲେ ନାହିଁ। ଏହାଦ୍ୱାରା ଗୁରୁବାର ପାଇକାରୀ ଠାରୁ ଆରମ୍ଭ କରି ଖୁଚୁରା ବଜାରଗୁଡ଼ିକ ଖାଁ ଖାଁ ହୋଇଯାଇଛି। ନିଜେ ଛୋଟ ଛୋଟ ଦୋକାନ କରି ପେଟ ପୋଷୁଥିବା ବ୍ୟବସାୟୀ କିମ୍ବା ଦୋକାନରେ କାମ କରୁଥିବା ଆଖପାଖର ବ୍ୟକ୍ତିମାନେ ସହର ଛାଡ଼ି ଘରକୁ ପଳାଇଛନ୍ତି। ଏଥିଯୋଗୁ ଅନେକ ବ୍ୟବସାୟ ପ୍ରତିଷ୍ଠାନ ଆଜି ଦୋକାନ ଖୋଲି ପାରି ନାହାନ୍ତି।

ଓଡ଼ିଶା ବ୍ୟବସାୟୀ ସଂଘର ମହାସଚିବ ସୁଧାକର ପଣ୍ଡାଙ୍କ କହିବାନୁଯାୟୀ, ଦୋକାନବଜାର ଓ ବ୍ୟବସାୟ ସ୍ୱାଭାବିକ ହେବାକୁ କିଛି ସମୟ ଲାଗିବ। ଏପରିକି ବାତ୍ୟା ଯିବା ପରେ ୨୫ ତାରିଖ ସନ୍ଧ୍ୟା ବେଳକୁ ସ୍ୱାଭାବିକତା ଧୀରେ ଧୀରେ ଫେରିବ ବୋଲି ସେ ମତ ଦେଇଛନ୍ତି।

### ତେଲ ବିକ୍ରି ବଢ଼ିଲା ୫୦%, କମିଲା ୩୦%

ସେହିଭଳି ବଜାର ବିଶେଷଜ୍ଞଙ୍କ କହିବାନୁଯାୟୀ ବାତ୍ୟା ଦ୍ୱାରା ରାଜ୍ୟର ପାଖାପାଖି ଅଧାର ଓଡ଼ିଶା ପ୍ରଭାବିତ ହେବା ନେଇ ପୂର୍ବାନୁମାନ କରାଯାଇଲା। ଏସବୁ ଅଞ୍ଚଳରେ ବାତ୍ୟାର ପୂର୍ବ ଦୁଇ ଦିନ ଅଧିକ ମାତ୍ରାରେ ପେଟ୍ରୋଲ ଓ ଡିଜେଲ ବିକ୍ରି ହୋଇଛି। ଅତିକମ୍‌ରେ ୫୦ ପ୍ରତିଶତ ଅଧିକ ମାତ୍ରାରେ ଏହି ଅଟୋ ଇନ୍ଧନ ଦୁଇଟି ବିକ୍ରି ହୋଇଛି। ଉତ୍କଳ ପେଟ୍ରୋଲୟମ ଡିଲର ସଂଘର ସାଧାରଣ ସଂପାଦକ ସଂଜୟ ଲାଠଙ୍କ କହିବାନୁଯାୟୀ, ରାଜ୍ୟରେ ଦିନକୁ ୩୬ ଲକ୍ଷ ୭ ହଜାର ଲିଟର ଏବଂ ୮୪ ଲକ୍ଷ ୯୨ ହଜାର ଲିଟର ଡିଜେଲ ବିକ୍ରି ହୋଇଥାଏ। କିନ୍ତୁ ବାତ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଗତ ଦୁଇଦିନରେ ୫୦ ପ୍ରତିଶତ ଅଧିକ ବିକ୍ରି ହୋଇଛି। କିନ୍ତୁ କେବଳ ରାଜଧାନୀ ଭୁବନେଶ୍ୱରରେ ପେଟ୍ରୋଲ, ଡିଜେଲ ବିକ୍ରି ଦୁଇଗୁଣା ହୋଇଛି। ଭୁବନେଶ୍ୱରରେ ସାଧାରଣତଃ ଦିନକୁ ୩ ଲ୍‌୪ ୧୨ ହଜାର ଲିଟର ପେଟ୍ରୋଲ ଏବଂ ୨ ଲକ୍ଷ ୧୫ ହଜାର ଲିଟର ଡିଜେଲ ବିକ୍ରି ହୋଇଥାଏ। କିନ୍ତୁ ଗତ ଦୁଇଦିନରେ ପେଟ୍ରୋଲ ଓ ଡିଜେଲ ବିକ୍ରି ଦିନକୁ ଯଥାକ୍ରମେ ୬ ଲକ୍ଷ ୨୪ ହଜାର ଏବଂ ୪ ଲକ୍ଷ ୩୦ ହଜାର ଲିଟରକୁ ବୃଦ୍ଧି ପାଇଥିଲା। ଗୁରୁବାର ଦିନ ପେଟ୍ରୋଲ ଓ ଡିଜେଲ ବିକ୍ରିରେ ପ୍ରାୟ ୩୦ ପ୍ରତିଶତ ହ୍ରାସ ଘଟିଛି। ଦୋକାନ, ବଜାର ବନ୍ଦ ସମେତ ସ୍କୁଲ, କଲେଜ ଛୁଟି କାରଣରୁ ଏହା ହୋଇଛି ବୋଲି ଉତ୍କଳ ପେଟ୍ରୋଲିୟମ ଡିଲର ସଂଘର ସାଧାରଣ ସଂପାଦକ ସଂଜୟ ଲାଠ କହିଛନ୍ତି।

### ପରିବା ଦର ଅଧା କମିଗଲା

ବାତ୍ୟା ପୂର୍ବରୁ ଆଳୁ ଓ ଅନ୍ୟ ପରିବାକୁ ଗ୍ରାହକମାନେ ବହୁ ଚଢ଼ା ଦରରେ କିଣିଲେ। କିନ୍ତୁ ଗୁରୁବାର ପରିବା ବଜାରରେ ଲୋକ ନାହାନ୍ତି। ଭୁବନେଶ୍ୱରକୁ ଦିନକୁ ପ୍ରାୟ ୫୦ ଟ୍ରକ ପରିବା ବିଭିନ୍ନ ସ୍ଥାନରୁ ଆସିଥାଏ। ପାଇକାରୀ ବ୍ୟବସାୟୀମାନେ ଆଜି ଅଧା ଦର୍‌ରେ ଏବଂ ହୁଣ୍ଡା ମୂଲ୍ୟରେ ବିକ୍ରି କରିଛନ୍ତି। ପାଇକାରୀ ବ୍ୟବସାୟୀଙ୍କୁ ପଞ୍ଚା ପରିବା କିଲୋପିଛା ୧୦ରୁ ୧୫ ଟଙ୍କା କ୍ଷତି ସହିବାକୁ ପଡ଼ିଛି। ପାଇକାରୀ ବଜାରକୁ ଖୁଚୁରା ବ୍ୟବସାୟୀ ନଯିବା ଏବଂ ଖୁଚୁରା ବଜାରକୁ ଗ୍ରାହକ ନଯିବା ଫଳରେ ବିକ୍ରି ହ୍ରାସ ପାଇଛି। କିଛି ପରିବା ଗାଡ଼ିକୁ ବ୍ୟବସାୟୀମାନେ ଅନ୍ୟ ରାଜ୍ୟକୁ ପଠାଇ ଦେଇଛନ୍ତି। ଏହାବ୍ୟତୀତ କେତେକ ଗାଡ଼ିରେ ମାଲ୍ ସେମିତି ରହିଛି ବୋଲି କଞ୍ଚା ପରିବା ବ୍ୟବସାୟୀ ସଂଘ ସଭାପତି କବିରାଜ ସ୍ୱାଇଁ କହିଛନ୍ତି।

# ରିଲାଏନ୍ସ ଡିଜିଟାଲ୍‌ର ‘ଫେଷ୍ଟିଭ୍ ଅଫ୍ ଇଲେକ୍‌ଟ୍ରୋନିକ୍ସ’ ସେଲ୍




**ଭୁବନେଶ୍ୱର, ୨୫।୧୦:** ଦୀପାବଳି ପାଇଁ ରିଲାଏନ୍ସ ଡିଜିଟାଲ ଫେଷ୍ଟିଭାଲ୍ ଅଫ୍ ଇଲେକ୍‌ଟ୍ରୋନିକ୍ସ ସେଲ୍ ଆଣିଛି। ଗ୍ରାହକମାନେ ଏହି ଅଫର୍ ଜରିଆରେ ପାର୍ବଣ ଉତ୍ସବକୁ ଅଧିକ ଆନନ୍ଦଦାୟକ କରିପାରିବେ। ଗ୍ରାହକମାନେ ଆସନ୍ତା ନଭେମ୍ବର ୩ ପର୍ଯ୍ୟନ୍ତ ଅଗ୍ରଣୀ ବ୍ୟାଙ୍କଗୁଡ଼ିକର କାର୍ଡ ଜରିଆରେ ସାମଗ୍ରୀ ଖରିଦ କରିଲେ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ତତ୍‌କ୍ଷଣାତ ରିହାତି ପାଇପାରିବେ। ଏହି ଅଫର୍ ଦେଶରେ ରିଲାଏନ୍ସ ଡିଜିଟାଲ ଓ ମାଇଁ ଜିଓ ଷ୍ଟୋର୍ସ ସମେତ ଅନଲାଇନ୍ reliancedigital.in ରେ ମଧ୍ୟ ଉପଲବ୍ଧ କରାଯାଇଛି। ଅଧିକନ୍ତୁ ଷ୍ଟୋରରୁ ଖରିଦରେ ଗ୍ରାହକମାନେ ଏକାଧିକ ଆର୍ଥିକ ବିକଳ୍ପ ପାଇବେ। ଏଥିରେ ଗ୍ରାହକମାନେ ୨୨,୫୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇପାରିବେ। ସାମସଙ୍ଗ ନିଓକ୍ୟୁଏଲ୍‌ଇଡି ଟିଭି କିଣିଲେ ୪୧,୯୯୦ ଟଙ୍କା ମୂଲ୍ୟର ୪୩ ଇଞ୍ଚ ସ୍ମାର୍ଟ ଟିଭି ମିଳିବ। ଏଥିରେ ୩ ବର୍ଷର ୱାରେଣ୍ଟି ମାଗଣା ରହିଛି ଏବଂ ଇଏମ୍‌ଆଇ ୧୯୯୦ ଟଙ୍କାରୁ ଆରମ୍ଭ ହୋଇଛି। ଆପଲ୍‌ର ୧୦ ସିରିଜ୍ ଘଣ୍ଟା ଯାହାର ମୂଲ୍ୟ ୪୬,୯୦୦ ଟଙ୍କା ତାହା ୪୪,୯୦୦ ଟଙ୍କାରେ ମିଳୁଛି। ଏଥିସହିତ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ସହିତ ଏସି, ରେଫ୍ରିଜରେଟର ଆଦିରେ ଆକର୍ଷଣୀୟ ଅଫର ରହିଛି।

# କଳାହାଣ୍ଡିରେ ବେଦାନ୍ତ ଆଲୁମିନିୟମ୍‌ର ‘ସ୍ୱର୍ଣ୍ଣପ୍ରାଶନ’ ଅଭିଯାନ



**ଭୁବନେଶ୍ୱର, ୨୫।୧୦:** ବେଦାନ୍ତ ଆଲୁମିନିୟମ୍ ପିଲାମାନଙ୍କ ‘ସ୍ୱର୍ଣ୍ଣପ୍ରାଶନ’ ଟିକାକରଣ ଅଭିଯାନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଅଭିଯାନ ଆରମ୍ଭ କରିଛି। କମ୍ପାନି କଳାହାଣ୍ଡିର ୧୦ଟି ବିଦ୍ୟାଳୟର ୩୭୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚିଛି। ବ୍ରଜବିହାର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଅନୁଷ୍ଠିତ ମୁଖ୍ୟ କାର୍ଯ୍ୟକ୍ରମରେ ଜିଲ୍ଲା ଆୟୁଷ ଚିକିତ୍ସାଧିକାରୀ ଡାକ୍ତର ମୀନାକ୍ଷୀ ବେଡବାକ ଓ ଡାକ୍ତର କ୍ଷେତେରା କାଣ୍ଡ ଓ ପ୍ରଧାନ ଶିକ୍ଷକ ମନୋଜ କୁମାର ମୁଣ୍ଡନ ପ୍ରମୁଖ ଉପସ୍ଥିତ ଥିଲେ। ‘ସ୍ୱର୍ଣ୍ଣପ୍ରାଶନ’ କାର୍ଯ୍ୟକ୍ରମକୁ ଚଳାଇବା ପାଇଁ ଆୟୁଷ ମନ୍ତ୍ରଣାଳୟ ସହ ଭାଗୀଦାରି ଘୋଷଣା କରିବା ପରଠାରୁ ବେଦାନ୍ତ ଆଲୁମିନିୟମ ୫୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚିଛି। ଓଡ଼ିଶା ସରକାର, ଆୟୁଷ ମନ୍ତ୍ରଣାଳୟର ସଚିବ ଓ ଅନ୍ୟ ସରକାରୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବେଦାନ୍ତ ଆଲୁମିନିୟମ କଳାହାଣ୍ଡି ଜିଲ୍ଲାରେ ଏହି କାର୍ଯ୍ୟକ୍ରମକୁ ସମର୍ଥନ କରୁଛି। ଏଥିସହ ଆଉ ଦୁଇଟି ଜିଲ୍ଲା ଯଥା ରାୟଗଡ଼ା ଓ କୋରାପୁଟକୁ ସହାୟତା ପ୍ରଦାନ କରିବାକୁ ଯୋଜନା କରିଛି। କମ୍ପାନିର ସିଓଓ ସୁନୀଲ ଗୁପ୍ତା କହିଛନ୍ତି ଯେ ଆମେ ପାରମ୍ପରିକ ଅଭ୍ୟାସ ମାଧ୍ୟମରେ ପିଲାଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଛୁ। କମ୍ପାନିର ବକ୍ସାଇଟ୍ ମାଇନ୍ସର ସିଇଓ ନୀତିନ କୁମାର ତିୱାରୀ କହିଛନ୍ତି ଯେ ଓଡ଼ିଶା ସରକାର ଏବଂ ଆୟୁଷ ମନ୍ତ୍ରଣାଳୟ ସହ ଭାଗୀଦାରି ମାଧ୍ୟମରେ ଆମେ ସେପ୍ଟେମ୍ବରରେ ପ୍ରାୟ ୧୦୦୦ ଛାତ୍ରଛାତ୍ରୀଙ୍କୁ ଉପକୃତ କରିବା ପାଇଁ ଏହି ପଦକ୍ଷେପ ଆରମ୍ଭ କରିଥିଲୁ ଏବଂ ଏହାକୁ ଆହୁରି ବ୍ୟାପକ କରିଛୁ।

# ନଭେମ୍ବରରୁ ଓଟିପି ଆସିବାରେ ଅସୁବିଧା



**ନୂଆଦିଲ୍ଲୀ, ୨୫।୧୦:** ଅନ୍‌ଲାଇନ୍‌ରେ ଜିନିଷ ପତ୍ର କିଣାକିଣି ହେଉ କିମ୍ବା ମୋବାଇଲ୍ ଜରିଆରେ ପେମେଣ୍ଟ, ଅନେକ ପ୍ରକାର କାମ ଲାଗି ୱାନ୍ ଟାଇମ୍ ପାସ୍‌ୱାର୍ଡ (ଓଟିପି) ଦରକାର ହୋଇଥାଏ। ତେବେ ନଭେମ୍ବର ପହିଲାରୁ ଓଟିପି ଆସିବାରେ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଜାରି ଏକ ନୂଆ ନିର୍ଦ୍ଦେଶାବଳୀ ଯୋଗୁଁ ଏଭଳି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି ବୋଲି ଟେଲିକମ୍ କମ୍ପାନିଗୁଡ଼ିକ ସତର୍କ କରାଇଛନ୍ତି। ସାଇବର୍ ଅପରାଧୀମାନେ ଟେଲିକମ୍ ସେବାକୁ ବ୍ୟବହାର କରି ଲୋକମାନଙ୍କୁ ଠକିବାକୁ ପ୍ରୟାସ କରୁଥିବାରୁ ଏହି ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ସେହି ମର୍ମରେ ଟ୍ରାଇ ନୂଆ ନିର୍ଦ୍ଦେଶାବଳୀ ଜାରି କରିଛି।

ଟ୍ରାଇର ନିର୍ଦ୍ଦେଶନାମା ଅନୁସାରେ ବ୍ୟାଙ୍କ, ଇ-କମର୍ସ, ଆର୍ଥିକ ଅନୁଷ୍ଠାନ ଭଳି ସଂସ୍ଥାଗୁଡ଼ିକ ପଠାଉଥିବା ମେସେଜ୍‌କୁ ଅନୁସନ୍ଧାନଯୋଗ୍ୟ କରିବାକୁ ହେବ। ଗତ ଅଗଷ୍ଟରେ ଟେଲିକମ୍ କମ୍ପାନିଗୁଡ଼ିକ ଟ୍ରାଇ ଏଭଳି ନିର୍ଦ୍ଦେଶ ଦେଇଥିଲା। ସେଥିରେ କୁହାଯାଇଛି ଯେ ଟେଲିମାର୍କେଟିଂ କମ୍ପାନିଗୁଡ଼ିକର ମେସେଜ୍ ପଠାଇବାର ଯେଉଁ ଶୃଙ୍ଖଳା ରହିଛି ତାହାକୁ ନିର୍ଦ୍ଧାରଣ କରିବାକୁ ପଡ଼ିବ। ପଠାଯାଉଥିବା ମେସେଜ୍ ଯଦି ସେହି ଧାରାର ହୋଇନଥିବ ତେବେ ତାହାକୁ ଖାରଜ କରାଯିବ। ଏହାର ଅର୍ଥ ହେଉଛି ନିର୍ଧାରିତ ହୋଇନଥିବା ଶୃଙ୍ଖଳାର ମେସେଜ୍‌ଗୁଡ଼ିକୁ ବ୍ଲକ୍ କରାଯିବ। ତାହା ଗ୍ରାହକଙ୍କ ନିକଟରେ ପହଞ୍ଚିବ ନାହିଁ।

ଟେଲିକମ୍ କମ୍ପାନିଗୁଡ଼ିକ ଆଶଙ୍କା ପ୍ରକଟ କରିଛନ୍ତି ଯେ ଓଟିପି ଭଳି ଗୁରୁତ୍ୱପୂର୍ଣ୍ଣ ମେସେଜ୍ ଲୋକଙ୍କ ନିକଟରେ ପହଞ୍ଚିବାର ଆଶଙ୍କା ରହିଛି। କାରଣ ଅନେକ ଟେଲିମାର୍କେଟିଂ କମ୍ପାନି ଓ ପ୍ରିନ୍‌ସିପାଲ୍ ଏଣ୍ଟିଟି (ପ୍ରମୁଖ ସଂସ୍ଥା) ଏହି ନିର୍ଦ୍ଦେଶାବଳୀ ପାଳନ କରିବା ପାଇଁ ଆବଶ୍ୟକ ବୈଷୟିକ ସମାଧାନ କାର୍ଯ୍ୟକାରୀ କରିନାହାନ୍ତି। ଭାରତରେ ଦୈନିକ ୧୭୦ କୋଟିରୁ ଅଧିକ ବାଣିଜ୍ୟିକ ମେସେଜ୍ ପଠାଯାଉଛି। ସେଗୁଡ଼ିକ ଯଦି ଗ୍ରାହକଙ୍କ ନିକଟରେ ଠିକ୍ ଭାବେ ପହଞ୍ଚିବ ନାହିଁ ତେବେ ସମସ୍ୟା ହେବ। ତେଣୁ ଏହି ନିର୍ଦ୍ଦେଶନାମା ଲାଗୁ କରିବାର ସମୟ ସୀମା ବଢ଼ାଇବାକୁ ଟେଲିମାର୍କେଟିଂ କମ୍ପାନିଗୁଡ଼ିକ ଅନୁରୋଧ କରିଛନ୍ତି। ପ୍ରମୁଖ ସଂସ୍ଥାଗୁଡ଼ିକ ଏଥିପାଇଁ ଦୁଇ ମାସ ସମୟ ଲାଗିଛନ୍ତି। ଏହି ନିର୍ଦ୍ଦେଶାବଳୀକୁ ପର୍ଯ୍ୟାୟକ୍ରମେ ଲାଗୁ କରିବାକୁ ଟେଲିକମ୍ କମ୍ପାନିଗୁଡ଼ିକ ଦାବି କରିଛନ୍ତି।

# ପ୍ରତିରକ୍ଷା ଷ୍ଟାର୍ଟଅପ୍ ପାଇଁ ୧୦୦୦ କୋଟିର ପାଣ୍ଠି

**ନୂଆଦିଲ୍ଲୀ, ୨୫।୧୦:** ପ୍ରତିରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଷ୍ଟାର୍ଟଅପ୍‌ଗୁଡ଼ିକୁ ସହାୟତା ପ୍ରଦାନ କରିବା ଲାଗି କେନ୍ଦ୍ର କ୍ୟାବିନେଟ୍‌ରେ ୧୦୦୦ କୋଟି ଟଙ୍କାର ଭେଞ୍ଚର କ୍ୟାପିଟାଲ୍ ଫଣ୍ଡ୍‌କୁ ମଞ୍ଜୁରି ପ୍ରଦାନ କରାଯାଇଛି। ଏହି ଫଣ୍ଡ ସମ୍ପର୍କରେ ବଜେଟ୍‌ରେ ଘୋଷଣା କରାଯାଇଛି। ୪୦ଟି ଷ୍ଟାର୍ଟଅପ୍‌କୁ ଏହି ପାଣ୍ଠିରୁ ସହାୟତା ଦିଆଯିବ। ପାଞ୍ଚ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବା ଏହି ପାଣ୍ଠିରୁ ପ୍ରତି ବର୍ଷ ୧୫୦-୨୫୦ କୋଟି



ଟଙ୍କା ଷ୍ଟାର୍ଟଅପ୍‌ଙ୍କୁ ଦିଆଯିବ। ୨୦୨୫-୨୬ ଆର୍ଥିକ ବର୍ଷରେ ପାଣ୍ଠିରୁ ୧୫୦ କୋଟି ଟଙ୍କା ପ୍ରଦାନ କରାଯିବ। ତାହାର ପରବର୍ତ୍ତୀ ବର୍ଷଗୁଡ଼ିକରେ ବର୍ଷକୁ ୨୫୦ କୋଟି ଟଙ୍କା ଲେଖାଏଁ ଆବଣ୍ଟନ କରାଯିବ। ଶେଷ ବର୍ଷରେ ୧୦୦ କୋଟି ଟଙ୍କା ଜାରି କରାଯିବ। ଜାତୀୟ ମହାକାଶ ପ୍ରସାର ଓ ସ୍ୱୀକୃତି କେନ୍ଦ୍ର ଏହି ପାଣ୍ଠିର ପରିଚାଳନା କରିବ। ଆଜିର କ୍ୟାବିନେଟ୍ ବୈଠକରେ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ବିହାର ପାଇଁ ୬୭୯୮ କୋଟି ଟଙ୍କାର ଦୁଇଟି ରେଳ ପ୍ରକଳ୍ପ ମଞ୍ଜୁର କରାଯାଇଛି। ଉଭୟ ପ୍ରକଳ୍ପର କାର୍ଯ୍ୟ ପାଞ୍ଚ ବର୍ଷରେ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଯାହା ମାଲ୍ ଓ ଯାତ୍ରୀ ପରିବହନ କ୍ଷମତାରେ ଉନ୍ନତି ଆଣିବା ସହ ପ୍ରଦୂଷଣ କମ୍ କରିବାରେ ସହାୟକ ହେବ।

# ଉପହାରରେ ଖର୍ଚ୍ଚ ହେବ ୧.୮ ଲକ୍ଷ କୋଟି

**ନୂଆଦିଲ୍ଲୀ, ୨୫।୧୦:** ଦୀପାବଳି ଶୁଭେଚ୍ଛା ଜଣାଇବା ଲାଗି ଉପହାର ଦେବାର ଏକ ପରମ୍ପରା ଉତ୍ତର ଭାରତରେ ରହିଛି। କର୍ପୋରେଟ୍ ସଂସ୍ଥାଗୁଡ଼ିକ ଜରିଆରେ ଏହି ପରମ୍ପରା ଏବେ ଦେଶର କୋଣ ଅନୁକୋଣକୁ ମାଡ଼ିଗଲାଣି। ଚଳିତ ବର୍ଷ ଦୀପାବଳି ସମୟରେ ଉପହାର କିଣାରେ ୧.୮ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଲୋକାଲ୍‌ସର୍କଲ୍‌ସ ନାମକ ସଂସ୍ଥାଆକଳନ କରିଛି। ଚଳିତ ବର୍ଷ ସେପ୍ଟେମ୍ବର ଓ ଅକ୍ଟୋବରରେ ୧.୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଥିବା ବେଳେ ଅବଶିଷ୍ଟ ରାଶି ଆଉ କିଛି ଦିନ ଭିତରେ ଖର୍ଚ୍ଚ ହେବ।

ଲୋକାଲ୍‌ସର୍କଲ୍‌ସର ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଦୀପାବଳି ସମୟରେ ଲୋକମାନେ ସର୍ବାଧିକ ଖର୍ଚ୍ଚ ଉପହାର ସାମଗ୍ରୀ କିଣିବାରେ କରନ୍ତି। ଉପହାର ତାଲିକାର ଶୀର୍ଷରେ ରହିଛି ମିଷ୍ଟାନ୍ନ, ବେକରି ଉତ୍ପାଦ ଓ ଚକୋଲେଟ୍। ସର୍ବେକ୍ଷଣରେ ଭାଗ ନେଇଥିବା ୫୩ ପ୍ରତିଶତ ଲୋକ ମିଷ୍ଟାନ୍ନ କିଣିବେ ବୋଲି



କହିଛନ୍ତି। ସେହିପରି ୪୮ ପ୍ରତିଶତ ଲୋକ ଡ୍ରାଏ ଫ୍ରୁଟ୍‌ସ କିଣିବାକୁ ପସନ୍ଦ କରିବେ ବୋଲି ଜଣାଇଛନ୍ତି। ୨୭ ପ୍ରତିଶତ ଲୋକ ମହମବତୀ, ସୁଗନ୍ଧ ଓ ଲ୍ୟାମ୍ପ୍ କିଣିବେ। ୧୮ ପ୍ରତିଶତ ଲୋକ କିଚେନ୍‌ଓୟାର, ୧୬ ପ୍ରତିଶତ ଭୋଜନ, ୧୨ ପ୍ରତିଶତ ହୋମ୍ ଫର୍ଣ୍ଣିସିଂ ଏବଂ ଅବଶିଷ୍ଟ ୧୨ ପ୍ରତିଶତ ଲୋକ ଟ୍ରେ ଓ ବାସନକୁସନ ଆଦି କିଣିବେ ବୋଲି କହିଛନ୍ତି।

ସିଂହଭାଗ ଲୋକ ଜଣାଇଛନ୍ତି ଯେ ଉପହାର ସାମଗ୍ରୀ କିଣିବା ଲାଗି ସେମାନେ ସ୍ଥାନୀୟ ବଜାରକୁ ପସନ୍ଦ କରନ୍ତି। ସହରାଞ୍ଚଳର ୫୭ ପ୍ରତିଶତ ଲୋକ

### ୫୩% କିଣିବେ ମିଷ୍ଟାନ୍ନ, ୪୮% ଡ୍ରାଏ ଫ୍ରୁଟ୍‌ସ

ସ୍ଥାନୀୟ ବଜାରରୁ କିଣାକିଣି କରିବେ। ନିଜେ ଜିନିଷ କିଣି ତାହାକୁ ସମ୍ପର୍କୀୟଙ୍କୁ ପ୍ରଦାନ କରିବା ଭଲ ଲାଗେ ବୋଲି ସେମାନେ କହିଛନ୍ତି। ତେବେ ୩୬ ପ୍ରତିଶତ ଲୋକ ଅନ୍‌ଲାଇନ୍‌ରୁ ଉପହାର ସାମଗ୍ରୀ ବରାଦ କରି ସିଧାସଳଖ ଦେବାକୁ ଚାହୁଁଥିବା ଲୋକଙ୍କ ଠିକଣାରେ ଡେଲିଭରି କରିବା ବିକଳ୍ପ ଚୟନ କରିଛନ୍ତି।

# ପିଏସିରେ ହାଜର ହେଲେନି ମାଧବୀ

**ନୂଆଦିଲ୍ଲୀ, ୨୫।୧୦:** ସଂସଦର ପବ୍ଲିକ୍ ଆକାଉଣ୍ଟ୍‌ସ କମିଟି (ପିଏସି)ରେ ହାଜର ହେଲେନି ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ମୁଖ୍ୟ ମାଧବୀ ପୁରୀ ବୁଚ୍। ସେଥିପାଇଁ ଆଜିର ବୈଠକ ବାତିଲ କରିବାକୁ ପଡ଼ିଥିଲା। ବ୍ୟକ୍ତିଗତ ଜରୁରୀ କାମ ଦର୍ଶାଇ ମାଧବୀ ବୈଠକକୁ ଆସିନଥିଲେ। ସେବିକୁ ନେଇ ଆମେରିକାର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ କରିଥିବା



ଅଭିଯୋଗ ସମ୍ପର୍କରେ ସେବି ଅଧିକାରୀଙ୍କୁ କମିଟି ପ୍ରଶ୍ନ କରିବାର ଥିଲା। ପିଏସିରେ ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟ ରହିଛନ୍ତି। ସେମାନେ ମାଧବୀ ଓ ସେବିର ଅନ୍ୟ ୩-୪ ବରିଷ୍ଠ ଅଧିକାରୀଙ୍କୁ କେତେ ଜଟିଳ ପ୍ରଶ୍ନ କରିବାର ଥିଲା। ପିଏସି ଅଧ୍ୟକ୍ଷ କେ ସି ବେଣୁଗୋପାଳ କହିଛନ୍ତି ଯେ ଆଜି ସକାଳେ ସେବି ଅଧ୍ୟକ୍ଷା ଜଣାଇଥିଲେ ଯେ ବ୍ୟକ୍ତିଗତ ଜରୁରୀ କାମ ଥିବାରୁ ସେ ଦିଲ୍ଲୀ ଆସିପାରିବେ ନାହିଁ। ତାଙ୍କ ଅନୁରୋଧକ୍ରମେ କମିଟିର ବୈଠକକୁ ଘୁଞ୍ଚାଇ ଦିଆଯାଇଛି। ଆଦାନି-ହିଣ୍ଡେନ୍‌ବର୍ଗ ମାମଲାରେ ସେବିର ତଦନ୍ତ ମନ୍ଥର ରହୁଥିବା ନେଇ କଂଗ୍ରେସ ବାରମ୍ବାର ଅଭିଯୋଗ କରିବା ପରେ ସଂସ୍ଥାର ପ୍ରଦର୍ଶନ ବିଷୟରେ ସମୀକ୍ଷା କରିବା ଲାଗି ପିଏସିକୁ ଦାୟିତ୍ୱ ଦିଆଯାଇଛି। ମାଧବୀଙ୍କ ବିରୋଧରେ କଂଗ୍ରେସ ପକ୍ଷରୁ ଗମ୍ଭୀର ଦ୍ୱୈତ ସ୍ୱାର୍ଥ ଅଭିଯୋଗ ଅଣାଯାଇଛି।

# ଡିଜିଟାଲ୍ ଭାରତରେ ଚମକ ହରାଉଛି ନଗଦ

**ନୂଆଦିଲ୍ଲୀ, ୨୫।୧୦:** କରୋନା ମହାମାରୀ ପରବର୍ତ୍ତୀ ସମୟରେ ଦେଶରେ ଯେଉଁ ଡିଜିଟାଲ୍ ବିପ୍ଳବ ଆରମ୍ଭ ହୋଇଥିଲା ତାହା ପେମେଣ୍ଟ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ଆଗରୁ କାରବାର ପାଇଁ ପ୍ରମୁଖ ମାଧ୍ୟମ ଥିବା ନଗଦ ଟଙ୍କା ଦ୍ରୁତ ଗତିରେ ତାହାର ଚମକ ହରାଉଛି। ଭାରତୀୟ ରିଜର୍ଭ ବ୍ୟାଙ୍କର ଏକ ରିପୋର୍ଟ ଅନୁସାରେ ଗତ ତିନି ବର୍ଷ ମଧ୍ୟରେ ଦେଶରେ ଡିଜିଟାଲ୍ କାରବାରରେ ତିନି ଗୁଣା ବୃଦ୍ଧି ଘଟିଛି। ୨୦୨୧ ମାର୍ଚ୍ଚ ସୁଦ୍ଧା ମୋଟ କାରବାରରେ ଡିଜିଟାଲ୍‌ର ଭାଗ ଥିବା ୧୪-୧୯ ପ୍ରତିଶତ। ୨୦୨୪ ମାର୍ଚ୍ଚ ସୁଦ୍ଧା ସେହି ହାର ୪୦-



୪୮ ପ୍ରତିଶତକୁ ବୃଦ୍ଧି ପାଇଛି। ଅର୍ଥାତ ଦେଶରେ ଏବେ ହେଉଥିବା କାରବାରର ଅଧା ଡିଜିଟାଲ୍ ମାଧ୍ୟମରେ ହେଉଛି। ରିଜର୍ଭ ବ୍ୟାଙ୍କର ମୁଦ୍ରା ପରିଚାଳନା ବିଭାଗର ପ୍ରଦୀପ ଭୂୟାଁ କହିଛନ୍ତି ଏବେବି ନଗଦ କାରବାର ବ୍ୟାପକ ରହିଛି। କିନ୍ତୁ

### ୪୮% କାରବାର ଡିଜିଟାଲ୍

ତାହା ଦ୍ରୁତ ଗତିରେ କମୁଛି। ଏବେବି ୬୦ ପ୍ରତିଶତ କିଣାବିକାରେ ନଗଦ ଟଙ୍କା ବ୍ୟବହାର ହେଉଛି। ତେବେ ଅଳ୍ପ ମୂଲ୍ୟର କାରବାର ଲାଗି ଲୋକମାନେ ନଗଦ ଟଙ୍କା ବ୍ୟବହାର କରିବାକୁ ପସନ୍ଦ କରୁଥିବା ରିପୋର୍ଟରୁ ଜଣାପଡ଼ିଛି। ଡିଜିଟାଲ୍ କାରବାରରେ ଅଧିକାଂଶ ଲୋକ ୟୁପିଆଇ ବ୍ୟବହାର କରୁଛନ୍ତି। ଜିନିଷ କିଣାକିଣି ବେଳେ ଦୋକାନୀ, ବ୍ୟବସାୟୀଙ୍କୁ ପେମେଣ୍ଟ କରିବା ବେଳେ ୟୁପିଆଇ ଅଧିକ ମାତ୍ରାରେ ବ୍ୟବହାର

# ୮୦ ବର୍ଷ ଟପିଲେ ଅଧିକ ପେନ୍‌ସନ୍

**ନୂଆଦିଲ୍ଲୀ, ୨୫।୧୦:** କେନ୍ଦ୍ର ସରକାର ୮୦ ବର୍ଷରୁ ଅଧିକ ବୟସ୍କ ପେନ୍‌ସନ୍‌ଭୋଗୀଙ୍କୁ ଅଧିକ ପେନ୍‌ସନ୍ ଦେବେ। ସେମାନଙ୍କୁ ମୂଳ ପେନ୍‌ସନ୍ ସହିତ ଅନୁକମ୍ପାମୂଳକ ପେନ୍‌ସନ୍ ମଧ୍ୟ ମିଳିବ। ପେନ୍‌ସନ୍‌ଭୋଗୀଙ୍କ ବୟସ ୮୦ରୁ ୮୫ ବର୍ଷ ମଧ୍ୟରେ ହୋଇଥିଲେ ସେମାନଙ୍କୁ ମୂଳ ପେନ୍‌ସନ୍‌ର ୨୦ ପ୍ରତିଶତ ରାଶି ଅନୁକମ୍ପାମୂଳକ ପେନ୍‌ସନ୍ ଆକାରରେ ମିଳିବ। ସେହିପରି ବୟସ ୮୫-୯୦ ମଧ୍ୟରେ ହୋଇଥିବା ମୂଳ ପେନ୍‌ସନ୍‌ର ୩୦ ପ୍ରତିଶତ, ୯୦-୯୫ ବର୍ଷ ହୋଇଥିଲେ ୪୦ ପ୍ରତିଶତ, ୯୫-୧୦୦ ବର୍ଷ ହୋଇଥିଲେ ୫୦ ପ୍ରତିଶତ ଏବଂ ୧୦୦ ବର୍ଷ କିମ୍ବା ତା’ଠାରୁ ଅଧିକ ବର୍ଷ ହୋଇଥିଲେ ମୂଳ ବେତନ ସମାନ ଅନୁକମ୍ପାମୂଳକ ପେନ୍‌ସନ୍ ମିଳିବ। ସମସ୍ତ ଯୋଗ୍ୟ ପେନ୍‌ସନ୍‌ଭୋଗୀଙ୍କ ପାଖରେ ଏହି ଲାଭକୁ ପହଞ୍ଚାଇବା ଲାଗି ସେମାନଙ୍କ ସମ୍ପର୍କିତ ତଥ୍ୟ ଦେବାକୁ ପେନ୍‌ସନ୍ ବିଭାଗ ପକ୍ଷରୁ ସମସ୍ତ ବିଭାଗ ଓ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

# ଯେଉଁ ନେଟ୍‌ୱର୍କ ଥିବ ମୋବାଇଲ୍ କାମ କରିବ

## ବ୍ୟାହତ ହେବନି ଟେଲିକମ୍ ସେବା: ମନ୍ତ୍ରୀ

### ଇଣ୍ଟରକନେକ୍ଟ ରୋମିଂ କାର୍ଯ୍ୟକ୍ଷମ

**ଭୁବନେଶ୍ୱର, ୨୫।୧୦:** ବାତ୍ୟା ‘ଦାନା’କୁ ନେଇ ଟେଲିକମ୍ କମ୍ପାନିଗୁଡ଼ିକ ବ୍ୟାପକ ପ୍ରସ୍ତୁତି କରିଛନ୍ତି। ବାତ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନଙ୍କ ସୁବିଧା ଲାଗି ଟେଲିକମ୍ କମ୍ପାନିଗୁଡ଼ିକ ଇଣ୍ଟରକନେକ୍ଟ ରୋମିଂ କାର୍ଯ୍ୟକାରୀ କରିଛନ୍ତି। ଏହି ବ୍ୟବସ୍ଥାରେ ପ୍ରଭାବିତ ଅଞ୍ଚଳରେ ଯେଉଁ କମ୍ପାନିର ନେଟ୍‌ୱର୍କ ଥିବ ସେଥିରେ ସବୁ କମ୍ପାନିର ମୋବାଇଲ୍ କାମ କରିବ। ଫଳରେ ଲୋକମାନେ ନିଜ ସମ୍ପର୍କୀୟଙ୍କ ସହ ସୁବିଧାରେ ଯୋଗଯୋଗରେ ରହିପାରିବେ। ସେମାନଙ୍କୁ ନିଜ କମ୍ପାନିର ନେଟ୍‌ୱର୍କ ଥିବା କିମ୍ବା ନଥିବାକୁ ନେଇ ଚିନ୍ତା କରିବାକୁ ପଡ଼ିବନି।

ଏଥି ସହିତ ଯେକୌଣସି ପ୍ରକାର ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ଲାଗି ଟେଲିକମ୍ କମ୍ପାନିଗୁଡ଼ିକ ପ୍ରସ୍ତୁତ ରହିଛନ୍ତି। ସ୍ୱତନ୍ତ୍ର ୱାର୍ ରୁମ୍ ସ୍ଥାପନ କରିଥିବା ବେଳେ ଅଧିକ କର୍ମଚାରୀ ମୂତୟନ କରିଛନ୍ତି। ନେଟ୍‌ୱର୍କ ଉପରେ ସେମାନେ ଚବିଶ ଘଣ୍ଟା ନଜର ରଖିଛନ୍ତି। ବିଦ୍ୟୁତ ବିଭ୍ରାଟର ମୁକାବିଲା କରିବା ଲାଗି ସେମାନେ ଆଗୁଆ ଅଧିକ ଇନ୍ଧନ ମହଜୁଦ ରଖିଛନ୍ତି। ନେଟ୍‌ୱର୍କକୁ ଶୀଘ୍ର ପୁନରୁଦ୍ଧାର କରିବା ଲାଗି କମ୍ପାନିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ସ୍ପେୟାର ପାର୍ଟସ୍ ଓ ଉପକରଣ ମହଜୁଦ ରଖିଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ଇଲୋକ୍ଟ୍ରୋନିକସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ରେଡ୍ ଜୋନ୍‌ର ୭ଟି ଜିଲ୍ଲା ଯଥା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂପୁର, ମୟୂରଭଞ୍ଜ, ଯାଜପୁର ଓ କଟକରେ ଭାରତ ସରକାରଙ୍କ ଦୂରସଂଚାର ବିଭାଗର ମାର୍ଗଦର୍ଶନ ଏବଂ ବିଭିନ୍ନ ଟେଲେକମ ପ୍ରଦାନକାରୀ ସଂସ୍ଥା ଯଥା ବିଏସଏନଲ, ଜିଓ, ଏୟାରଟେଲ ଓ ଭୋଡାଫୋନର ସମୁଚିତ ସହଯୋଗରେ ଆଜି ସକାଳ ୮ଟାରୁ ଇଣ୍ଟ୍ରା ସର୍କଲ୍ ରୋମିଂ କାର୍ଯ୍ୟକାରୀ କରାଯାଇଛି। ଏହା ଦ୍ୱାରା ଗୋଟିଏ ଟେଲିକମ କମ୍ପାନିର ଗ୍ରାହକ ଅନ୍ୟ ଟେଲିକମ କମ୍ପାନିର ନେଟୱାର୍କ ବ୍ୟବହାର କରିପାରୁଛନ୍ତି। ଗୋଟିଏ କମ୍ପାନିର ନେଟୱାର୍କ ଡାଉନ୍ ହୋଇଗଲେ ଅନ୍ୟ କମ୍ପାନିର ନେଟୱାର୍କକୁ ଜନସାଧାରଣ ବ୍ୟବହାର କରିପାରୁଛନ୍ତି। ରେଡ୍ ଜୋନ୍‌ର ୭ଟି ଜିଲ୍ଲାର ଜନସାଧାରଣ ଏହା ଦ୍ୱାରା ବିଶେଷ ଭାବରେ ଉପକୃତ ହୋଇପାରୁଛନ୍ତି। ସବୁ ଟାୱାରରେ ମୁଖ୍ୟତଃ ରେଡ୍ ଜୋନ୍‌ରେ ଥିବା ଜିଲ୍ଲାଗୁଡିକରେ ଡିଜି ସେଟ ପ୍ରସ୍ତୁତ ରଖାଯାଇଛି। ଟେଲିକମ ପ୍ରଦାନକାରୀ ସଂସ୍ଥା ମଧ୍ୟ ସେଲ୍ ଅନ୍ ହୁଇଲ୍‌ର ବ୍ୟବସ୍ଥା କରିଛନ୍ତି। କୌଣସି ସ୍ଥାନରେ ଟାୱାର ଖରାପ ହେଲେ ଟେଲିକମ କମ୍ପାନିଗୁଡିକର ବୈଷୟିକ ଦଳ ତାହାର ତୁରନ୍ତ ମରାମତି କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ସେ ଦୂରସଂଚାର ବିଭାଗର ବରିଷ୍ଠ ଅଧିକାରୀ ଓ ଟେଲିକମ କମ୍ପାନିଗୁଡିକର କର୍ମକର୍ତ୍ତାଙ୍କ ସହ ଲୋକସେବା ଭବନ ସ୍ଥିତ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବିଷଦ ଆଲୋଚନା ପରେ ଏହା କହିଛନ୍ତି।

# ଖଇରବଣି ଆଶ୍ରମ ବିଦ୍ୟାଳୟକୁ ପଞ୍ଚମ ଜାତୀୟ ଜଳ ପୁରସ୍କାର



**ବୈଶିଙ୍ଗା,୨୫।୧୦(ସଂଚାର ବ୍ୟୁରୋ):** ମଙ୍ଗଳବାର ନୂଆଦିଲ୍ଲୀ ର ବିଜ୍ଞାନ ଭବନ ରେ ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କର ଗାରିମାମୟ ଅଧ୍ୟକ୍ଷତା ରେ ଆୟୋଜିତ ହୋଇଯାଇଛି ପଞ୍ଚମ ଜାତୀୟ ଜଳ ପୁରସ୍କାର। "ଜଳ ହିଁ ଜୀବନ" ଉକ୍ତିର ସାର୍ଥକତା ପାଇଁ ଜଳର ସୁପରିଚାଳନା, ସଂରକ୍ଷଣ, ତଥା ଉତ୍ତମ ବ୍ୟବହାର ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ରାଜ୍ୟ, ଜିଲ୍ଲା, ଅନୁଷ୍ଠାନ, ପୌରାଞ୍ଚଳ, ଗ୍ରାମ ପଂଚାୟତ, ବିଦ୍ୟାଳୟ/ମହାବିଦ୍ୟାଳୟ ଏହିପରି ଆଠଟି ବର୍ଗରେ ଏହି ପୁରସ୍କାର ଭାରତର ଜଳ ଶକ୍ତି ବିଭାଗ ଦ୍ୱାରା ପ୍ରଦାନ କରା ଯାଇଥିଲା। ୨୦୧୮ ମସିହା ଠାରୁ ଏହି ପୁରସ୍କାର ଆୟୋଜନ କରାଯାଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି। ଅତ୍ୟନ୍ତ ଖୁସିର ବିଷୟ ଯେ ଏହି ସମାରୋହ ରେ ଓଡିଶା ଶ୍ରେଷ୍ଠ ରାଜ୍ୟ, ବଲାଙ୍ଗୀର ଜିଲ୍ଲା ପୂର୍ବାଞ୍ଚଳ ର ଶ୍ରେଷ୍ଠ ଜିଲ୍ଲା, ପୁରୀ ଶ୍ରେଷ୍ଠ ସହରାଞ୍ଚଳ ତଥା ବେତନଟୀ ବ୍ଲକ ଅନ୍ତର୍ଗତ ଖଇରବଣି ଆଶ୍ରମ ବିଦ୍ୟାଳୟ ଓଡିଶାରୁ ଏକମାତ୍ର ବିଦ୍ୟାଳୟ ଭାବରେ ଏହି ଜାତୀୟ ପୁରସ୍କାର ପାଇଛି। ଭାରତର ମାନନୀୟ ଜଳ ଶକ୍ତି ମନ୍ତ୍ରୀ ଶ୍ରୀ ସି. ଆର. ପାଟିଲ ମହୋଦୟ ଙ୍କ ଠାରୁ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବିନୀତା ଦାଶ ଟ୍ରଫି, ମାନପତ୍ର ଗ୍ରହଣ କରିଛନ୍ତି। ପୁରସ୍କାର ରାଶି ବାବଦରେ ବିଦ୍ୟାଳୟ କୁ ଏକ ଲକ୍ଷ ଟଙ୍କା ମିଳିଛି। ଏହି ଅନୁଭୂତି ଅବିସ୍ମରଣୀୟ ଓ ବିରଳ ଅଟେ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ପ୍ରକାଶ କରିଛନ୍ତି। ବିଦ୍ୟାଳୟ ରେ ଚାରିଟି ବର୍ଷା ଜଳ ଅମଳ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ଭୂତଳ ଜଳ ସଂରକ୍ଷଣ ରେ ସହାୟକ ହେଉଛି। ତରଳ ବର୍ଜ୍ୟ ବସ୍ତୁ ର ସୁପରିଚାଳନା, ଉତ୍ତମ ପାନୀୟ ଜଳର ବ୍ୟବହାର, ପିଲାମାନଙ୍କର ବ୍ୟବହାରିକ ପରିବର୍ତ୍ତନ କୁ ଗୁରୁତ୍ୱ ଦିଆ ଯାଉଛି। ଏହି ପୁରସ୍କାର ବିଦ୍ୟାଳୟ ର ଗୌରବମୟ ଇତିହାସ ରେ ଆଉ ଏକ ପୃଷ୍ଠା ଯୋଡି ହୋଇ ଯାଇଛି। ପ୍ରକାଶ ଥାଉ କି ସମସ୍ତଙ୍କର ନିଷ୍ଠା, ଅକ୍ଳାନ୍ତ ପରିଶ୍ରମ ଓ ସହଯୋଗ ରେ ଏହି ବିଦ୍ୟାଳୟ ପୂର୍ବରୁ ଦୁଇ ଥର ରାଜ୍ୟ ସ୍ତରୀୟ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛି। ଏହି ସଫଳତା ର ଶ୍ରେୟ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟ ର ସମସ୍ତ ଛାତ୍ରଛାତ୍ରୀ, ସଦସ୍ୟ, ଗ୍ରାମବାସୀ, ଶୁଭେଚ୍ଛୁ, ପରିଚାଳନା କମିଟି, ବିଭାଗୀୟ ଅଧିକାରୀ ଓ ଗୁରୁଜନଙ୍କୁ ଦେଇଛନ୍ତି। ଏହି ଖବର ଅଂଚଳବାସୀ ଙ୍କ ମଧ୍ୟରେ ଖୁସିର ଲହରୀ ଖେଳାଇ ଦେଇଛି। ମୟୂରଭଞ୍ଜ ଜିଲ୍ଲା ମଙ୍ଗଳ ବିଭାଗ ପକ୍ଷରୁ ବିଦ୍ୟାଳୟ ର ସମସ୍ତ ଙ୍କୁ ଶ୍ରେୟ ଦେଇଛନ୍ତି।

## ବିଦ୍ୟୁତ୍ ବିଭାଗ ଏସ୍‌ଡ଼ିଓଙ୍କ କାର୍ଯ୍ୟାଳୟରେ ତାଲା ପକାଇଲେ ଚାଷୀ



**ବରଗଡ଼,୨୫।୧୦(ସଂଚାର ବ୍ୟୁରୋ):** ଉଠାଜଳସେଚନ ପ୍ରକଳ୍ପ ଏବଂ ଉପଭୋକ୍ତାଙ୍କ ଘରକୁ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ପ୍ରତିବାଦରେ ବରଗଡ଼ ଜିଲ୍ଲା ଭେଡ଼େନରେ ଗୁରୁବାର ଆନ୍ଦୋଳନ ତେଜି ଉଠିଥିଲା। ଭେଡ଼େନ ବ୍ଲକ କୃଷକ ସଙ୍ଗଠନ ନେତୃତ୍ୱରେ ଗୁଦୁରାମୁଣ୍ଡା ଏବଂ କୁତପାଲି ଗ୍ରାମର ଅନେକ ଚାଷୀ ବିଦ୍ୟୁତ୍ ବିଭାଗ ଏସ୍‌ଡ଼ିଓ ଙ୍କ କାର୍ଯ୍ୟାଳୟକୁ ଆସି ତାଲା ପକାଇଥିଲେ। ବିଦ୍ୟୁତ ବିଭାଗ ଅଧିକାରୀମାନେ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ବର୍ତ୍ତମାନ ଧାନ ଫସଲ ଅମଳକ୍ଷମ ଅବସ୍ଥାକୁ ଆସୁଥିବା ବେଳେ ଉଠାଜଳସେଚନ ପ୍ରକଳ୍ପ ଗୁଡ଼ିକୁ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ଯୋଗୁ ଫସଲ ଉଜୁଡ଼ି ଯାଉଥିବା ଚାଷୀମାନେ ଅଭିଯୋଗ କରିଥିଲେ। ସମ୍ପୃକ୍ତ ପ୍ରକଳ୍ପ ଗୁଡ଼ିକୁ ବିଦ୍ୟୁତ ସଂଯୋଗ କରା ନ ଯିବା ପର୍ଯ୍ୟନ୍ତ ଆନ୍ଦୋଳନରୁ ଉଠିବେ ନାହିଁ ବୋଲି ଚାଷୀମାନେ ଚେତାବନୀ ଦେଇଥିଲେ। ପରେ ବିଦ୍ୟୁତ୍ ସଂଯୋଗ ନେଇ ବିଭାଗୀୟ ଅଧିକାରୀ ନିର୍ଭର ପ୍ରତିଶ୍ରୁତି ଦେବା ପରେ ସେମାନେ ଆନ୍ଦୋଳନରୁ ଓହରିଥିଲେ।

## ଦିଶା ବୈଠକ ଅନୁଷ୍ଠିତ



**ନୂଆପଡା ,୨୫।୧୦(ସଂଚାର ବ୍ୟୁରୋ):** ଜିଲ୍ଲା ସଭାବନା ସଭା ଗୃହରେ ସମ୍ମାନୀୟା କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀଙ୍କ ଅଧ୍ୟକ୍ଷତା ରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା କମିଟି ସଭା, ଦିଶା ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭା ରେ ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାପାଳ କହିଲେ ଯେ ଜିଲ୍ଲାରେ ବିଭିନ୍ନ ବିଭାଗର ଉନ୍ନୟନ କାମ ର ଦୃତ ପ୍ରଗତି ହୋଇଛି। ପ୍ରତି ସପ୍ତାହରେ ବ୍ଲକ୍ ମାନଂକ ରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ନେଇ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆୟୋଜନ ହେଉଛି। ଏହି ଅବସରରେ ସେଠାରେ ବରିଷ୍ଠ ନାଗରିକ ମାନଂକ ପାଇଁ ସ୍ୱାସ୍ଥ୍ୟ ଶିବିର ସହିତ ରକ୍ତଦାନ ଶିବିର ଆୟୋଜନ କରାଯାଉଛି। ଅପରାହ୍ନରେ ବ୍ଲକ୍ ର ଗୋଟିଏ ପଞ୍ଚାୟତରେ ପ୍ରବାସୀ ଶ୍ରମିକ ନିରାକରଣ ସଚେତନତା ଶିବିର ଅନୁଷ୍ଠିତ ହେଉଛି। ଏହାକୁ ସାଂସଦ ପ୍ରଶଂସା କରିଥିଲେ। ନୂଆପଡ଼ା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ ସମୟ ସିମା ଭିତରେ ଶୀଘ୍ର ସାରିବା ପାଇଁ ଗୁରୁତ୍ୱ ଦେଇଥିଲେ। ଏହାପରେ ସାଂସଦ ଗୋଟି ଗୋଟି କରି ବିଭିନ୍ନ ବିଭାଗର ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ସଭାରେ ଜନସାଧାରଣଙ୍କ ମୁଖ୍ୟ ସମସ୍ୟା ଘରଡିହ, ବାସଗୃହ, ବିଦ୍ୟୁତ୍, ପାନୀୟ ଜଳ, ସଡକ , ନରେଗାରେ ଶ୍ରମ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ମିଶନ, କୃଷି , ଶିଳ୍ପ, ଖାଦ୍ୟ ଯୋଗାଣ ଇତ୍ୟାଦି ବିଷୟ ଉପରେ ବିଶଦ ଭାବରେ ଆଲୋଚନା ହୋଇଥିଲା। ଏହିସବୁ କ୍ଷେତ୍ରରେ ଯେତେ ସବୁ ସମସ୍ୟା ଅଛି ସେସବୁର ଶୀଘ୍ର ସମାଧାନ କରିବା ପାଇଁ ସାଂସଦ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇ ଥିଲେ। ଦଳୀୟ ମତଭେଦ ରୁ ଉପରକୁ ଉଠି ସମସ୍ତ ଜନପ୍ରତିନିଧି ଓ ଅଧିକାରୀଗଣ ମିଳିତ ଭାବରେ ଜିଲ୍ଲାର ସାମଗ୍ରିକ ଉନ୍ନତି କରିବା ପାଇଁ ସାଂସଦ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଆଜିକାର ଏହି ବୈଠକରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଡଲି ମାଝୀ, ସମସ୍ତ ଜିଲ୍ଲାପରିଷଦ ସଦସ୍ୟ, ଜନ ପ୍ରତିନିଧି, ସାଂସଦ ବିଧାୟକଙ୍କ ପ୍ରତିନିଧି,ଦିଶା କମିଟି ସଦସ୍ୟ,ବନଖଣ୍ଡ ଅଧିକାରୀ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ, ସମସ୍ତ ଏନ୍ ଏ ସି କାର୍ଯ୍ୟନିର୍ବାହି ଅଧିକାରୀ ପ୍ରମୂଖ ଯୋଗଦେଇଥିଲ। ସମସ୍ତ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀ ମାନଙ୍କ ଆନ୍ତରିକ ସହଯୋଗରେ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ତଥା ପ୍ରବାସୀ ଶ୍ରମିକ ପ୍ରଥାର ବିଲୋପ ସାଧନ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥଲେ। ଶେଷରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୋଗ୍ୟ ହିତାଧୀକାରୀଙ୍କୁ ମିଳିଲାନି ସୁଭଦ୍ରା ଟଙ୍କା

### ପାଇଲେନି ଆଶା, ଅଙ୍ଗନବାଡ଼ି, ପାଚିକା ଓ ଛାତ୍ରବୃତ୍ତି ପାଉଥିବା ପରିବାର

**କଳାହାଣ୍ଡି,୨୫।୧୦(ସଂଚାର ବ୍ୟୁରୋ):** ସରକାରଙ୍କ ସୁଭଦ୍ରା ଯୋଜନା ପାଇଁ ଆଶା, ଅଙ୍ଗନବାଡି , ପାଚିକା ଏବଂ ୨୧ ବର୍ଷରୁ ଉର୍ଦ୍ଧ ସାଧାରଣ ମହିଳା ମାନଙ୍କୁ ଦେବା ପାଇଁ ଘୋଷଣା କରିଥଲେ। ଲୋକେ ଦିନ ରାତି ତମାମ ବ୍ୟାଙ୍କ , ଜନ ସେବାକେନ୍ଦ୍ର ମାନଙ୍କରେ ହଜାର ହଜାର ସଂଖ୍ୟାରେ ଧାଡ଼ିରେ ଛିଡ଼ା ହୋଇ ଅନଲାଇନ୍ କରିଥିଲେ। ହେଲେ ଯୋଜନାଟି ଏହି ମାନଙ୍କ ପାଇଁ ଫସର ଫାଟିଗଲା। ତେବେ ଧର୍ମଗଡ ବ୍ଲକ ଅଞ୍ଚଳର ଅନେକ ସୁଭଦ୍ରା ହିତାଧିକାରୀ ଏବେ ଏହି ଏହି ଯୋଜନାରୁ ବାଦ ପଡିଛନ୍ତି। ଏମାନଙ୍କ ସୁଭଦ୍ରା ଯୋଜନାର ସ୍ଥିତି ଦେଖିବାରୁ ଜଣା ପଡ଼ିଛି ଯେ କିଏ କିଏ ଚାକିରିଆ ପରିବାର ଅଉ କିଏ ତାଙ୍କ ପିଲା ଛୁଆ ଛାତ୍ର ବୃତ୍ତି ପାଇଥିବା ଯୋଗୁଁ ହିତାଧିକାରୀ ତାଲିକାରୁ ବାଦ ପଡିଛନ୍ତି। ବର୍ତ୍ତମାନ ସୁଭଦ୍ରା ଯୋଜନାରେ ଅଯୋଗ୍ୟ ହିତାଧୀକାରୀ ମାନଙ୍କ ପାଇଁ ୯ ଟି ମାପ ଦଣ୍ଡ ଉଲ୍ଲେଖ ରହିଛି। ଯାହାକି ଚାକିରିଆ ପରିବାର, ବଡ଼ ଚାଷୀ ପରିବାର, ମୁଖ୍ୟ ମନ୍ତ୍ରୀ କଳାକାର ଭତ୍ତା ପାଉଥିବା ପରିବାର, ସରକାରୀ ପେନସନ ପାଉଥିବା, ତିନି ଚାରି ଚକିଆ ଗାଡ଼ି ମୋଟର ଥିବା ପରିବାର ଲୋକେ, ପଞ୍ଚାୟତ ଏବଂ ମ୍ୟୁନିସିପାଲିଟି ପ୍ରତିନିଧିତ୍ୱ କରୁଥିବା ଲୋକେ ଏବଂ ସରକାର ଙ୍କ ପକ୍ଷରୁ ଛାତ୍ର ବୃତ୍ତି ପାଉଥିବା ପରିବାର ଲୋକେ ଏହି ଯୋଜନାର ଲାଭ ଉଠାଇ ପାରିବେ ନାହିଁ। ସରକାରୀ କର୍ମଚାରୀ ମାନେ ଲାଭ ନ ପାଇବା କଥା ହେଲେ ତାଙ୍କ ପରିବାରରେ ରହୁଥିବା ଲୋକମାନେତ ପାଇବା ଅନ୍ତତଃ ଯୋଜନାର ଲାଭ ଉଠାଇବା କଥା। କିନ୍ତୁ ଦୁଃଖର ବିଷୟ ସାଧାରଣ ଗରିବ ପରିବାରର ପାଠ ପଢ଼ି ଛାତ୍ର ବୃତ୍ତି ପାଉଥିବା ପରିବାର ଲୋକେ ଏହି ଯୋଜନାରୁ ବାଦ ପଡ଼ିଥିବା କଥା ଏବେ ଗାଁ ଗାଁରେ ଚର୍ଚ୍ଚାର ବିଷୟ ହୋଇଛି। ବ୍ଲକରେ ଥିବା ବିଭିନ୍ନ ଗ୍ରାମ ପଞ୍ଚାୟତର ସୁଭଦ୍ରା ଯୋଜନା ର ସ୍ଥିତି ଦେଖିବାରୁ ଯୋଗ୍ୟ ହିତାଧୀକାରୀ ରହିଥିବା ବେଳେ ସେ ମଧ୍ୟରୁ କିଛି ଜଣ ଅଯୋଗ୍ୟ ଘୋଷିତ ହୋଇ ଯୋଜନାରୁ ବାଦ ପଡିଛନ୍ତି। ଏଭଳି ବ୍ଲକର ୨୫ ଟି ପଞ୍ଚାୟତରେ ଏଭଳି ଶହ ଶହ ଅଯୋଗ୍ୟ ହିତାଧିକାରୀ ତାଲିକା ରହିଛି। ଯାହା ଫଳରେ ମହିଳା ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ହେଲେ, ସୁଭଦ୍ରା ଯୋଜନା କାହା ପାଇଁ ସାଧାରଣତ ମଲି ମୁଣ୍ଡିଆ ପରିବାର ଉପରେ ଏହାର ଘୋର ପ୍ରଭାବ ଦେଖା ଦେଇଛି। ସରକାର ଏଦିଗରେ ଯତ୍ନବାନ ହୋଇ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ଅଞ୍ଚଳର ମହିଳା ମାନେ ଦାବୀ କରୁଛନ୍ତି।

## ବିଧବା ଭତ୍ତା ପାଇଁ ୬ ମାସ ହେଲା ଦୌଡୁଛନ୍ତି ଆଦିବାସୀ ମହିଳା



**ଘୁ.ଉଦୟଗିରି, ୨୫।୧୦(ସଂଚାର ବ୍ୟୁରୋ):** ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାରେ ରୋଜଗାର ପନ୍ଥା ନଥିବା ହେତୁ ଗରିବୀ ହଟିବାର ନାଁ ନେଉ ନାହିଁ। ଗରିବଙ୍କ ପାଇଁ ସରକାର ଯୋଜନା କାର୍ଯ୍ୟକାରୀ କରୁଛନ୍ତି ସତ, କିନ୍ତୁ ପ୍ରକୃତରେ ଏଥିରୁ ଅନେକ ଗରିବ ପରିବାର ଅଧିକାର ପାଇବାରୁ ବଞ୍ଚିତ ହେଉଥିବା ଦୃଶ୍ୟ ଦେଖୁବାକୁ ମିଳୁଛି। ଏହିଭଳି ଏକ ଗରିବ ଅସହାୟ ବିଧବା ମହିଳା ହେଉଛନ୍ତି କ ନୂଆଗାଁ ବ୍ଲକ ସାଇନପଡ଼ା ପଞ୍ଚାୟତ ତିଲକାପାଙ୍ଗା ଗ୍ରାମର ପଦ୍ମିନୀ ମଲ୍ଲିକ। ହରିଶ୍ଚନ୍ଦ୍ର ଯୋଜନା ଟଙ୍କା ମଧ୍ୟ ସେ ପାଇ ନାହାଁନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଯାଥା ଶୀଘ୍ର ବିଧବା ଭତ୍ତା ଓ ହରିଶ୍ଚନ୍ଦ୍ର ଯୋଜନା ଟଙ୍କା ପ୍ରଦାନ ନିମନ୍ତେ ଗ୍ରାମବାସୀ ନିବେଦନ କରିଛନ୍ତି।

ପଦ୍ମିନୀଙ୍କ ସ୍ୱାମୀ ରିମା ମଲ୍ଲିକଙ୍କ ମୃତ୍ୟୁକୁ ଛ ମାସ ବିତିଯାଇଥିଲେ ମଧ୍ୟ ସେ ବିଧବା ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ବିଧବା ଭତ୍ତା ନିମନ୍ତେ ସେ ଅନେକ ଥର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ିଦୌଡ଼ି ନିରାଶ ହୋଇଛନ୍ତି। ଏମିତିରେ ମଧ୍ୟ ତାଙ୍କୁ ହରିଶ୍ଚନ୍ଦ୍ର ଯୋଜନା ଟଙ୍କା ମଧ୍ୟ ସେ ପାଇ ନାହାଁନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଯାଥା ଶୀଘ୍ର ବିଧବା ଭତ୍ତା ଓ ହରିଶ୍ଚନ୍ଦ୍ର ଯୋଜନା ଟଙ୍କା ପ୍ରଦାନ ନିମନ୍ତେ ଗ୍ରାମବାସୀ ନିବେଦନ କରିଛନ୍ତି।

## ବିପଦପୂର୍ଣ୍ଣ ଅବସ୍ଥାରେ ଖପ୍ରାଖୋଲ ବସ୍ତି ରାସ୍ତା



**ପାଟଣାଗଡ,୨୫।୧୦ (ସଂଚାର ବ୍ୟୁରୋ):** ଖପ୍ରାଖୋଲ ଗାଁ ଭିତର କୁ ଯାଉଥିବା ରାସ୍ତା ଯାହାକି ସ୍କୁଲ, କଲେଜ ଓ ଗାଁ କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ତଥା ତହସିଲ କୁ ନିଜ ନିଜ ର ଅନୁସଙ୍ଗିକ କାମ ପାଇଁ ଆସିଥାନ୍ତି। ତା ଛଡା ଏହି ରାସ୍ତା ଦେଇ ସ୍କୁଲ କୁ ପଢିଆସୁଛନ୍ତି ଛାତ୍ରଛାତ୍ରୀ ହେଲେ ରାସ୍ତା କଂକ୍ରିଟ କରଣ ହୋଇ ଶେଷ ହୋଇ ଥିବା ଚାରି ଛକ ନିକଟସ୍ଥ ଜାଗାରେ ରାସ୍ତା କୁ ଉଚ୍ଚ କରି ଛାଡି ଦିଆଯାଇଛି। ଠିକ ଭାବରେ ଗଡାନିଆ ହୋଇ ନଥିବା ରୁ ପିଚୁ ରାସ୍ତା ରୁ କଂକ୍ରିଟ ରାସ୍ତା ଉଚ୍ଚ ଥିବା ରୁ ଲୋକେ ହଠାତ ଆସି ଭରସାମ୍ୟ ହରାଇ ବସୁଛନ୍ତି ଯାହା ଦ୍ୱାରା ଅନେକ ସମୟ ରେ ଦୁର୍ଘଟଣା ମାନ ଘଟିବାର ସମ୍ଭାବନା ଦେଖା ଦେଉଛି ସେଥିପାଇଁ ରାସ୍ତା କୁ ଭଲ ଭାବରେ ଗଡାନିଆ କରିବାକୁ ଜନସାଧାରଣ ଦାବି କରିଛନ୍ତି।

## ଅଶ୍ୱିନୀଙ୍କୁ ସମାଜସେବା ଓ ଲୋକକଳା ସମ୍ମାନ ପାଇବେ ଲୋକନାଥ





**ନର୍ଲା,୨୫।୧୦ (ସଂଚାର ବ୍ୟୁରୋ):** ବେସରକାରୀ ସଂସ୍ଥା 'ସନ୍ଧାନ' ମାଧ୍ୟମରେ ରାଜ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଉଦୀୟମାନ ଯୁବ ପ୍ରତିଭା ଅଶ୍ୱିନୀ ଭୋଇଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ 'ଦେବଗିରି ସମାଜସେବା ସମ୍ମାନ' ପ୍ରଦାନ କରାଯିବ। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ବୁଢ଼ୀପଦରଠାରେ ଆସନ୍ତା ନଭେମ୍ବର ୧୩ରୁ ୧୫ ତାରିଖ ଯାଏଁ ଆୟୋଜିତ ହେବାକୁଥିବା ରାଜ୍ୟର ଅଗ୍ରଣୀ ସଂସ୍ଥା ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ୩୨ତମ ବାର୍ଷିକ ଉତ୍ସବ ତଥା ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବର 'ଗୋସିଙ୍ଗ ଦୈତ୍ୟ ଦରବାର'ରେ ତାଙ୍କୁ ସମ୍ମାନିତ କରାଯିବ ବୋଲି ସୂଚନା ରହିଛି। ନର୍ଲା ବ୍ଲକ ଅନ୍ତର୍ଗତ ଶାନ୍ତପୁର ଗ୍ରାମର ସୁଦେଷ୍ଣା ଭୋଇ ଓ ନାରାୟଣ ଭୋଇଙ୍କ ସୁପୁତ୍ର ଅଶ୍ୱିନୀ ୧୯୯୯ ମହାବାତ୍ୟା ସମୟରୁ ସମାଜସେବାକୁ ନିଜ ଜୀବନର ବ୍ରତ ଭାବେ ବାଛି ନେଇଛନ୍ତି। ସେ କେୟାର ଇଣ୍ଡିଆ, ନାବାର୍ଡ ଓ ଏକ୍ସଆଇଏମବି ସହ ଜଡ଼ିତ ରହି ନର୍ଲା, କେସିଙ୍ଗା ଏବଂ ଲାଞ୍ଜିଗଡ଼ ବ୍ଲକର ଦୁର୍ଗତ ମାନବଙ୍କ ବନ୍ଧୁ ସାଜିଛନ୍ତି। ୨୦୧୨ ରୁ ସେ ସନ୍ଧାନ ନାମରେ ଏକ ଏନଜିଓ ଖୋଲି ଏହା ମାଧ୍ୟମରେ ଜନତାଙ୍କ ସେବା କରି ଆସୁଛନ୍ତି। ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ରାଜ୍ୟର ଅନେକ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି। ରୂପ୍ରାରୋଡର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଡ଼ଃ ସାଧୁରାମ ଅଗ୍ରୱାଲ ଓ ତାଙ୍କ ପୂର୍ବଜଙ୍କ ସ୍ମୃତିରେ ଡ଼ଃ ଅଗ୍ରୱାଲଙ୍କ ସୁପୁତ୍ର ସୁନୀଲ ଅଗ୍ରୱାଲ ଓ ସୁମିତ ଅଗ୍ରୱାଲଙ୍କ ଦ୍ୱାରା ଅଶ୍ୱିନୀ କୁମାର ଭୋଇଙ୍କୁ ଦେବଗିରି ସମାଜସେବା ସମ୍ମାନ-୨୦୨୪ ପ୍ରଦାନ କରାଯିବ।

## ପୋଖରୀରେ ବୁଡି ବୃଦ୍ଧଙ୍କ ମୃତ୍ୟୁ



**ଭେଡେନ,୨୫।୧୦(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ଥାନା ଅନ୍ତର୍ଗତ ଭାଲୁପାଲି ଗ୍ରାମ ରେ ପୋଖରୀ ରେ ବୁଡି ଜଣେ ବୃଦ୍ଧ ଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସେହି ଗ୍ରାମ ର ଭୀମ ମୁଦୁଲି (୭୦)। ସେ ଗୁରୁବାର ସନ୍ଧ୍ୟା ରେ ପୋଖରୀ ରେ ବୁଡି ଯାଇଥିଲେ। ତାଙ୍କୁ ଉଦ୍ଧାର କରି ରାତିରେ ଭେଡେନ ହସ୍ପିଟାଲ କୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ଦିନ ଭେଡେନ ପୋଲିସ ମୃତଦେହ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା (୨୧।୨୦୨୪) ରୁଜୁ କରି ପୋଷ୍ଟମର୍ଟମ ପରେ ମୃତଦେହ ପରିବାର ସଦସ୍ୟ ଙ୍କୁ ହସ୍ତାନ୍ତର କରିଛନ୍ତି।

## ଖୋଜିଲେ ମିଳୁଛି ମଦ,ମିଳୁନି ଔଷଧ



**କଳାହାଣ୍ଡି,୨୫।୧୦(ସଂଚାର ବ୍ୟୁରୋ):** କଳାହାଣ୍ଡି ପୁଲିସ ଅଧୀନ ସର୍ବପୁରାତନ ଧର୍ମଗଡ଼ ଥାନା ଅଞ୍ଚଳରେ ନିଶାଦ୍ରବ୍ୟ କାରବାରର ହବ୍ ପାଲଟିଛି ବୋଲି ଅଭିଯୋଗ ହେଉଛି। ଅବକାରୀ ବିଭାଗ ଓ ପୁଲିସର ନିଷ୍କ୍ରିୟତାର ସୁଯୋଗ ନେଇ ଚୋରା ନିଶାବେପାରୀ ଏହି ଅଞ୍ଚଳରେ ନିଜ ପସରା ମେଲାଇଛନ୍ତି। ସେମାନଙ୍କର କାୟା କ୍ରମଶଃ ବଢ଼ିବାରେ ଲାଗିଛି। ଫଳରେ ଏହି ଅଞ୍ଚଳର ଗାଁ ଗହଳିରେ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ ଅତି ସହଜରେ ଉପଲବ୍ଧ ହେଉଛି। ତେଣୁ ସାଧାରଣ ଲୋକ ଓ ମହିଳାମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଅଞ୍ଚଳର ଯୁବପିଢ଼ି ଅବାଟରେ ଯିବା ସହିତ ଅପରାଧ ମଧ୍ୟ ବୃଦ୍ଧି ପାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଅଭିଯୋଗ ଅନୁସାରେ, ଧର୍ମଗଡ଼ ଅଞ୍ଚଳ ର ଗୋଡଭଞ୍ଜା, ଛିଲିପା, କାଂକେରି, ପର୍ଲା, ବେହେରା ଆଦି ପ୍ରଭୃତି ଅଞ୍ଚଳରେ ବର୍ତ୍ତମାନ ବୈଧଡ଼କ ନିଶା କାରବାର ହେଉଛି। ଦେଶୀ ବିଦେଶୀ ଚୋରାମଦ ସାଙ୍ଗକୁ ଗଞ୍ଜେଇ କାରବାର ବୃଦ୍ଧି ପାଉଛି। ଏପରିକି ଅଧିକାଂଶ ଗାଁର ସାଧାରଣ ଦୋକାନରେ ମଧ୍ୟ ଚୋରାରେ ମଦ ବିକ୍ରି ହେଉଛି। ଏହା ଏତେ ପରିମାଣରେ ମିଳୁଛି ଯେ ରାତିଅଧରେ ସାଧାରଣ ରୋଗର ବଟିକାଟିଏ ମଧ୍ୟ ଯେଉଁଠି ମିଳିବନାହିଁ, ସେଠାରେ ଏକାଧିକ ସ୍ଥାନରେ ସହଜରେ ମଦ ମିଳି ଯାଉଛି। ଅଞ୍ଚଳର ଅପରିତ୍ୟକ୍ତ ସରକାରୀ ଓ ବେସରକାରୀ ଘର, ନଦୀ, କେନାଲ ବ୍ରିଜ ଓ ଅନ୍ୟ ନିଛାଟିଆ ରାସ୍ତାଠାରୁ ଆରମ୍ଭକରି ସର୍ବସାଧାରଣ ଆତଯାତ ହେଉଥିବା ଛକ ଓ ବଜାରରେ ଦିନରାତି ନିଶାଡ଼ିଙ୍କର ଆଡା ଜମୁଛି। କଲେଜ ଛାତ୍ର ନିଶା କବଳରେ ପଡୁଛନ୍ତି। ଯୁବକମାନେ ନିଶାଗ୍ରସ୍ତ ଅବସ୍ଥାରେ ସର୍ବସାଧାରଣ ସ୍ଥାନ ଓ ନିଜ ପରିବାରରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ରାସ୍ତାଘାଟରେ ଦ୍ରୁତବେଗରେ ଗାଡି ଚଳାଇ ଆତଙ୍କ ଖେଳାଉଛନ୍ତି। ପୁଣି ନିଶାରେ ପଡ଼ିଯିବା ପରେ ନିଶା ସେବନ ପାଇଁ ଟଙ୍କା ଯୋଗାଡ଼ କରିବାଲାଗି ଅପରାଧ ମଧ୍ୟ କରୁଛନ୍ତି। ଏପରି ଉଦାହରଣ ଏହି ଅଞ୍ଚଳରେ ଅନେକ ରହିଛି। ଆଉ ଗୋଟିଏ ଗୁରୁତର କଥା ହେଉଛି, ଏହି ପଥଭ୍ରଷ୍ଟ ଯୁବକଙ୍କ ଭିତରୁ କେତେଜଣ କିଛିଦିନ ନିଶା ସେବନ କରିବାପରେ ନିଜେ ବେପାର ଆରମ୍ଭ କରି ଦେଉଛନ୍ତି। ଫଳରେ ନିଶା କାରବାର ଦିନକୁ ଦିନ କାୟା ବିସ୍ତାର କରି ଚାଲିଛି। କିଛି ସ୍ଥାନରେ ସଚେତନ ନାଗରିକ ଓ ଯୁବକମାନେ ନିଶା କାରବାର ବନ୍ଦ କରିବାପାଇଁ ଅଣ୍ଟା ଭିଡୁଛନ୍ତି ଅବଶ୍ୟ। କିନ୍ତୁ ସେମାନଙ୍କୁ ଉଭୟ ନିଶା ବେପାରୀ ଓ ନିଶାଡ଼ି ନାଲିଆଖି ଦେଖାଇ ଚୁପ ରହିବାକୁ ବାଧ୍ୟ କରୁଛନ୍ତି। ଏଦିଗରେ ପୁଲିସ ନିଜର କର୍ତ୍ତବ୍ୟ କରୁନାହିଁ। ପୁଲିସ ଓ ଅବକାରି ବିଭାଗ ପକ୍ଷରୁ ମଝିରେ ମଝିରେ ଲୋକ ଦେଖାଣିଆ ଚଢ଼ାଉ ହେଉଛି। କିନ୍ତୁ ଅସଲ ବଡ଼ ବଡ଼ ବେପାରୀଙ୍କୁ ଛାଡି କୁଜି ବେପାରୀଙ୍କ ନାମରେ ମାମଲା ରୁଜୁ ହେଉଛି। ତେଣୁ ଏହାଦ୍ୱାରା କିଛି ଲାଭ ହେଉନାହିଁ। ଧର୍ମଗଡ଼ ଅଞ୍ଚଳରେ ବ୍ୟାପକ ଭାବେ ବିକ୍ରି ହେଉଥିବା ନିଶା ଜହରକୁ ନିୟନ୍ତ୍ରଣ କରାନଗଲେ ଏହି ଅଞ୍ଚଳର ସ୍ଥିତି ହାତଛଡ଼ା ହୋଇଯିବ ବୋଲି ଚର୍ଚ୍ଚା ହେଉଛି।

## ନୂତନ ବସଷ୍ଟାଣ୍ଡ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବୀ



**ସୁବର୍ଣ୍ଣପୁର,୨୫।୧୦ (ସଂଚାର ବ୍ୟୁରୋ):** ବହୁ ଦିନ ର ପ୍ରତୀକ୍ଷିତ ନୂତନ ବସଷ୍ଟାଣ୍ଡ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବୀ ହେଉଛି। ଗତବର୍ଷ ଅଗଷ୍ଟ ୨୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଅତ୍ୟାଧୁନିକ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ନୂତନ ବସଷ୍ଟାଣ୍ଡରେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ହେବ। ରାଜ୍ୟ ତଥା ସୁବର୍ଣ୍ଣପୁର ଜିଲ୍ଲାର ପ୍ରାୟ ନୂତନ ବସଷ୍ଟାଣ୍ଡ ନିର୍ମାଣ ହୋଇ ଯାତ୍ରୀମାନଙ୍କ ବ୍ୟବହାର ହେଲାଣି କି। କିନ୍ତୁ ଦ୍ୱିତୀୟ ବାରାଣସୀ କୁହାଯାଉ ଥିବାର ସୋନପୁର ସହରରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟରମ୍ଭ ହୋଇ ପାରୁ ନାହିଁ। ଏହାର ବିଳମ୍ବିତ ନେଇ ସହରବାସୀ,ଯାତ୍ରୀ ଓ ପର୍ଯ୍ୟଟକ ଜନ ଅସନ୍ତୋଷ ପ୍ରକାଶ ପାଉଛି। ଶୀତ ,ଖରା ଓ ବର୍ଷା ଦିନରେ ଖୋଲା ଆକାଶ ତଳେ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଅନେକ ଅସୁବିଧାର ସାମ୍ନା କରୁଛନ୍ତି ଯାତ୍ରୀ ଓ ପର୍ଯ୍ୟଟକ। ଶୈବ, ଶାକ୍ତ, ବିଷ୍ଣୁ ସହ ମହିମା ଧର୍ମ ମହା ମିଳନସ୍ଥଳୀ ସୁବର୍ଣ୍ଣପୁର ଜିଲ୍ଲାଙ୍କୁ ବହୁ ପର୍ଯ୍ୟଟକ ସହ ଯାତ୍ରୀ ଆସୁଛନ୍ତି। ଜିଲ୍ଲା ସଦର ମହକୁମାର ପୁରୁଣା ବସଷ୍ଟାଣ୍ଡ ଦୁଃରାବସ୍ଥା ଦେଖି କ୍ଷୋଭ ପ୍ରକାଶ କରୁଛନ୍ତି। ତେବେ ନୂତନ ବସଷ୍ଟାଣ୍ଡ ନେଇ ଟାଉନ ହଲ,ଭୀମ ଭୋଇ କଳା ମଣ୍ଡଳ, ବିଶ୍ରାମ ଗାର, କିଛି ଦୋକାନ ଗୃହ ଉଚ୍ଛେଦ ହୋଇଛି। ତା ସଙ୍ଗେ ସଙ୍ଗେ କେତେକ ଷ୍ଟଲ ମାଲିକ ମଧ୍ୟ ନିଜ ପକ୍ଷରୁ ଷ୍ଟଲ ଛାଡି ଦେଇ ଥିବାରୁ ଷ୍ଟଲ ଭଙ୍ଗା ଯାଇଛି। ନୂତନ ବସଷ୍ଟାଣ୍ଡ ନେଇ ଟେଣ୍ଡର କାର୍ଯ୍ୟ ମଧ୍ୟ ସମ୍ପନ୍ନ ହୋଇଛି। ଏହି ନୂତନ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସହରବାସୀ ଦାବୀ କରୁଛନ୍ତି। ରାଜନୈତିକ ନେତୃବୃନ୍ଦ ଓ ଜିଲ୍ଲା ପ୍ରଶାସନ ଏହା ପ୍ରତି ଦୃଷ୍ଟି ଦିଆଯାଇନଥିବା ଜନସାଧାରଣ ଚର୍ଚ୍ଚା ହେଉଛି।

## ବିରୋଧରେ ସମିତି ଅଧ୍ୟକ୍ଷଙ୍କ ଅନାସ୍ଥା ପ୍ରସ୍ତାବ ପାଇଁ ଉପଜିଲାପାଳଙ୍କ ନୋଟିସ




**କେସିଙ୍ଗା,୨୫।୧୦(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତିର ଅଧ୍ୟକ୍ଷଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ବିଷୟରେ ଆଲୋଚନା ପାଇଁ ଓ ଅନାସ୍ଥା ପ୍ରସ୍ତାବ ଗୃହିତ କରିବା ପାଇଁ ପଞ୍ଚାୟତ ସମିତି ସଭାଗୃହରେ ସ୍ୱତନ୍ତ୍ର ସମିତି ବୈଠକ ଡକାଯିବା ସଂକ୍ରାନ୍ତରେ କଳାହାଣ୍ଡି ଉପଜିଲାପାଳ କଳାହାଣ୍ଡି ଏମପି,ବିଧାୟକ, ସମସ୍ତ ସମିତି ସଭ୍ୟ ସଭ୍ୟା, ସରପଞ୍ଚଙ୍କୁ ଆସନ୍ତା ନଭେମ୍ବର ୧ ତାରିଖରେ ଅନାସ୍ଥା ପ୍ରସ୍ତାବ ପାଇଁ ଉପ ଜିଲ୍ଲାପାଳ ପ୍ରଭାବ କୁମାର ପରିଡା ନୋଟିସ ଜାରି କରିଛନ୍ତି। ପଞ୍ଚାୟତ ସମିତି ଅନ୍ତର୍ଗତ କେସିଙ୍ଗା ପଞ୍ଚାୟତ ସମିତିର ଅଧ୍ୟକ୍ଷ ଚନ୍ଦନ କୁମାର ସେନାପତିଙ୍କ ବିରୋଧରେ ଗତ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ଓ ବିଚାର କରି ଅନାସ୍ଥା ପ୍ରସ୍ତାବ ଗୃହିତ କରିବା ସକାଶେ ଆଗାମୀ ନଭେମ୍ବର ମାସ ୧ ତାରିଖ ଦିନ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଭାବେ ଆହୁତ ବୈଠକ ସମିତି ର ସଭାଗୃହ ଠାରେ ପ୍ରାକୃତ ଅଧିକାରୀ ଜୟଦେବ ଦାସ, ଓ.ପ୍ର.ସେ (ଏସ୍.ବି) ଅତିରିକ୍ତ ଉପ-ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଓଡିଶା ପଞ୍ଚାୟତ ସମିତି ଆଇନ ୧୯୫୯ ର ଧାରା ୪୬ (ଖ) ଓ ଧାରା ୪୬ (ଖ)ର ଉପ ଧାରା (୧) ଓ (୨) ରେ ଥିବା ବ୍ୟବସ୍ଥା ଅନୁଯାୟୀ ଅନୁଷ୍ଠିତ କରିବା ପାଇଁ ସ୍ଥିର କରାଯାଇଛି।

## ସମ୍ପୂର୍ଣ୍ଣତା ଅଭିଯାନର ଉଦଯାପନୀ ଉତ୍ସବ



**ନୂଆପଡା,୨୫।୧୦(ସଂଚାର ବ୍ୟୁରୋ):** ଆଜି ଜିଲ୍ଲା ପ୍ରଶାସନ ଏବଂ ପିରାମଲ୍ ଫାଉଣ୍ଡେସନ ର ମିଳିତ ସହଯୋଗରେ କେନ୍ଦ୍ର ସରକାରଙ୍କ ଆକାଂକ୍ଷି ଜିଲ୍ଲା ନୂଆପଡା ରେ ସମ୍ପୂର୍ଣତା ଅଭିଯାନ ର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ମାନୀୟା ଲୋକସଭା ସାଂସଦ ମାଳବିକା ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସାମାଜିକ ତଥା ଅର୍ଥନୈତିକ କ୍ଷେତ୍ରରେ ପଛୁଆ ଜିଲ୍ଲା ମାନଙ୍କୁ ମୁଖ୍ୟ ସ୍ରୋତ କୁ ଆଣିବା ପାଇଁ କେନ୍ଦ୍ର ନିତୀ ଆୟୋଗ ଙ୍କ ଏହା ଏକ ମହତ୍ତ୍ୱାକାଙ୍କ୍ଷି ଯୋଜନା। ଏହାର ସଫଳତା ପାରାମିଟର ରେ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ଶିକ୍ଷା, ପୋଷଣ, ପୃଷ୍ଟିକର ଖାଦ୍ୟ ଯୋଗାଣ, ମୃତ୍ତିକା ସଂରକ୍ଷଣ, ବିଦ୍ୟାଳୟ ମାନଂକରେ ବିଦ୍ୟୁତ୍ ଯୋଗାଣ, ମାଗଣା ପାଠ୍ୟ ପୁସ୍ତକ ଯୋଗାଣ ଇତ୍ୟାଦି ବିଷୟ ରେ ଆମ ଜିଲ୍ଲା ଶତ ପ୍ରତିଶତ ସଫଳତା ହାସଲ କରି ପୁରସ୍କାର ପାଇବା ପାଇଁ ମନୋନୟନ ପ୍ରକ୍ରିୟାକୁ ଆବେଦନ କରିଛି। ବିଗତ ଦିନରେ ମଧ୍ୟ ପରିଷ୍କାର ପରିଚ୍ଛନ୍ନତା କ୍ଷେତ୍ରରେ ଜିଲ୍ଲା ଏବଂ ଏହାର ଏକ ପଞ୍ଚାୟତ ରାଜ୍ୟରେ ପ୍ରଥମ ପୁରସ୍କାର ରେ ସମ୍ମାନିତ ହୋଇଥିବାରୁ ସାଂସଦ ଖୁସି ବ୍ୟକ୍ତ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଆମ ଜିଲ୍ଲା ପ୍ରଥମ ହୋଇ ସୁନାମ ଆଣୁଥିବାରୁ ଏହି ବିଜୟ ଧାରାକୁ ଅବ୍ୟାହତ ରଖିବା ପାଇଁ କଠିନ ପରିଶ୍ରମ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରି ଲମ୍ବୋଦର ଧରୁଆ ଆବାହନ କରିଥିବା ଆଜିର ଏହି ବୈଠକରେ ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ, ଉପାଧ୍ୟକ୍ଷା ଦୀପିକା ଦୀପ ଏୱଂ ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ, ସମସ୍ତ ବ୍ଲକ୍ ବିଡ଼ିଓ, ଚେୟାରମେନ୍, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ପିରାମଲ ଫାଉଣ୍ଡେସନ କର୍ମକର୍ତା ଯୋଗ ଦେଇଥିଲେ। ଏପିଡି ଯୋଗେଶ୍ୱର ଭୋଇ ଧନ୍ୟବାଦ ଦେଇଥିଲେ। ବରିଷ୍ଠ କିରାଣୀ ବିଭୁଦତ୍ତ ମିଶ୍ର ସଭା ସଂଯୋଜନା କରିଥିଲେ। ଅଙ୍ଗନୱାଡ଼ି କର୍ମୀ ମାନେ ସୁସ୍ୱାଦୁ ପିଠା ମଣ୍ଡା ତଥା ପୃଷ୍ଟିକର ଖାଦ୍ୟ ର ପ୍ରଦର୍ଶନୀ କରିଥଲେ। ଅତିଥି ମାନେ ଖୁସିରେ ଏମାନଙ୍କ ସହ କିଛି ସମୟ ବିତାଇଥିଲେ।

## ବାତ୍ୟା ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗର ତତ୍ପରତା

### ଡାକ୍ତରଖାନାରେ ୧୩ଶିଶୁ ଜନ୍ମ

**ବୈଶିଙ୍ଗା,୨୫।୧୦(ସଂଚାର ବ୍ୟୁରୋ):** ବାତ୍ୟା "ଦାନା" ପ୍ରଭାବରୁ ଗର୍ଭବତୀ ମହିଳାଙ୍କ ସୁରକ୍ଷା ପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବହୁତ ବଡ ପଦକ୍ଷେପ ନିଆ ଯାଇଥିଲା। ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ସହଯୋଗରେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବୈଶିଙ୍ଗା ଡାକ୍ତରଖାନା ରେ ଷାଠିଏ ଜଣ ରୁ ଉର୍ଦ୍ଧ୍ୱ ଗର୍ଭବତୀ ମହିଳାଙ୍କୁ ରଖାଯାଇଥିଲା। ଦୁଇଦିନ ମଧ୍ୟରେ ୧୩ ଜଣ ଶିଶୁ ଜନ୍ମ ନେଇଥିବା ଖବର ମିଳିଛି। ଏଥି ସହିତ ପ୍ରତି ଅସ୍ଥାୟୀ ବାତ୍ୟା ଆଶ୍ରୟ ଏଏନଏମ,ଆଶାକର୍ମୀ, ସ୍ୱାସ୍ଥ୍ୟ କର୍ମୀ,ଅଙ୍ଗନବାଡି କର୍ମୀମାନଙ୍କୁ ମୃତୟନ କରାଯାଇଥିଲା। ବାତ୍ୟା ପରେ ଶୁକ୍ରବାର ଅପରାହ୍ନରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ସିପୁନ କୁମାର ପଣ୍ଡା ଙ୍କ ନେତୃତ୍ୱରେ ବିପିଏମ୍ ସୁସ୍ମିତା ଦାସ, ପିଏଚଓ ମଞ୍ଜୁଶ୍ରୀ ଦାସ, ବିଡ଼ିଏମ ପ୍ରଶାନ୍ତ କୁମାର ବେହେରା ବାତ୍ୟାଞ୍ଚଳ ଅନୁଧ୍ୟାନ କରିବା ପରେ ବୈଶିଙ୍ଗା ଡାକ୍ତରଖାନାରେ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲେ। ବୈଶିଙ୍ଗା ଡାକ୍ତରଖାନାର ଡାକ୍ତର ବିକାଶ ନାୟକ, କୃଷ୍ଣ ବଲ୍ଲଭ ପଣ୍ଡା, ଆୟୁଷ ଡାକ୍ତର ପ୍ରସନ୍ନ ପାତ୍ର ପ୍ରମୂଖ ଉପସ୍ଥିତ ରହିଥିଲେ।

